- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 44 ISSUE-03 SATURDAY 27 JUNE 2026 PAGE-12 ₹ 7.00 | BHUBANESWAR | ବର୍ଷ-୪୪ ସଂଖ୍ୟା-୦୩ ଶନିବାର ୨୭ ଜୁନ୍ ୨୦୨୬ ପୃଷ୍ଠା-୧୨ ଟ.୭.୦୦




ଯଶଙ୍କୁ ଟକ୍କର ଦେବେ ଶ୍ରଦ୍ଧା

ପୃଷ୍ଠା ୧୧ ଦେଖନ୍ତୁ...





TANISHQ

Celebrating Her Traditions, Her Way

Join us for an exclusive showcase of jewellery inspired by heritage and crafted for the modern woman.

Explore handcrafted designs that blend timeless artistry with contemporary elegance.

UP TO ₹601 OFF* per gram on gold jewellery | GET 100%* Exchange value on your old gold brought from any jeweller

Offer valid from 26th to 28th June 2026

Talk to our jewellery expert to know more 1800 2966 677 | Buy online at tanishq.co.in | or Download our App | *Conditions apply, For T&C visit our website.

Chandrasekharpur, Bhubaneswar, Mob-7205050700 | Master Canteen Square, Bhubaneswar, Mob-9238307043
Amalapada, Lane-2, Angul, Mob-9090066000, 8147485152 | Cantonment Road, Cuttack, Mob-9238307044

## କେଇକୋ ଫୁଜିମୋରି ପେରୁର ପ୍ରଥମ ମହିଳା ରାଷ୍ଟ୍ରପତି



ଲିମା, ୨୬ ।୬(ଏଜେନ୍ସି): ପେରୁର ନିର୍ବାଚନ ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରି ଦେଶର ଦକ୍ଷିଣପନ୍ଥୀ ନେତ୍ରୀ ୫୧ ବର୍ଷୀୟା କେଇକୋ ଫୁଜିମୋରି ପ୍ରଥମ ମହିଳା ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି । ଚତୁର୍ଥ ଥର ପାଇଁ ରାଷ୍ଟ୍ରପତି ନିର୍ବାଚନ ଲଢୁଥିବା କେଇକୋ ପ୍ରାୟ ୫୦.୧ ପ୍ରତିଶତ ଭୋଟ୍ ପାଇ ନିଜର ପ୍ରତିଦ୍ୱନ୍ଦ୍ୱୀ ବାମପନ୍ଥୀ ପ୍ରାର୍ଥୀ ରୋବୋର୍ଟୋ ସାଞ୍ଚେଜ୍‌ଙ୍କୁ ଅତି ଅଳ୍ପ ବ୍ୟବଧାନରେ ପରାଜିତ କରିଛନ୍ତି । ଆସନ୍ତା ଜୁଲାଇ ୨୮ ତାରିଖରେ ସେ ଆନୁଷ୍ଠାନିକ ଭାବେ ଶପଥ ଗ୍ରହଣ କରିବେ । ପେରୁର ପୂର୍ବତନ ରାଷ୍ଟ୍ରପତି ଆଲବର୍ଟୋ ଫୁଜିମୋରିଙ୍କ କନ୍ୟା କେଇକୋଙ୍କ ପିଲାଦିନ ଏବଂ ରାଜନୈତିକ ଜୀବନ ବେଶ୍ ସଂଘର୍ଷପୂର୍ଣ୍ଣ ଥିଲା । ନବେ ଦଶକରେ ଦେଶରେ ଉଗ୍ରବାଦୀ ହିଂସା ଚରମ ସୀମାରେ ଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ସେମାନଙ୍କ ପରିବାରକୁ ବଙ୍କର ଭିତରେ ଦିନ କାଟିବାକୁ ପଡ଼ିଥିଲା । ପରବର୍ତ୍ତୀ ସମୟରେ ୧୯୯୪ ମସିହାରେ ପିତାମାତାଙ୍କ ମଧ୍ୟରେ ବିବାଦ ଯୋଗୁଁ ମାତ୍ର ୧୯ ବର୍ଷ ବୟସରେ ନିଜ ପାଠପଢ଼ା ଛାଡ଼ି ସେ ପେରୁର ସବୁଠାରୁ କମ୍ ବୟସ୍କ 'ଫାଷ୍ଟ ଲେଡି' ବା ପ୍ରଥମ ମହିଳା ଭାବେ ଦାୟିତ୍ୱ ତୁଲାଇଥିଲେ । ରାଜନୈତିକ ଜୀବନ ମଧ୍ୟରେ କେଇକୋଙ୍କୁ ଅର୍ଥ ହେରଫେର ଏବଂ ବେଆଇନ ନିର୍ବାଚନ ପାଣ୍ଠି ସଂଗ୍ରହ ମାମଲାରେ ୨୦୧୮ ମସିହାରେ ପ୍ରାୟ ୧୩ ମାସ ଜେଲ୍‌ରେ ରହିବାକୁ ପଡ଼ିଥିଲା । ଜେଲ୍‌ରୁ ମୁକୁଳିବା ପରେ ସେ ନିଜ ଦଳକୁ ଏକାଠି ରଖି ପୁଣି ରାଜନୀତିରେ ସକ୍ରିୟ ହୋଇଥିଲେ । ବର୍ତ୍ତମାନ ଦେଶରେ ବଢୁଥିବା ଅପରାଧ, ଦୁର୍ନୀତି ଏବଂ ରାଜନୈତିକ ଅସ୍ଥିରତା ମଧ୍ୟରେ କେଇକୋ ପେରୁର ଶାସନ ଭାର ହାତକୁ ନେବାକୁ ଯାଉଛନ୍ତି ।

## ଗୋଆରେ ଚାଲିବ କୋଚି ଭଳି ୱାଟର୍ ମେଟ୍ରୋ



ପାଣାଜୀ, ୨୬ ।୬(ଏଜେନ୍ସି): କେରଳର କୋଚି ସହର ଭଳି ବର୍ତ୍ତମାନ ଗୋଆରେ ମଧ୍ୟ ଜଳପଥରେ ମେଟ୍ରୋ ବା 'ୱାଟର ମେଟ୍ରୋ' ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯିବ । କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଶୁକ୍ରବାର ଗୋଆ ଗସ୍ତ ସମୟରେ ଏହି ପ୍ରସ୍ତାବିତ ପ୍ରକଳ୍ପକୁ ପ୍ରାଥମିକତା ଭିତ୍ତିରେ ପ୍ରଥମ ପର୍ଯ୍ୟାୟରେ ହିଁ ଶେଷ କରିବାକୁ ଘୋଷଣା କରିଛନ୍ତି । ଏହି ପ୍ରକଳ୍ପ ମାଧ୍ୟମରେ ମାଣ୍ଡୋଭୀ ନଦୀ କୂଳରେ ଅବସ୍ଥିତ ଗୋଆର ରାଜଧାନୀ ପାଣାଜୀ ସହର ସହିତ ନଦୀ କୂଳବର୍ତ୍ତୀ ଅନ୍ୟାନ୍ୟ ସହର ଏବଂ ଗ୍ରାମଗୁଡ଼ିକୁ ଜଳପଥ ମାଧ୍ୟମରେ ଯୋଡ଼ାଯିବ । କୋଚି ମେଟ୍ରୋ ରେଳ ଲିମିଟେଡ୍ ଦ୍ୱାରା ଏହି ପ୍ରକଳ୍ପର ପ୍ରାଥମିକ ସର୍ଭେ କରାଯାଇ ପ୍ରାୟ ୮ଟି ସମ୍ଭାବ୍ୟ ରୁଟ୍ ଚିହ୍ନଟ କରାଯାଇଛି । ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତଙ୍କ ଅନୁରୋଧ କ୍ରମେ ଏହି ପ୍ରକଳ୍ପର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି । ପାଣାଜୀ ବନ୍ଦରର ଏକ ନୂତନ ଟର୍ମିନାଲ୍ ଭବନ ଉଦ୍‌ଘାଟନ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଗତ ୧୨ ବର୍ଷ ମଧ୍ୟରେ ଭାରତର ସାମୁଦ୍ରିକ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିଛି । ଦେଶର ବନ୍ଦରଗୁଡ଼ିକର କ୍ଷମତା ଦୁଇଗୁଣା ବୃଦ୍ଧି ପାଇବା ସହ ଆଭ୍ୟନ୍ତରୀଣ ଜଳପଥଗୁଡ଼ିକ ମଧ୍ୟ ବାଣିଜ୍ୟ ଏବଂ ପରିବହନର ଏକ ପ୍ରମୁଖ ମାଧ୍ୟମ ସାଜିଛନ୍ତି, ଯାହା ଭାରତୀୟ ଅର୍ଥନୀତିକୁ ଆଗକୁ ବଢ଼ାଇବାରେ ସହାୟକ ହେବ ।

## ଏନ୍‌ସିଇଆର୍‌ଟି ବହିରୁ ହଟିଲା ସମାଜବାଦୀ ଓ ଧର୍ମନିରପେକ୍ଷ ଶବ୍ଦ

**ଜରୁରୀକାଳୀନ ପରିସ୍ଥିତି ଉପରେ ଯୋଡ଼ାଗଲା ନୂଆ ଅଧ୍ୟାୟ**

ନୂଆଦିଲ୍ଲୀ, ୨୬ ।୬ (ଏଜେନ୍ସି): ରାଷ୍ଟ୍ରୀୟ ଶିକ୍ଷା ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ ବା ଏନସିଇଆରଟି ଦ୍ୱାରା ନବମ ଶ୍ରେଣୀର ନୂତନ ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକରୁ ସମ୍ବିଧାନର ପ୍ରସ୍ତାବନାକୁ ହଟାଇ ଦିଆଯାଇଛି । ଏହା ସହିତ ପ୍ରସ୍ତାବନାରେ ଥିବା 'ସମାଜବାଦୀ' ଏବଂ 'ଧର୍ମନିରପେକ୍ଷ' ଭଳି ଗୁରୁତ୍ୱପୂର୍ଣ୍ଣ ଶବ୍ଦଗୁଡ଼ିକୁ ମଧ୍ୟ ଏହି ବହିରୁ ବାଦ୍ ଦିଆଯାଇଥିବା ବେଳେ 'ଜରୁରୀକାଳୀନ ପରିସ୍ଥିତି' ସମ୍ପର୍କରେ ଏକ ନୂତନ ବିଷୟ ଅନ୍ତର୍ଭୁକ୍ତ କରାଯାଇଛି । ନୂତନ ପାଠ୍ୟପୁସ୍ତକର ଏକ ଅଧ୍ୟାୟରେ ୧୯୭୫ ମସିହାର ଜରୁରୀକାଳୀନ ପରିସ୍ଥିତିକୁ ଭାରତୀୟ ଗଣତନ୍ତ୍ରର ସବୁଠାରୁ ବଡ଼ ଆହ୍ୱାନ ଭାବେ ବର୍ଣ୍ଣନା କରାଯାଇଛି । ଏଥିରେ ତତ୍କାଳୀନ ଇନ୍ଦିରା ଗାନ୍ଧୀ ସରକାରଙ୍କ ବିରୋଧରେ ବଢୁଥିବା ଜନଅସନ୍ତୋଷ, ମୌଳିକ ଅଧିକାରର ନିଲମ୍ବନ, ଗଣମାଧ୍ୟମ ଉପରେ କଟକଣା ଏବଂ ନେତାମାନଙ୍କ ଗିରଫଦାରୀ ବିଷୟରେ ଉଲ୍ଲେଖ ରହିଛି । ଏହା ସହିତ ବିହାର ଓ ଗୁଜରାଟରେ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ହୋଇଥିବା ଗଣଆନ୍ଦୋଳନ ଏବଂ ଜରୁରୀକାଳୀନ ପରିସ୍ଥିତି ପରେ ୧୯୭୭ ନିର୍ବାଚନରେ ଶାସକ ଦଳର ପରାଜୟକୁ ଭାରତୀୟ ଗଣତନ୍ତ୍ରର ସୁଦୃଢ଼ତାର ପ୍ରମାଣ ବୋଲି ଦର୍ଶାଯାଇଛି । ପୁସ୍ତକରେ ଏହା ମଧ୍ୟ ସ୍ପଷ୍ଟ କରାଯାଇଛି ଯେ 'ସମାଜବାଦୀ' ଓ 'ଧର୍ମନିରପେକ୍ଷ' ଶବ୍ଦ ଦ୍ୱୟକୁ ୧୯୭୬ ମସିହାରେ ଜରୁରୀକାଳୀନ ପରିସ୍ଥିତି ସମୟରେ ହିଁ ୪୨ତମ ସମ୍ବିଧାନ ସଂଶୋଧନ ଜରିଆରେ ଯୋଡ଼ାଯାଇଥିଲା । ଏହା ବ୍ୟତୀତ ଗଣତନ୍ତ୍ର ପ୍ରତି ଥିବା ଅନ୍ୟାନ୍ୟ ଆହ୍ୱାନ ଯେପରିକି ମିଥ୍ୟା ଖବର, ଦୁର୍ନୀତି, ଆଞ୍ଚଳିକତାବାଦ ଏବଂ ଲିଙ୍ଗଗତ ଅସମାନତା ଉପରେ ମଧ୍ୟ ଏଥିରେ ଆଲୋଚନା କରାଯାଇଛି । ପ୍ରଥମ ଥର ପାଇଁ ଛାତ୍ରଛାତ୍ରୀଙ୍କ ଦାୟିତ୍ୱବୋଧ ବଢ଼ାଇବାକୁ 'ଗଣତନ୍ତ୍ର ଏବଂ ଆପଣ' ଶୀର୍ଷକ ଏକ ନୂଆ ବିଭାଗ ସ୍ଥାନ ପାଇଛି । ଏହା ସହିତ ଭାରତୀୟ ନିର୍ବାଚନ କମିଶନଙ୍କ ସଫଳତାକୁ ପ୍ରଶଂସା କରାଯିବା ସହ ଗଣମାଧ୍ୟମକୁ ଗଣତନ୍ତ୍ରର 'ଚତୁର୍ଥ ସ୍ତମ୍ଭ' ଭାବେ ଅଭିହିତ କରାଯାଇଛି ।

## ୧୧ ଜଣ ବାଂଲାଦେଶୀ ଆତଙ୍କବାଦୀଙ୍କ ବିରୋଧରେ ଚାର୍ଜସିଟ୍

ଗୌହାଟୀ, ୨୬ ।୬(ଏଜେନ୍ସି): ଭାରତରେ ଆତଙ୍କବାଦୀ ନେଟୱାର୍କର ବିସ୍ତାର ଏବଂ ଯୁବକମାନଙ୍କୁ ସଂଗଠନରେ ସାମିଲ କରିବା ପାଇଁ ଚାଲିଥିବା ଏକ ବଡ଼ ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ କରି ଜାତୀୟ ତଦନ୍ତକାରୀ ସଂସ୍ଥା ବା ଏନଆଇଏ ୧୧ ଜଣ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି । ପ୍ରତିବନ୍ଧିତ ଆତଙ୍କବାଦୀ ସଂଗଠନ 'ଜମାତ-ଉଲ୍-ମୁଜାହିଦ୍ଦିନ ବାଂଲାଦେଶ'ର ଏକ ଶାଖା ସହିତ ଜଡ଼ିତ ଏହି ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଗୁଆହାଟୀ ସ୍ଥିତ ସ୍ୱତନ୍ତ୍ର ଅଦାଲତରେ ଏହି ଚାର୍ଜସିଟ୍ ଦାଖଲ କରାଯାଇଛି । ଏନଆଇଏର ତଦନ୍ତରୁ ଜଣାପଡ଼ିଛି ଯେ, ଏହି ସଂଗଠନର ବରିଷ୍ଠ ସଦସ୍ୟ ଇମାମ ମହମୁଦ ହବିବୁଲ୍ଲା ଭାରତ ମାଟିରେ ନିଜର ଆତଙ୍କବାଦୀ ଏଜେଣ୍ଡାକୁ ଆଗକୁ ବଢ଼ାଇବା ପାଇଁ 'ଇମାମ ମହମୁଦର କାଫିଲା' ନାମକ ଏକ ଶାଖା ଗଠନ କରିଥିଲା । ଏହି ସଂଗଠନ ଜରିଆରେ ପଶ୍ଚିମବଙ୍ଗ, ଆସାମ ଏବଂ ତ୍ରିପୁରା ଭଳି ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଉଗ୍ରବାଦୀ ଚିନ୍ତାଧାରାର ପ୍ରସାର କରିବା, ସ୍ଥାନୀୟ ଯୁବକମାନଙ୍କୁ ଭ୍ରମିତ କରି ସଂଗଠନରେ ସାମିଲ କରିବା ଏବଂ ଭାରତ ବିରୋଧୀ କାର୍ଯ୍ୟକଳାପ ଚଳାଇବା ପାଇଁ ଗୁପ୍ତ ବୈଠକ ଓ ଡିଜିଟାଲ୍ ମାଧ୍ୟମର ବ୍ୟବହାର କରାଯାଉଥିଲା । ଏହି ମାମଲାରେ ଗିରଫ ହୋଇଥିବା ଦୁଇ ପ୍ରମୁଖ ଅଭିଯୁକ୍ତ ନସିମୁଦ୍ଦିନ ଆସାମରେ ଏବଂ ଜାଗିର ମିଆଁ ତ୍ରିପୁରାରେ ଏହି ଆତଙ୍କବାଦୀ ସଂଗଠନର କାର୍ଯ୍ୟକଳାପର ନେତୃତ୍ୱ ନେଉଥିଲେ ।

## ଦିଲ୍ଲୀରେ ସେପ୍ଟିକ୍ ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୩ ଶ୍ରମିକଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୨୬ ।୬(ଏଜେନ୍ସି): ଦିଲ୍ଲୀର ମୁଣ୍ଡକା ଶିଳ୍ପାଞ୍ଚଳରେ ଥିବା ଏକ କାରଖାନାର ସେପ୍ଟିକ୍ ଟାଙ୍କି ଭିତରେ ବିଷାକ୍ତ ଗ୍ୟାସ୍ ସଂସ୍ପର୍ଶରେ ଆସି ଶୁକ୍ରବାର ଅପରାହ୍ନରେ ୩ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୁଣ୍ଡକାର ଜ୍ୱାଳାପୁରୀ ଅଞ୍ଚଳରେ ଥିବା ଏକ କାରଖାନାରେ ଏହି ଅଭାବନୀୟ ଘଟଣା ଘଟିଛି । ଅଗ୍ନିଶମ ବାହିନୀର ସୂଚନା ଅନୁଯାୟୀ, ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ କାରଖାନାର ସେପ୍ଟିକ୍ ଟାଙ୍କି ଭିତରେ କିଛି ଲୋକ ଫସି ରହିଥିବା ଖବର ମିଳିଥିଲା । ଏହା ପରେ ଉଦ୍ଧାର କାର୍ଯ୍ୟ ପାଇଁ ଅଗ୍ନିଶମ ଗାଡ଼ି ଏବଂ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ । ମାତ୍ର ଟାଙ୍କି ଭିତରେ ଥିବା ପ୍ରବଳ ବିଷାକ୍ତ ଗ୍ୟାସ୍ ଯୋଗୁଁ ସେମାନେ ଶ୍ୱାସରୁଦ୍ଧ ହୋଇ ସେଠାରେ ହିଁ ଅଚେତ ହୋଇପଡ଼ିଥିଲେ । ଅଗ୍ନିଶମ କର୍ମଚାରୀମାନେ ତିନି ଜଣଙ୍କୁ ଟାଙ୍କି ଭିତରୁ ବାହାରକୁ ଆଣିଥିଲେ ମଧ୍ୟ ସେତେବେଳକୁ ସେମାନଙ୍କର ମୃତ୍ୟୁ ହୋଇସାରିଥିଲା ।

## ଡେନ୍‌ମାର୍କରେ ଅଜାନ ଉପରେ କଟକଣା ହେବ

କୋପେନହେଗେନ, ୨୬ ।୬(ଏଜେନ୍ସି): ଡେନମାର୍କରେ ବଢୁଥିବା ଇସଲାମୀକରଣକୁ ରୋକିବା ପାଇଁ ସେଠାକାର ସରକାର ସାରା ଦେଶରେ ମସଜିଦ୍‌ରୁ ଦିଆଯାଉଥିବା ସାର୍ବଜନୀନ ପ୍ରାର୍ଥନା ଡାକରା ବା ଅଜାନ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଇବାକୁ ପ୍ରସ୍ତୁତି ଚଳାଇଛନ୍ତି । ସର୍ବସାଧାରଣ ସ୍ଥାନରେ ମୁହଁ ଢାଙ୍କିବା ଉପରେ ପୂର୍ବରୁ କଟକଣା ଲଗାଯାଇଥିବା ବେଳେ ବର୍ତ୍ତମାନ ଏହି ନୂଆ ପ୍ରସ୍ତାବ ଉପରେ ବିଚାର କରାଯାଉଛି । ଦେଶର ପ୍ରବାସୀ ମନ୍ତ୍ରୀ ମୋର୍ଟେନ ବୋଡସ୍କୋଭ ଏକ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ ଭାବେ କହିଛନ୍ତି ଯେ, ଡେନମାର୍କର କିଛି ଅଞ୍ଚଳ ବର୍ତ୍ତମାନ ପାକିସ୍ତାନର ରାଜଧାନୀ 'ଇସଲାମାବାଦର ଉପକଣ୍ଠ' ଭଳି ଅନୁଭୂତ ହେଉଛି । ଡେନମାର୍କ ଆକାଶରେ ଅଜାନ ଶବ୍ଦ ଶୁଣାଯିବା ଉଚିତ ନୁହେଁ ଏବଂ ଏହାର ଏଠାରେ କୌଣସି ସ୍ଥାନ ନାହିଁ । ପ୍ରଧାନମନ୍ତ୍ରୀ ମେଟେ ଫ୍ରେଡେରିକସେନଙ୍କ ନେତୃତ୍ୱରେ ସରକାର ଏବେ ଶିକ୍ଷାନୁଷ୍ଠାନଗୁଡ଼ିକରୁ ପ୍ରାର୍ଥନା ଗୃହ ହଟାଇବା ସହ ଅନୁପ୍ରବେଶ ରୋକିବା ପାଇଁ ୟୁରୋପର ସବୁଠାରୁ କଠୋର ନୀତି ଆପଣାଇଛନ୍ତି । ଡେନମାର୍କରେ ମୋଟ ଜନସଂଖ୍ୟାର ପ୍ରାୟ ୫ ପ୍ରତିଶତ ମୁସଲିମ ସମ୍ପ୍ରଦାୟର ଲୋକ ଅଛନ୍ତି ।

## 'ଅପରେସନ୍ ସିନ୍ଦୂର' ପ୍ରକାଶ ପାଇଲା ସହିଦ ଯବାନଙ୍କ ନାମ

ନୂଆଦିଲ୍ଲୀ, ୨୬ ।୬(ଏଜେନ୍ସି): ଗତ ବର୍ଷ ମେ ମାସରେ ପହଲଗାମଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଦୃଢ଼ ଜବାବ ଦେବାକୁ ଯାଇ ଭାରତୀୟ ସେନା ପକ୍ଷରୁ କରାଯାଇଥିବା 'ଅପରେସନ୍ ସିନ୍ଦୂର'ରେ ପ୍ରାଣବଳୀ ଦେଇଥିବା ୬ ଜଣ ବୀର ସୈନିକଙ୍କ ପରିଚୟ ପ୍ରଥମ ଥର ପାଇଁ ସାର୍ବଜନୀନ କରାଯାଇଛି । ଦେଶମାତୃକାର ସୁରକ୍ଷା ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ଏହି ଅମର ଶହୀଦମାନଙ୍କ ନାମ ନୂଆଦିଲ୍ଲୀସ୍ଥିତ ଜାତୀୟ ସମର ସ୍ମାରକୀର 'ତ୍ୟାଗ ଚକ୍ର'ରେ ଖୋଦିତ କରାଯାଇ ସେମାନଙ୍କୁ ଚିରଦିନ ପାଇଁ ସମ୍ମାନିତ କରାଯିବ । ଶହୀଦ ହୋଇଥିବା ଏହି ସେନା ଅଧିକାରୀ ଓ ଯବାନମାନଙ୍କ ମଧ୍ୟରେ ଭାରତୀୟ ସ୍ଥଳସେନାର ୫ ଜଣ ଏବଂ ଭାରତୀୟ ବାୟୁସେନାର ଜଣେ ଯୋଦ୍ଧା ସାମିଲ ଅଛନ୍ତି । ସେମାନେ ହେଲେ ସୁବେଦାର ମେଜର ପବନ କୁମାର, ରାଇଫଲମ୍ୟାନ୍ ସୁନୀଲ କୁମାର, ଲାନ୍ସ ନାୟକ ଦିନେଶ କୁମାର, ଅଗ୍ନିବୀର ମୁରଲୀ ନାୟକ, ହାବିଲଦାର ସୁନୀଲ କୁମାର ସିଂ ଏବଂ ବାୟୁସେନା ସର୍ଜେଣ୍ଟ ସୁରେନ୍ଦ୍ର କୁମାର । ଏହି ବୀରମାନଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ସେମାନଙ୍କ ଅସାଧାରଣ ସାହସିକତା ପାଇଁ ମରଣୋତ୍ତର ଭାବେ ବୀରତ୍ୱ ପୁରସ୍କାରରେ ସମ୍ମାନିତ କରାଯାଇଛି । ରାଇଫଲମ୍ୟାନ୍ ସୁନୀଲ କୁମାରଙ୍କୁ ମରଣୋତ୍ତର ଭାବେ 'ବୀର ଚକ୍ର' ଏବଂ ସର୍ଜେଣ୍ଟ ସୁରେନ୍ଦ୍ର କୁମାରଙ୍କୁ ମରଣୋତ୍ତର ଭାବେ 'ବାୟୁସେନା ପଦକ' ପ୍ରଦାନ କରାଯାଇଛି । ୨୦୨୫ ମସିହାର ବିଭିନ୍ନ ସାମରିକ ଅଭିଯାନ ସମୟରେ ସହିଦ ହୋଇଥିବା ସମସ୍ତ ସୈନିକଙ୍କ ନାମ ସହିତ ଏହି ୬ ଜଣ ବୀରଙ୍କ ନାମ ମଧ୍ୟ ଜାରି କରାଯାଇଛି । ସ୍ୱାଧୀନତା ପରଠାରୁ ଦେଶ ପାଇଁ ପ୍ରାଣ ଉତ୍ସର୍ଗ କରିଥିବା ପ୍ରତ୍ୟେକ ସୈନିକଙ୍କ ନାମ, ପଦବୀ ଓ ସେନା ଶାଖା ଜାତୀୟ ସମର ସ୍ମାରକୀର ୧୬ଟି ଗୋଲାକାର ଗ୍ରାନାଇଟ୍ ପ୍ରସ୍ତର କାନ୍ଥରେ ସ୍ଥାନ ପାଇଛି, ଯେଉଁଠାରେ ଏବେ ଏହି ବୀରମାନଙ୍କ ନାମ ସଦାସର୍ବଦା ପାଇଁ




ଶୋଭା ପାଇବ । ସୂଚନାଯୋଗ୍ୟ ଯେ, ଗତ ୨୦୨୫ ମସିହା ମଇ ୭ ତାରିଖରେ ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଭାରତୀୟ ସେନା ପକ୍ଷରୁ 'ଅପରେସନ୍ ସିନ୍ଦୂର' ଆରମ୍ଭ କରାଯାଇଥିଲା । ଏହି ଅଭିଯାନ ଅଧୀନରେ ଭାରତୀୟ ସଶସ୍ତ୍ର ବାହିନୀ ପକ୍ଷରୁ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ ଜମ୍ମୁ-କାଶ୍ମୀରରେ ଥିବା ଲସ୍କର-ଇ-ତୋଇବା, ଜୈଶ-ଇ-ମହମ୍ମଦ ଏବଂ ହିଜବୁଲ ମୁଜାହିଦ୍ଦିନ ଭଳି ସଂଗଠନର ୯ଟି ପ୍ରମୁଖ ଆତଙ୍କବାଦୀ ଆଡ୍ଡା ଉପରେ ସଠିକ୍ ଓ ବେଗବାନ ଆକ୍ରମଣ କରାଯାଇଥିଲା । ଏହି ସାମରିକ କାର୍ଯ୍ୟାନୁଷ୍ଠାନରେ ୧୦୦ରୁ ଅଧିକ ଆତଙ୍କବାଦୀ ନିହତ ହୋଇଥିଲେ । ଏହାର ଜବାବରେ ପାକିସ୍ତାନ ପକ୍ଷରୁ ଡ୍ରୋନ ଆକ୍ରମଣ ଓ ଗୋଳାବାରୁଦ ବର୍ଷଣ କରାଯିବା ଫଳରେ ଉଭୟ ଦେଶ ମଧ୍ୟରେ ଚାରି ଦିନ ଧରି ପ୍ରତ୍ୟକ୍ଷ ସଂଘର୍ଷ ଚାଲିଥିଲା । ପରେ ଭାରତ ଲାହୋରର ରାଡାର ପ୍ରତିଷ୍ଠାନ ଏବଂ ଗୁଜରାନୱାଲା ନିକଟସ୍ଥ ଆଡ୍ଡାଗୁଡ଼ିକୁ ସଫଳତାର ସହ ଧ୍ୱଂସ କରିବା ପରେ ମଇ ୧୦ ତାରିଖରେ ଦୁଇ ଦେଶର ସାମରିକ ଅଭିଯାନ ମହାନିର୍ଦ୍ଦେଶକଙ୍କ ଆଲୋଚନା ଭିତ୍ତିରେ ଏକ ଯୁଦ୍ଧବିରତି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଗତ ମାସରେ ଏହି ସଫଳ ସାମରିକ ଅଭିଯାନର ପ୍ରଥମ ବାର୍ଷିକୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରି 'ଅପରେସନ୍ ସିନ୍ଦୂର'କୁ ଆତଙ୍କବାଦ ବିରୋଧରେ ଭାରତର ଦୃଢ଼ ଜବାବ ଏବଂ ଜାତୀୟ ସୁରକ୍ଷା ପ୍ରତି ଦେଶର ପ୍ରତିବଦ୍ଧତାର ପ୍ରତୀକ ବୋଲି ଅଭିହିତ କରିଥିଲେ । ଦେଶର ସୁରକ୍ଷା ଓ ଅଖଣ୍ଡତା ବଜାୟ ରଖିବା ପାଇଁ ଭାରତୀୟ ସେନାର ଯବାନମାନେ ଯେଉଁ ଅତୁଳନୀୟ ସାହସ, ସଠିକତା ଏବଂ ଦୃଢ଼ ସଂକଳ୍ପ ପ୍ରଦର୍ଶନ କରିଛନ୍ତି, ତାହା ଦେଶବାସୀଙ୍କୁ ସଦାସର୍ବଦା ପ୍ରେରଣା ଯୋଗାଇବ ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଛନ୍ତି । ଅମର ଶହୀଦଙ୍କ ଏହି ବଳିଦାନ ନିକଟରେ ସମଗ୍ର ଦେଶ ଆଜି କୃତଜ୍ଞତା ଜ୍ଞାପନ କରୁଛି ।

## ସରକାରୀ ଅଧିକାରୀଙ୍କ ଘରୁ ମିଳିଲା କୋଟି କୋଟି ଟଙ୍କାର ସୁନା, ହୀରା, ନଗଦ ଅର୍ଥ

ହାଇଦରାବାଦ, ୨୬ ।୬(ଏଜେନ୍ସି): ହାଇଦରାବାଦର ସାମିରପେଟ ଅଞ୍ଚଳର ଜଣେ ନିଲମ୍ବିତ ତହସିଲଦାର ତଥା ଯୁଗ୍ମ ଉପ-ନିବନ୍ଧକ (ଜଏଣ୍ଟ ସବ୍-ରେଜିଷ୍ଟ୍ରାର) ଥୁମ୍ମାକୋମ୍ମା ସୁଚରିତାଙ୍କ ଅସାଧୁତାକୁ ନେଇ ଏକ ବଡ଼ ପର୍ଦ୍ଦାଫାଶ ହୋଇଛି । ଭ୍ରଷ୍ଟାଚାର ନିରୋଧୀ ବ୍ୟୁରୋ (ଏସିବି) ପକ୍ଷରୁ ସୁଚରିତା ଏବଂ ତାଙ୍କ ସହଯୋଗୀମାନଙ୍କ ବିଭିନ୍ନ ବାସଭବନ ଉପରେ



କରାଯାଇଥିବା ଚଢ଼ାଉ ବେଳେ ପ୍ରାୟ ୫.୦୫ କୋଟି ଟଙ୍କାର ଆୟବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି । ସରକାରୀ ହିସାବ ଅନୁଯାୟୀ ଏହାର ମୂଲ୍ୟ ୫ କୋଟିରୁ ଅଧିକ ହୋଇଥିବା ବେଳେ ବଜାର ଦର ଅନୁସାରେ ଏହାର ପ୍ରକୃତ ମୂଲ୍ୟ କେତେ ଗୁଣା ଅଧିକ ହେବ ବୋଲି ଆଶା କରାଯାଉଛି । ସୂଚନାଯୋଗ୍ୟ ଯେ, ସୁଚରିତା ପୂର୍ବରୁ ୩୦ ଲକ୍ଷ ଟଙ୍କାର ଲାଞ୍ଚ ନେବା ଅଭିଯୋଗରେ ଗିରଫ ହୋଇ ବର୍ତ୍ତମାନ ବିଚାର ବିଭାଗୀୟ ହାଜତରେ ଅଛନ୍ତି । ଏହି ମାମଲାର ଅଧିକ ତଦନ୍ତ କରୁଥିବା ଅଧିକାରୀମାନେ ଯେତେବେଳେ ତାଙ୍କର ଏବଂ ତାଙ୍କ ସମ୍ପର୍କୀୟ ଓ ବେନାମୀ ସହଯୋଗୀମାନଙ୍କ ଘରେ ଯାଞ୍ଚ କରିଥିଲେ, ସେତେବେଳେ ସେମାନଙ୍କ ଆଖି ଖୋସି ହୋଇଯାଇଥିଲା । ଏହି ଚଢ଼ାଉ ସମୟରେ ସିଦ୍ଦିପେଟ ଅଞ୍ଚଳରେ ୨.୧୭ ଏକର ଚାଷ ଜମି, ହାଇଦରାବାଦରେ ୩ଟି ବିଳାସପୂର୍ଣ୍ଣ ଫ୍ଲାଟ୍, ୨ଟି ପ୍ଲଟ୍, ଦୁଇଟି ଦାମୀ କାର୍, ୧.୨ କୋଟି ଟଙ୍କାର ସୁନା ଓ ହୀରା ଅଳଙ୍କାର, ୧୨ ଲକ୍ଷ ଟଙ୍କାର ନଗଦ ଅର୍ଥ ଏବଂ ବ୍ୟାଙ୍କରେ ୩୮ ଲକ୍ଷ ଟଙ୍କାର ଜମା ରାଶି ଥିବା ଜଣାପଡ଼ିଛି ।

## ଇଡ଼ି ଦ୍ୱାରା ୩.୬୬ କୋଟିର ଜୀବନ ବୀମା ପଲିସି ଜବତ

ଭୋପାଳ, ୨୬ ।୬(ଏଜେନ୍ସି):ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ସହ ଜଡ଼ିତ ପ୍ରାୟ ୧, ୨୬୬ କୋଟି ଟଙ୍କାର ଏକ ବଡ଼ ଆର୍ଥିକ ପ୍ରତାରଣା ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଭୋପାଳ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଆର୍ଥିକ ଅପରାଧ ନିରୋଧୀ ଆଇନ (ପିଏମଏଲଏ) ଅଧୀନରେ ଇଡି 'ଆଡଭାଣ୍ଟେଜ ଓଭରସିଜ ପ୍ରାଇଭେଟ ଲିମିଟେଡ' (ଏଓପିଏଲ) କମ୍ପାନୀର ମୁଖ୍ୟ ପ୍ରବର୍ତ୍ତକ ଶ୍ରୀକାନ୍ତ ଭାସିଙ୍କ ଦୁଇଟି ଅନ୍ତର୍ଜାତୀୟ ଜୀବନ ବୀମା ପଲିସିକୁ ଜବତ କରିଛି । ଏହି ଦୁଇଟି ଜୀବନ ବୀମା ପଲିସି 'ଜୁରିକ୍ ଇଣ୍ଟରନ୍ୟାସନାଲ ଲାଇଫ୍ ଲିମିଟେଡ' ସଂସ୍ଥାରେ ଥିଲା, ଯାହାର ସାମ୍ପ୍ରତିକ ମୂଲ୍ୟ ପ୍ରାୟ ୩.୬୬ କୋଟି ଟଙ୍କା ଅଟେ । କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ (ସିବିଆଇ) ଦ୍ୱାରା ରୁଜୁ ହୋଇଥିବା ପ୍ରାଥମିକ ମାମଲାକୁ ଆଧାର କରି ଇଡି ଏହି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଅଭିଯୋଗ ଅନୁଯାୟୀ, ଉକ୍ତ କମ୍ପାନୀ ଏବଂ ଏହାର ନିର୍ଦ୍ଦେଶକମାନେ ଜାଲ୍ ବ୍ୟାପାରିକ ଦସ୍ତାବିଜ ପ୍ରସ୍ତୁତ କରି ଏବଂ ବ୍ୟାଙ୍କ ଅର୍ଥକୁ ଅନ୍ୟ ଆଡ଼େ ପଠାଇ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ବିପୁଳ ପରିମାଣର ଆର୍ଥିକ କ୍ଷତି ପହଞ୍ଚାଇଥିଲେ ।

## ପଶ୍ଚିମବଙ୍ଗରେ ଲାଗୁହେବ ସମାନ ନାଗରିକ ସଂହିତା

କୋଲକାତା, ୨୬ ।୬(ଏଜେନ୍ସି): ପଶ୍ଚିମବଙ୍ଗରେ ସମାନ ନାଗରିକ ସଂହିତା ବା ୟୁସିସି ଲାଗୁ କରାଯିବ ବୋଲି ଶୁକ୍ରବାର ରାଜ୍ୟର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ସ୍ପଷ୍ଟ କରିଛନ୍ତି । ଗୁଜରାଟ, ଉତ୍ତରାଖଣ୍ଡ ଏବଂ ଆସାମ ଭଳି ସମାନ ପ୍ରକ୍ରିୟା ଆପଣାଇ ପଶ୍ଚିମବଙ୍ଗରେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରାଯିବ ଏବଂ ଆସନ୍ତା ସୋମବାର ଦିନ ବିଧାନସଭାରେ ଏହି ପ୍ରସ୍ତାବିତ ବିଲ୍‌ର ସମ୍ପୂର୍ଣ୍ଣ ରୂପରେଖ ଉପସ୍ଥାପନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ଗତ ମେ ୨୫ ତାରିଖରେ ବିଧାନସଭାରେ ଆଗତ ହୋଇଥିବା ଏହି ବିଲ୍‌ରେ ବହୁବିବାହ ପ୍ରଥା ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଇବା ସହ ବିବାହ ନକରି ଏକାଠି ରହୁଥିବା ସମ୍ପର୍କ (ଲିଭ୍-ଇନ୍ ରିଲେସନସିପ୍)ର ପଞ୍ଜୀକରଣକୁ ବାଧ୍ୟତାମୂଳକ କରିବା ପାଇଁ ପ୍ରସ୍ତାବ ରହିଛି । ଏହା ସହିତ ଧର୍ମ ନିର୍ବିଶେଷରେ ବିବାହ, ବିବାହ ବିଚ୍ଛେଦ ଏବଂ ସମ୍ପତ୍ତି ଉତ୍ତରାଧିକାର ପାଇଁ ଏକ ସମାନ ଆଇନଗତ ବ୍ୟବସ୍ଥା ପ୍ରସ୍ତୁତ କରାଯିବ । ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ସମୟରେ ଭାରତୀୟ ଜନତା ପାର୍ଟିର ସଂକଳ୍ପ ପତ୍ରରେ ଏହା ଏକ ପ୍ରମୁଖ ପ୍ରତିଶ୍ରୁତି ଥିଲା । ପୂର୍ବତନ ତୃଣମୂଳ କଂଗ୍ରେସ ସରକାରକୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପୂର୍ବ ସରକାର କେବଳ ତୁଷ୍ଟୀକରଣ, ଦୁର୍ନୀତି ଓ ପରିବାରବାଦକୁ ପ୍ରଶ୍ରୟ ଦେଇ ରାଜ୍ୟକୁ ପଛକୁ ଠେଲି ଦେଇଥିଲା । ବର୍ତ୍ତମାନ ରାଜ୍ୟରେ ଏକ ଜାତୀୟତାବାଦୀ ସରକାର ଗଠନ ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ପଶ୍ଚିମବଙ୍ଗରେ ବିକାଶମୂଳକ କାର୍ଯ୍ୟ ଏବଂ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ଦ୍ରୁତ ଗତିରେ ଆଗକୁ ବଢ଼ାଯିବ ।

● ଟୋଲ୍ ପ୍ଲାଜାରେ ପିଟିହେଲା ଏଲ୍‌ପିଜି ଟ୍ୟାଙ୍କର

## ଡ୍ରାଇଭର ଜୀବନ୍ତ ଦଗ୍ଧ, ୫ ଗୁରୁତର

କୌଶାମ୍ବୀ, ୨୬ ।୬(ଏଜେନ୍ସି): ଉତ୍ତର ପ୍ରଦେଶର କୌଶାମ୍ବୀ ଜିଲ୍ଲାରେ ଶୁକ୍ରବାର ସକାଳ ପ୍ରାୟ ୬ଟା ସମୟରେ ଏକ ବଡ଼ ଧରଣର ସଡ଼କ ଦୁର୍ଘଟଣା ଘଟିଛି । ଏକ ଦ୍ରୁତଗାମୀ ଏଲ୍‌ପିଜି ଗ୍ୟାସ୍ ଟ୍ୟାଙ୍କର ନିୟନ୍ତ୍ରଣ ହରାଇ ସିହୋରୀ ଟୋଲ୍ ପ୍ଲାଜା ସହ ପିଟି ହୋଇଯାଇଥିଲା । ଟକ୍କର ଏତେ ଜୋରଦାର ଥିଲା ଯେ ଏହାପରେ ଏକ ପ୍ରକାଣ୍ଡ ବିସ୍ଫୋରଣ ହେବା ସହ ଟ୍ୟାଙ୍କରରେ ନିଆଁ ଲାଗିଯାଇଥିଲା । ଏହି ଦୁର୍ଘଟଣାରେ ଟ୍ୟାଙ୍କର ଚାଳକ ଜଣକ ଗାଡ଼ି ଭିତରୁ ବାହାରି ନପାରି ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି । ଅଗ୍ନିକାଣ୍ଡର ତୀବ୍ରତା ଯୋଗୁଁ ତାଙ୍କ ଶରୀର ସମ୍ପୂର୍ଣ୍ଣ ପାଉଁଶ ହୋଇଯାଇଥିବା ବେଳେ ଉଦ୍ଧାରକାରୀ ଦଳ କେବଳ କଙ୍କାଳର କିଛି ଅଂଶ ଉଦ୍ଧାର କରିଛନ୍ତି । ଏହି ଦୁର୍ଘଟଣାରେ ଟୋଲ୍ ପ୍ଲାଜାର ୫ ଜଣ କର୍ମଚାରୀ ମଧ୍ୟ ଗୁରୁତର ଭାବେ ଆହତ ହୋଇଛନ୍ତି । ନିଆଁର ପ୍ରକୋପ ଏତେ ଅଧିକ ଥିଲା ଯେ ଟୋଲ୍ ପ୍ଲାଜା ୟାର୍ଡରେ ପାର୍କିଂ କରାଯାଇଥିବା ୧୬ଟି ମୋଟରସାଇକେଲ ଏବଂ ୨ଟି କାର୍ ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଛି । ବିସ୍ଫୋରଣ ପରେ ଆକାଶରେ ପ୍ରାୟ ୨ କିଲୋମିଟର ଦୂର ପର୍ଯ୍ୟନ୍ତ କଳା ଧୂଆଁର ଆସ୍ତରଣ ଦେଖିବାକୁ ମିଳିଥିଲା, ଯାହାଫଳରେ ହାଇୱେର ଉଭୟ ପାର୍ଶ୍ୱରେ ଗାଡ଼ିଗୁଡ଼ିକର ଦୀର୍ଘ ଲାଇନ୍ ଲାଗିଯାଇଥିଲା ଏବଂ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା । ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ପ୍ରାୟ ଅଧଘଣ୍ଟାର କଠିନ ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲେ । ସ୍ଥାନୀୟ କୋଖରାଜ ଥାନା ପୋଲିସ ଆହତମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ପଠାଇବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛି ।

## ଭେନେଜୁଏଲା ଭୂକମ୍ପରେ ମୃତ୍ୟୁ ସଂଖ୍ୟା ୨୩୫କୁ ବୃଦ୍ଧି

## ସହାୟତା ପାଇଁ ଭାରତର 'ଅପରେସନ୍ ଅମିସ୍ତାଦ୍' ଆରମ୍ଭ

କାରାକାସ, ୨୬ ।୬(ଏଜେନ୍ସି): ଗତ ବୁଧବାର ଭେନେଜୁଏଲାରେ ଆସିଥିବା ଦୁଇଟି ଶକ୍ତିଶାଳୀ ଭୂକମ୍ପ ଯୋଗୁଁ ସେଠାରେ ବ୍ୟାପକ ସଂହାର ଲୀଳା ଦେଖାଦେଇଛି । ସାମ୍ପ୍ରତିକ ସୂଚନା ଅନୁଯାୟୀ, ଏହି ପ୍ରାକୃତିକ ବିପର୍ଯ୍ୟୟରେ ମୃତ୍ୟୁ ସଂଖ୍ୟା ୨୩୫କୁ ବୃଦ୍ଧି ପାଇଥିବା ବେଳେ ୪, ୩୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ସରକାରୀ ସୂତ୍ର ଅନୁସାରେ, ଏବେ ମଧ୍ୟ ୩୯, ୦୦୦ରୁ ଅଧିକ ଲୋକ ନିଖୋଜ ଅଛନ୍ତି । ଭାଙ୍ଗିପଡ଼ିଥିବା କୋଠାବାଡ଼ିର ଭଗ୍ନାବଶେଷ ତଳୁ ଏବେ ବି ଲୋକଙ୍କ ଚିତ୍କାର ଶୁଣାଯାଉଥିବାରୁ ଉଦ୍ଧାର କାର୍ଯ୍ୟକୁ ଆହୁରି ଜୋରଦାର କରାଯାଇଛି ଏବଂ ଅଧିକ ଲୋକ ଜୀବିତ ଉଦ୍ଧାର ହେବାର ଆଶା ରହିଛି । ଭୂକମ୍ପ ଆସିବା ସମୟରେ ଭେନେଜୁଏଲାରେ ଏକ ଜାତୀୟ ଛୁଟିଦିନ ଥିଲା ଏବଂ ଅଧିକାଂଶ ଲୋକ ଘର ଭିତରେ ରହି ବିଶ୍ୱକପ୍ ଫୁଟବଲ୍ ମ୍ୟାଚ୍ ଦେଖୁଥିଲେ । ଏହି କାରଣରୁ ମାଟିରେ ମିଶିଯାଇଥିବା କୋଠାଗୁଡ଼ିକ ତଳେ ବହୁ ସଂଖ୍ୟାରେ ଲୋକ ଦେବି ହୋଇ ରହିଥିବା ଆଶଙ୍କା କରାଯାଉଛି । ଆମେରିକାର ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଅନୁଯାୟୀ, ଏହି ବିପର୍ଯ୍ୟୟରେ ମୃତ୍ୟୁ ସଂଖ୍ୟା ୧୦, ୦୦୦ କିମ୍ବା ତାଠାରୁ ଅଧିକ ହେବାର ଆଶଙ୍କା ରହିଛି । ସ୍ଥିତିକୁ ଦୃଷ୍ଟିରେ ରଖି ସେଠାକାର କାର୍ଯ୍ୟକାରୀ ରାଷ୍ଟ୍ରପତି ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି । ଏହି ମହାବିପତ୍ତି ସମୟରେ ଭେନେଜୁଏଲାବାସୀଙ୍କୁ ସାହାଯ୍ୟ କରିବା ପାଇଁ ଭାରତ ସରକାର ତୁରନ୍ତ 'ଅପରେସନ୍ ଅମିସ୍ତାଦ୍' ଆରମ୍ଭ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭେନେଜୁଏଲାର ପ୍ରଶାସନ ସହ ଆଲୋଚନା କରି ଭାରତ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଭାରତୀୟ ବାୟୁସେନାର ଦୁଇଟି ବିଶାଳ ସି-୧୭ ଗ୍ଲୋବମାଷ୍ଟର ବିମାନ ଯୋଗେ ଭେନେଜୁଏଲାକୁ ସହାୟତା ସାମଗ୍ରୀ ପଠାଯାଇଛି । ଏହି ବିମାନରେ ଭାରତୀୟ ସେନାର ଏକ ସ୍ୱତନ୍ତ୍ର କ୍ଷେତ୍ରୀୟ ଚିକିତ୍ସାଳୟ (ଫିଲ୍ଡ ହସ୍ପିଟାଲ୍) ୟୁନିଟ୍ ପଠାଯାଇଛି, ଯାହା ସେଠାରେ ଜରୁରୀକାଳୀନ ଚିକିତ୍ସା ଯୋଗାଇବ । ଏହା ସହିତ ୩୫ ଟନରୁ ଅଧିକ ଜରୁରୀକାଳୀନ ରିଲିଫ୍ ଓ ସହାୟତା ସାମଗ୍ରୀ ମଧ୍ୟ ପ୍ରେରଣ କରାଯାଇଛି । ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର କହିଛନ୍ତି ଯେ, ଏହି ମାନବୀୟ ସଙ୍କଟ ସମୟରେ ଭାରତ ଦୃଢ଼ତାର ସହ ଭେନେଜୁଏଲାବାସୀଙ୍କ ସହ ଛିଡ଼ା ହୋଇଛି ଏବଂ ସେମାନଙ୍କୁ ସମସ୍ତ ସମ୍ଭବପର ସହାୟତା ଯୋଗାଇଦେବାକୁ କୃତସଂକଳ୍ପ ।

## ଫିଲିପାଇନ୍ସ ଓ ପାକିସ୍ତାନରେ ଭୂକମ୍ପ ଝଟ୍‌କା

ମାନିଲା/ଇସଲାମାବାଦ, ୨୬ ।୬(ଏଜେନ୍ସି): ଶୁକ୍ରବାର ଦକ୍ଷିଣ ଫିଲିପାଇନ୍ସର ମିନ୍ଦାନାଓ ଦ୍ୱୀପରେ ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି । ଆମେରିକାର ଭୂତାତ୍ତ୍ୱିକ ସର୍ବେକ୍ଷଣ (ୟୁଏସ୍‌ଜିଏସ୍) ଅନୁଯାୟୀ, ରିକ୍ଟର ସ୍କେଲରେ ଏହି ଭୂକମ୍ପର ତୀବ୍ରତା ୬.୫ ରହିଥିବା ବେଳେ ଏହାର କେନ୍ଦ୍ରସ୍ଥଳ ଭୂପୃଷ୍ଠରୁ ୨୯ କିଲୋମିଟର ଗଭୀରତାରେ ଥିଲା । ଏହି ଝଟ୍‌କା ପରେ ତୁରନ୍ତ କୌଣସି ଧନଜୀବନ ହାନିର ସୂଚନା ମିଳିନାହିଁ ଏବଂ ସୁନାମି ନେଇ କୌଣସି ସତର୍କ ସୂଚନା ମଧ୍ୟ ଜାରି କରାଯାଇ ନାହିଁ । କେବଳ ଫିଲିପାଇନ୍ସ ନୁହେଁ, ଆଜି ପାକିସ୍ତାନରେ ମଧ୍ୟ ୫.୩ ତୀବ୍ରତାର ଏକ ମଧ୍ୟମ ଧରଣର ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଛି । ମିନ୍ଦାନାଓ ଦ୍ୱୀପରେ ଚଳିତ ମାସ ମଧ୍ୟରେ ଏହା ଦ୍ୱିତୀୟ ବଡ଼ ଭୂକମ୍ପ । ଏହାପୂର୍ବରୁ ଜୁନ୍ ପ୍ରଥମ ସପ୍ତାହରେ ଏଠାରେ ଏକ ପ୍ରଳୟଙ୍କରୀ ୭.୮ ତୀବ୍ରତାର ଭୂକମ୍ପ ଆସିଥିଲା, ଯେଉଁଥିରେ ୮୦ ରୁ ଅଧିକ ଲୋକଙ୍କ ମୃତ୍ୟୁ ହେବା ସହ ୧, ୩୦୦ ରୁ ଅଧିକ ଲୋକ ଆହତ ହୋଇଥିଲେ । ସେହି ସମୟରେ ସୁନାମି ଆସିବା ଭୟରେ ଉପକୂଳବର୍ତ୍ତୀ ଅଞ୍ଚଳରୁ ବ୍ୟାପକ ସ୍ଥାନାନ୍ତରଣ କରାଯାଇଥିଲା । ଏପରିକି ଭୂକମ୍ପ ଯୋଗୁଁ ସମୁଦ୍ର ଶଯ୍ୟା ପ୍ରାୟ ୨ ମିଟର ଉପରକୁ ଉଠିଯାଇଥିଲା, ଯାହାଫଳରେ ପାଣି ଭିତରେ ଥିବା କୋରାଲ୍ ରିଫ୍ (ପ୍ରବାଳ ପ୍ରାଚୀର) ବାହାରକୁ ଦେଖାଯାଇଥିଲା । ଫିଲିପାଇନ୍ସ ଭୌଗୋଳିକ ଭାବେ ପ୍ରଶାନ୍ତ ମହାସାଗରର 'ରିଙ୍ଗ୍ ଅଫ୍ ଫାୟାର୍' ଅଞ୍ଚଳରେ ଅବସ୍ଥିତ । ଏହି ଅଞ୍ଚଳରେ ଅନେକ ଆଗ୍ନେୟଗିରି ଏବଂ ଟେକ୍ଟୋନିକ୍ ପ୍ଲେଟ୍ ଗୁଡ଼ିକର ମିଳନ ସ୍ଥଳ ଥିବାରୁ ଏଠାରେ ପ୍ରତିଦିନ ପ୍ରାୟ ଭୂକମ୍ପ ଅନୁଭୂତ ହୋଇଥାଏ ।

## ବ୍ରିଟେନରେ ୬,୦୦୦ କଏଦୀଙ୍କୁ ଆଗୁଆ ମୁକ୍ତ କରାଯିବ

ଲଣ୍ଡନ, ୨୬ ।୬(ଏଜେନ୍ସି): ଇଂଲଣ୍ଡ ଏବଂ ୱେଲ୍ସର ଜେଲ୍‌ଗୁଡ଼ିକରେ କଏଦୀ ସଂଖ୍ୟା ଅତ୍ୟଧିକ ବଢ଼ିଯାଇଥିବାରୁ ସେଠାକାର ସରକାର ଜେଲ୍ ସଂସ୍କାର କାର୍ଯ୍ୟକ୍ରମ ଅଧୀନରେ ପ୍ରାୟ ୬, ୦୦୦ କଏଦୀଙ୍କୁ ସେପ୍‌ଟେମ୍ବର ମାସରୁ ପର୍ଯ୍ୟାୟକ୍ରମେ ଆଗୁଆ ମୁକ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି । ବ୍ରିଟେନର ନ୍ୟାୟ ମନ୍ତ୍ରଣାଳୟର ଯୋଜନା ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ୧୮ ମାସରୁ କମ୍ କାରାଦଣ୍ଡ ଭୋଗୁଥିବା ଅପରାଧୀଙ୍କୁ ଛଡ଼ାଯିବ । ପରବର୍ତ୍ତୀ ସମୟରେ ଭଲ ବ୍ୟବହାର ପ୍ରଦର୍ଶନ କରୁଥିବା ଏବଂ ଦୀର୍ଘକାଳୀନ ସଜା କାଟୁଥିବା କଏଦୀଙ୍କୁ ମଧ୍ୟ ଏହି ନିୟମ ଆଧାରରେ ମୁକ୍ତ କରାଯିବ । ତେବେ ହତ୍ୟା ଭଳି ସଙ୍ଗୀନ ଅପରାଧରେ ଆଜୀବନ କାରାଦଣ୍ଡ ପାଇଥିବା ଅପରାଧୀଙ୍କ ପାଇଁ ଏହି ନିୟମ ଲାଗୁ ହେବ ନାହିଁ । ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧୀ ଦଳଗୁଡ଼ିକ ତୀବ୍ର ସମାଲୋଚନା କରିଛନ୍ତି । ବିରୋଧୀ ନେତାମାନଙ୍କ କହିବା ଅନୁଯାୟୀ, ଅପରାଧୀମାନଙ୍କୁ ସମୟ ପୂର୍ବରୁ ଛାଡ଼ିଦେବା ଦ୍ୱାରା ପୀଡ଼ିତମାନେ ନ୍ୟାୟରୁ ବଞ୍ଚିତ ହେବେ ଏବଂ ସମାଜରେ ଅସୁରକ୍ଷା ବୃଦ୍ଧି ପାଇବ ।

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 44 • ISSUE-03 • SATURDAY • 27 JUNE 2026 • PAGE-12 • ₹ 7.00

• ବର୍ଷ-୪୪ • ସଂଖ୍ୟା-୦୩ • ଶନିବାର • ୨୭ ଜୁନ୍ ୨୦୨୬ • ପୃଷ୍ଠା-୧୨ • ଟ.୭.୦୦




**ସମ୍ବିତଙ୍କୁ ଜାତୀୟ ସୁଯୋଗ**

▶ପୃଷ୍ଠା ୧୨ ଦେଖନ୍ତୁ...

## ପିଲାଙ୍କ ପଢ଼ାବହିରେ ତ୍ରୁଟି: କଡ଼ା କାର୍ଯ୍ୟାନୁଷ୍ଠାନ ନେଲେ ମୁଖ୍ୟମନ୍ତ୍ରୀ

# ଏସ୍‌ସିଇଆର୍‌ଟିର ୪ ଅଧିକାରୀ ନିଲମ୍ବିତ

### ତ୍ରୁଟିଶୂନ୍ୟ ଶିକ୍ଷାଦାନ ପାଇଁ କମିଟିର ୧୪ ସୁପାରିସ


■ ଭୁବନେଶ୍ୱର, ୨୬।୬ (ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ବହିରେ ମାଳମାଳ ତ୍ରୁଟି ଘଟଣାରେ ହୋଇଛି କଡ଼ା କାର୍ଯ୍ୟାନୁଷ୍ଠାନ। ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟର (ଏସସିଇଆରଟି) ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢ଼ୀ ଓ ୩ ସହକାରୀ ନିର୍ଦ୍ଦେଶକଙ୍କୁ ସରକାର ନିଲମ୍ବନ କରିଛନ୍ତି। ସେହିପରି ଅନ୍ୟ ୬ ଜଣ ସହକାରୀ ନିର୍ଦ୍ଦେଶକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂଚନା ଦେଇଛି।

ଉନ୍ନୟନ କମିସନରଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ରିପୋର୍ଟ ଆଧାରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟର ତତ୍କାଳୀନ ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କୁ ନିଲମ୍ବନ କରିଛନ୍ତି। ତାଙ୍କ ସହିତ ଆଉ ୩ ଜଣ ସହକାରୀ ନିର୍ଦ୍ଦେଶକ ପ୍ରଲିପ୍ତା ମିଶ୍ର, ଦିଲୀପ କୁମାର ସାହୁ, ଓ ଭାରତୀ ଟୁଡୁଙ୍କୁ ମଧ୍ୟ ନିଲମ୍ବନ କରାଯାଇଛି। ଏହା ସହିତ ୬ ଜଣ ସହକାରୀ ନିର୍ଦ୍ଦେଶକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେମାନେ ହେଲେ ବନ୍ଦିତା ପଟ୍ଟନାୟକ, ମାନସ ରଞ୍ଜନ ରାଉତ, ମନୋରଞ୍ଜନ ମହାପାତ୍ର, ଡକ୍ଟର ପ୍ରଶାନ୍ତ କୁମାର ସାହୁ, ମାନସ କୁମାର ନାୟକ ଏବଂ ଡକ୍ଟର ସୁଦର୍ଶନ ସନ୍ତରା। ତତ୍କାଳୀନ ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କ ସମୟରେ ନୂତନ ପୁସ୍ତକ ପ୍ରସ୍ତୁତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଅନୁରୂପ ଭାବେ ନିଲମ୍ବିତ ହୋଇଥିବା ଅନ୍ୟ ୩ ଜଣ ସହକାରୀ ନିର୍ଦ୍ଦେଶକ ମଧ୍ୟ କାର୍ଯ୍ୟରେ ଗୁରୁତର ଅବହେଳା କରିଥିବା ତଦନ୍ତ ବେଳେ ଜଣାପଡିଛି।

ଅପରପକ୍ଷରେ ପିଲାଙ୍କ ଶିକ୍ଷା ଓ ତ୍ରୁଟି ସୁଧାରିବା ପାଇଁ ତଦନ୍ତ କମିଟି ୧୪ଟି ସୁପାରିସ କରିଛି। ନୂତନ ପୁସ୍ତକ ଛପା ନ ହୋଇ ପିଲାଙ୍କୁ କିପରି ତ୍ରୁଟି ଶୂନ୍ୟ ଶିକ୍ଷାଦାନ କରାଯାଇ ପାରିବ ସେ ନେଇ ▶ପୃଷ୍ଠା-୭

### ଷଷ୍ଠ ଶ୍ରେଣୀ ଧନ୍ଦାମୂଳକ କୌଶଳ ଶିକ୍ଷାରେ 'ଝାଲ୍‌ମୁଢ଼ି'

■ ଭୁବନେଶ୍ୱର, ୨୬।୬ (ସମିସ): ସ୍କୁଲ ବହିରେ ମାଳମାଳ ତ୍ରୁଟି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବିଭିନ୍ନ ପଢ଼ା ବହିରେ ଭୁଲ ସଂଖ୍ୟା ୨୬୦୦ ଟପିଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ମୁଦ୍ରଣ ପ୍ରମାଦକୁ ବାଦ ଦେଲେ ଭୁଲ ତଥ୍ୟ, ଭୁଲ ଫଟୋ ଓ ଭୁଲ ପ୍ରସଙ୍ଗ ପାଠ୍ୟପୁସ୍ତକରେ ସ୍ଥାନ ପାଇଛି। ତେବେ ଷଷ୍ଠ ଶ୍ରେଣୀ ପିଲାଙ୍କ ପାଇଁ ଧନ୍ଦାମୂଳକ କୌଶଳ ଶିକ୍ଷା ପୁସ୍ତକରେ 'ଝାଲମୁଢ଼ି' ପ୍ରସ୍ତୁତି ଶିକ୍ଷଣ ଅନେକ ଅଭିଭାବକଙ୍କୁ ବ୍ୟଥିତ କରିଛି। ପିଲାଙ୍କୁ ଝାଲମୁଢ଼ି ପ୍ରସ୍ତୁତି ଶିକ୍ଷା ଦେବା କେଉଁପ୍ରକାର କୌଶଳ ଶିକ୍ଷା ବୋଲି ଅଭିଭାବକ ପ୍ରଶ୍ନ ଉଠାଇଛନ୍ତି। ଏପରିକି ସରକାର ପିଲାମାନଙ୍କୁ ଝାଲମୁଢ଼ି ପ୍ରସ୍ତୁତ କରି ବିକିବା ପାଇଁ ଷଷ୍ଠ ଶ୍ରେଣୀରୁ ତାଲିମ ଦେବାକୁ ପ୍ରୟାସ କରିଥିବା ମଧ୍ୟ ଅଭିଭାବକମାନେ ▶ପୃଷ୍ଠା-୭



**୮ମ ଶ୍ରେଣୀ ପୁସ୍ତକରେ ହିନ୍ଦୀ ଫିଲ୍ମ ଗୀତ 'ନିମ୍ବୁଡ଼ା ନିମ୍ବୁଡ଼ା'**

### ବହିରେ ତ୍ରୁଟି ପଛରେ ଷଡ଼ଯନ୍ତ୍ର: ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୨୬।୬ (ସମିସ): ସ୍କୁଲ ପିଲାଙ୍କ ପଢ଼ା ବହିରେ ଶହଶହ ତ୍ରୁଟିକୁ ନେଇ ସରକାର ଅକଳରେ ପଡ଼ିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଭୂମିକା ସନ୍ଦେହ ଘେରକୁ ଆସିଛି। ସରକାରୀ ପ୍ରେସ ବଦଳରେ ବାହାରେ ବେସରକାରୀ ପ୍ରେସରେ ବହି ଛାପାକୁ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଡୁଆରେ ପଡ଼ିଛି। ଓଡ଼ିଆ ପିଲାଙ୍କ ସ୍କୁଲ ବହିରେ ନିଉଟନଙ୍କୁ ପାଇଲଟ୍ ଭାବରେ ଉଲ୍ଲେଖ ପ୍ରସଙ୍ଗ ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି କରିଛି। ଜାତୀୟ ଗଣମାଧ୍ୟମ ଓଡ଼ିଆ ଶିକ୍ଷା ବିଶେଷଜ୍ଞ ଓ ଶିକ୍ଷାବିତ୍‌ଙ୍କ ଜ୍ଞାନକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ମାତ୍ର ବିଭାଗୀୟ ମନ୍ତ୍ରୀ ଏହାକୁ ସାଧାରଣ ତ୍ରୁଟି ବୋଲି ଅଭିହିତ କରିଥିବାବେଳେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଅତ୍ୟନ୍ତ ଗୁରୁତ୍ୱର ସହ ▶ପୃଷ୍ଠା-୭

**କିଏ ଷଡ଼ଯନ୍ତ୍ର କରିଛି ତୁରନ୍ତ ତଦନ୍ତ କରାଯାଉ: କଂଗ୍ରେସ**

**ଚାଲି ନ ଜାଣି ବାଟକୁ ଦୋଷ: ବିଜେଡି**

#### ରାମ ମନ୍ଦିର ଦାନ ଅର୍ଥ ହେରଫେର ମାମଲା

### ଚମ୍ପତ ରାୟଙ୍କ ସମେତ ଦୁଇ ବରିଷ୍ଠ କର୍ମକର୍ତ୍ତାଙ୍କ ଇସ୍ତଫା

■ ଅଯୋଧ୍ୟା, ୨୬।୬ (ଏଜେନ୍ସି): ଅଯୋଧ୍ୟାର ପ୍ରସିଦ୍ଧ ଶ୍ରୀରାମ ଜନ୍ମଭୂମି ମନ୍ଦିରରେ ଭକ୍ତମାନଙ୍କ ଦ୍ୱାରା ଅର୍ପଣ କରାଯାଉଥିବା ନଗଦ ଦାନ ଅର୍ଥ ହେରଫେର ଅଭିଯୋଗକୁ ନେଇ ସେଠାକାର ପରିଚାଳନା କମିଟିରେ ଏକ ବଡ଼ ବିପର୍ଯ୍ୟୟ ଦେଖାଦେଇଛି। ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା ସ୍ୱାଧୀନ ସଂସ୍ଥାର ମୁଖ୍ୟ ମହାସଚିବ ଚମ୍ପତ ରାୟ ଏବଂ ଅନ୍ୟତମ ବରିଷ୍ଠ ସଦସ୍ୟ ଅନିଲ ମିଶ୍ର ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ନୈତିକତା ଆଧାରରେ ଉଭୟ ନିଜର ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଦୃଢ଼ ଆଭିମୁଖ୍ୟ ଏବଂ ଏହି ଦୁର୍ନୀତିର ତଦନ୍ତ ପାଇଁ ଗଠିତ ବିଶେଷ ଅନୁସନ୍ଧାନକାରୀ ଦଳର ପ୍ରାଥମିକ ରିପୋର୍ଟ ଆସିବା ପରେ ଏହି ଇସ୍ତଫା ପ୍ରକ୍ରିୟା ଘଟିଛି। ପ୍ରାଥମିକ ଆକଳନ ଅନୁଯାୟୀ, ମନ୍ଦିରର ଦାନ ବାକ୍ସରୁ ପ୍ରାୟ ସାତରୁ ସାଢେ ସାତ କୋଟି ଟଙ୍କା ଗାଏବ ଥିବା ଜଣାପଡ଼ିଛି।ଏହି ମାମଲାରେ ପୋଲିସ ପକ୍ଷରୁ ବିଶ୍ୱାସଘାତକତା, ଚୋରି ଏବଂ ଅପରାଧିକ ମସୁଧା ଭଳି ▶ପୃଷ୍ଠା-୭



### ଚାବି ରଖୁଥିବା ସଦସ୍ୟ ଓ ବ୍ୟାଙ୍କ କର୍ମଚାରୀଙ୍କ ସମେତ ୮ ଗିରଫ

■ ଲକ୍ଷ୍ନୌ, ୨୬।୬ (ଏଜେନ୍ସି): ଅଯୋଧ୍ୟା ଶ୍ରୀରାମ ମନ୍ଦିରର ପ୍ରାୟ ୭ ରୁ ୭.୫ କୋଟି ଟଙ୍କାର ଦାନ ଅର୍ଥ ଆତ୍ମସାତ ମାମଲାରେ ସ୍ୱତନ୍ତ୍ର ତଦନ୍ତକାରୀ ଦଳର ପ୍ରାଥମିକ ରିପୋର୍ଟ ଆଧାରରେ ପୁଲିସ ଗୁରୁବାର ବିଳମ୍ବିତ ରାତିରେ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ ମନ୍ଦିରର ଦାନ ବାକ୍ସରୁ ଟଙ୍କା ଗଣତି କାର୍ଯ୍ୟରେ ସିଧାସଳଖ ସାମିଲ ଥିଲେ। ଏହି ମାମଲାରେ ମନ୍ଦିରର ପରିଚାଳନା ସମିତିର ସାଧାରଣ ସମ୍ପାଦକଙ୍କ ପୂର୍ବତନ ▶ପୃଷ୍ଠା-୭

#### ସିଆଇଆଇ-ପୂର୍ବାଞ୍ଚଳ କାଉନସିଲ ବୈଠକ

## ଶିଳ୍ପାୟନରେ ସବୁ ରେକର୍ଡ ଭାଙ୍ଗିବ ଓଡ଼ିଶା: ମୁଖ୍ୟମନ୍ତ୍ରୀ



■ ଭୁବନେଶ୍ୱର, ୨୬।୬ (ସମିସ): ସିଆଇଆଇ-ଇଷ୍ଟର୍ଣ୍ଣ ରିଜିଓନାଲ କାଉନସିଲ ବୈଠକ ୨୦୨୬ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ରାଜ୍ୟର ଶିଳ୍ପ ବିକାଶ ଓ ଆଞ୍ଚଳିକ ଅଭିବୃଦ୍ଧି ପାଇଁ ଏକ ନୂଆ ରୋଡ୍‌ମ୍ୟାପ୍ ଉପସ୍ଥାପନ କରିଛନ୍ତି। ଓଡ଼ିଶା ସହିତ ସମଗ୍ର ପୂର୍ବ ଭାରତର ରାଜ୍ୟ ଗୁଡ଼ିକର ଶିଳ୍ପାୟନ ପ୍ରକ୍ରିୟାକୁ ବ୍ୟାପକ ଭାବେ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ "ଗୋ ଇଷ୍ଟ' ନାମରେ ନୂଆ ଏକ ନୂତନ ପ୍ଲାଟଫର୍ମ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି " ଗୋ ଇଷ୍ଟ'ର ଅର୍ଥ ହେଉଛି "ଓଡ଼ିଶା ସରକାର-ଇଷ୍ଟର୍ନ ଇନଭେଷ୍ଟମେଣ୍ଟ ଆକ୍ସିଲେରେଟର୍ ଏବଂ ସ୍ପେଶାଲ୍ ଟାସ୍କ ଫୋର୍ସ'। ଏହି ନୂତନ ପଦକ୍ଷେପ ମାଧ୍ୟମରେ ସମଗ୍ର ପୂର୍ବାଞ୍ଚଳ ଓ ପୂର୍ବୋତ୍ତର ରାଜ୍ୟର ଶିଳ୍ପ ଗୋଷ୍ଠୀଗୁଡ଼ିକ ତାଙ୍କ ନିଜ ରାଜ୍ୟରେ ତାଙ୍କର ଇଣ୍ଡଷ୍ଟ୍ରିଆଲ୍ ବେସ୍ ଓ ମାର୍କେଟ୍‌କୁ ସୁରକ୍ଷିତ ରଖି ଓଡ଼ିଶାରେ ନିବେଶ କରିବାକୁ ବ୍ୟାପକ ସୁଯୋଗ ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।


ଆଗାମୀ ୫ ବର୍ଷ ମଧ୍ୟରେ ଓଡ଼ିଶା ଶିଳ୍ପାୟନ ଓ ଅଭିବୃଦ୍ଧି କ୍ଷେତ୍ରରେ ପୂର୍ବ ଭାରତର ଶ୍ରେଷ୍ଠ ରାଜ୍ୟରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ବିଶ୍ୱାସ ବ୍ୟକ୍ତ କରିଛନ୍ତି। ଏଥିସହିତ ଶିଳ୍ପ ପ୍ରୋତ୍ସାହନ ସଂସ୍ଥା 'ଇପିକଲ' ମଧ୍ୟରେ ଏକ ସମର୍ପିତ 'ଗୋ ଇଷ୍ଟ ସେଲ୍' ଗଠନ କରାଯିବ। ନିବେଶ ପ୍ରକ୍ରିୟା ଏବଂ ମଞ୍ଜୁରୀର ସ୍ଥିତିକୁ ରିଏଲ୍ ଟାଇମ୍ (ତତ୍କାଳ) ମନିଟରିଂ ଓ ଟ୍ରାକିଂ କରିବା ପାଇଁ ଏକ ସ୍ୱତନ୍ତ୍ର "ଗୋ ସ୍ୱିଫ୍ଟ' ମଡ୍ୟୁଲ୍ ମଧ୍ୟ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**ନିବେଶ ପ୍ରକଳ୍ପ ଗୁଡ଼ିକୁ ତ୍ୱରାନ୍ୱିତ କରିବ 'ଗୋ ଇଷ୍ଟ'**

**ସମାବେଶୀ ଶିଳ୍ପାୟନରେ ଦେଶରେ ଅଗ୍ରଣୀ ହେବ ଓଡ଼ିଶା**

ଏହି ସମ୍ମିଳନୀ ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଶିଳ୍ପ ନୀତି ରିଜୋଲ୍ୟୁସନ୍-୨୦୨୨ରେ କିଛି ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି। ଏହାଦ୍ୱାରା ଆର୍ଥିକ ଅନଗ୍ରସର ଓ ପଛୁଆ ଅଞ୍ଚଳ ଭାବେ ପରିଚିତ ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ, ବୌଦ୍ଧ ଓ ଗଜପତି ଭଳି ୧୫ଟି ପ୍ରମୁଖ ଜିଲ୍ଲାରେ ଅଣ-ଖଣିଜ ଦ୍ରବ୍ୟ ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ଏକ ବ୍ୟାପକ ସୁଯୋଗ ସୃଷ୍ଟି ହେବ। ଏହି ଜିଲ୍ଲାଗୁଡ଼ିକୁ 'ଥ୍ରଷ୍ଟ ସେକ୍ଟର' ବା ▶ପୃଷ୍ଠା-୭

### ଲାଲ୍‌ଜୀ ଦେଶାଇ ରାଜ୍ୟ କଂଗ୍ରେସ ନୂଆ ପ୍ରଭାରୀ



■ ଭୁବନେଶ୍ୱର, ୨୬।୬ (ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ନୂତନ ପ୍ରଭାରୀ ଭାବେ ନିଯୁକ୍ତି ପାଇଛନ୍ତି ଲାଲ୍‌ଜୀ ଦେଶାଇ। ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ସ୍ଥାନରେ ଶ୍ରୀ ଦେଶାଇଙ୍କୁ ରାଜ୍ୟ କଂଗ୍ରେସର ପ୍ରଭାରୀ ଭାବରେ ଅବସ୍ଥାପିତ କରାଯାଇଛି। ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେଙ୍କ ଅନୁମୋଦନ କ୍ରମେ ଶୁକ୍ରବାର ଏଆଇସିସି ସଂଗଠନ ସମ୍ପାଦକ କେସି ବେଣୁଗୋପାଳ ଏ ସଂକ୍ରାନ୍ତରେ ବିଜ୍ଞପ୍ତି ଜାରି କରିଛନ୍ତି। ଶ୍ରୀ ଦେଶାଇ ଏହା ପୂର୍ବରୁ କଂଗ୍ରେସ ସେବା ଦଳର ଜାତୀୟ ସଭାପତି (ମୁଖ୍ୟ ସଂଗଠକ) ରହିଥିଲେ। ୨୦୨୪ ସାଧାରଣ ▶ପୃଷ୍ଠା-୭

### ମହେଶ ଦୀକ୍ଷିତ ଆଇବି ମୁଖ୍ୟ



■ ନୂଆଦିଲ୍ଲୀ, ୨୬।୬ (ଏଜେନ୍ସି): ଦେଶର ପ୍ରମୁଖ ଆଭ୍ୟନ୍ତରୀଣ ଗୁପ୍ତଚର ସଂସ୍ଥା 'ଇଣ୍ଟେଲିଜେନ୍ସ ବ୍ୟୁରୋ' (ଆଇବି)ର ନୂତନ ନିର୍ଦ୍ଦେଶକ ଭାବେ ବରିଷ୍ଠ ଆଇପିଏସ ଅଧିକାରୀ ମହେଶ ଦୀକ୍ଷିତଙ୍କୁ ନିଯୁକ୍ତ କରାଯାଇଛି। କେନ୍ଦ୍ର କ୍ୟାବିନେଟର ନିଯୁକ୍ତି କମିଟି ଦ୍ୱାରା ତାଙ୍କ ନାମକୁ ମଞ୍ଜୁରୀ ମିଳିଛି। ସେ ପୂର୍ବତନ ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀର ଦାୟିତ୍ୱ ଗ୍ରହଣ କରିବେ। ଆନ୍ଧ୍ରପ୍ରଦେଶ କ୍ୟାଡରର ୧୯୯୩ ବ୍ୟାଚର ଆଇପିଏସ ଅଧିକାରୀ ମହେଶ ଦୀକ୍ଷିତଙ୍କର ଗୁପ୍ତଚର କାର୍ଯ୍ୟକଳାପ, ଆତଙ୍କବାଦ ବିରୋଧୀ ଅଭିଯାନ ଏବଂ ଆଭ୍ୟନ୍ତରୀଣ ସୁରକ୍ଷା କ୍ଷେତ୍ରରେ ଦୀର୍ଘ ଦଶନ୍ଧିର ବ୍ୟାପକ ଅଭିଜ୍ଞତା ରହିଛି। ବିଶେଷ କରି ଶ୍ରୀନଗର ସ୍ଥିତ ଆଇବିର ସହଯୋଗୀ ▶ପୃଷ୍ଠା-୭

**ବାଲି ମଫିଆଙ୍କ ଆତଙ୍କରାଜ**

## ଅତିରିକ୍ତ ତହସିଲଦାରଙ୍କୁ ହତ୍ୟା ଧମକ

ରାଜନଗର, ୨୬।୬(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଅଞ୍ଚଳରେ ବାଲି ମାଫିଆଙ୍କ ଆତଙ୍କରାଜ ଦେଖିବାକୁ ମିଳିଛି। ଚୋରା ବାଲି ବୋଝେଇ ଗାଡ଼ିକୁ ଅଟକାଇବାରୁ ଅତିରିକ୍ତ ତହସିଲଦାରଙ୍କୁ ହତ୍ୟା ଉଦ୍ୟମ ହୋଇଛି। ଏପରିକି ପୁଲିସ ଉପସ୍ଥିତିରେ ଅତିରିକ୍ତ ତହସିଲଦାରଙ୍କୁ ଗାଳିଗୁଲଜ ସହ ଧମକ ଦିଆଯାଇଛି। ଚୋରା ବାଲି ବୋଝେଇ ହାଇୱା ମୁଖ୍ୟ ରାସ୍ତା ଉପରେ ବାଲି ଢାଳି ଢାଳି ଫେରାର ହୋଇଯାଇଥିବାବେଳେ ହାଇୱା ଗାଡ଼ି ମାଲିକଙ୍କୁ ଗିରଫ କରାଯାଇଛି। ତାଙ୍କ କାର୍‌କୁ ଜବତ କରାଯାଇଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି।

ଆଜି ସକାଳ ପ୍ରାୟ ୫ଟା ସମୟରେ ରାଜନଗର ଅତିରିକ୍ତ ତହସିଲଦାର ଆଶିଷ ଜେନା ଏନଫୋର୍ସମେଣ୍ଟ ଟିମ ସହିତ ଗାଡ଼ି ଚେକିଂ କରୁଥିଲେ। ରାଜନଗର ବାଇପାସ ନିକଟରେ ଓଡି-୨୦ଜି ▶ପୃଷ୍ଠା-୭

**ଚୋରା ବାଲି ଗାଡ଼ି ଅଟକାଇବାରୁ ବଚସା**

**ରାସ୍ତାରେ ବାଲି ଢାଳି ହାଇୱା ଫେରାର୍**

**ଗାଡ଼ି ମାଲିକ ଗିରଫ ଓ କାର୍ ଜବତ**








# ଗଞ୍ଜେଇ କାରବାରରେ ସରକାରୀ ଶିକ୍ଷକ



**ଏସ୍‌ଟିଏଫ୍‌ର ଅପରେସନ 'ଗ୍ରୀନ୍ କ୍ଲିନ୍'**

**ମିଳିଲା ଛିଣ୍ଡା ୧୦ ଟଙ୍କିଆ ନୋଟ୍**

**କିଙ୍ଗପିନ୍ ଦୁର୍ବାସା ସହ ୩ ଗିରଫ**

**୪ ରାଜ୍ୟରେ କରୁଥିଲେ ଚାଲାଣ**

**୭ ଦିନିଆ ରିମାଣ୍ଡ ଆବେଦନ**

■ ଭୁବନେଶ୍ୱର ୨୬।୬ (ସମିସ): ମାସେ ଧରି ଚାଲିଥିବା ଗୁପ୍ତ ଅପରେସନ୍ ପରେ ଆନ୍ତଃରାଜ୍ୟ ଗଞ୍ଜେଇ ସିଣ୍ଡିକେଟର ପର୍ଦ୍ଦାଫାସ୍ କରିଛି ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସ୍‌ଟିଏଫ୍)। ଗଞ୍ଜେଇ ଚାଲାଣର କିଙ୍ଗପିନ୍ ସମେତ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସରକାରୀ ଶିକ୍ଷକ ତଥା ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଟିକିରପଡ଼ାର ଦୁର୍ବାସା ସାହୁ, ସୁବୁଦ୍ଧି ସାହୁ, ଅରୁଣ କୁମାର ରଣା ଓ ପ୍ରକାଶ ଖଟୁଆ।

ଏସ୍‌ଟିଏଫ୍ ସୂଚନା ଅନୁସାରେ, ଗତ ବୁଧବାର ଏସ୍‌ଟିଏଫ୍ ଟିମ୍ ଆଠଗଡ଼ ବେଣ୍ଟପଡ଼ା କାଜୁ ଜଙ୍ଗଲରେ ଚଢ଼ଉ କରି ୧୯୦ କିଲୋ ଗଞ୍ଜେଇ ଜବତ କରିବା ସହ ଫିରିଙ୍ଗିଆର ନୀଳାମ୍ବର କହଁରକୁ ଗିରଫ କରିଥିଲା। ତା' ଠାରୁ ଛିଣ୍ଡା ୧୦ ଟଙ୍କିଆ ନୋଟ୍ ମିଳିବା ପରେ ସିନେମା ଶୈଳୀରେ ଗଞ୍ଜେଇ ଚାଲାଣ ହେଉଥିବା ଜଣାପଡ଼ିଥିଲା। ସିଣ୍ଡିକେଟର ମାଷ୍ଟରମାଇଣ୍ଡ ଗୋଟିଏ ୧୦ ଟଙ୍କିଆ ନୋଟକୁ ଦୁଇ ଭାଗ କରି ଖଣ୍ଡେ ଡ୍ରାଇଭରକୁ ଓ ଆଉ ଖଣ୍ଡେ ରିସିଭରକୁ ଦେଉଥିଲା। ଗଞ୍ଜେଇ ବୋଝେଇ ଗାଡ଼ି ଠିକଣା ପହଞ୍ଚିବା ପରେ ୧୦ ଟଙ୍କିଆ ନୋଟ୍ ମ୍ୟାଚ୍ କରି ଡେଲିଭେରୀ ଦେଉଥିଲା ବୋଲି ପ୍ରାଥମିକ ତଦନ୍ତରୁ ଏସ୍‌ଟିଏଫ୍ ଜାଣିବାକୁ ପାଇଥିଲା। ନୀଳାମ୍ବର ଠାରୁ ଛିଣ୍ଡା ୧୦ ଟଙ୍କିଆ ନୋଟ୍ ଜବତ ହେବାପରେ ସିଣ୍ଡିକେଟର ମୁଖିଆ ଓ ରିସିଭରକୁ ଧରିବା ଲାଗି ଏସ୍‌ଟିଏଫ୍ ଜାଲ ବିଛାଇଥିଲା।

ଶୁକ୍ରବାର ସକାଳେ ସିଣ୍ଡିକେଟର କିଙ୍ଗପିନ୍ ଦୁର୍ବାସା, ସୁବୁଦ୍ଧି, ଅରୁଣ ଓ ପ୍ରକାଶ ମିଶି ଗଞ୍ଜେଇ ଡିଲ୍ ପାଇଁ ପଶ୍ଚିମବଙ୍ଗ ଯାଉଥିବା ଖବର ମିଳିଥିଲା। ଏସ୍‌ଟିଏଫର ଗୋଟିଏ ଟିମ୍ ବୌଦ୍ଧ ▶ପୃଷ୍ଠା-୭

# ୨୮ ରେ ଅନୁଗୋଳ ଜିଲ୍ଲା ତାଏକ୍ୱୋଣ୍ଡୋ ଚାମ୍ପିଅନସିପ୍

ଅନୁଗୋଳ, ୨୬ା୬(ସମିସ)




ଆସନ୍ତା ଜୁନ୍ ୨୮ ତାରିଖ ୧୨ତମ ଅନୁଗୋଳ ଜିଲ୍ଲା ତାଏକ୍ୱୋଣ୍ଡୋ ଚାମ୍ପିଅନସିପ ଅନୁଗୋଳ ଟାଉନ୍ ହଲରେ ଆରମ୍ଭ ହେବ। ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୨୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗନେବେ। ଜିଲ୍ଲା ତାଏକ୍ୱୋଣ୍ଡୋ ଡେଭଲପମେଣ୍ଟ ଆସୋସିଏସନ୍ ଆନୁକୂଲ୍ୟରେ ତଥା ଓଡ଼ିଶା ତାଏକ୍ୱୋଣ୍ଡୋ ଆସୋସିଏସନ୍ ସହଯୋଗରେ ପ୍ରତିଯୋଗିତା ଆୟୋଜିତ ହେବ।

ସୂଚନାଯୋଗ୍ୟ, ୨୦୨୨ରୁ ସଂଗଠନର ଖେଳାଳିମାନେ ରାଜ୍ୟ ଓ ଜାତୀୟ ସ୍ତରରେ ପଦକ ଜିତି ସୁନାମ ଅର୍ଜନ କରି ଆସିଛନ୍ତି। ୨୦୨୩ରେ ଖେଳାଳିମାନେ ଜାତୀୟ ପ୍ରତିଯୋଗିତାରେ ୭ଟି ସ୍ୱର୍ଣ୍ଣ, ୮ଟି ରୌପ୍ୟ, ୮ଟି କାଂସ୍ୟ ପଦକ ପାଇଥିଲେ। ୨୦୨୬ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ୪୭ ଜଣ ଅଂଶଗ୍ରହଣ କରିଥିଲେ। ସେଥିରୁ ୧୪ଟି ସ୍ୱର୍ଣ୍ଣ, ୨୬ଟି ରୌପ୍ୟ ଓ ୨୬ଟି କାଂସ୍ୟ ଏପରି ମୋଟ ୬୭ ପଦକ ଜିତିଥିଲେ। ତେବେ ଏହି ସମରକଳା ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ଶିଖାଇବା ସହ ଜିଲ୍ଲା ତଥା ରାଜ୍ୟର ସୁନାମ ବଢ଼ାଇବା ପାଇଁ ଏହି ଅନୁଷ୍ଠାନ ଚେଷ୍ଟିତ ଥିବା ବେଳେ ପିଲାଙ୍କ ଦୈନନ୍ଦିନ ପ୍ରଶିକ୍ଷଣ ପାଇଁ କୌଣସି ସ୍ଥାୟୀ ପଡ଼ିଆ ବା କେନ୍ଦ୍ର ନାହିଁ। ସରକାର ବା ଜିଲ୍ଲା ପ୍ରଶାସନ ଏଥିପାଇଁ ଏକ ପ୍ରଶିକ୍ଷଣ କେନ୍ଦ୍ରର ବ୍ୟବସ୍ଥା କରାଇଲେ ଭଲ ଭାବରେ ତାଲିମ ବ୍ୟବସ୍ଥା କରାଯାଇପାରନ୍ତା। ସଂଗଠନର ପିଲାମାନେ ଏବେ ମୁଖ୍ୟପ୍ରଶିକ୍ଷକ ପ୍ରଦୀପ କୁମାର ପ୍ରଧାନଙ୍କ ନେତୃତ୍ୱରେ ଖେଳି ଆସୁଛନ୍ତି ଓ ଉନ୍ନତ ପ୍ରଦର୍ଶନ କରି ପଦକ ହାସଲ କରି ଆସୁଛନ୍ତି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଅନୁଗୋଳ ଜିଲ୍ଲା ତାଏକ୍ୱୋଣ୍ଡୋ ଡେଭଲପମେଣ୍ଟ ଆସୋସିଏସନ ସଭାପତି ମନୋଜ କୁମାର ପ୍ରଧାନ ପ୍ରକାଶ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ପ୍ରଦୀପ କୁମାର ପ୍ରଧାନ, ଉପସଭାପତି ପ୍ରତାପ ମାଝୀ, ବିଶ୍ୱରଞ୍ଜନ ସାହୁ, ଅମରଜିତ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା ପରାମର୍ଶଦାତା ସମିତି ବୈଠକ

ଅନୁଗୋଳ, ୨୬ା୬(ସମିସ): ଆଜି ଅନୁଗୋଳଠାରେ ଜିଲ୍ଲାପାଳ ଅବ୍ଦାଲ୍ ମୁହମ୍ମଦ୍ ଅଖତରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରାମର୍ଶଦାତା ସମିତି ଏବଂ ଜିଲ୍ଲାସ୍ତରୀୟ ସମୀକ୍ଷା ସମିତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି ରୂପେ ଯୋଗଦେଇ ଜିଲ୍ଲାର ଅଗ୍ରଗତିରେ ବ୍ୟାଙ୍କଗୁଡ଼ିକର ଭୂମିକା ସମ୍ପର୍କରେ ଆଲୋଚନା କରି ପ୍ରଶଂସା କରିଥିଲେ। ବୈଠକରେ ଆଇଏଏସ ପ୍ରୋବେସନର




ଅଭି ଜୈନ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ ଯୋଗଦେଇଥିଲେ। ନାବାର୍ଡ ଉନ୍ନୟନ ବ୍ୟାଙ୍କ ପ୍ରତିନିଧି ଆଶୁତୋଷ ରଥ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କର ପ୍ରତିନିଧି ମୌସୁମୀ ଦାଶ ବ୍ୟାଙ୍କିଙ୍ଗ୍ ସେକ୍ଟରର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅନୁଗୋଳ ୟୁକୋ ବ୍ୟାଙ୍କର ଜିଲ୍ଲା ପ୍ରବନ୍ଧକ ଦୀପକ ଚନ୍ଦ୍ର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିବା ସହ ବୈଠକ ପରିଚାଳନା କରିଥିଲେ। ଚଳିତ ଆର୍ଥିକ ବର୍ଷରେ କୃଷି କ୍ଷେତ୍ରରେ ମୋଟ ୨୪୬୪ କୋଟି ଟଙ୍କା ବ୍ୟାଙ୍କମାନେ ଋଣ ପ୍ରଦାନ କରିଥିଲେ। ଏମ୍ଏସ୍ଏମ୍ଇ କ୍ଷେତ୍ରରେ ଗତ ବର୍ଷ ଜିଲ୍ଲାରେ ମୋଟ ୪୧୬୦ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କ ଅଫ୍ ବରୋଦା, ବ୍ୟାଙ୍କ ଅଫ୍ ଇଣ୍ଡିଆ, କାନାରା ବ୍ୟାଙ୍କ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇଣ୍ଡିଆନ୍ ବ୍ୟାଙ୍କ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆକ୍ସିସ୍ ବ୍ୟାଙ୍କ, ବନ୍ଧନ ବ୍ୟାଙ୍କ, ଫେଡେରାଲ୍ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ଆଇଡିବିଆଇ ବ୍ୟାଙ୍କ, ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ, କର୍ଣ୍ଣାଟକ ବ୍ୟାଙ୍କ, କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ସୂର୍ଯ୍ୟୋଦୟ ବ୍ୟାଙ୍କ, ଇଏସ୍ଏଏଫ୍ ବ୍ୟାଙ୍କ, ଉଜ୍ଜୀବନୀ ବ୍ୟାଙ୍କ ପ୍ରତିନିଧି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ମୋଟ ୧୦୯୭୨ କୋଟି ଟଙ୍କା ଋଣ ଯୋଜନା ଗୃହୀତ ହୋଇଥିଲା।

# ପଲ୍ସ ପୋଲିଓ ଟାସ୍କଫୋର୍ସ ବୈଠକ

କିଶୋରନଗର, ୨୬ା୬(ସମିସ): ପଲ୍ସ ପୋଲିଓ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ କିଶୋରନଗର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଗୁରୁବାର ଗୁରୁତ୍ୱପୂର୍ଣ୍ଣ ଟାସ୍କଫୋର୍ସ ବୈଠକ ଅନୁଷ୍ଠିତ ହୋଇଛି। ବିଡିଓ ଶୁଭକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ବ୍ଲକ ଅଞ୍ଚଳରେ ଯେପରି କୌଣସି ଶିଶୁ ପୋଲିଓ ବୁନ୍ଦା ଗ୍ରହଣ କରିବାରୁ ବଞ୍ଚିତ ନ ହେବେ ଏବଂ ଏହି ଅଭିଯାନକୁ କିପରି ଶତପ୍ରତିଶତ ସଫଳ କରାଯିବ, ସେ ନେଇ ବୈଠକରେ ବ୍ୟାପକ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି। ସ୍ୱାସ୍ଥ୍ୟ, ଶିକ୍ଷା ଓ ମହିଳା ଓ ଶିଶୁ ବିକାଶ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଗୁରୁତ୍ୱ ଦିଆଯାଇଛି।



ବୈଠକରେ ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପାର୍ଥସାରଥି ପତି, ଏବିଇଓ ରମଣୀ ରଞ୍ଜନ ସାହୁ, ସିଡିପିଓ ଭାଗ୍ୟଲତା ସେଠୀ ଏବଂ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଅଜିତ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। ଏହା ସହିତ ରାଜସ୍ୱ ନିରୀକ୍ଷକ ସ୍ୱାଧୀନ ସାମଲ ଏବଂ ସୁପରଭାଇଜର ଶାନ୍ତନୁ କୁମାର ବେହେରା ମଧ୍ୟ ଉପସ୍ଥିତ ରହି ନିଜ କ୍ଷେତ୍ରରେ କାର୍ଯ୍ୟକ୍ରମର ତଦାରଖ ପାଇଁ ପ୍ରସ୍ତୁତି ବିଷୟରେ ଜଣାଇଥିଲେ। ବ୍ଲକର ସମସ୍ତ ଯୋଗ୍ୟ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇବା ପାଇଁ ସମସ୍ତ ଅଧିକାରୀ ଓ କ୍ଷେତ୍ର କର୍ମଚାରୀ ନିଷ୍ଠାର ସହ କାର୍ଯ୍ୟ କରିବାକୁ ବିଡିଓ ନାୟକ ଆହ୍ୱାନ ଦେଇଛନ୍ତି।

# ଏନସିସି ପ୍ରଶିକ୍ଷଣ ଶିବିରରେ ଏସଭିଏମ କ୍ୟାଡେଟ୍‌ଙ୍କ ଯୋଗଦାନ

ନାଲକୋ ନଗର, ୨୬ା୬(ସମିସ): ନାଲକୋନଗର ସରସ୍ୱତୀ ବିଦ୍ୟା ମନ୍ଦିରର ଏନସିସି କ୍ୟାଡେଟ୍‌ମାନେ ସରାଙ୍ଗ ଇନ୍ଦିରା ଗାନ୍ଧୀ ବୈଷୟିକ ବିଦ୍ୟାଳୟରେ ଅନୁଷ୍ଠିତ ଏନସିସି ବାର୍ଷିକ ପ୍ରଶିକ୍ଷଣ ଶିବିରରେ ଭାଗନେଇ ସଫଳତା ପ୍ରମାଣପତ୍ର ହାସଲ କରିଛନ୍ତି। ଏହି ଶିବିର ଜୁନ୍ ୧୭ରୁ ଆରମ୍ଭ ହୋଇ ୨୬ରେ ଶେଷ ହୋଇଥିଲା। ଢେଙ୍କାନାଳ ଏନସିସି ବାଟାଲିୟନ ତରଫରୁ ଆୟୋଜିତ ଏହି ଶିବିରରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ପ୍ରାୟ ୬୦୦ କ୍ୟାଡେଟ୍ ଯୋଗଦେଇଥିଲେ। ନାଲକୋନଗର ସରସ୍ୱତୀ ବିଦ୍ୟା ମନ୍ଦିରରୁ ୧୨ ଜଣ ପୁଅ ଓ ୧୨ ଜଣ ଝିଅ ଶିବିରରେ ଭାଗ ନେଇଥିଲେ। ଏନସିସି ଅଧିକାରୀ ଜଗନ୍ନାଥ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ କ୍ୟାଡେଟ୍‌ମାନେ ଦୀର୍ଘ ୧୦ ଦିନର ପ୍ରଶିକ୍ଷଣ ସମ୍ପୂର୍ଣ୍ଣ କରିବାରେ ସଫଳ ହୋଇଛନ୍ତି। ଉକ୍ତ ପ୍ରଶିକ୍ଷଣ ବର୍ଗରେ କ୍ୟାଡେଟ୍‌ମାନେ ବନ୍ଧୁକ ଚାଳନା, ମାନଚିତ୍ର ପଠନ, ଶାରୀରିକ ଶିକ୍ଷା, ଖେଳକୁଦ, ସାଂସ୍କୃତିକ କାର୍ଯ୍ୟକ୍ରମ, ବିଭିନ୍ନ ପ୍ରକାର ସାମରିକ କସରତ, ଜାତୀୟ



ସଂହତି, ରୋଡ୍‌ମାର୍ଚ୍ଚ, ପର୍ବତାରୋହଣ, ଅଗ୍ନି ନିରାପତ୍ତା ଇତ୍ୟାଦି ବିଷୟରେ ପ୍ରଶିକ୍ଷଣ ପାଇଥିଲେ। ବିଦ୍ୟାମନ୍ଦିରର ଛାତ୍ରୀ ଦିପ୍ୟାଶା ପ୍ରଧାନ, ସାଇପ୍ରଜ୍ଞା ସାହୁ, ରାଜଶ୍ରୀ ବେହେରା, ସସ୍ମିତା ସାହୁ, ଅର୍ପିତା ବାରିକ ପ୍ରମୁଖ କମାଣ୍ଡିଂ ଅଫିସର କର୍ଣ୍ଣେଲ ସିସି ନାଗ୍‌ଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ବିଦ୍ୟାଳୟ ତରଫରୁ କ୍ୟାଡେଟ୍ ମିଲନ୍ ଦେହୁରୀ, ଆୟୁଷ୍ମାନ ସାହୁ, ପ୍ରିନ୍ସ ପ୍ରଧାନ, ସୌମ୍ୟଜିତ୍ ପ୍ରଧାନ, ମଧୁସ୍ମିତା ପରିଡ଼ା, ଶ୍ରଦ୍ଧାଞ୍ଜଳି ସାହୁ, ପ୍ରିୟଦର୍ଶିନୀ ପରିଡ଼ା, ବିଶ୍ୱବନ୍ଦିତା ବେହେରା ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଶ୍ୱଜିତ୍ ତ୍ରିପାଠୀ ଏହି ସଫଳତା ପାଇଁ ସମସ୍ତ କ୍ୟାଡେଟ୍‌ଙ୍କୁ ସାଧୁବାଦ ଜଣାଇଛନ୍ତି।

# ପିଏଫ୍ କମିଶନରଙ୍କୁ ଭେଟିଲେ ନାଲକୋ ଅଫିସର୍ସ ଆସୋସିଏସନ



ନାଲକୋ ନଗର, ୨୬ା୬(ସମିସ): ଅନୁଗୋଳସ୍ଥିତ ନାଲକୋ ଅଫିସର୍ସ ଆସୋସିଏସନର କର୍ମକର୍ତ୍ତା ପିଏଫ୍ କମିଶନ ଅଫିସରେ ଭାରପ୍ରାପ୍ତ କମିଶନର ଆବେର୍ଶ ମିଶ୍ରଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ସଂଘର ସଦସ୍ୟମାନଙ୍କର ପେନସନ ସମ୍ବନ୍ଧିତ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଛନ୍ତି। ଉକ୍ତ ଆଲୋଚନାରେ ମିଶ୍ର ସମସ୍ତ ବିଷୟ ଶୀଘ୍ର ସମାଧାନ କରିବା ପାଇଁ ନାଲକୋନଗର ଓ ଦାମନଯୋଡ଼ିରେ ସ୍ୱତନ୍ତ୍ର ସମାଧାନ ଶିବିର ଆୟୋଜନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସଂଘ ତରଫରୁ ସମ୍ପାଦକ ନଳିନୀକାନ୍ତ ପଣ୍ଡା ଏକ ଦାବିପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି କିଶୋର କୁମାର ବେହେରା, ଶରତ ଚନ୍ଦ୍ର ହେମ୍ବ୍ରମ, ସହ ସମ୍ପାଦକ ଦେବପ୍ରସାଦ ମହାପାତ୍ର ଓ ପ୍ରଦୀପଚନ୍ଦ୍ର ମଲ୍ଲିକ, ଦାମନଯୋଡ଼ି ଅଫିସର୍ସ ଆସୋସିଏସନର ସାଧାରଣ ସମ୍ପାଦକ ରଣଜିତ ନାୟକ ଉପସ୍ଥିତ ରହି ସମସ୍ୟା ବିଷୟରେ ଅବଗତ କରାଇଥିଲେ।

# ସାମ୍ବାଦିକ ଗୌରବ ଦିବାକର ମିଶ୍ରଙ୍କ ଜୟନ୍ତୀ

ତାଳଚେର, ୨୬ା୬(ସମିସ): ତାଳଚେରର ଜଣାଶୁଣା ସାମ୍ବାଦିକ ତଥା ବିଶିଷ୍ଟ ବ୍ୟଙ୍ଗ ଚିତ୍ରକାର ସାମ୍ବାଦିକ ଗୌରବ ସ୍ୱର୍ଗତ ଦିବାକର ମିଶ୍ରଙ୍କ ୧୧୦ତମ ଜୟନ୍ତୀ ତାଳଚେର ସହର ବଜାର ଛକରେ ପାଳିତ ହୋଇଛି। ଏଥିରେ ତାଳଚେର ନଗରପାଳ ପବିତ୍ର ଭୂତିଆ ଓ ଅନୁଗୋଳ ଜିଲ୍ଲା ବିଜେପି ସଭାପତି ଯଯାତି ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସ୍ୱର୍ଗତ ମିଶ୍ରଙ୍କ ଜୀବନ ସ୍ମୃତିକୁ ମନେ ପକାଇ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ନଗରପାଳ କେଶବ ଭୂତିଆ, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ଜିତେନ୍ଦ୍ର କୁମାର ଦାସ, ବରିଷ୍ଠ ଆଇନଜୀବୀ ଗିରିଜା ଶଙ୍କର



ମିଶ୍ର, ବିଜେଡି ନେତା ଜ୍ୟୋତିରଞ୍ଜନ ଦାସ, କାଉନସିଲର ଆସିଫ୍ ଖାନ୍, ସନ୍ତୋଷ କୁମାର ବେହେରା, ବାବୁନି ସ୍ୱାଇଁ, ଦେବନ ବେହେରା, ସାମ୍ବାଦିକ ଭାଗୀରଥି ମହାପାତ୍ର, ପ୍ରଦୀପ ମହାରଣା, ବଜରଙ୍ଗ ଅଗ୍ରୱାଲା, ସୌଭାଗ୍ୟ ମହାରଣା, ନରତ୍ତୋମ ସାମନ୍ତ, ବିଜି ସାହୁ, ସମାଜସେବୀ ବେଣୁଧର ଦାସ, ସ୍ମୃତିକମିଟି ସଂଯୋଜକ ତପନ ମହାରଣା, ସାମ୍ବାଦିକ ଦେବୀ ମିଶ୍ରଙ୍କ ସମେତ ବହୁ ବୁଦ୍ଧିଜୀବୀ, ବ୍ୟବସାୟୀ ଓ ଜନସାଧାରଣ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସିଟିଜେନ୍ ଫୋରମ୍ ଆବାହକ ଜିତେନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ତାଳଚେରେ ହାଟତୋଟାସ୍ଥିତ ପ୍ରେସ କ୍ଲବ ପରିସରରେ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ସଭାରେ ସାମ୍ବାଦିକମାନେ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। ଏଥିରେ ସାଧାରଣ ସମ୍ପାଦକ ଡ. ରଶ୍ମିରଞ୍ଜନ ମିଶ୍ର, ସାମ୍ବାଦିକ ତପନ କୁମାର ମହାରଣା, ବିଜୟ କୁମାର ଦେବତା, ପ୍ରକାଶ ସାହୁ, ଗିରୀଶ ସାମଲ, ସମାଜସେବୀ କ୍ଷୀରୋଦ ସାହୁ, ଚିତ୍ତରଞ୍ଜନ ପାଣି, ବିଜୟ ଦେବତା, ମଦନ ମୋହନ ସାହୁ, ରାଜକିଶୋର ସାହୁ, ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷା ଶୋଭାଗିନୀ ଦେବୀ ପ୍ରମୁଖ ଯୋଗଦେଇଥିଲେ। ସାମ୍ବାଦିକ ଦେବୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ରାମଚନ୍ଦ୍ର ବଜାରସ୍ଥିତ ପବ୍ଲିକ୍ ସର୍ଭିସ୍ ୟୁନିଟ୍‌ରେ ସ୍ୱର୍ଗତ ମିଶ୍ରଙ୍କ ଜୟନ୍ତୀ ପାଳିତ ହୋଇଛି।

• ରାଜ୍ୟସ୍ତରୀୟ ବନ୍ଧୁକ ଚାଳନା ପ୍ରତିଯୋଗିତା

# ତାଳଚେରକୁ ୧୦ ପଦକ




ତାଳଚେର, ୨୬ା୬(ସମିସ): ରାଜ୍ୟସ୍ତରୀୟ ବନ୍ଧୁକ ଚାଳନା ପ୍ରତିଯୋଗିତାରେ ତାଳଚେର ରାଇଫଲ କ୍ଲବର ୧୦ଜଣ ପ୍ରତିଯୋଗୀ ମେଡାଲ ପାଇବାରେ ସଫଳ ହୋଇଛନ୍ତି। ଏଥିରେ ତାଳଚେର ରାଇଫଲ କ୍ଲବର କୋଷାଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ସାହୁ ୨୨ ପିସ୍ତଲ ସିନିୟର ଭେଟରାନରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ସମ୍ପାଦକ ଶରତ ଦେବ ୨୨ ପିସ୍ତଲ ମାଷ୍ଟରରେ ରୌପ୍ୟ ପଦକ, ମନୋରଞ୍ଜନ ଦାସ ୨୨ ପିପି ସାଇଟ ରାଇଫଲରେ ରୌପ୍ୟ ପଦକ, ୟୁଥ ଗ୍ରୁପରେ ସୋମନାଥ ବାରିକ ୧୭୭ ପିପି ସାଇଡ ରାଇଫଲରେ ସ୍ୱର୍ଣ୍ଣ ପଦକ, ସାଇନା ସାହୁ ସ୍ୱର୍ଣ୍ଣ ପଦକ, ଆର୍ଯ୍ୟମାନ ସିଂଘାନିଆଁ ୨୨ ପିପି ସାଇଡ ରାଇଫଲରେ ସ୍ୱର୍ଣ୍ଣ ପଦକ, ରିତିକା ରାଜ ରୌପ୍ୟ ପଦକ, ଆୟୁଷ୍ମାନ ଦାସ ରୌପ୍ୟ ପଦକ, ଅମ୍ରିତ ଆନନ୍ଦ ରୌପ୍ୟ ପଦକ, ଶୁଭମ ମହାପାତ୍ର କାଂସ୍ୟ ପଦକ ହାସଲ କରି ଅନୁଗୋଳ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି।

# ମାନସିକ ସ୍ୱାସ୍ଥ୍ୟ ଉପରେ ତାଲିମ

କିଶୋରନଗର, ୨୬ା୬(ସମିସ): ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ ପ୍ରଶିକ୍ଷଣ କେନ୍ଦ୍ର ଠାରେ ଜିଲ୍ଲାସ୍ତରୀୟ ମାନସିକ ସ୍ୱାସ୍ଥ୍ୟ ଓ ବିକାଶ ପ୍ରକଳ୍ପ ଦ୍ୱାରା ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ, ସମ୍ମାନିତ ଅତିଥି ଭାବରେ ଡା. ରଶ୍ମିତା ଭଞ୍ଜଦେଓ, ମୁଖ୍ୟବକ୍ତା ଭାବେ ଭଲ୍ୟୁନଟିଅର ତଥା ଆଶାକର୍ମୀ ସହଯୋଗ କରିଥିଲେ। ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଓ ଡା. ରଶ୍ମିତା ଭଞ୍ଜଦେଓ ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧୀନରେ ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ ୟୁନିଟରେ ଆବଶ୍ୟକ ମାନସିକ ରୋଗ ଚିକିତ୍ସା ପାଇଁ ବିଭିନ୍ନ ପ୍ରକାରର ଔଷଧ ନିଃଶୁଳ୍କ ଉପଲବ୍ଧ ବୋଲି କହିଥିଲେ। ଔଷଧର ଉପଲବ୍ଧତା




ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ବେସିକ୍ ନିଡ୍ସ ଇଣ୍ଡିଆ (ବେଙ୍ଗାଲୁରୁ)ର ରାଜ୍ୟ ସଂଯୋଜକ ରାଜୀବ କୁମାର କର୍ମୀ ଯୋଗଦେଇ ମାନସିକ ରୋଗୀଙ୍କ ଚିକିତ୍ସା ସମ୍ବନ୍ଧରେ ଆଲୋଚନା କରିଥିଲେ। ତାଙ୍କର ଦୈନିକ ଔଷଧ ଖାଇବା, ଭତ୍ତା, ଗୃହ ବ୍ୟବସ୍ଥା ତଥା ସେମାନେ କେମିତି ମୁଖ୍ୟ ସ୍ରୋତରେ ସାମିଲ୍ ହେବେ ସେ ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସୁବାସିନୀ ସାହୁ, ପୁଷ୍ପଲତା ପ୍ରଧାନ, ପୁନିଆ ସାହୁ, ଜସ୍ମିତା ପ୍ରଧାନ, ସମସ୍ତ କମ୍ୟୁନିଟୀ ଜିଲ୍ଲାର ଷ୍ଟକ୍ ଅନୁଯାୟୀ ପରିବର୍ତ୍ତନଶୀଳ ହୋଇପାରେ। ମାନସିକ ରୋଗୀଙ୍କ ପାଇଁ ନିୟମିତ ଫଲୋଅପ୍ ଅତ୍ୟନ୍ତ ଜରୁରୀ। ଏହା ଦ୍ୱାରା ରୋଗର ଉନ୍ନତି ନିରୀକ୍ଷଣ କରାଯାଏ। ଔଷଧର ପ୍ରଭାବ ଓ ପାର୍ଶ୍ୱ ପ୍ରତିକ୍ରିୟା ଜାଣିହେବ। ରୋଗ ପୁନର୍ବାର ବଢ଼ିବା ଆଶଙ୍କା କମିଥାଏ। ରୋଗୀ ନିୟମିତ ଔଷଧ ସେବନ କରୁଛନ୍ତି କି ନାହିଁ ତାହା ଯାଞ୍ଚ କରାଯାଏ। ରୋଗୀ ଓ ପରିବାରକୁ ଆବଶ୍ୟକ ପରାମର୍ଶ ଦିଆଯାଏ। ଏହି ସବୁ ବିଷୟଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା।

# ନିଶାଦ୍ରବ୍ୟ ଅପବ୍ୟବହାର ଓ ଅବୈଧ ଚାଲାଣ ବିରୋଧୀ ଦିବସ ପାଳିତ






ଅନୁଗୋଳ, ୨୬ା୬(ସମିସ)

ଜିଲ୍ଲା ପ୍ରଶାସନ, ସାମାଜିକ ସୁରକ୍ଷା ବିଭାଗ, ଜିଲ୍ଲା ଅବକାରୀ ବିଭାଗ ଏବଂ ସ୍ଥାନୀୟ ସାମାଜିକ ସଂଗଠନ 'ସ୍ପନ୍ଦନ'ର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଏବଂ ଚୋରା ଚାଲାଣ ବିରୋଧୀ ଦିବସ ଉପଲକ୍ଷେ ବିଶାଳ ସଚେତନତା ପଦଯାତ୍ରା ଅନୁଷ୍ଠିତ ହେବା ସହ ସଚେତନତା ରଥର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷିକା ମଧୁସ୍ମିତା ନାୟକ ଉଦଘାଟନ କରି କହିଲେ, ବର୍ତ୍ତମାନ ଯୁବଗୋଷ୍ଠୀଙ୍କ ମଧ୍ୟରେ ନିଶା ସେବନ ଓ ଏହାର ଚୋରା ଚାଲାଣ ବଢ଼ିବାରେ ଲାଗିଛି। ଯଦି ସମାଜରୁ ନିଶା ବ୍ୟବହାର ବନ୍ଦ ହୋଇଯାଏ, ତେବେ ଚୋରା ଚାଲାଣ ଆପେ ଆପେ ବନ୍ଦ ହୋଇଯିବ। ଏଥିପାଇଁ ପ୍ରତ୍ୟେକ ନାଗରିକଙ୍କ ସଚେତନତା ସହ କଡ଼ା ଆଇନ ଓ କଠୋର ଦଣ୍ଡବିଧି ନିହାତି ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ। ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଜିଲ୍ଲା ଅଧିକାରୀ ମନିଷ ଏକ୍କା ଚଳିତ ବର୍ଷର ଆଭିମୁଖ୍ୟ 'ବିଶ୍ୱ ଡ୍ରଗ୍ସ ସମସ୍ୟା: ନିଶ୍ଚଳ ଜଟିଳତା, ନୂଆ ଆହ୍ୱାନ, ଅଭିନବ ପ୍ରତିକାରଥ' ଉପରେ ଆଲୋକପାତ କରିଥିଲେ। ସେ ନିଶା ମୁକ୍ତ ହେବାକୁ ଚାହୁଁଥିବା ବ୍ୟକ୍ତିବିଶେଷଙ୍କୁ ଜିଲ୍ଲାରେ ଥିବା ନିଶା ନିବାରଣ କେନ୍ଦ୍ରର ସହାୟତା ନେବାକୁ ପରାମର୍ଶ ଦେଇଥିଲେ। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ସେବନ, ଯୋଗ, ପ୍ରାଣାୟାମ କରିବା ସହିତ ନିଶାଗ୍ରସ୍ତ ସାଙ୍ଗସାଥୀଙ୍କ ଠାରୁ ଦୂରେଇ ରହିଲେ ନିଶ୍ଚିତ ଭାବେ ନିଶା ମୁକ୍ତ ହୋଇପାରିବେ ବୋଲି ସେ ଆହ୍ୱାନ ଦେଇଥିଲେ। ଅବକାରୀ ବିଭାଗର ଉପ-ଅଧିକ୍ଷକ ଧୀରେନ କୁମାର ବେହେରା ଯୋଗଦେଇ ଜିଲ୍ଲା ଅବକାରୀ ବିଭାଗର ବିଗତ ଦିନର ସଫଳତା ଓ ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ। ସାମାଜିକ ସଂଗଠନ 'ସ୍ପନ୍ଦନ'ର ଅମୟ ମଲ୍ଲିକ ଉପସ୍ଥିତ ସମସ୍ତ ଜନସାଧାରଣଙ୍କୁ 'ନିଶା ମୁକ୍ତ ଭାରତ' ଗଠନରେ ସହଯୋଗ କରିବା ପାଇଁ ଶପଥ ପାଠ କରାଇଥିଲେ। ଏହି ଜନସଚେତନତା ପଦଯାତ୍ରାରେ ତାଏକ୍ୱୋଣ୍ଡୋ ଆସୋସିଏସନର ସମ୍ପାଦକ ଶ୍ରୀ ଦୁଷ୍ମନ୍ତ ନାଥ, ଓଁ ବିଦ୍ୟା ଭାରତୀ ସମୂହ ଆବାସିକ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଦ୍ୟାଳୟର ଅନ୍ତେବାସୀ, ଜିଲ୍ଲା ଅବକାରୀ ବିଭାଗ ଓ ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀବୃନ୍ଦ ଏବଂ ସାମାଜିକ ଅନୁଷ୍ଠାନ 'ଐରା'ର ସଦସ୍ୟମାନେ ସାମିଲ ହୋଇ ସାଧାରଣ ଜନତାଙ୍କୁ ନିଶାମୁକ୍ତ ଭାରତ ଅଭିଯାନ ସମ୍ପର୍କରେ ସଚେତନ କରିଥିଲେ।

**ଅନୁଗୋଳ:** ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ନିରଞ୍ଜନ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ସ୍ଥାନୀୟ ମହିମାଜ୍ୟୋତି ସାଇନ୍ସ କଲେଜରେ ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ ଅବୈଧ ଚାଲାଣ ବିରୋଧୀ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ବିଶ୍ୱକଲ୍ୟାଣୀ ମିଶ୍ର, ଡନ୍ ୟୁନିଟର ସଦସ୍ୟ ରଶ୍ମିତା ଭଞ୍ଜଦେଓ, ଡିଏସପି ଲଳିତା ଲାକ୍ରା, ଅବକାରୀ ବିଭାଗ ଡିଏସପି ଧୀରେନ୍ କୁମାର ବେହେରା, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ଓ ନିଶାସକ୍ତ ବ୍ୟକ୍ତିମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝାଇଥିଲେ। ସେମାନଙ୍କୁ ଦୂରେଇ ନ ଦେଇ ସେମାନଙ୍କ ପୁନର୍ବାସ ପାଇଁ ଗ୍ରହଣୀୟତା ବୃଦ୍ଧି କରାଇବା ଓ ନିଶା ନିବାରଣ କାର୍ଯ୍ୟରେ ସହାୟକ ହେବା, ନିଶା ନିବାରଣ ନିମନ୍ତେ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ମତବ୍ୟକ୍ତ କରିଥିଲେ। ଏହା ସହ ନିଶାଦ୍ରବ୍ୟର ଅବୈଧ ବିକ୍ରି କିପରି ବନ୍ଦ ହୋଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ନିଶାଦ୍ରବ୍ୟର କୁପରିଣାମ ଭିଡିଓ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ମହିମାଜ୍ୟୋତି ସାଇନ୍ସ କଲେଜର ଅଧ୍ୟାପକ ଓ ଅଧ୍ୟାପିକା, ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ବିଶ୍ୱକଲ୍ୟାଣୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଲେଜ ଅଧ୍ୟକ୍ଷ ସତ୍ୟବ୍ରତ ଗଡ଼ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ରାଜକନିକା,୨୬।୬(ସମିସ): ଆଜି ମଧ୍ୟାହ୍ନ ସମୟରେ ରାଜକନିକା-ଜୟନଗର ରାସ୍ତାର ଶିଶୁଆଠାରେ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହେବା ସହ ଅନ୍ୟ ଜଣେ ଗୁରୁତର ଆହତ ହୋଇ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି। ରାଜକନିକା ଥାନା ଅଧୀନ ଗଞ୍ଜା ଗ୍ରାମର ତ୍ରିଲୋଚନ ସାହୁଙ୍କ ପୁଅ ତପନ ସାହୁ (୨୪) ଓ ତେନ୍ତୁଳିକୋଳି ଗ୍ରାମର ଶ୍ରୀନିବାସ ସେଠୀଙ୍କ ପୁଅ ସୌଭାଗ୍ୟ ସେଠୀ (୨୩) ସ୍କୁଟି ନେଇ ଭୋଜି ଖାଇବାକୁ ଖୁଣ୍ଟା ଗାଁକୁ ଯାଉଥିବାବେଳେ ଭାରସାମ୍ୟ ହରାଇ ଏକ ଗଛରେ ଧକ୍କା ହୋଇଯିବାରୁ ଘଟଣାସ୍ଥଳରେ ସୌଭାଗ୍ୟଙ୍କ ମୃତ୍ୟୁ ହୋଇଥିବ ବେଳେ ତପନ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ଓ ରାଜକନିକା ଅଗ୍ନିଶମ କର୍ମଚାରୀ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ସୌଭାଗ୍ୟଙ୍କୁ ମୃତ ଘୋଷଣା କରିଥିବାବେଳେ ତପନଙ୍କ ମୁଣ୍ଡରେ ଆଘାତ ଲାଗିଥିବାରୁ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ସୌଭାଗ୍ୟଙ୍କ ମୃତଦେହକୁ ଆଜିରେ ବ୍ୟବଚ୍ଛେଦ କରାଯାଇ ଗାଁରେ ଶେଷକୃତ୍ୟ କରାଯାଇଛି। ସୌଭାଗ୍ୟ ଜଣେ ଟ୍ରାକ୍ଟର ଡ୍ରାଇଭର ଭାବେ କାମ କରୁଥିଲେ।

### ଭୂଇଁପୁର-କଳମଡା ରାସ୍ତା ମରଣଯନ୍ତା

# ରାସ୍ତାରେ ଆଣ୍ଠୁଏ କାଦୁଅ, ଲୋକେ ହନ୍ତସନ୍ତ

ଆଳି, ୨୬।୬(ସମିସ)

ଆଳି ବ୍ଲକ୍‌ର ଜୀବନରେଖା କୁହାଯାଉଥିବା ନଦୀବନ୍ଧର ସୁରକ୍ଷା ପାଇଁ ହେଉଥିବା କାମରେ ଅନିୟମିତତା ନେଇ ବାରମ୍ବାର ଖବର ପ୍ରସାରଣ ହେଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଚେତିବାର ନାଁ ନେଉନାହାନ୍ତି। ପଥର ପ୍ୟାକିଂଠାରୁ ଆରମ୍ଭ କରି ନଦୀବନ୍ଧ କାମରେ ଅନିୟମିତତା ପାଇଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ନଦୀବନ୍ଧର ଆଳି ବ୍ଲକ ଅଧୀନ ଭୂଇଁପୁରରୁ କଳମଡା ରାସ୍ତା ପ୍ରାୟ ଦେଢ଼ କିଲୋମିଟର ରାସ୍ତା ପିଚୁ କରାଯିବାକୁ ଅର୍ଥ ମଞ୍ଜୁର ହୋଇଛି। ଦୁଇମାସ ପୂର୍ବେ ଆରମ୍ଭ ହୋଇଥିବା କାମ ମନ୍ଥର ଗତିରେ ଚାଲୁଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଠିକାଦାର ନଦୀବନ୍ଧରେ ମାଟି ପକାଇ ଛୁ ମାରିଛି। ବର୍ଷା ହେବାରୁ ରାସ୍ତାରେ ଆଣ୍ଠୁଏ କାଦୁଅ ହୋଇଥିବାରୁ ଯାତାୟାତ କରିବା କଷ୍ଟକର ହୋଇପଡିଛି। ଉକ୍ତ ରାସ୍ତା ଉପରେ ଭୂଇଁପୁର, ବାଲିସାହି, କଳମଡା, ବଉଳଯୋଡ଼ି, ଶାସନ, ପଦନୀପାଳ ଆଦି ଗ୍ରାମର ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରୁଛନ୍ତି। ଏହି ରାସ୍ତା କାଦୁଅ ହୋଇଥିବାରୁ ଲୋକେ ଯାତାୟାତରେ ସମସ୍ୟା ଭୋଗ କରୁଛନ୍ତି। ସେହିପରି ଅଗ୍ନିଶମ ଓ ଆମ୍ବୁଲାନ୍ସ ଗାଡ଼ି



ମଧ୍ୟ ଏହି ରାସ୍ତା ଯାଇପାରୁନାହିଁ। ତୁରନ୍ତ ଏହି ରାସ୍ତାର ମରାମତି କରା ନ ଗଲେ ସ୍ଥାନୀୟ ଅଞ୍ଚଳର ସତ୍ୟରଞ୍ଜନ ରାଉତରାୟ, ଦୈତାରୀ ସୂତାର, ଅଭିରାମ ବିଶ୍ୱାଳ, ମନୋରଞ୍ଜନ ବେହୁରିଆ, ସୁଶାନ୍ତ ବେହୁରିଆ, ପ୍ରଶାନ୍ତ ବିଶ୍ୱାଳ, ସୌମ୍ୟରଞ୍ଜନ ବିଶ୍ୱାଳ, ହିମାଦ୍ରୀ ରାଉତରାୟ, ରଞ୍ଜନ ବିଶ୍ୱାଳ, ପ୍ରମୋଦ ବିଶ୍ୱାଳ, ରଶ୍ମିରଞ୍ଜନ ବେହୁରିଆ, ପାଣ୍ଡବ ବିଶ୍ୱାଳ, ରଶ୍ମିରଞ୍ଜନ ବିଶ୍ୱାଳ, ସୁରେନ୍ଦ୍ର ରାଉତ, ଚିତ୍ତରଞ୍ଜନ ଦାସ, ଯଶୋବନ୍ତ ବିଶ୍ୱାଳ, ଦାମୋଦର ମଲିକ, ବିଚିତ୍ର ମଲିକ, ନଣ୍ଡା ମଲିକ ପ୍ରମୁଖ ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

## ବଡ଼କୂଳ ପଞ୍ଚାୟତ କାର୍ଯ୍ୟାଳୟରେ ପାଇଖାନା ନିର୍ମାଣରେ ଅନିୟମିତତା ଅଭିଯୋଗ

ମହାକାଳପଡ଼ା, ୨୬।୬(ସମିସ): ମହାକାଳପଡ଼ା ବ୍ଲକ ଅଧୀନ ବଡ଼କୂଳ ପଞ୍ଚାୟତ କାର୍ଯ୍ୟାଳୟରେ ପାଇଖାନା ନିର୍ମାଣ ପାଇଁ ୧ ଲକ୍ଷ ୬୩ ହଜାର ୧୫ ଟଙ୍କା ଖର୍ଚ୍ଚ କରାଯାଇଥିବା ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ସାଧାରଣ ଲୋକଙ୍କ ପାଇଁ ସରକାର ପାଇଖାନା ନିର୍ମାଣ ନିମନ୍ତେ ମାତ୍ର ୧୨ ହଜାର ଟଙ୍କା ଓ ଆବାସ ଯୋଜନାରେ ୧ ଲକ୍ଷ ୨୦ ହଜାର ଟଙ୍କା ଯୋଗାଇ ଦେଉଥିବାବେଳେ ପଞ୍ଚାୟତ କାର୍ଯ୍ୟାଳୟର ପାଇଖାନା ନିର୍ମାଣ ପାଇଁ ଅଧିକ ଅର୍ଥ ବ୍ୟୟ କରାଯାଇଥିବା ଘଟଣାକୁ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପାଇଖାନା ନିର୍ମାଣ କାର୍ଯ୍ୟରେ ସରକାରୀ ଅର୍ଥର ଅପବ୍ୟୟ ହୋଇଥିବା ସନ୍ଦେହ ହେଉଛି। ଏ ନେଇ ଗ୍ରାମବାସୀ ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହିତ ନିର୍ମାଣ କାର୍ଯ୍ୟର ମାନ ଯାଞ୍ଚ କରିବାକୁ ଦାବି କରିଛନ୍ତି। ଏଥିସହ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଭୂମିକାର ମଧ୍ୟ ତଦନ୍ତ କରାଯାଇ ଆବଶ୍ୟକ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସାଧାରଣ ଲୋକ ଦାବି କରିଛନ୍ତି। ଏ ନେଇ ପଞ୍ଚାୟତ କର୍ତ୍ତୃପକ୍ଷ କିମ୍ବା ସମ୍ପୃକ୍ତ ବିଭାଗର ପ୍ରତିକ୍ରିୟା ମିଳିପାରିନାହିଁ। ତଦନ୍ତ ହେଲେ ପ୍ରକୃତ ଘଟଣା ସାମ୍ନାକୁ ଆସିବ ବୋଲି ସ୍ଥାନୀୟ ଲୋକ ମତ ପ୍ରକାଶ କରିଛନ୍ତି।

## କ୍ରେଡିଟ୍ କୋଅପରେଟିଭ୍ ସୋସାଇଟି ପକ୍ଷରୁ ବ୍ରହ୍ମାଂଶଙ୍କୁ ସମ୍ବର୍ଦ୍ଧନା

ଡେରାବିଶ, ୨୬।୬(ସମିସ): ଜାତୀୟ ପାୱାରଲିଫ୍ଟିରେ ସ୍ୱର୍ଣ୍ଣପଦକ ଜିତିଥିବା ଦୁମୁକାହାଟ ଗ୍ରାମର ବ୍ରହ୍ମାଂଶୁ ମହାରଣା (୧୭)ଙ୍କୁ କେନ୍ଦ୍ରାପଡ଼ା କ୍ରେଡିଟ୍ କୋଅପରେଟିଭ୍ ସୋସାଇଟି



ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଦୁମୁକାହାଟସ୍ଥ ବାସଭବନରେ ସୋସାଇଟିର ସଭାପତି ପ୍ରମୋଦ ସାହୁ ପହଞ୍ଚି ବ୍ରହ୍ମାଂଶୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସୋସାଇଟି ମୁଖ୍ୟ ଶାଖା ପରିଚାଳକ ପଙ୍କଜ ମଲିକ, କର୍ମଚାରୀ ରାଜକିଶୋର କରଙ୍କ ଉପସ୍ଥିତିରେ ବ୍ରହ୍ମାଂଶୁଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାକୁ ଗୌରବାନ୍ୱିତ କରିଥିବାରୁ ସୋସାଇଟି ପକ୍ଷରୁ ତାଙ୍କୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ଶ୍ରୀ ସାହୁ ପ୍ରଦାନ କରିଥିଲେ। ବ୍ରହ୍ମାଂଶୁଙ୍କ ଏହି ସଫଳତା ଜିଲ୍ଲାର ଅନ୍ୟ ଯୁବ ଓ ଛାତ୍ର ବର୍ଗଙ୍କୁ ପ୍ରେରଣା ଯୋଗାଇବ ବୋଲି ଶ୍ରୀ ସାହୁ କହିଛନ୍ତି।

## 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଉଦ୍‌ଯାପିତ

ରାଜନଗର,୨୬।୬(ସମିସ): ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ପାଳନ ଉତ୍ସବ ଉଦଯାପିତ ହୋଇଯାଇଛି। ରାଜନଗର ବ୍ଲକ ପ୍ରଶାସନ ପକ୍ଷରୁ ଚାରିଦିନ ଧରି ଆୟୋଜିତ କାର୍ଯ୍ୟକ୍ରମରେ ବୟବନ୍ଦନା, ମହିଳାଙ୍କ ଆର୍ଥିକ ମୂଳଦୁଆ ସୁଦୃଢ଼, ଆୟୁଷ୍ମାନ, ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ, ଅନ୍ନପୂର୍ଣ୍ଣା ସ୍କିଲ ଡେଭେଲପମେଣ୍ଟ ପ୍ରଭୃତି ବିଭିନ୍ନ ଲୋକ କଲ୍ୟାଣ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇ ସଚେତନତା ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉଦଯାପନୀ ଦିବସରେ ରାଜନଗର ବିଡିଓ ଅଶୋକ ମହାନ୍ତିଙ୍କ ପୌରୋହିତ୍ୟ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରତିଭା ପାତ୍ର, ତହସିଲଦାର ଯୀଶୁକ୍ରିଷ୍ଟ ଦାସ, ମେଡିକାଲ ଅଫିସର ଡାକ୍ତର ରଶ୍ମିରଞ୍ଜନ ମହାନ୍ତି, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ସାରଦା ନାୟକ, ଯୋଗାଣ ଅଧିକାରୀ ସ୍ୱରୂପ ଦାସ, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ। ଇଂ ପ୍ରଭାତ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଏସଏସଓ ମନୋଜ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ରଘୁଦେଇପୁର କୃଷି ସମବାୟ ସମିତିର ନୂତନ ଗୃହ ଉଦ୍‌ଘାଟିତ



ପଞ୍ଚୁପାଣ୍ଡବ,୨୬।୬(ସମିସ): ରଘୁଦେଇପୁର ପଞ୍ଚାୟତର ନୋଳସାହି ଗ୍ରାମରେ ଥିବା ପ୍ରାଥମିକ କୃଷି ସମବାୟ ସମିତିର ନୂତନ ଗୃହ ଓ ପାରିପାର୍ଶ୍ୱିକ ଉନ୍ନତିକରଣ କାର୍ଯ୍ୟର ଉଦ୍‌ଘାଟନ ହୋଇଛି। ମୁଖ୍ୟଅତିଥି ଭାବେ କଟକ କେନ୍ଦ୍ର ସମବାୟ ସମିତି ସଦସ୍ୟ ତଥା ରଘୁଦେଇପୁର ସମିତି ସଭାପତି ସରୋଜକାନ୍ତ ସାହୁ ଉଦ୍‌ଘାଟନ କରିଛନ୍ତି। ଏଥିସହିତ ଶତାଧିକ ଚାଷୀଙ୍କୁ ନେଇ କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଥିଲା। ଏହି ମେଳାରେ କୃଷକ ଶ୍ରମିକ ସଙ୍ଘ ସଭାପତି ପଣ୍ଡିତ ଶରତ ମିଶ୍ର ଯୋଗ ଦେଇଥିଲେ। ସମିତିର ସମ୍ପାଦକ ଜୟପ୍ରକାଶ ସ୍ୱାଇଁଙ୍କ ନେତୃତ୍ୱରେ ସମ୍ମାନିତ ଅତିଥି ଭାବେ ସମିତିର ପୂର୍ବତନ ସଭାପତି ଚନ୍ଦ୍ରମଣି ମହାରଣା, ସମିତି ସମ୍ପାଦକ ସଂଘର ସଭାପତି ଗୌରାଙ୍ଗ ପ୍ରଧାନ, ଗଙ୍ଗାଧର ମଲ୍ଲିକ, ଭବାନୀ ଓଝା, ଅର୍ଜୁନ ଘଡ଼ାଇ, ନିରଞ୍ଜନ ଦାଶ, ଖଗେଶ୍ୱର ସିଂ, କୈଳାସ ସାହୁ, ଭରତ ସିଂ, କାମଦେବ ନାୟକ, ହେମଲତା ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ବେଣୀପୁର, ରଘୁଦେଇପୁର, କୁରୁଜଙ୍ଗା, ମଙ୍ଗଳପୁର ଓ ଲକ୍ଷ୍ମୀନାରାୟଣ ପଞ୍ଚାୟତର ଶତାଧିକ ଚାଷୀ ଉପସ୍ଥିତ ଥିଲେ।

## ଆନ୍ତର୍ଜାତିକ ନିଶା ନିବାରଣ ଦିବସ ପାଳିତ

ପଟ୍ଟାମୁଣ୍ଡାଇ,୨୬।୬(ସମିସ): ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ଆନ୍ତର୍ଜାତିକ ନିଶା ନିବାରଣ ଦିବସ ପାଳିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ତାଲୁକ ଆଇନ




ସେବା ସମିତି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଜଜ ବିଦ୍ୟାଧର ପୃଷ୍ଟିଙ୍କ ପୌରୋହିତ୍ୟରେ ସଚେତନତା ଅଭିଯାନ ପଟ୍ଟାମୁଣ୍ଡାଇ ଦି ବିବେକାନନ୍ଦ ଏକାଡେମୀ ପରିସରରେ ଅନୁଷ୍ଠିତ ହୋଇଛି। ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟର ବିଚାରପତି ଜେଏମଏଫସି ବିଦ୍ୟୁତଲତା ପ୍ରଧାନ, ସିଭିଲ କୋର୍ଟ ସରକାରୀ ଆଡଭୋକେଟ ଧୀରେନ୍ଦ୍ର ସାହୁ, ସରକାରୀ ଓକିଲ ସୁରେଶ କୁମାର ନରେନ୍ଦ୍ର, ବିବେକାନନ୍ଦ ଏକାଡେମୀ ଅଧ୍ୟକ୍ଷ ରାକେଶ ସାହୁ, ଅଧ୍ୟାପକ ରୂପେଶ ସାହୁ ପ୍ରମୁଖ ଯୋଗଦେଇ ସମାଜରୁ ନିଶା ଦ୍ରବ୍ୟକୁ ହଟାଇବା ସହିତ ନିଶା ପାନରୁ ସମସ୍ତଙ୍କୁ ରୋକିବା, ସମାଜରେ ଘଟୁଥିବା ବିଭିନ୍ନ ଅସାମାଜିକ ଘଟଣା, ରାସ୍ତା ଦୁର୍ଘଟଣା ଓ ନିଶାଡିଙ୍କ ପାଇଁ ଥିବା ଆଇନଗତ ବ୍ୟବସ୍ଥା ଉପରେ ଆଲୋକପାତ କରି ସଚେତନତା ସୃଷ୍ଟି କରିଥିଲେ। ସିଭିଲ କୋର୍ଟ ଲିଗାଲ ଏଡ୍ କର୍ମକର୍ତ୍ତା ଅପର୍ଣ୍ଣା ସାମଲ, ମୋହନ ଦାଶ, ଅରବିନ୍ଦ ପଣ୍ଡା, ପିଏଲଭି ସଭ୍ୟ ଅମରେନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇଥିଲେ।

## ସୌର ବ୍ରାହ୍ମଣ ପରିଷଦର ବୈଠକ



ଡେରାବିଶ, ୨୬।୬(ସମିସ): ଡେରାବିଶ ବ୍ଲକ୍ ପଲେଇ ପଞ୍ଚାୟତ ଅନ୍ତର୍ଗତ ମଲ୍ଲିକେଶ୍ୱରପୁରଠାରେ ସୌର ବ୍ରାହ୍ମଣ ପରିଷଦର ରାଜ୍ୟସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ପଣ୍ଡିତ ଅନନ୍ତ ନାୟକଙ୍କ ନୂତନ ଗୃହ ପ୍ରତିଷ୍ଠା ଅବସରରେ ଆୟୋଜିତ ଏହି ଉତ୍ସବରେ ପରିଷଦର ଉପସଭାପତି ଶ୍ରୀ ନାୟକ ସଭାପତିତ୍ୱ କରିଥିବାବେଳେ ପରିଷଦର ରାଜ୍ୟ ସଭାପତି ପଣ୍ଡିତ ରଘୁନାଥ ଦାଶ ମୁଖ୍ୟଅତିଥି, ସହସମ୍ପାଦକ ପଣ୍ଡିତ ଅଚ୍ୟୁତାନନ୍ଦ ନାୟକ ମୁଖ୍ୟବକ୍ତା ଓ କୋଷାଧ୍ୟକ୍ଷ ପଣ୍ଡିତ ମହେଶ୍ୱର ପାତ୍ର, ସଂଯୋଜକ ପଣ୍ଡିତ ଶେଖର ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପଣ୍ଡିତ କୈଳାସ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବର ସଭାପତି ଶ୍ରୀ ନାୟକ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏ ଅବସରରେ ଚଳିତ ବର୍ଷର ସୌର ରଥଯାତ୍ରାର ସମୀକ୍ଷା କରିବା ସହ ଆୟବ୍ୟୟର ଆଲୋଚନା କରାଯାଇଥିଲା। ଏଥିସହିତ ଶାମ୍ବ ଦଶମୀରେ ଅନୁଷ୍ଠିତ ହେବାକୁ ଥିବା ସୌର ରଥଯାତ୍ରା ସମ୍ପର୍କରେ ସୂଚନା ଦେବା ସହ ପ୍ରସ୍ତୁତି ବୈଠକ ଡାକିବାକୁ ନିଷ୍ପତ୍ତି ନିଆଯାଇଥିଲା। ପଣ୍ଡିତ ଧିରେନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ପଟ୍ଟାମୁଣ୍ଡାଇ ଜଳସମ୍ପଦ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ

# ଜିଲ୍ଲାପାଳ ଓ ଏସ୍‌ପିଙ୍କ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ

ପଟ୍ଟାମୁଣ୍ଡାଇ,୨୬।୬(ସମିସ): ପଟ୍ଟାମୁଣ୍ଡାଇ ଜଳସମ୍ପଦ କାର୍ଯ୍ୟାଳୟ ଆଗରେ ଶାସନ ପଞ୍ଚାୟତର ଲୋକ ୨୨ ତାରିଖଠାରୁ କରିଥିବା ଆମରଣ ଅନଶନର ଆଜି ପଞ୍ଚମ ଦିବସରେ ପହଞ୍ଚିଥିଲା। ଅନଶନକାରୀ ୧୬ନଂ କେନାଲ ରାସ୍ତା କାମର ଉପଯୁକ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ଆମରଣ ଅନଶନ କରିଥିଲେ। ପ୍ରଶାନ୍ତ ମହାନ୍ତି, ଧ୍ରୁବ ପାଣ୍ଡବ, ରମାକାନ୍ତ ଦାଶ, ଅର୍ଜୁନ ସାହୁ, ତୀର୍ଥ ପରିଡା, ରଶ୍ମିକାନ୍ତ କୁଣ୍ଡ ପ୍ରମୁଖ ଆମରଣ ଅନଶନରେ ବସିଥିଲେ। ଚତୁର୍ଥ ଦିବସରେ ଅନଶନକାରୀଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କ ମଧ୍ୟରୁ ପ୍ରଶାନ୍ତ, ରମାକାନ୍ତ, ଅର୍ଜୁନ ଓ ରଶ୍ମିକାନ୍ତଙ୍କୁ ପ୍ରଥମେ ପଟ୍ଟାମୁଣ୍ଡାଇ ପରେ ତତ୍କାଳ ଚିକିତ୍ସା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେମାନେ ସୁସ୍ଥ ହୋଇ ଫେରି ପୁଣି ଆମରଣ ଅନଶନ ଜାରି ରଖିଥିଲେ। ପରିସ୍ଥିତି ଦିନକୁ ଦିନ ଜଟିଳ ହେଉଥିବା ଅନୁଭବ କରିବା ପରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଏସପିଙ୍କୁ ଏଥିରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ଓ



ଏସ୍‌ପି ସିଦ୍ଧାର୍ଥ କଟାରିଆ ପଟ୍ଟାମୁଣ୍ଡାଇ ବ୍ଲକରେ ପହଞ୍ଚି ଅନଶନକାରୀଙ୍କୁ ଡାକି ସେମାନଙ୍କ ଦାବି ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଆଲୋଚନାରେ ଆନ୍ଦୋଳନକାରୀଙ୍କ ପକ୍ଷରୁ ପ୍ରଶାନ୍ତ ମହାନ୍ତି, ଅର୍ଜୁନ ସାହୁ, ତୀର୍ଥ ପରିଡ଼ା ଯୋଗଦେଇଥିବାବେଳେ ପଟ୍ଟାମୁଣ୍ଡାଇ ଏସଡିପିଓ ସୁକାନ୍ତ ପାତ୍ର, ଅତିରିକ୍ତ ବିଡିଓ ନନ୍ଦିନୀ ଶତପଥୀ, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଅନଶନକାରୀଙ୍କ ଦାବି ଅନୁଯାୟୀ ତଦନ୍ତ ପାଇଁ ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀଙ୍କୁ ଲେଖିବା ପରେ ମୁଖ୍ୟଯନ୍ତ୍ରୀ ଏହି ରାସ୍ତା ନିର୍ମାଣ ସମ୍ପର୍କରେ ତଦନ୍ତ ପାଇଁ ଏକ ୫ ଜଣିଆ କମିଟି ଗଠନ କରିଥିବା ଓ କମିଟି ରିପୋର୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅନଶନକାରୀଙ୍କୁ ଜଣାଇଥିଲେ। ଅନଶନକାରୀଙ୍କ ଅନ୍ୟ ଦାବି ଏହି କେନାଲ ରାସ୍ତା ସମ୍ପର୍କରେ ଆର ଟି ଆଇରେ ମଗା ଯାଇଥିବା ତଥ୍ୟ ଜିଲ୍ଲାପାଳ ଓ ଏସପିଙ୍କ ନିର୍ଦ୍ଦେଶରେ ଜଳସମ୍ପଦ ଅଧିକାରୀ ଅନଶନକାରୀଙ୍କୁ ପ୍ରଦାନ କରିଥିଲେ ଓ ଅନ୍ୟାନ୍ୟ ସମସ୍ତ ଦାବି ଉପରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ଓ ଏସପି ପ୍ରତିଶ୍ରୁତି ଦେବା ପରେ ଅନଶନକାରୀ ଅନଶନ ପ୍ରତ୍ୟାହାର ପାଇଁ ରାଜି ହୋଇଥିଲେ। ଜିଲ୍ଲାପାଳ ଓ ଏସ୍‌ପିଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ଅନଶନକାରୀଙ୍କୁ ଫଳରସ ପିଆଇବା ପରେ ଆମରଣ ଅନଶନ ପ୍ରତ୍ୟାହୃତ ହୋଇଥିଲା।

# ହରିଅଙ୍କରେ ସୁଭଦ୍ରା ଶକ୍ତି ସମାବେଶ

ଡେରାବିଶ, ୨୬।୬(ସମିସ): ହରିଅଙ୍କ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ସୁଭଦ୍ରା ଶକ୍ତି ସମାବେଶ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ କନକଲତା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଏଲସି ଅମୀୟ ରାଉତ ଯୋଗଦେଇ ଗ୍ରାମାଞ୍ଚଳ ମହିଳା କିପରି ସ୍ୱାବଲମ୍ବୀ ହେବା ସହିତ ନିଜ ପରିବାରର ଉନ୍ନତି କରିପାରିବେ, ସେ ସମ୍ପର୍କରେ ବୁଝାଇଥିଲେ। ସମାଜସେବୀ ସୁଖଦାନନ୍ଦ ପ୍ରଧାନ ଓ ସୁପରଭାଇଜର ମନୋରମା ଓଝା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପରିବାରର ଆର୍ଥିକ ଅଭିବୃଦ୍ଧିରେ ମହିଳାଙ୍କ ମୁଖ୍ୟ ଭୂମିକା ରହିଥିବା ପ୍ରକାଶ କରିଥିଲେ।




ଏ ଅବସରରେ ଅତିଥିମାନେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣ ଯୋଜନା କାର୍ଡ, ଅନ୍ତ୍ୟୋଦୟ ଆବାସ ଯୋଜନା, ଆୟୁଷ୍ମାନ କାର୍ଡ ବଣ୍ଟନ କରିଥିଲେ। ଏମ୍‌ବିକେ ମାନସୀ ନାୟକ ସ୍ୱାଗତ ଭାଷଣ, ନାଏବ ସରପଞ୍ଚ ସର୍ବେଶ୍ୱର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପିଇଓ ପ୍ରକାଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ହରିଅଙ୍କ ପଞ୍ଚାୟତ ମହାସଂଘ ସଭାନେତ୍ରୀ ନିର୍ମଳା ରାୟ, ସମ୍ପାଦିକା ସୌଦାମିନୀ ସ୍ୱାଇଁ, ଏଡିଓ ସଂଜୟ ନାୟକ, ସମସ୍ତ ୱାର୍ଡ ସଭ୍ୟସଭ୍ୟା ପରିଚାଳନା କରିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗ, ମିଶନ ଶକ୍ତି ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ଅନ୍ତର୍ଗତ ସ୍ୱୟଂସହାୟିକା ଗୋଷ୍ଠୀର ଶତାଧିକ ମହିଳା ଯୋଗ ଦେଇଥିଲେ।

# ରାଜକନିକା ବ୍ଲକରେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ

ରାଜକନିକା,୨୬।୬(ସମିସ): ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟର ବିଭିନ୍ନ ବ୍ଲକରେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ହେଉଥିବାବେଳେ କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମର ଅନ୍ତିମ ଦିବସରେ ରାଜକନିକା ବ୍ଲକ କନଫରେନ୍ସ ହଲରେ ସଭାର ଆୟୋଜନ କରାଯାଇ ବ୍ଲକର ସମସ୍ତ




ବିଭାଗର ହିତାଧିକାରୀଙ୍କୁ ସହାୟତା ପ୍ରଦା, ଅନ୍ତ୍ୟୋଦୟ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ରାଜକନିକା ବିଡିଓ କୈଳାସ ମହାଳିକ, ସମ୍ମାନିତ ଅତିଥି ଭାବେ ଅଧ୍ୟକ୍ଷା ମିନତୀ ରାଉତ, କେନ୍ଦ୍ରାପଡା ସାଂସଦଙ୍କ ପ୍ରତିନିଧି ଅଞ୍ଜଳ ନାୟକ ଯୋଗଦେଇ ରାଜ୍ୟ ସରକାରଙ୍କ ଦୁଇବର୍ଷର ସଫଳତା ବଖାଣିଥିଲେ।

## ଚୋରାମଦ କାରବାର ବନ୍ଦ ନେଇ ଦାବିପତ୍ର

ରାଜନଗର, ୨୬।୬(ସମିସ): ରାଜନଗର ଥାନା ଅନ୍ତର୍ଗତ ବାଲିସାହିପାଟଣା ପଞ୍ଚାୟତର ଧାନଦିଆ, ବାରଦିଆ ଛକରେ ଚୋରାମଦ କାରବାର ଖୁଲମଖୁଲା ଚାଲିଛି। ଗାଁରେ ଚାଲିଥିବା ବେଆଇନ ମଦ କାରବାର ବନ୍ଦ କରିବା, ଗ୍ରାମର ଶାନ୍ତି ଓ ଧାର୍ମିକ ପରିବେଶ ରକ୍ଷା ପାଇଁ ଧାନଦିଆ ଗ୍ରାମବାସୀ ଅବକାରୀ କମିଶନର, କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ରାଜନଗର ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଧାନଦିଆ ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ଧାନଦିଆ-ବାରଦିଆ ଛକ ନିକଟରେ ୪/୫ ଜଣ ଖୁଲମଖୁଲା ମଦ ବ୍ୟବସାୟ କରୁଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ ଚୋରାମଦ କାରବାର ଚାଲିଛି। ଏହି ଚୋରାମଦ କାରବାରକୁ ନେଇ ଦୁଇବର୍ଷ ତଳେ ଗାଁରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ଗତ ମାସ ୨୮ ତାରିଖ ଦିନ ଏହି ଚୋରାମଦ କାରବାର ନେଇ ଅଭିଯୋଗ କରିଥିବା ଯୁବକଙ୍କୁ ଅବକାରୀ ଏସଆଇ ଓ ଏଏସଆଇ ମାଡ଼ ମାରିବା ଘଟଣା ସାରା ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିଲା। ଏହାସତ୍ତ୍ୱେ ଚୋରାମଦ କାରବାର ଏ ଅଞ୍ଚଳରେ ଚାଲିଛି। ଫଳରେ ରାସ୍ତାରେ ଛାତ୍ରଛାତ୍ରୀ, ମହିଳାମାନେ ଯା'ଆସ କରିପାରୁନାହାନ୍ତି। ଏ ନେଇ ଗାଁର ଅଭିରାମ ପରିଡା, ରତ୍ନାକର ସାମଲ, ଅନନ୍ତ ପରିଡା, ଫକୀରମୋହନ ପରିଡା ପ୍ରମୁଖ ଶତାଧିକ ଗ୍ରାମବାସୀଙ୍କ ଦସ୍ତଖତରେ ଅଭିଯୋଗ କରାଯାଇଛି। ଗ୍ରାମବାସୀ ଥାନାରେ ଆଇଆଇସିଙ୍କୁ ଭେଟି ଅଭିଯୋଗ କରିବା ଓ ତୁରନ୍ତ ଚୋରାମଦ କାରବାର ବନ୍ଦ କରି ଗ୍ରାମରେ ଶାନ୍ତି ପରିବେଶ ଫେରାଇ ଆଣିବାକୁ ଦାବି କରିଛନ୍ତି।

### ● ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଆକ୍ରମଣ ଘଟଣା

## ଅଭିଯୁକ୍ତ ତାଲିକାରେ ପୂର୍ବତନ କାଉନସିଲର ନାମ ଯୋଡ଼ିଲା ପୁଲିସ

କେନ୍ଦ୍ରାପଡ଼ା,୨୬।୬(ସମିସ): କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ଡିଭିଜନ-୧ କାର୍ଯ୍ୟାଳୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଶୈଳେନ୍ଦ୍ର କୁମାର ବିଶ୍ୱାଳଙ୍କୁ ଆକ୍ରମଣ ଘଟଣାରେ ପୁଲିସ ତଦନ୍ତକୁ ତ୍ୱରାନ୍ୱିତ କରିଛି। ଏହି ଘଟଣାରେ ପୂର୍ବତନ କାଉନସିଲର ଓ ଅନ୍ୟ ଜଣକ ନାମକୁ ଅଭିଯୁକ୍ତ ତାଲିକାରେ ସାମିଲ କରାଯାଇଛି। ପୂର୍ବରୁ କେବଳ ବୁଲୁ ଓରଫ ସଂଗ୍ରାମ କେଶରୀ ଜେନାଙ୍କ ନାମ ଥିଲା। ପରେ ତଦନ୍ତ ଅଗ୍ରଗତି ପରେ ଆଉ ଦୁଇ ଜଣକ ନାମ ମଧ୍ୟ ଯୋଡ଼ାଯାଇଛି। ଏହି ଗୋଷ୍ଠୀ ପୂର୍ବରୁ ଟେଣ୍ଡର ଫିକ୍ସିଂ, ସରକାରୀ ଯନ୍ତ୍ରୀଙ୍କୁ ଧମକ ଦେବା ଭଳି ବିଭିନ୍ନ ସଙ୍ଗୀନ ମାମଲାରେ ଗିରଫ ହୋଇ ଜେଲ ଯାଇଥିବା ରେକର୍ଡ ରହିଛି। ସହକାରୀ ନିର୍ବାହୀ ଯନ୍ତ୍ରୀ ଶୈଳେନ୍ଦ୍ର କୁମାର ବିଶ୍ୱାଳଙ୍କ ଅଭିଯୋଗ ଆଧାରରେ କେନ୍ଦ୍ରାପଡ଼ା ସଦର ଥାନାରେ ୪୦୨/୨୦୨୬ ରେ ବିଏନଏସର ବିଭିନ୍ନ ଦଫାରେ ମାମଲା ରୁଜୁ କରାଯାଇଛି। ଘଟଣାର ତଦନ୍ତ ଜାରି ରହିଥିବାବେଳେ ଖୁବ୍‌ଶୀଘ୍ର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କେନ୍ଦ୍ରାପଡ଼ା ସଦର ଥାନା ଅଧିକାରୀ ପଦ୍ମାଳୟା ପ୍ରଧାନ ସୂଚନା ଦେଇଛନ୍ତି।

## ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାରଙ୍କୁ ବିଦାୟ ସମ୍ବର୍ଦ୍ଧନା



ପଟ୍ଟାମୁଣ୍ଡାଇ,୨୬।୬(ସମିସ): ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର କବି ଦିଲ୍ଲୀପ ନାୟକଙ୍କ ଅନ୍ୟତ୍ର ବଦଳି ହୋଇଛି। ସେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ କରି ନିଜର ଦକ୍ଷତା ପ୍ରଦର୍ଶନ କରିବା ସହିତ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇ ପ୍ରଶଂସିତ ହୋଇଥିଲେ। ତାଙ୍କୁ ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ସଭାପତି କାଉନସିଲର ଗୋପୀବଲ୍ଲଭ ନାୟକ, ସମ୍ପାଦକ ଆଡଭୋକେଟ ଗୋପୀନାଥ ତ୍ରିପାଠୀ, ବାରେଣୀ ସେଠୀ, ଶରତ ବିଶ୍ୱାଳ ଓ ରବୀନ୍ଦ୍ର ପାତ୍ର ଫୁଲତୋଡ଼ା ଦେଇ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## ଶର୍ମିଷ୍ଠା ପାତ୍ର ନଗର ମହିଳା ବିଜେପି ସଭାନେତ୍ରୀ



ପଟ୍ଟାମୁଣ୍ଡାଇ,୨୬।୬(ସମିସ): ଆଗାମୀ ପୌର ନିର୍ବାଚନକୁ ଆଖି ଆଗରେ ରଖି ରାଜ୍ୟ ବିଜେପି ପକ୍ଷରୁ ସାଙ୍ଗଠନିକ କାର୍ଯ୍ୟକ୍ରମକୁ ଜୋରଦାର କରାଯାଇଛି। ପଟ୍ଟାମୁଣ୍ଡାଇ ବିଜେପି ନଗର ମଣ୍ଡଳ ବୈଠକ ଅନୁଷ୍ଠିତ ହୋଇ ପଟ୍ଟାମୁଣ୍ଡାଇ ପୌର ପରିଷଦ ୧୫ନଂ ୱାର୍ଡର ନାରୀନେତ୍ରୀ ଶର୍ମିଷ୍ଠା ପାତ୍ରଙ୍କୁ ନଗର ମହିଳା ବିଜେପି ସଭାନେତ୍ରୀ ଭାବେ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଯାଇଛି। ଶ୍ରୀମତୀ ପାତ୍ର ରାଜନଗର ବିଜେପି ନେତା ଲଳିତ ବେହେରା, ଜିଲ୍ଲା ବିଜେପି ସଭାପତି ଶଶାଙ୍କ ସେଠୀ, ଜିଲ୍ଲା ମହିଳା ବିଜେପି ସଭାନେତ୍ରୀ ଜ୍ୟୋସ୍ନାରାଣୀ ଜେନା, ନଗର ବିଜେପି ସଭାପତି ଅଶୋକ ସାହୁଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଶର୍ମିଷ୍ଠାଙ୍କୁ ଜିଲ୍ଲା ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ମିଟୁ ମନୋଜ ନାୟକ, ପୀତାମ୍ବର କର, ଆଡ଼ଭୋକେଟ ଶିଶିର ମଲିକ, ରାଜେଶ ବାରିକ, ଗୋଲକ ମଲିକ, ମମତା ସେଠୀ ଓ ତୁଳସୀ ବିଶ୍ୱାଳ ପ୍ରମୁଖ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

### ରାଜକନିକା ମେଡିକାଲରେ ଅଘଟଣ

# ୱାର୍ଡରେ ସିଲିଂ ଫ୍ୟାନ ଖସିଲା, ବର୍ତ୍ତିଲେ ରୋଗୀ

ରାଜକନିକା,୨୬।୬(ସମିସ)

ରାଜକନିକା ମେଡିକାଲରେ ରୋଗୀଙ୍କୁ ସର୍ବନିମ୍ନ ସୁବିଧା ମିଳୁ ନ ଥିବାବେଳେ ଆଜି ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି ରୋଗୀ। ୱାର୍ଡରେ ସିଲିଂ ଫ୍ୟାନ୍ ଖସି ପଡ଼ିଥିବାବେଳେ ରୋଗୀ ବର୍ତ୍ତିଯାଇଛନ୍ତି। ମେଡ଼ିକାଲରେ ପରିଚାଳନାଗତ ତ୍ରୁଟି ପାଇଁ ରୋଗୀ ଅବହେଳାର ଶିକାର ହେଉଛନ୍ତି। ମେଡିକାଲରେ ୱାର୍ଡ ବେଡ୍‌ରେ ରୋଗୀ ଶୋଇଥିବାବେଳେ ସିଲିଂ ଫ୍ୟାନ ଖସି ପଡିଥିଲା। ସୌଭାଗ୍ୟବଶତଃ କୌଣସି ରୋଗୀଙ୍କ ଉପରେ ଏହା ପଡି ନ ଥିଲେ ହେଁ ସବୁ ଜାଣି ବି ମେଡିକାଲ କର୍ତ୍ତୃପକ୍ଷ ଚୁପ ରହିଛନ୍ତି। ମେଡିକାଲ ଦାୟିତ୍ୱରେ ଥିବା ଡାକ୍ତର ନିଜେ ମେଡିକାଲରେ ଦିନରେ କେବଳ ହାଜିରା



ଦେଇ କାମ ଚଳାଇବା ଢଙ୍ଗରେ ଦାୟିତ୍ୱ ନିଭାଉଛନ୍ତି। ସେଠାରେ ଅନ୍ୟ କର୍ମଚାରୀ ବେପରୁଆ ହେବା ଏଭଳି ସ୍ଥିତି ଡାକି ଆଣୁଛି ବୋଲି ସଚେତନ ନାଗରିକ ସନାତନ ନାୟକ କହିଛନ୍ତି। ଯୁବନେତା ଶୁଭ୍ରଜିତ ବିଶ୍ୱାଳ ନିଜେ ମେଡିକାଲ ଇନଚାର୍ଜ ଡାକ୍ତରଙ୍କୁ ଏ କଥା ଜଣାଇବା ପରେ ମଧ କୌଣସି ସମସ୍ୟାର ସମାଧାନ ହେଉନାହିଁ। ଅତୀତରେ ଟର୍ଚ୍ଚ ଲାଇଟରେ ରୋଗୀସେବା ହେବା, ଷ୍ଟ୍ରେଚର ନ ଥାଇ ରୋଗୀଙ୍କୁ ହାତରେ ହାତ ଛନ୍ଦି ଚିକିତ୍ସା ପାଇଁ ନିଆଯିବା ଓ ବେଡ଼ସିଟ ନ ଥିବା ଭଳି ଗୁରୁତର ଅସୁବିଧା ସମ୍ପର୍କରେ ଖବର ପ୍ରକାଶ ପରେ ଏସବୁ ଅସୁବିଧା ଦୂର ହୋଇଥିବାବେଳେ ଆଜି ସିଲିଂ ଫ୍ୟାନ ଖସିବା କୌଣସି ଦାୟିତ୍ୱର ସଠିକ ପରିଚାଳନା ହେଉ ନ ଥିବା ରୋଗୀଙ୍କ ସମ୍ପର୍କୀୟ ଗଙ୍ଗାଧର ରାଉତ କ୍ଷୋଭର ସହ କହିଛନ୍ତି। ତେବେ ସରକାର ସୁବିଧା ଯୋଗାଉଥିବାବେଳେ ରାଜକନିକା ମେଡ଼ିକାଲରେ ସିବିସି ମେସିନ ୬ ମାସ ହେବ ଅଚଳ ହୋଇ ପଡ଼ିଥିବାରୁ ରୋଗୀ ବାଧ୍ୟ ହୋଇ ରକ୍ତ ପରୀକ୍ଷା ପାଇଁ ଘରୋଇ ପାଥୋ ଲାବ ଉପରେ ନିର୍ଭର କରୁଛନ୍ତି। ମେସିନ ସଚଳ କରିବାକୁ ସେମିତି କିଛି ବିଶେଷ ଅଡୁଆ ନ ଥିବାବେଳେ କେବଳ ଖାମଖିଆଲ ପାଇଁ ଏହା ମରାମତି ହେଉ ନ ଥିବା ନାମଗୋପନ ରଖି ମେଡିକାଲର ଜଣେ କର୍ମଚାରୀ କହିଛନ୍ତି। ଦାୟିତ୍ୱହୀନ ଭାବେ ପରିଚାଳିତ ହେଉଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଅନିୟମିତତା ସୁଧାରିବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଓ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ନ ଦେଲେ ସବୁ ସାମର୍ଥ୍ୟ ଥାଇ ବି ସ୍ୱାସ୍ଥ୍ୟ ବିଭାଗର ଏଭଳି ବଦନାମ ବଢ଼ିବାରେ ଲାଗିଛି। ଡ୍ୟୁଟିରେ ଥିବା ଡାକ୍ତର ନିଜ ନିଜ ଭିତରେ ଅଦଳ ବଦଳ ହୋଇ ରୋଗୀଙ୍କୁ ତାଙ୍କ ଡ୍ୟୁଟି ଦେଇ ଚାଲିଛନ୍ତି। ଏଠାରେ କାର୍ଯ୍ୟରତ କେତେକ ନର୍ସ ମଧ ରୋଗୀଙ୍କୁ ଉତ୍ତମ ସେବା ଯୋଗାଇବାରେ କୁଣ୍ଠା ପ୍ରକାଶ କରିବା ମହିଳା ରୋଗୀ ଅଭିଯୋଗ ଆଣିଛନ୍ତି। ଏଭଳି ଭାବେ ଅବହେଳାର ଚରମ ସୀମାରେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚାଲୁଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ଏହାର ତୁରନ୍ତ ନିରାକରଣ ପାଇଁ ଆଶୁ ପଦକ୍ଷେପ ନ ନେଲେ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଜଣାପଡ଼ିଛି। ଏଠାରେ ବିଭିନ୍ନ ପ୍ରକାର ଅନିୟମିତତା ସମ୍ପର୍କରେ ଦାୟିତ୍ୱରେ ଥିବା ଡାକ୍ତରଙ୍କୁ ପଚାରିବାରୁ ସେ କୌଣସି ସଠିକ ଉତ୍ତର ଦେଇ ନ ଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଯୁଦ୍ଧ ମାନବ ସଭ୍ୟତାକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେବା ପୂର୍ବରୁ ମଣିଷ ଯୁଦ୍ଧର ସମସ୍ତ ସମ୍ଭାବନାକୁ ସମାପ୍ତ କରିଦେବା ଠିକ୍ ହେବ।
-ଜେ ଏଫ୍ କେନେଡ଼ି

## ଅଭିଭାବକତ୍ୱର ଦ୍ୱନ୍ଦ୍ୱ

ଆଇନ ପ୍ରଣୟନ କରିବା ପୂର୍ବରୁ ଏହାର ସର୍ବବ୍ୟାପୀ ପ୍ରଭାବ ସମୀକ୍ଷା ନ କରି ତରବରିଆ ଭାବେ କେବଳ ସଂଖ୍ୟାଗରିଷ୍ଠତା ବଳରେ ପାରିତ କରାଇ ନେବାର ପରିଣତି କ'ଣ ହୋଇପାରେ ତାହା ଏଆରଟି ଓ ସରୋଗେସୀ ଆଇନ ପରବର୍ତ୍ତୀ ଉପୁଜିଥିବା ଜଟିଳ ସମସ୍ୟା ଏବଂ ମାନବାଧିକାର, ବୈଧାନିକ ଓ ସାମ୍ବିଧାନିକ ବିବାଦକୁ ତର୍ଜମା କଲେ ବୁଝାପଡ଼ିଯିବ। ଏବେ ପରିସ୍ଥିତି ଏଭଳି ହେଲାଣି ଯେ ଆଇନଗତ ଦ୍ୱନ୍ଦ୍ୱକୁ ଏଡ଼ାଇବା ପାଇଁ ଯେଉଁ ଆଇନ ପ୍ରଣୟନ ହୋଇଥିଲା ତାହା ହିଁ ଏବେ ଖୋଦ୍ ନ୍ୟାୟିକ ଜାଲରେ ଛନ୍ଦି ହୋଇପଡ଼ିଛି। ଦିନକୁ ଦିନ ଖୋଲା ମାମଲା ବୋଝ ବଢ଼ିବାରେ ଲାଗିଛି। କେତେକ ମାମଲା ଆନ୍ତର୍ଜାତିକ ଆଇନ ସହିତ ଲଢ଼େଇ ପାଇଁ ପ୍ରସ୍ତୁତ ହେଉଥିବା ଜଣାପଡ଼ୁଛି।

ପ୍ରାକୃତିକ କାରଣରୁ ଯେଉଁ ମହିଳାମାନେ ନିଜ ଗର୍ଭାଶୟରେ ନିଜ ସନ୍ତାନଙ୍କୁ ଧାରଣ କରିବାକୁ ଅସମର୍ଥ ହୁଅନ୍ତି ସେମାନଙ୍କ ପାଇଁ ବିଜ୍ଞାନ ବରଦାନ ସାବ୍ୟସ୍ତ ହୋଇଛି। ଟେଷ୍ଟଟ୍ୟୁବ୍ ବେବି ପରେ ଏବେ 'ସରୋଗେସି ମଦର'(ଅନ୍ୟର ଭ୍ରୂଣକୁ ନିଜ ଗର୍ଭାଶୟରେ ରଖି ବିକଶିତ କରୁଥିବା ମହିଳା) ଏବଂ ଭ୍ରୂଣକୁ ଭଣ୍ଡାରଣ କରି ପରବର୍ତ୍ତୀ ସମୟରେ ସନ୍ତାନ ଜନ୍ମ କରିବାର ଯୋଜନା ଓ କୌଶଳ ଆଦୃତ ହେବାରେ ଲାଗିଛି। ଏପରିକି ବିଦେଶରେ ଏହା ଏକ ବ୍ୟବସାୟରେ ପରିଣତ ହୋଇଯାଇଛି। ଏହାଛଡ଼ା ଆଜିର ବ୍ୟସ୍ତବହୁଳ ଜୀବନରେ କର୍ମଜୀବୀ ମହିଳାମାନେ ମାତୃତ୍ୱର ଝଞ୍ଜଟକୁ ଆଦରି ନେବାକୁ ଚାହୁଁ ନ ଥିବା ବେଳେ ସମ୍ପତ୍ତିର ଉତ୍ତରାଧିକାରୀ ଭାବେ ସେମାନେ ସନ୍ତାନସନ୍ତତି ଅପରିହାର୍ଯ୍ୟ ବୋଲି ମନେ କରୁଛନ୍ତି। ଏହି ପରସ୍ପର ବିରୋଧୀ ମାନସିକତା ଓ ବାଧ୍ୟବାଧକତାରୁ ଜନ୍ମ ନେଇଛି ସରୋଗେସି ମଦର ଓ ଭ୍ରୂଣ ଭଣ୍ଡାରଣ ଭଳି ଅଭିନବ ପରିକଳ୍ପନା।

ବିଜ୍ଞାନର ଏହି ବରଦାନ କିନ୍ତୁ ବିଭିନ୍ନ ଦେଶ ସମେତ ଭାରତରେ ମଧ୍ୟ ଆଇନଗତ ଜଟିଳତା ଓ ମାମଲା ବୋଝ ସୃଷ୍ଟି କରୁଥିବାରୁ ତାହାର ନିରାକରଣ ପାଇଁ ଭାରତ ସରକାର ୨୦୨୧ ମସିହାରେ 'ଆସିଷ୍ଟେଡ଼ ରିପ୍ରୋଡକ୍ଟିଭ୍ ଟେକ୍ନୋଲୋଜି (ରେଗୁଲେସନ) ଆକ୍ଟ୍'(ଏଆରଟି) ଓ 'ସରୋଗେସି(ରେଗୁଲେସନ) ଆକ୍ଟ୍' ପ୍ରଣୟନ କରିଛନ୍ତି, ଯାହା ୨୦୨୨ ଜାନୁଆରୀ ୨୫ ତାରିଖରୁ କାର୍ଯ୍ୟକାରୀ ହେଉଛି। ଏହାସତ୍ତ୍ୱେ ବ୍ୟକ୍ତିଗତ ଓ ସାମାଜିକ ଜୀବନରେ ମାମଲା ବୋଝମାନ ବଢ଼ିବାରେ ଲାଗିଛି। ମୁଖ୍ୟତଃ ଆଇନରେ ଥିବା ବୟସ ସୀମା ହିଁ ଏବେ ଅଧିକ ବିବାଦ ଓ ଜଟିଳତା ସୃଷ୍ଟି କରିଛି। ଏହାଛଡ଼ା ଆହୁରି କେତେକ ମାନବାଧିକାର ପ୍ରଶ୍ନ ଏଥିସହିତ ସ୍ୱତଃ ଯୋଡ଼ି ହୋଇଯାଉଛି।

ଏଆରଟି ଆଇନ ଅନୁଯାୟୀ ମହିଳାଙ୍କ ବୟସସୀମା ସର୍ବନିମ୍ନ ୨୧ ରୁ ସର୍ବୋଚ୍ଚ ୫୦ ବର୍ଷ ଏବଂ ପୁରୁଷଙ୍କ ବୟସସୀମା ସର୍ବନିମ୍ନ ୨୧ ରୁ ୫୫ ବର୍ଷ ହୋଇଥିବା ଆବଶ୍ୟକ। ସେହିପରି ସରୋଗେସୀ ଆଇନ ଅନୁଯାୟୀ ମହିଳାଙ୍କ ସର୍ବନିମ୍ନ ବୟସସୀମା ୨୩ - ୫୦ ବର୍ଷ ମଧ୍ୟରେ ଏବଂ ପୁରୁଷ କ୍ଷେତ୍ରରେ ୨୬- ୫୫ ବର୍ଷ ହେବା ବାଞ୍ଛନୀୟ। କିନ୍ତୁ ଏଠାରେ ଆଉ ଏକ ଆଇନଗତ ଜଟିଳତା, ଦ୍ୱନ୍ଦ୍ୱ ବା ବିବାଦ ଉଠିଛି। ଯେଉଁ ପୁରୁଷ ଓ ମହିଳାମାନେ ଏଆରଟି ଓ ସରୋଗେସୀ ଆଇନ ପାରିତ ହେବା ପୂର୍ବରୁ ସେମାନଙ୍କ ଡିମ୍ବାଣୁ ଓ ଶୁକ୍ରାଣୁର ଭଣ୍ଡାରଣ କରି ରଖିଛନ୍ତି ତାହାକୁ ଭ୍ରୂଣରେ ପରିବର୍ତ୍ତନ କରିବା ବେଳେ ଆଇନ ଅନୁମୋଦିତ ବୟସ ସୀମା ଲାଗୁ ହେବ କି ନାହିଁ? ଏଭଳି ଏକ ବିବାଦର ଶୁଣାଣି ବେଳେ ସର୍ବୋଚ୍ଚ ନ୍ୟାୟାଳୟର ଡିଭିଜନ୍ ବେଞ୍ଚ ୨୦୨୫ ଅକ୍ଟୋବର ମାସରେ ଏକ ରାୟରେ କହିଥିଲେ ଯେ ଆଇନ ପ୍ରଣୟନ ପୂର୍ବରୁ ପିଛିଲା ଭାବେ ବୟସ କଟକଣା ଲାଗୁ ହୋଇପାରିବ ନାହିଁ। ପ୍ରଶ୍ନ ଓ ସମାଧାନ କେବଳ ଏତିକିରେ ସରିନାହିଁ। ଆଇନର ଗୋଟିଏ ଧାରାର ତର୍ଜମା ସହିତ ଅନ୍ୟ ଏକ ବିବାଦ ଓ ଦ୍ୱନ୍ଦ୍ୱ ଜନ୍ମ ନେଉଥିବାରୁ ଆଇନ କ୍ରମଶଃ ଜଟିଳ ହେଉଛି ଏବଂ ଏହାକୁ ଏବେ ସର୍ବୋଚ୍ଚ ନ୍ୟାୟାଳୟର ସମ୍ବିଧାନ ଖଣ୍ଡପୀଠକୁ ପଠାଇ ଦିଆଯାଇଛି।

ଏବେ ସମ୍ବିଧାନ ଖଣ୍ଡପୀଠରେ ବିଚାରାଧୀନ ଥିବା କେତେକ ପ୍ରଶ୍ନ ଏହିପରି - ଆଇନ ପ୍ରଣୟନ ପୂର୍ବରୁ ବୟସ ସୀମା ନିର୍ବିଶେଷରେ ଡିମ୍ବାଣୁ ଓ ଶୁକ୍ରାଣୁ ଦାନ ଦ୍ୱାରା ପ୍ରୟୋଗଶାଳାରେ ଭ୍ରୂଣ ଗଠିତ ହୋଇସାରିଥିଲେ ଭ୍ରୂଣ ବିକାଶ ବେଳେ ଅଭିଭାବକଙ୍କ ପାଇଁ ଆଇନର ବୟସ ସର୍ତ୍ତ ଲାଗୁ ହେବ କି ନାହିଁ? ଗ୍ୟାମେଟ୍ସ(ପ୍ରଜନନକ୍ଷମ କୋଷ) ଦାତାଙ୍କ ମୃତ୍ୟୁ ପରେ ଭ୍ରୂଣକୁ ବିକଶିତ କରାଯାଇପାରିବ କି ନାହିଁ? ଏବଂ ଏହାର ଉତ୍ତରାଧିକାର କାହା ପାଖରେ ରହିବ? କାରଣ ଏଆରଟି ଆଇନରେ ଗେମେଟ୍ ବା ଭ୍ରୂଣର ଉତ୍ତରାଧିକାର ବା ନୋମିନି ବ୍ୟବସ୍ଥାକୁ ବାରଣ କରାଯାଇଛି। ଭଣ୍ଡାରଣ ହୋଇଥିବା ଶୁକ୍ରାଣୁ ଓ ଡିମ୍ବାଣୁ ବା ଭ୍ରୂଣକୁ ଅନ୍ୟକୁ ଦାନ କରାଯାଇପାରିବ କି ନାହିଁ? ଏକ ଦୀର୍ଘ ଭବିଷ୍ୟତ ପାଇଁ ଭ୍ରୂଣ ଭଣ୍ଡାରଣ ହୋଇସାରିବା ପରେ ଯଦି ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଛାଡ଼ପତ୍ର ହୁଏ, ତେବେ ଭ୍ରୂଣରୁ ଜନ୍ମ ନେବାକୁ ଥିବା ଶିଶୁର ଅଭିଭାବକ କିଏ ହେବ? ପୁଣି ଭଣ୍ଡାରଣ ହୋଇଥିବା ଭ୍ରୂଣର ବିକାଶ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଯଦି କୌଣସି ପକ୍ଷ(ସ୍ୱାମୀ କିମ୍ବା ସ୍ତ୍ରୀ) ଚୁକ୍ତିନାମାରୁ ଓହରି ଯାଆନ୍ତି(ଆଇନରେ ଏଭଳି ବ୍ୟବସ୍ଥା ରହିଛି) ତେବେ ତାହାକୁ କୌଣସି ପ୍ରୟୋଗଶାଳାରେ ବିକାଶ କରାଯାଇପାରିବ କି ନାହିଁ? ସେ କ୍ଷେତ୍ରରେ ଭ୍ରୂଣର ଅଭିଭାବକତ୍ୱ କିଏ ନେବ? ଯଦି ଅଭିଭାବକ ସ୍ଥିର ନ ହୁଏ ତେବେ ଭ୍ରୂଣଟିକୁ ନଷ୍ଟ କରି ଦିଆଯିବ କି? ଯଦି ସେଭଳି ହୁଏ ତେବେ ଭ୍ରୂଣ ହତ୍ୟା ଅପରାଧଭୁକ୍ତ ହେବ ନାହିଁ କି? ଏଆରଟି ଆଇନ ଅନୁଯାୟୀ, ଭ୍ରୂଣ ବିକଶିତ ହୋଇ ଶିଶୁ ରୂପରେ ଜନ୍ମ ନ ନେବା ପର୍ଯ୍ୟନ୍ତ ଜଣେ ମହିଳା ମାତୃତ୍ୱର ଦାବି କରିପାରିବ ନାହିଁ। କିନ୍ତୁ ଯଦି ଭ୍ରୂଣ ବିକାଶ ହେବା ପୂର୍ବରୁ ଛାଡ଼ପତ୍ର ପରି ସମସ୍ୟା ଆସେ ତେବେ ବିବାହିତାଙ୍କୁ ମାତୃତ୍ୱ ଅଧିକାରରୁ ବଞ୍ଚିତ କଲା ଭଳି ହେବ ନାହିଁ କି?

ସମସ୍ୟା ଏତିକିରେ ସରି ନାହିଁ। ଯଦି କୌଣସି ମହିଳା ଭାରତରେ ଭ୍ରୂଣ ଭଣ୍ଡାରଣ ପରେ ବିଦେଶ ଚାଲିଯାଇଛନ୍ତି ଏବଂ ଦୀର୍ଘବର୍ଷ ପରେ(ଆଇନ ପାରିତ ହେବା ପରେ) ପୁଣି ଭାରତରେ ସରୋଗେସୀ ଜରିଆରେ ସନ୍ତାନ ଜନ୍ମ କରିବାକୁ ଚାହୁଁଛନ୍ତି ସେଭଳି କ୍ଷେତ୍ରରେ ଏଆରଟି ଆଇନ ସମ୍ପୃକ୍ତ ମହିଳାଙ୍କ ଅନୁମତି ଦେଉ ନାହିଁ। ସେହିଭଳି ଛାଡ଼ପତ୍ର ହୋଇସାରିଥିବା ବା ସ୍ୱାମୀ ପରିତ୍ୟକ୍ତ ଜଣେ ମହିଳାଙ୍କ କ୍ଷତ୍ରରେ ସରୋଗେସୀ ବା ଏଆରଟି ଜରିଆରେ ସନ୍ତାନ ଲାଭ ପାଇଁ ଅନୁମତି ଥିବା ବେଳେ ଜଣେ ସ୍ତ୍ରୀ ପରିତ୍ୟକ୍ତା ବା ଛାଡ଼ପତ୍ର ହୋଇଥିବା ପୁରୁଷ ବଂଶରକ୍ଷା ପାଇଁ ସେ ଅଧିକାର ପାଇପାରିବେ ନାହିଁ। ଏଆରଟି ଆଇନ ଆଧାରିତ ବୟସ ସୀମା ମଧ୍ୟରେ ଏକାଧିକ ଗେମେଟ୍ ଦାନ ଓ ଗ୍ରହଣ ହୋଇସାରିଥିଲେ ମଧ୍ୟ ଯଦି ଗୋଟିକର ବିଫଳତା ପରେ ଅନ୍ୟଟିର ପ୍ରୟୋଗ ବେଳକୁ ସମ୍ପୃକ୍ତ ଦମ୍ପତିଙ୍କ ମଧ୍ୟରୁ ଜଣଙ୍କର ମଧ୍ୟ ବୟସ ସୀମା ଅତିକ୍ରାନ୍ତ ହୋଇସାରିଥିବ ତେବେ ଭ୍ରୂଣ ବିକାଶ ପାଇଁ ଆଇନ ଅନୁମତି ଦେଉନାହିଁ। ଯଦି ଏକ ଦମ୍ପତି ଏକାଧିକ ଭ୍ରୂଣ ଭଣ୍ଡାରଣ କରି ରଖିଥା'ନ୍ତି ଏବଂ ସେଥିମଧ୍ୟରୁ ଗୋଟିକର ପ୍ରତିରୋପଣରେ ସଫଳତା ମିଳେ ବା ଶିଶୁ ଜନ୍ମ ନିଏ ତେବେ ଅନ୍ୟଗୁଡ଼ିକୁ କ'ଣ କରାଯିବ ସେହି ପ୍ରଶ୍ନର ଉତ୍ତର ମଧ୍ୟ ଆଇନରେ ନାହିଁ। ●

# ପାଞ୍ଚଘଣ୍ଟା ବନାମ୍ ପାଞ୍ଚଶହ ଟଙ୍କା

ଡ. ନିରଞ୍ଜନ ସାହୁ

ଦିଅଁ କହୁଁ କହୁଁ ପ୍ରତି ଓଡ଼ିଆଙ୍କ ଆଖିଆଗରେ ନାଚିଯାଏ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହର ସାଙ୍କେତିକ ରୂପ ଚକାଆଖି। ଭାବନା ଆରମ୍ଭ ହେଉଁ ହେଉଁ ଚକ୍ଷୁ ଲୋତକାପ୍ଲୁତ ହୁଏ। ଶହଶହ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ଉତ୍କଳୀୟମାନଙ୍କ ହୃଦୟରେ ରହିଆସିଛନ୍ତି ମହାପ୍ରଭୁ। ବଡ଼ଦେଉଳର ରତ୍ନ ସିଂହାସନରେ ବସିଥିବା କାଳିଆଠାକୁରଙ୍କୁ ଦର୍ଶନର ଅଭିଳାଷ କେଉଁ ହିନ୍ଦୁର ବା ନାହିଁ?

ମାତ୍ର କାଳିଆଠାକୁରଙ୍କୁ ରତ୍ନବେଦୀରେ ଦର୍ଶନ କରିବା କିଛି ବର୍ଷ ହେଲା ହୋଇପଡ଼ିଛି ଅତ୍ୟନ୍ତ କଷ୍ଟସାଧ୍ୟ। ବୟସ ବଢ଼ିଲେ ଦିଅଁଙ୍କ ଦର୍ଶନ କରିବାର ଆଗ୍ରହ ବହୁଗୁଣ ବର୍ଦ୍ଧିତ ହୁଏ। ମାତ୍ର ବର୍ଷୀଆନମାନଙ୍କ ପାଇଁ ଶୃଙ୍ଖଳିତ ଦର୍ଶନର ଦୁର୍ମୂଲ୍ୟ ଅନୁଭବ ପାଇବାର ସମ୍ଭାବନା ହୋଇଯାଇଛି ଶୂନ୍ୟର ପାଖାପାଖି। ଦର୍ଶନାର୍ଥୀଙ୍କ ଭିଡ଼କୁ ଶୃଙ୍ଖଳିତ କରିବା ପାଇଁ ଯେ ପ୍ରୟାସ କରାଯାଇନାହିଁ, ତାହା ନୁହେଁ। ମାତ୍ର ଫଳ ହୋଇଛି ନିତାନ୍ତ ନୈରାଶ୍ୟଜନକ। ଶ୍ରୀଜଗନ୍ନାଥ ଧାମରେ ଦର୍ଶନକୁ ଶୃଙ୍ଖଳିତ ଓ ସମନ୍ୱିତ କରିବା ପାଇଁ ହୋଇଥିବା ପ୍ରଚେଷ୍ଟା ଉପରେ ଅତୀତରେ ଆକ୍ରମଣ ହୋଇଛି ବାରମ୍ବାର। ସବୁ ସଂସ୍କାରକୁ ସାଧାରଣତଃ ବିରୋଧ କରାଯାଇଥାଏ। ଏହା ଏକ ସଚରାଚର ଦୃଶ୍ୟ। ପ୍ରାୟ ଶହେ ବର୍ଷ ତଳେ ଯେତେବେଳେ ପୁରୀକୁ ବିଜୁଳି ଆଲୁଅ ଆସିଲା ସେତେବେଳେ ମନ୍ଦିର ବେଢ଼ାକୁ ଆଲୋକିତ କରିବା ପରି ଏକ ପ୍ରସ୍ତାବକୁ ମନ୍ଦିର ସହିତ ସଂପୃକ୍ତ ପାରିଷଦ ଓ ସେବାୟତମାନେ ପ୍ରବଳ ବିରୋଧ କରିଥିଲେ। ବିଗତ ସରକାର ବଡ଼ ଦେଉଳ ସାମ୍ନା ଏବଂ ନିକଟସ୍ଥ ଅଞ୍ଚଳକୁ ପରିଷ୍କାର ଓ ଉନ୍ମୁକ୍ତ ରଖିବାକୁ ଚେଷ୍ଟାକଲା ବେଳେ ମଧ୍ୟ ବହୁ ବିରୋଧର ସାମ୍ନା କରିଥିଲେ। ମାତ୍ର ଦୃଢ଼ ଇଚ୍ଛାଶକ୍ତି ଫଳରେ ତାହା ସମ୍ଭବ ହୋଇଥିଲା। ଧାଡ଼ି ଦର୍ଶନକୁ ମନ୍ଦିରର ସେବାୟତମାନେ ବିରୋଧକରି କହିଥିଲେ ଆମ ବଡ଼ଠାକୁରଙ୍କର ଏକ ଦର୍ଶନ ହେଉଛି ସାହାଣମେଳା। ତାହା ଧାଡ଼ି ଦର୍ଶନର ଠିକ୍ ବିପରୀତ। ସାହାଣମେଳା ଅର୍ଥ ହେଲା ଭିଡ଼ ସଂସ୍କୃତି। ଅର୍ଥାତ୍ ସେଠାରେ ଯେକୌଣସି କାର୍ଯ୍ୟ ବି ସମ୍ଭବ। ଠେଲାପେଲା ହେଲେ ବୃଦ୍ଧ, ମହିଳା, ବାଳକ / ବାଳିକାଙ୍କର ଅବସ୍ଥା କ'ଣ ହୋଇପାରେ ଆପଣ ଚିନ୍ତା କରନ୍ତୁ। ଇଂରାଜୀରେ ଏହାର ସମାନ ଅର୍ଥବୋଧକ ହୋଇପାରେ ଫ୍ରି ଫର ଅଲ୍। ମାତ୍ର ଏକ ସଭ୍ୟ ଜଗତ ସବୁବେଳେ ଆଶା କରେ ଭକ୍ତମାନଙ୍କ ପାଇଁ ଏକ ଶୃଙ୍ଖଳିତ ଓ ନିରୁପଦ୍ରୁତ ଦର୍ଶନ। ବର୍ତ୍ତମାନ ଅବସ୍ଥାରେ ସେ ପରିଦର୍ଶନ କହିଲେ ବୋଧହୁଏ ଆପଣ ଓ ମୁଁ ସମସ୍ତେ ଭାବିବା ତାହା କେବଳ ଭି.ଆଇ.ପି. ଦର୍ଶନ।

ଏବେ ଯଦି ଆପଣ ଧାଡ଼ିରେ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ ତା'ହେଲେ ହାରାହାରି ପାଞ୍ଚଘଣ୍ଟା ଲାଗିବ। ଗୁଗୁଲ ପଢ଼ି ଘଣ୍ଟେରୁ ଦୁଇଘଣ୍ଟାର ଅବଧି ଭିତରେ ହୋଇ ପାରୁଥିବା ଦର୍ଶନ କଥା ଭାବି ଧାଡ଼ିରେ ଠିଆ ହୋଇ ଆପଣ ଦୀର୍ଘଶ୍ୱାସ ଛାଡୁଥିବେ। ଧାଡ଼ିରେ ବି ଠେଲାପେଲାରୁ ନିସ୍ତାର ନାହିଁ। ମଝିରେ ମଝିରେ କୌଣସି ଅଜ୍ଞାତ କାରଣରୁ ଧାଡ଼ି ସ୍ଥିର ହୋଇ ରହିଯିବ। ଅନ୍ୟ ବିଶିଷ୍ଟ ମନ୍ଦିରରେ ଯେପରି ମଝିରେ ମଝିରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସମ୍ବାଦ ପରିବେଷଣର ବ୍ୟବସ୍ଥା ଅଛି, ଏଠାରେ ତା'ର ଅବସ୍ଥିତି ନଗଣ୍ୟ। ଧାଡ଼ି ମଧ୍ୟ ଠାକୁରଙ୍କ ନିକଟପର୍ଯ୍ୟନ୍ତ ପରିବ୍ୟାପ୍ତ ନୁହେଁ। ଧାଡ଼ି ଯେଉଁଠି ଶେଷ ହୋଇଛି ସେଠାରୁ ମାତ୍ର କେଇ ପାହୁଣ୍ଡର ଦୂରତା ସାତପାହାଚକୁ। ମାତ୍ର ସେତିକି ଧୈର୍ଯ୍ୟ କାହାରି ନାହିଁ ଯେମିତି! କିଛିଲୋକ ସେଇ ଦୌଡ଼ ଓ ଠେଲାପେଲାରେ ନିତିଦିନ ଆହତ ହୁଅନ୍ତି। ଭି.ଆଇ.ପିଙ୍କ ଆଗରେ ବିନମ୍ର ଆଜ୍ଞାଧୀନ ପରି ଆଚରଣ କରୁଥିବା ସେବାୟତମାନେ ଆମମାନଙ୍କ ପରି ସାଧାରଣ ଦର୍ଶନାର୍ଥୀଙ୍କ ଉପରେ କିପରି ବ୍ୟବହାର କରନ୍ତି ଆମ ଭିତରୁ ପ୍ରାୟ ସମସ୍ତେ ଅନୁଭବୀ।

ଆପଣଙ୍କୁ ଲାଗୁଥିବ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରକୁ ଆସୁଥିବା ଭକ୍ତଙ୍କର ସଂଖ୍ୟା ଅତ୍ୟଧିକ ହେଉଥିବାରୁ ଯାହା ପ୍ରସ୍ତୁତି କଲେ ବି ତାହା ପର୍ଯ୍ୟାପ୍ତ ହେଉନାହିଁ। ପ୍ରାପ୍ତ ତଥ୍ୟ ଅନୁସାରେ ପର୍ବପର୍ବାଣୀକୁ ଛାଡ଼ିଦେଲେ ଶ୍ରୀଗଜନ୍ନାଥ ଦର୍ଶନ ପାଇଁ ପ୍ରତିଦିନ ଅନ୍ତତଃ ପଚାଶହଜାର ଲୋକ ଯାଆନ୍ତି। ମାତ୍ର ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ତିରୁପତି ବାଲାଜୀଙ୍କ ମନ୍ଦିରରେ ସେମିତି ସାଧାରଣ ଦିନରେ ଭକ୍ତଙ୍କ ସଂଖ୍ୟା ସତୁରୀହଜାରରୁ ଲକ୍ଷେ ଭିତରେ ଏବଂ ଗତବର୍ଷରୁ ଭକ୍ତଙ୍କ ପାଇଁ ଖୋଲିଥିବା ଶ୍ରୀରାମଜନ୍ମଭୂମି ଅଯୋଧ୍ୟାରେ ଦୈନିକ ଦର୍ଶନାର୍ଥୀ ସଂଖ୍ୟା ଲକ୍ଷେରୁ ଦେଢ଼ଲକ୍ଷ ଭିତରେ। ଯଦି ସେଠାରେ ଶୃଙ୍ଖଳିତ ଦର୍ଶନ ସମ୍ଭବ ହେଉଛି ପୁରୀ ମନ୍ଦିରରେ ତାହା ଅସମ୍ଭବ କାହିଁକି?

ପୁରୀ ମନ୍ଦିରରେ ସାଧାରଣ ଯାତ୍ରୀଟିଏ ଧାଡ଼ି ଦର୍ଶନରେ ଯାଇ ଫେରିବା ପରେ ତାଙ୍କର ଅନୁଭୂତି ବର୍ଣ୍ଣନା କଲେ ଆପଣ ତାଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରିବେ। ଆଉ ଏତିକି ବେଳେ ଆଉ ଜଣେ ନିଜର ବିରଳ ଦର୍ଶନର ଅନୁଭୂତି ବର୍ଣ୍ଣନା କରି ଆପଣଙ୍କୁ ପ୍ରଲୁବ୍ଧ କରିଦେବେ। ଅବିଶ୍ୱାସ ଲାଗୁଥିଲେ ବି ସତ ଯେ ଅନେକ ସେବାୟତ ବୋଲି ନିଜକୁ ପରିଚୟ ଦେଇ ପାଞ୍ଚଶହ ଟଙ୍କା ନେଇ ଯାତ୍ରୀଙ୍କୁ ସିଧା ନାଟମଣ୍ଡପରେ ଗରୁଡ଼ସ୍ତମ୍ଭ ପାଖରେ ପହଞ୍ଚାଇ ଦେଉଛନ୍ତି। ଏହା ଧାଡ଼ିଦର୍ଶନ କରି ଆପଣଙ୍କ ପରି ଆଜ୍ଞାବହଙ୍କ ପ୍ରତି କେଡ଼େ ବେଦନାଦାୟକ ତାହା ମନେ ପକାନ୍ତୁ। ଶ୍ରୀଜଗନ୍ନାଥ ମନ୍ଦିର କାହାରି ବ୍ୟକ୍ତିଗତ ସଂପତ୍ତି ନୁହେଁ, ଏହାର ପରିଚାଳନା ଦାୟିତ୍ୱ ଶ୍ରୀଜଗନ୍ନାଥ ମନ୍ଦିର ଆଇନ ୧୯୫୫ ଅନୁସାରେ ଓଡ଼ିଶା ସରକାର ଏବଂ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା ସମିତି ଉପରେ ନିର୍ଦ୍ଧାରିତ। ଯଦି ଦୈନିକ ଅନ୍ତତଃ ଚାଳିଶ ହଜାରରୁ ଅଧିକ ଲୋକ ଅଶାନ୍ତି ହୋଇ ଦର୍ଶନ ସାରି ଫେରୁଥିବେ ତା'ହେଲେ ତାହା ସରକାରକୁ କେତେ ଅସୁବିଧାରେ ପକାଇପାରେ ସେ ବିଷୟରେ ସରକାର କ'ଣ ସଚେତନ ନୁହନ୍ତି? ନା ତାଙ୍କଠାରେ ଦୃଢ଼ତାର ଘୋର ଅଭାବ!

ଦକ୍ଷିଣ ଭାରତରେ ଥିବା ବିଭିନ୍ନ ହିନ୍ଦୁ ମନ୍ଦିରରେ ସେବାୟତମାନେ ପୁରୁଷାନୁକ୍ରମିକ ଭାବରେ ସେବା ଦିଅନ୍ତି ନାହିଁ। ସେମାନେ ମାସିକ ଦରମାରେ ଚାକିରି କରୁଥିବାରୁ ଚାକିରି ଚାଲିଯିବାର ଭୟର ବାଧ୍ୟବାଧକତା ସେମାନଙ୍କୁ ଅଧିକ ଦାୟିତ୍ୱବାନ ଓ ଶୃଙ୍ଖଳାସମ୍ପନ୍ନ କରାଏ। ପୁରୀ ମନ୍ଦିରରେ ସେବାୟତମାନେ ପୁରୁଷାନୁକ୍ରମିକ ଭାବେ ନିୟୋଜିତ। କିନ୍ତୁ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ ଜଗନ୍ନାଥ ମନ୍ଦିରର ସତ୍ତ୍ୱଲିପି ଅନୁସାରେ ମନ୍ଦିରରେ କାର୍ଯ୍ୟରତ ସେବାୟତଙ୍କ ସଂଖ୍ୟା ୨୧୩୦ ପ୍ରାୟ ଆଠଶହ ବର୍ଷତଳେ ଥିବା ଏହି ସଂଖ୍ୟା ଗତ ଶହଶହ ବର୍ଷ ଭିତରେ ବଢ଼ିବଢ଼ି ପଚାଶ ହଜାର ପାଖାପାଖି ପହଞ୍ଚିଲାଣି। ଦିନକୁ ମାତ୍ର ସତୁରୀ/ଅଶୀ ଜଣ ସେବାୟତଙ୍କୁ ସେବା କରିବାର ସୁଯୋଗ ମିଳେ। ତେଣୁ ମୂଳ ସେବାୟତ ବଂଶର ବହୁମୁଖୀ ବିଭାଜନ ଫଳରେ ସେମାନେ କାଁ ଭାଁ ସେବା କରିବାର ସୁଯୋଗ ପାଆନ୍ତି। ତେଣୁ ସେମାନଙ୍କ ଭିତରେ ଉଗ୍ରତା ପ୍ରକାଶ ପାଇବା ଏକ ମନସ୍ତାତ୍ତ୍ୱିକ ବାସ୍ତବତା। ଅନେକ ସାଧାରଣ ଲୋକଙ୍କ ବିଚାର ହେଲା ସେବାୟତମାନଙ୍କର ଏକାଧିକାର ବନ୍ଦ ନ ହେଲେ ମନ୍ଦିର ବ୍ୟାପାରକୁ ନିୟନ୍ତ୍ରଣ କରାଯାଇପାରିବ ନାହିଁ। ମାତ୍ର ଏକଥା ନିରାଟ ସତ ଯେ କୌଣସି ନିର୍ଦ୍ଦିଷ୍ଟ ସେବାୟତଙ୍କ ମନମୁଖି କାରବାର ପାଇଁ ରାଜ୍ୟସରକାର ନିନ୍ଦିତ ହୁଅନ୍ତି ଓ ଲଜ୍ଜିତ ହୁଅନ୍ତି। ମାତ୍ର କୌଣସି ମନସ୍ତାତ୍ତ୍ୱିକ କାରଣ ପାଇଁ ରାଜ୍ୟ ସରକାରମାନେ ସବୁବେଳେ ସେମାନଙ୍କ ପ୍ରତି କୋହଳ ମନୋଭାବ ଗ୍ରହଣ କରିଥା'ନ୍ତି। ଯାତ୍ରୀଙ୍କ ଅପମାନ ଓ ଉପେକ୍ଷା ତୁଳନାରେ ସେବାୟତଙ୍କ ଦୁର୍ଦ୍ଦଶା ତାଙ୍କୁ ବେଶୀ ଘାରେ।

ପାଞ୍ଚଶହ ଟଙ୍କା ନେଇ ବେଆଇନ ଭାବରେ ଦର୍ଶନ କରାଇଦେବା କଥା ଆଉ ଲୁଚାଛପା ଘଟଣା ହୋଇ ରହିନାହିଁ। ଏହା ଏକ ଅବିସମ୍ବାଦିତ ସତ୍ୟ। ତା'ଛଡ଼ା ବିଭିନ୍ନ ଗଣମାଧ୍ୟମରେ ଏବଂ ସାମାଜିକ ଗଣମାଧ୍ୟମରେ ଏହା ବାରମ୍ବାର ପ୍ରକାଶିତ ହୋଇଆସୁଛି। ମାତ୍ର ସରକାରଙ୍କଠାରୁ ଏପର୍ଯ୍ୟନ୍ତ କୌଣସି ସଶକ୍ତ ପଦକ୍ଷେପ ନିଆଯାଇ ପାରିନାହିଁ। ଯେଉଁମାନଙ୍କର ବୟସ ଅଧିକ ସେମାନଙ୍କ ପାଇଁ ଧାଡ଼ିରେ ଏତେ ସମୟ କଷ୍ଟ। ପୁଣି ଅନେକ ଅଛନ୍ତି ଯେଉଁମାନେ ପାଞ୍ଚଶହ ଟଙ୍କା ଦେବାକୁ ସକ୍ଷମ ନୁହନ୍ତି; ସେମାନେ ବହୁ ଦୂର ତାରଜାଲିରୁ ପତିତପାବନଙ୍କୁ ଦର୍ଶନ କରି ଆଖିର ଲୁହକୁ ସମର୍ପଣ କରି ମନସ୍ତାପରେ ଫେରନ୍ତି।

୨୦୧୮ ମସିହାରେ ମୃଣାଳିନୀ ପାଢ଼ୀ ବନାମ ଭାରତ ସରକାର ନାମକ ଏକ ପି.ଆଇ.ଏଲ୍ ଶୁଣାଣି କରି ପୁରୀ ମନ୍ଦିରର ଅବ୍ୟବସ୍ଥା, ଅନିୟମିତତା ଓ ତୀର୍ଥଯାତ୍ରୀଙ୍କୁ ଉତ୍ପୀଡ଼ନ ଉପରେ ମାନନୀୟ ସୁପ୍ରିମକୋର୍ଟ ଏକ ରିପୋର୍ଟ ତଲବ କରିଥିଲେ। ତତ୍କାଳୀନ ପୁରୀ ଜିଲ୍ଲାଜଜ୍ ପର୍ଯ୍ୟାୟକ୍ରମେ ପୁରୁଷାନୁକ୍ରମିକ ସେବାପୂଜାକୁ ଲୋପ କରିବାକୁ ସୁପାରିସ କରିଥିଲେ। ମାତ୍ର ମାନ୍ୟବର ସୁପ୍ରିମକୋର୍ଟ କିଛି ଦୂରଦର୍ଶୀ ସଂସ୍କାରମୂଳକ କାର୍ଯ୍ୟକ୍ରମ ନେବା ପାଇଁ ଓଡ଼ିଶା ସରକାରଙ୍କୁ ଦାୟିତ୍ୱ ଦେଇ ନିଜ ଦାୟିତ୍ୱ ସମାପ୍ତ କରି ଦେଇଛନ୍ତି। କେବେ ଓଡ଼ିଶା ସରକାର ତାଙ୍କ ଦାୟିତ୍ୱ ତୁଲେଇବେ, ତା'ଉପରେ ସମସ୍ତଙ୍କ ନଜର। କେବଳ ଆଶ୍ୱାସନା ଦେଇ ସରକାର କେତେଦିନ ପର୍ଯ୍ୟନ୍ତ ଲୋକଙ୍କୁ ଅଟକାଇ ପାରିବେ? ●

(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ)
ଭୁବନେଶ୍ୱର, ମୋ: ୯୪୩୮୪୮୨୯୧୧

# ଖଣ୍ଡିତ ବିଦ୍ୟାଳୟ ବ୍ୟବସ୍ଥା ଓ ଶିକ୍ଷାଗତ ସଙ୍କଟ

ତପନ ସାହୁ

ଜାତୀୟ ଶିକ୍ଷା ନୀତି ୨୦୨୦ କାର୍ଯ୍ୟକାରୀ ହେବା ପରେ ଦେଶରେ ଶିକ୍ଷାର ପରିସର ଅନେକ ବିସ୍ତାରିତ ହୋଇଛି। ତଥାପି ଖଣ୍ଡିତ ବିଦ୍ୟାଳୟ ବ୍ୟବସ୍ଥା ଓ ଶିକ୍ଷାଗତ ନିରନ୍ତରତାର ଅଭାବ ଶିକ୍ଷାର ମୌଳିକ ଢାଞ୍ଚାକୁ ଦୁର୍ବଳ କରିଚାଲିଛି। ଏହି ସମସ୍ୟା ନୀତି ନିର୍ଦ୍ଧାରକ ଓ ଶିକ୍ଷା ସହିତ ଜଡ଼ିତ ସମସ୍ତ ଅଂଶୀଦାରଙ୍କ ତରଫରୁ ଦୀର୍ଘମିଆଦୀ ଓ ତତ୍କାଳ ଧ୍ୟାନ ଦାବି କରୁଛି। ଭାରତର ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ବିଭିନ୍ନ ସ୍ତରରେ ଖଣ୍ଡିତ ଥିବାରୁ ଶିକ୍ଷା ପ୍ରଦାନର ଗୁଣବତ୍ତା ଓ କାର୍ଯ୍ୟକ୍ଷମତା ପ୍ରଭାବିତ ହେଉଛି।

ନିତି ଆୟୋଗଙ୍କ 'ଭାରତରେ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା: ଗୁଣବତ୍ତା ବୃଦ୍ଧି ପାଇଁ ସାମୟିକ ବିଶ୍ଳେଷଣ ଏବଂ ନୀତି ମାର୍ଗଦର୍ଶିକା' ରିପୋର୍ଟ ଅନୁସାରେ, ଖଣ୍ଡିତ ବିଦ୍ୟାଳୟ ବ୍ୟବସ୍ଥା ଓ ଶିକ୍ଷାଗତ ଅସଙ୍ଗତିକୁ ବୁଝିବା ପାଇଁ ପାଞ୍ଚଟି ପ୍ରମୁଖ ଦିଗ ଗୁରୁତ୍ୱପୂର୍ଣ୍ଣ। ପ୍ରଥମତଃ, ଶିକ୍ଷା ପାଇଁ ଏକୀକୃତ ଜିଲ୍ଲା ସୂଚନା ପ୍ରଣାଳୀ(ୟୁଡାଇଜ୍ ପ୍ଲସ୍) ୨୦୨୪୨୫ ତଥ୍ୟ ଅନୁଯାୟୀ, ଭାରତରେ ପ୍ରାୟ ୭.୩ ଲକ୍ଷ ପ୍ରାଥମିକ ବିଦ୍ୟାଳୟ ଥିବା ବେଳେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଂଖ୍ୟା ମାତ୍ର ୧.୪ ଲକ୍ଷ। ଏହି ବିଶାଳ ଅସମାନତା ଶିକ୍ଷାର ପ୍ରାରମ୍ଭିକ ଓ ଉଚ୍ଚ ସ୍ତର ମଧ୍ୟରେ ଥିବା ବ୍ୟବଧାନକୁ ପ୍ରକାଶ କରେ। ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ସ୍ତରର ପୃଥକ ପୃଥକ ବିଦ୍ୟାଳୟ ବ୍ୟବସ୍ଥା ଛାତ୍ରଛାତ୍ରୀଙ୍କୁ ଶ୍ରେଣୀ ୫, ୮ ଓ ୧୦ ପରେ ବିଦ୍ୟାଳୟ ପରିବର୍ତ୍ତନ ପାଇଁ ବାଧ୍ୟ କରେ, ଯାହା ଅନେକ ସମୟରେ ଶିକ୍ଷା ଛାଡ଼ିବାର କାରଣ ହୋଇଥାଏ। ଚିନ୍ତାର ବିଷୟ ହେଉଛି, ଦେଶର କେବଳ ପ୍ରାୟ ୫ ପ୍ରତିଶତ ବିଦ୍ୟାଳୟ ଶ୍ରେଣୀ ୧ରୁ ୧୨ ପର୍ଯ୍ୟନ୍ତ ନିରନ୍ତର ଶିକ୍ଷାର ସୁବିଧା ପ୍ରଦାନ କରେ।

ଦ୍ୱିତୀୟତଃ, ଭାରତର ବହୁସଂଖ୍ୟକ ବିଦ୍ୟାଳୟରେ ଛାତ୍ର ସଂଖ୍ୟା ଅତ୍ୟନ୍ତ କମ୍। ଏକ-ତୃତୀୟାଂଶରୁ ଅଧିକ ବିଦ୍ୟାଳୟରେ ୫୦ରୁ କମ୍ ଛାତ୍ରଛାତ୍ରୀ ଅଛନ୍ତି। ପ୍ରାୟ ୫.୧ ପ୍ରତିଶତ ବିଦ୍ୟାଳୟରେ ୧୦ରୁ କମ୍ ଏବଂ ୮ ପ୍ରତିଶତ ବିଦ୍ୟାଳୟରେ ୧୧ରୁ ୨୦ ଜଣ ଛାତ୍ରଛାତ୍ରୀ ଅଛନ୍ତି। ଏପରି କ୍ଷୁଦ୍ର ବିଦ୍ୟାଳୟଗୁଡ଼ିକୁ ପରିଚାଳନା କରିବା ଅର୍ଥନୈତିକ ଭାବେ ଅକାର୍ଯ୍ୟକ୍ଷମ ଏବଂ ପ୍ରଶାସନିକ ଭାବେ କଠିନ ହୋଇପଡ଼େ। ତୃତୀୟତଃ, ଶିକ୍ଷକ ଅଭାବ ଆଜି ମଧ୍ୟ ଏକ ଗମ୍ଭୀର ସମସ୍ୟା। ୟୁଡାଇଜ୍ ପ୍ଲସ୍ର ୨୦୨୪-୨୫ ତଥ୍ୟ ଅନୁସାରେ, ଦେଶର ୧ଲକ୍ଷରୁ ଅଧିକ ବିଦ୍ୟାଳୟ କେବଳ ଜଣେ ଶିକ୍ଷକଙ୍କ ଦ୍ୱାରା ପରିଚାଳିତ ହେଉଛି, ଯାହା ସମୁଦାୟ ବିଦ୍ୟାଳୟର ୭ ପ୍ରତିଶତରୁ ଅଧିକ। ଏପରି ପରିସ୍ଥିତିରେ ଜଣେ ଶିକ୍ଷକଙ୍କୁ ଏକାଧିକ ଶ୍ରେଣୀକୁ ପଢ଼ାଇବା, ପ୍ରଶାସନିକ କାର୍ଯ୍ୟ ସମ୍ଭାଳିବା, ଅଭିଭାବକଙ୍କ ସହ ଯୋଗାଯୋଗ କରିବା ଓ ମଧ୍ୟାହ୍ନ ଭୋଜନ ଯୋଜନାର ତଦାରଖ କରିବାକୁ ପଡ଼େ। ଫଳରେ ଗୁଣାତ୍ମକ ଶିକ୍ଷାଦାନ ପ୍ରାୟ ଅସମ୍ଭବ ହୋଇପଡ଼େ।

ଚତୁର୍ଥତଃ, ଶୂନ୍ୟ-ନାମଲେଖା ବିଦ୍ୟାଳୟର ସଂଖ୍ୟା ମଧ୍ୟ ସଂସ୍ଥାଗତ କାର୍ଯ୍ୟକ୍ଷମତାକୁ ପ୍ରଭାବିତ କରୁଛି। ଦେଶରେ ପ୍ରାୟ ୭, ୯୯୩ଟି ବିଦ୍ୟାଳୟରେ କୌଣସି ଛାତ୍ରଛାତ୍ରୀ ନାହାନ୍ତି। ଏହାର ସଂଖ୍ୟା ପଶ୍ଚିମବଙ୍ଗ ଓ ତେଲଙ୍ଗାନା ପରି ରାଜ୍ୟରେ ଅଧିକ। ଓଡ଼ିଶାର ସ୍ଥିତି ତୁଳନାତ୍ମକ ଭାବେ ଭଲ ଥିଲେ ମଧ୍ୟ ରାଜ୍ୟରେ ଏବେ ମଧ୍ୟ ୩ଟି ଶୂନ୍ୟ-ନାମଲେଖା ବିଦ୍ୟାଳୟ, ୧, ୦୮୯ଟି ଏକକ-ଶିକ୍ଷକ ବିଦ୍ୟାଳୟ ଏବଂ ପ୍ରାୟ ୪୭, ୯୪୦ ଛାତ୍ରଛାତ୍ରୀ ଏପରି ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ପଞ୍ଚମତଃ, ଅସମାନ ନାମଲେଖା ଓ ସମ୍ବଳ ବଣ୍ଟନର ବିଷମତା ଶିକ୍ଷାର ଗୁଣବତ୍ତାକୁ କ୍ଷତିଗ୍ରସ୍ତ କରୁଛି। ଅନେକ ବିଦ୍ୟାଳୟରେ ଆବଶ୍ୟକୀୟ ଭିତ୍ତିଭୂମି ଓ ମାନବ ସମ୍ବଳର ଅଭାବ ମଧ୍ୟ ରହିଛି। ଫଳରେ ଶିକ୍ଷକମାନେ ଏକକ କକ୍ଷରେ ବହୁ-ଶ୍ରେଣୀ ଶିକ୍ଷାଦାନ କରିବାକୁ ବାଧ୍ୟ ହେଉଛନ୍ତି। କିନ୍ତୁ ଅଧିକାଂଶ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବହୁ-ଶ୍ରେଣୀ ଶିକ୍ଷାଦାନ ପ୍ରଣାଳୀ ଉପରେ ପର୍ଯ୍ୟାପ୍ତ ଗୁରୁତ୍ୱ ଦିଆଯାଏ ନାହିଁ। ଏହାର ପରିଣାମ ସ୍ୱରୂପ ଶିକ୍ଷାର ଫଳାଫଳ ଅସମାନ ରହିଯାଏ।

ଏହି ସମସ୍ୟାଗୁଡ଼ିକର ସମାଧାନ ଓ ଛାତ୍ରଛାତ୍ରୀଙ୍କ ଶିକ୍ଷା ଛାଡ଼ିବା ହାର କମାଇବା ପାଇଁ ଗଠନମୂଳକ ସଂସ୍କାର ଅତ୍ୟାବଶ୍ୟକ। ସମନ୍ୱିତ ବିଦ୍ୟାଳୟ(କମ୍ପୋଜିଟ୍ ସ୍କୁଲ୍) ଏବଂ ପ୍ରମାଣ-ଆଧାରିତ ବିଦ୍ୟାଳୟ ପୁନର୍ଗଠନ ଏହାର ମୁଖ୍ୟ ଉପାୟ ହୋଇପାରେ। ପିରାମିଡ୍ ଆକୃତିର ଶିକ୍ଷା ବ୍ୟବସ୍ଥା ପରିବର୍ତ୍ତେ ଏକ ସିଲିଣ୍ଡର ଆକୃତିର ବ୍ୟବସ୍ଥା ଗଢ଼ି ଉଠିଲେ ଛାତ୍ରଛାତ୍ରୀମାନେ ପ୍ରାଥମିକରୁ ଉଚ୍ଚ ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ ଏକ ସମନ୍ୱିତ ପରିବେଶରେ ଶିକ୍ଷା ଗ୍ରହଣ କରିପାରିବେ ଏହି ପୁନର୍ଗଠନ ଜାତୀୟ ଶିକ୍ଷାନୀତି ୨୦୨୦ର ୫+୩+୩+୪ ପାଠ୍ୟକ୍ରମ ଢାଞ୍ଚାକୁ ସଫଳ ଭାବରେ କାର୍ଯ୍ୟକାରୀ କରିବା ସହିତ ଭିତ୍ତିଭୂମି, ଶିକ୍ଷକ ଓ ଶିକ୍ଷା ସମ୍ବଳର ସନ୍ତୁଳିତ ବଣ୍ଟନକୁ ସୁନିଶ୍ଚିତ କରିପାରିବ। ସେହିପରି, ଶିକ୍ଷାନୀତି୨୦୨୦ର ଧାରା ୭.୬ରେ ପ୍ରସ୍ତାବିତ ସ୍କୁଲ କମ୍ପ୍ଲେକ୍ସ ବ୍ୟବସ୍ଥାକୁ ମଧ୍ୟ କାର୍ଯ୍ୟକାରୀ କରିବା ଆବଶ୍ୟକ। ଏହି ମଡେଲରେ ଏକ ମାଧ୍ୟମିକ କିମ୍ବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ହବ୍ ଭାବେ କାର୍ଯ୍ୟ କରିବ ଏବଂ ଏହାର ଚାରିପାଖରେ ୫ରୁ ୧୦ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଥିବା ଅନ୍ୟ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ଏହା ସହ ଯୋଡ଼ିତ ହେବେ।

ସ୍କୁଲ କମ୍ପ୍ଲେକ୍ସ ବ୍ୟବସ୍ଥା ଶିକ୍ଷାଗତ ନିରନ୍ତରତା, ସମାନ ସମ୍ବଳ ବଣ୍ଟନ ଓ ପ୍ରଶାସନିକ କାର୍ଯ୍ୟକ୍ଷମତାକୁ ବୃଦ୍ଧି କରିପାରିବ। ଏହାଦ୍ୱାରା ବିଷୟଭିତ୍ତିକ ଶିକ୍ଷକ, ବିଜ୍ଞାନ ଓ ଆଇସିଟି ପରୀକ୍ଷାଗାର, ପୁସ୍ତକାଳୟ, କ୍ରୀଡ଼ା ସୁବିଧା ଓ ଧନ୍ଦାମୂଳକ ଶିକ୍ଷାର ଉତ୍ତମ ବ୍ୟବହାର ସମ୍ଭବ ହେବ। ଏହା ସହିତ ଶିକ୍ଷକମାନଙ୍କ ମଧ୍ୟରେ ପରସ୍ପର ଶିକ୍ଷା, ସହଯୋଗମୂଳକ ବୃତ୍ତିଗତ ବିକାଶ ଏବଂ ଅଧିକ ପ୍ରଭାବଶାଳୀ ନିରୀକ୍ଷଣ ବ୍ୟବସ୍ଥା ଗଢ଼ିଉଠିବ। ବିଶେଷକରି ଗ୍ରାମାଞ୍ଚଳ, ଦୁର୍ଗମ ଓ ଆଦିବାସୀ ଅଞ୍ଚଳରେ ଏହି ମଡେଲ ଅଧିକ ଉପଯୋଗୀ ସାବ୍ୟସ୍ତ ହୋଇପାରିବ। ଏହି ଆଲୋଚନା ଭାରତର ଶିକ୍ଷା ବ୍ୟବସ୍ଥାର ଅନେକ ସମସ୍ୟା ମଧ୍ୟରୁ କେବଳ ଗୋଟିଏ ଦିଗକୁ ଉପସ୍ଥାପନ କରିଛି। ଗଠନମୂଳକ ଖଣ୍ଡୀକରଣ ବ୍ୟତୀତ ଅନେକ ଶିକ୍ଷାଗତ, ପ୍ରଶାସନିକ ଓ ସାମାଜିକ-ଆର୍ଥିକ ବାଧା ମଧ୍ୟ ଶିକ୍ଷାର ସାମଗ୍ରିକ ଉନ୍ନତିକୁ ପ୍ରଭାବିତ କରୁଛି। ତେଣୁ ଶିକ୍ଷା ନୀତିର କାର୍ଯ୍ୟାନ୍ୱୟନ ସମୟରେ ଏହି ସମସ୍ତ ଦିଗକୁ ବିଚାର କରିବା ଅତ୍ୟାବଶ୍ୟକ, ଯାହା ଦ୍ୱାରା ଶିକ୍ଷାନୁଷ୍ଠାନଗୁଡ଼ିକର ସାମଗ୍ରିକ ବିକାଶ ଏବଂ ଦେଶବ୍ୟାପୀ ଶିକ୍ଷାର ଫଳାଫଳର ଉନ୍ନତି ସୁନିଶ୍ଚିତ ହୋଇପାରିବ। ●

(ଅଧ୍ୟାପକ, ଲକ୍ଷ୍ମୀନାରାୟଣ କଲେଜ୍)
ଝାରସୁଗୁଡ଼ା, ମୋ: ୮୨୪୯୪୦୩୩୧

# ଅଶୋକଙ୍କ ଅଭିଲେଖ ଓ ସ୍ୱତନ୍ତ୍ର କଳିଙ୍ଗ ଅଭିଲେଖ

## ଓଡ଼ିଶାର ବୌଦ୍ଧ ପରମ୍ପରା

ପ୍ରବୀର କୁମାର ପଟ୍ଟନାୟକ

ପୂର୍ବପ୍ରକାଶିତ ଉତ୍ତାରୁ...

ଭାରତୀୟ ପରମ୍ପରାର କ୍ଷେତ୍ର ବିସ୍ତାର ନୀତିକୁ ଅଶୋକ ସ୍ପଷ୍ଟ ଭାବରେ ପରିତ୍ୟାଗ କରିଥିବାରୁ ଏହା ଆଶ୍ଚର୍ଯ୍ୟ ଲାଗିପାରେ ଯେ ସେ କାହିଁକି କଳିଙ୍ଗକୁ ତା'ର ପୂର୍ବ ସ୍ୱାଧୀନତା ଫେରାଇ ଦେଇ ନ ଥିଲେ, ଅର୍ଥାତ୍ କଳିଙ୍ଗକୁ ସ୍ୱତନ୍ତ୍ର କରି ନ ଥିଲେ। ଏଠାରେ ଦର୍ଶାଇବାକୁ ହେବ ଯେହେତୁ ଅଶୋକ ଯୁଦ୍ଧ ନୀତି ପରିତ୍ୟାଗ କରିଥିଲେ, ତେଣୁ କଳିଙ୍ଗକୁ ପୁଣି ସ୍ୱାଧୀନ କରିଦେବା ଉଚିତ ଥିଲା, କିନ୍ତୁ ସେ ତାହା କଲେନାହିଁ। କିନ୍ତୁ ଏଭଳି ଅନେକ ସଙ୍କେତ ତଥା ପ୍ରମାଣ ରହିଛି ଯେ ନିଜର ନୂତନନୀତି (ଧର୍ମନୀତି/ଅହିଂସା) ସତ୍ତ୍ୱେ ଅଶୋକ ନିଜର ସାମ୍ରାଜ୍ୟବାଦୀ ଅଭିଳାଷ ଛାଡ଼ି ନଥିଲେ ଏବଂ ନୂତନ ନୀତି ଗ୍ରହଣ କରିବା ପୂର୍ବରୁ ହିଁ କଳିଙ୍ଗ ଯୁଦ୍ଧ ଜୟ କରାଯାଇ ସାରିଥିଲା। କଳିଙ୍ଗ ଯୁଦ୍ଧ ପରେ ଅଶୋକ ସେଠାରେ ସାଧାରଣ ଶିଳାଲେଖ (ଯେଉଁଥିରେ ସେ କଳିଙ୍ଗବାସୀଙ୍କୁ ନିଜର ପ୍ରଜା ବୋଲି କହିଥିଲେ) ଖୋଦେଇ କରିଥିଲେ। ଏହାର ମୁଖ୍ୟ କାରଣ ଥିଲା ଯୁଦ୍ଧରେ ପରାଜିତ ଓ ବିଦ୍ରୋହୀ କଳିଙ୍ଗବାସୀଙ୍କୁ ନିଜ ନିୟନ୍ତ୍ରଣରେ ରଖିବା ତଥା ସେମାନଙ୍କ ବିଶ୍ୱାସ ଜିତିବା ଏବଂ ମୌର୍ଯ୍ୟ ସାମ୍ରାଜ୍ୟ ସହ ସେମାନଙ୍କୁ ସାମିଲ କରି ସୁଦୃଢ଼ ଶାସନ ପ୍ରତିଷ୍ଠା କରିବା।

ଏହି ଆଲୋଚନା ଉଦ୍ଦେଶ୍ୟରେ ଆମକୁ ଅଶୋକଙ୍କର ସମସ୍ତ ଶିଳାଲେଖକୁ ତିନିଗୋଟି ଭାଗରେ ବିଚାର କରିବାକୁ ହେବ। (୧) ଯେଉଁ ଶିଳାଲେଖସବୁ ସମଗ୍ର ସାମ୍ରାଜ୍ୟରେ ପ୍ରକାଶିତ ହୋଇଥିଲା, ଏପରିକି କଳିଙ୍ଗରେ ମଧ୍ୟ ଏବଂ ସେଗୁଡ଼ିକ ହେଲା ପ୍ରଥମରୁ ଦଶମ ଓ ଚତୁର୍ଦ୍ଦଶ; (୨) ଯେଉଁଗୁଡ଼ିକ କଳିଙ୍ଗରେ ପ୍ରକାଶିତ ହୋଇ ନ ଥିଲା ଲବଧ ତାହା ହେଲା ଏକାଦଶରୁ ତ୍ରୟୋଦଶ। (୩) ଯେଉଁଗୁଡ଼ିକ କଳିଙ୍ଗରେ ମିଳିଥିଲା, ସେଗୁଡ଼ିକ ହେଉଛି ଦୁଇଟିଯାକ ସ୍ୱତନ୍ତ୍ର କଳିଙ୍ଗ ଶିଳାଲେଖ। କ୍ଷୁଦ୍ର ଶିଳଲେଖ ପର୍ଯ୍ୟାୟ ଅଥବା ସ୍ତମ୍ଭ ଶିଳାଲେଖ ପର୍ଯ୍ୟାୟର କୌଣସି ସଂସ୍କରଣ ଓଡ଼ିଶା ଅଞ୍ଚଳରେ ମିଳିନାହିଁ। କିନ୍ତୁ ଏଗୁଡ଼ିକର ବଣ୍ଟନ ଅତ୍ୟନ୍ତ ଅନିୟମିତ ହୋଇଥିବାରୁ ଓଡ଼ିଶାରେ ଏହାର ଅନୁପସ୍ଥିତି ଐତିହାସିକ ଦୃଷ୍ଟିକୋଣରୁ ସମ୍ଭବତଃ ବିଶେଷ ଗୁରୁତ୍ୱପୂର୍ଣ୍ଣ ନୁହେଁ। ମାତ୍ର ଭୁବନେଶ୍ୱରରେ ଏକଦା ଅଶୋକସ୍ତମ୍ଭ ଥିବାର ଜଣାଯାଇଛି।

ସାମ୍ରାଜ୍ୟ ବ୍ୟାପୀ ପ୍ରକାଶିତ ଶିଳାଲେଖ: ନଂ ୧ - ପଶୁବଳି ଏବଂ ଅଶୋକଙ୍କ ଦ୍ୱାରା ଅନୁମୋଦିତ ନଥିବା ସାମାଜିକ ସମାବେଶକୁ ନିଷେଧ। ଏହି ରାଜ ନିୟମର ବ୍ୟବସ୍ଥାଗୁଡ଼ିକ ସମ୍ଭବତଃ କେବଳ ରାଜଧାନୀରେ ଲାଗୁ ହୋଇଥିଲା। ଏହି ଅନୁଶାସନରେ ମଧ୍ୟ ରାଜପ୍ରାସାଦରେ ମାଂସଭୋଜନ ପ୍ରାୟତଃ ଉଚ୍ଛେଦ କରାଯାଇଥିଲା। ନଂ ୨ - ସାମ୍ରାଜ୍ୟ ଭିତରେ ତଥା ସାମ୍ରାଜ୍ୟର ସୀମା ବାହାରେ ଉଭୟ ମଣିଷ ଓ ଜୀବଜନ୍ତୁଙ୍କୁ ଚିକିତ୍ସା ସୁବିଧା ପ୍ରଦାନ। ନଂ ୩ - ଅଧିକାରୀମାନଙ୍କୁ ସେମାନଙ୍କ ଅଞ୍ଚଳ ମଧ୍ୟରେ ଚାରିଆଡ଼େ ଅନ୍ୟୂନ ପ୍ରତି ପାଞ୍ଚବର୍ଷରେ ଥରେ ଗସ୍ତ କରିବା ନିମନ୍ତେ ନିର୍ଦ୍ଦେଶ। ନଂ ୪ - ଧର୍ମର ପ୍ରସାର ତଥା ଅଗ୍ରଗତିର ବିବରଣୀ। ନଂ ୫ - ସମସ୍ତ ସାମ୍ରାଜ୍ୟରେ ଧର୍ମ ଅଧିକାରୀ (ଧର୍ମ ମହାମାତ୍ର)ମାନଙ୍କ ନିଯୁକ୍ତି। ନଂ ୬ - ଜନସାଧାରଣଙ୍କ କାର୍ଯ୍ୟ ଅଥବା ରାଜକାର୍ଯ୍ୟ ସଠିକ୍ ଭାବେ ତୁଲାଇବା ନିମନ୍ତେ ସେ ଯେଉଁଠି ଥାଆନ୍ତୁ ନା କାହିଁକି ଯେଉଁ ସମୟରେ ମଧ୍ୟ ତାଙ୍କୁ ସୂଚନା ଦିଆଯିବ। ଶିଳାଲେଖଟି ଏକ ଭାବପୂର୍ଣ୍ଣ ଅନୁଚ୍ଛେଦ ସହିତ ଶେଷ ହୋଇଛି, ଯେଉଁଥିରେ ଅଶୋକ ସମଗ୍ର ବିଶ୍ୱର କଲ୍ୟାଣ ନିମନ୍ତେ ତାଙ୍କର ଚିନ୍ତା ବ୍ୟକ୍ତ କରିଛନ୍ତି। ନଂ ୭ - ସଂପ୍ରଦାୟିକ ଗୋଷ୍ଠୀମାନଙ୍କ ମଧ୍ୟରେ ସୌହାର୍ଦ୍ଦ ପାଇଁ ଏକ ସଂକ୍ଷିପ୍ତ ଆହ୍ୱାନ। ନଂ ୮ - ଅଶୋକ ଶିକାର ଓ ଆମୋଦପ୍ରମୋଦ ଜନିତ ଭ୍ରମଣ ତ୍ୟାଗ କରିବା ଏବଂ ସେଗୁଡ଼ିକ ସ୍ଥାନରେ ଧର୍ମ ଯାତ୍ରା (ଧର୍ମ ପ୍ରଚାର ଓ ଲୋକ କଲ୍ୟାଣକାରୀ ଭ୍ରମଣ) ପ୍ରଚଳନ। ନଂ ୯ - ଅଶୋକ ନିରର୍ଥକ ଧର୍ମାନୁଷ୍ଠାନ ତଥା ରୀତିନୀତି ପାଳନକୁ ବନ୍ଦ କରିବା ନିମନ୍ତେ ତାଙ୍କ ପ୍ରଜାମାନଙ୍କୁ ପରାମର୍ଶ ଦେବା ସହ ସେଗୁଡ଼ିକୁ ପରିତ୍ୟାଗ କରି ତା' ବଦଳରେ 'ଧମ୍ମ'ର (ଧର୍ମ) ରୀତିନୀତି ଅର୍ଥାତ୍ ସଦାଚାର ଓ ଭଦ୍ର ଆଚରଣ ପାଳନ କରିବା ନିମନ୍ତେ ଆହ୍ୱାନ କରିଥିଲେ।(କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ରେମୁଣା ବ୍ୟବସାୟୀଙ୍କ ହତ୍ୟା ଘଟଣା

## ବାଲେଶ୍ୱର ଗସ୍ତ ପାଇଁ ଟିମ୍ ଗଢ଼ିଲା ବିଜେଡି

**ତଥ୍ୟ ଅନୁଧ୍ୟାନ କରି ନବୀନଙ୍କୁ ଦିଆଯିବ ରିପୋର୍ଟ**

ଭୁବନେଶ୍ୱର,୨୬।୬(ସମିସ): ରେମୁଣାର ବ୍ୟବସାୟୀ ଏସକେ ହମିଦଙ୍କ ହତ୍ୟାକାଣ୍ଡକୁ ବିଜେଡି ଗଭୀର ଉଦବେଗ ପ୍ରକାଶ କରିଛି। ଗତ ୨୫ ଜୁନ୍‌ରେ ବାଲେଶ୍ୱର ସହରରେ କିଛି ଅଜଣା ଦୁର୍ବୃତ୍ତଙ୍କ ଦ୍ୱାରା ଏହି ହତ୍ୟା ଘଟିଥିଲା। ଏହି ଘଟଣା ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ଗମ୍ଭୀର ପ୍ରଶ୍ନ ଉଠାଉଥିବା ବେଳେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି ଘଟଣାର ଅନୁଧ୍ୟାନ ପାଇଁ ଏକ ଟିମ୍ ଗଠନ ହୋଇଛି। ବାଲେଶ୍ୱର ଜିଲ୍ଲା ବିଜେଡି ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ସଂଯୋଜନାରେ ଏହି ଟିମ୍ ଉକ୍ତ ସ୍ଥାନକୁ ଗସ୍ତ କରିବ। ଟିମ୍ ଘଟଣାସ୍ଥଳ ପରିଦର୍ଶନ ସହ ବାଲେଶ୍ୱର ବଜାର କମିଟି, ସ୍ଥାନୀୟ ବ୍ୟବସାୟୀ, ମୃତକଙ୍କ ପରିବାର ଓ ଅନ୍ୟାନ୍ୟ ଲୋକମାନଙ୍କ ସହ ଆଲୋଚନା କରିବ। ପରେ ପୁଲିସ୍ ପ୍ରଶାସନକୁ ଭେଟି ନିରପେକ୍ଷ, ନ୍ୟାୟସଂଗତ ଓ ସମୟସୀମା ଭିତରେ ତଦନ୍ତ କରିବାକୁ ଅନୁରୋଧ କରିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଟିମ୍ ତଦନ୍ତ ପରେ ଏକ ବିସ୍ତୃତ ରିପୋର୍ଟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିବ ବୋଲି ସୂଚନା ମିଳିଛି। ଏହି ଟିମ୍‌ରେ ବିଧାୟକ ତଥା ବାଲେଶ୍ୱର ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ଗୌତମବୁଦ୍ଧ ଦାସ, ବିଜେଡି ବରିଷ୍ଠ ସାଧାରଣ ସମ୍ପାଦକ ଡଃ ଲେଖାଶ୍ରୀ ସାମନ୍ତସିଂହାର, ବିଧାୟକ ମାଧବ ଧଡ଼ା, ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ପ୍ରମୁଖ ରହିଛନ୍ତି।

### ଏସ୍ଆଇଆର୍ କାମ ଅଟକାଇ ପାରିଲାନି ବଜ୍ରପାତ

## ଆହତ ହେବା ପରେ ବି ୧୦୦% କାମ ଶେଷ କଲେ ପ୍ରମିଳା ଓଝା

ଭୁବନେଶ୍ୱର,୨୬।୬(ସମିସ): କର୍ତ୍ତବ୍ୟ ପ୍ରତି ଅନନ୍ୟ ନିଷ୍ଠା ଓ ଦାୟିତ୍ୱବୋଧର ଏକ ଅସାଧାରଣ ଉଦାହରଣ ସୃଷ୍ଟି କରିଛନ୍ତି କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀର ବୁଥ ନମ୍ବର ୧୮୭ର ବୁଥ ସ୍ତରୀୟ ଅଧିକାରୀ (ବିଏଲଓ) ପ୍ରମିଳା ଓଝା। ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) କାର୍ଯ୍ୟ ସମୟରେ ସେ ନିଜର ଦେଶଭକ୍ତି ଓ ସେବା ମନୋଭାବର ପରିଚୟ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ବନ୍ଧୀୟ କ୍ଷେତ୍ର ପରିଦର୍ଶନ (ଫିଲ୍ଡ ଭିଜିଟ୍) ସମୟରେ ହଠାତ ତାଙ୍କ ଉପରେ ଏକ ଭୟଙ୍କର ବଜ୍ରପାତ ହୋଇଥିଲା। ଏହି ବଜ୍ରପାତରେ ପ୍ରମିଳା ଓଝା ଏବଂ ତାଙ୍କ ଝିଅ ଗୁରୁତର ଭାବେ ଆହତ ହୋଇଥିଲେ। ଏଥିସହିତ ତାଙ୍କର ମୋବାଇଲ ଫୋନ୍ଟି ମଧ୍ୟ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିଲା। ଏଭଳି ଏକ ଭୟଙ୍କର ଦୁର୍ଘଟଣାର ଶିକାର ହେବା ପରେ ତାଙ୍କୁ ଡାକ୍ତରଖାନାରେ ଚିକିତ୍ସିତ ହେବାକୁ ପଡ଼ିଥିଲା। ଆଶ୍ଚର୍ଯ୍ୟର କଥା ଏହା ଯେ, ସେ ମେଡିକାଲରୁ ସୁସ୍ଥ ହୋଇ ଫେରିବା ମାତ୍ରେ ନିଜ ଶରୀରର କଷ୍ଟକୁ ଭୁଲି ପୁଣି କାମରେ ଲାଗିପଡ଼ିଥିଲେ। ସେ ନିଜ ଦାୟିତ୍ୱରେ ଥିବା ସମସ୍ତ ପରିଗଣନା ଫର୍ମର ୧୦୦ ପ୍ରତିଶତ ଡିଜିଟାଇଜେସନ କାର୍ଯ୍ୟକୁ ସଫଳତାର ସହ ସମୟ ଅବଧି ପୂର୍ବରୁ ଶେଷ କରିଛନ୍ତି। ତାଙ୍କର ଏହି ଅତୁଳନୀୟ ତ୍ୟାଗ ଓ ଦାୟିତ୍ୱବୋଧକୁ ସମ୍ମାନ ଜଣାଇ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପାଳନ ତାଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। କେନ୍ଦ୍ରାପଡ଼ା ଉପ-ଜିଲ୍ଲାପାଳ ତଥା ନିର୍ବାଚକ ପଞ୍ଜିକରଣ ଅଧିକାରୀ ଅରୁଣ କୁମାର ନାୟକ ପ୍ରଶାସନ ତରଫରୁ ତାଙ୍କୁ ପ୍ରଶଂସା କରିବା ସହିତ ପ୍ରୋତ୍ସାହନ ସ୍ୱରୂପ ଏକ ନୂଆ ମୋବାଇଲ ଫୋନ୍ ଉପହାର ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ପ୍ରମିଳା ଓଝାଙ୍କର ଏହି ନିଷ୍ଠା ଆଜିର ସମାଜରେ ଜନସେବାର ପ୍ରକୃତ ମନୋଭାବ ବା ଆଦର୍ଶକୁ ପ୍ରତିଫଳିତ କରୁଛି, ଯାହା ଅନ୍ୟ ସମସ୍ତ ସରକାରୀ କର୍ମଚାରୀଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

## ବଜ୍ରପାତରେ ଶ୍ରମିକ ମୃତ, ଯୁବତୀ ଆହତ

ଅମ୍ବାଭୋନା,୨୬।୬(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକରେ ଶୁକ୍ରବାର ବଜ୍ରପାତରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ମହିଳା ଆହତ ହୋଇଛନ୍ତି। ମୃତକ ହେଲେ ମୁର୍ଶିଦାବାଦ ଜିଲ୍ଲାର ବାସିନ୍ଦା ମହମ୍ମଦ ଅନ୍ସାର (୩୫)। ଅମ୍ବାଭୋନା ବ୍ଲକ ଲଖନପୁର ଗ୍ରାମରେ ରହି ମହମ୍ମଦ ରାଜମିସ୍ତ୍ରୀ ଓ ଟାଇଲ୍ କାମ କରୁଥିଲେ। ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଗାଁ ପୋଖରୀରେ ଗାଧୋଉଥିବା ବେଳେ ବଜ୍ରପାତରେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ପ୍ରଥମେ ଲଖନପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଆମ୍ବୁଲାନ୍ସ ଯୋଗେ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି କର୍ଲା ପଞ୍ଚାୟତ କର୍ଲା ଗାଁର ସୌଦାମିନୀ ଭୁଏ(୨୪) ମଧ୍ୟ ବଜ୍ରପାତରେ ଗୁରୁତର ହୋଇ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି।


**AFFIDAVIT**

I Rama Chandra sahoo,S/o-late Bhika Sahoo Resident at satya nagar semiliguda,ps - Semiliguda, Dist-Koraput,Pin-764036,Odisha declare by this affidavit no-358on date-22/06/2026 that onwards I shall be known as **Rama Chandra Sahu** for all future purposes.

**AFFIDAVIT**

By virtue of an affidavit sworn before Executive Magistrate Rourkela , dated 24-06-2026 I, **Binual Lamga,** resident of House, Road, Dongabandh VTC: Dalki, PO: Dalki Sub District: Raiboga District Sundergarh, Odisha Pin Code: 770033 declare that I have changed my name from **Binu Lomga** to **Binual Lamga.** Henceforth, I shall be known as **Binual Lamga** for all purposes.

**Binual Lamga**

**AFFIDAVIT**

By virtue of an affidavit (Sl No. 226, dtd- 19/06/2026) sworn before the Executive Magistrate, Khariar, Nuapada. I, **Debarchan Mallik** (new name), S/o Gouranga Mallik, resident of Village: Badamula, PO: Bhuliasikuan, PS: Khariar, Dist: Nuapada, Odisha declare that I have changed my name from **Babulu Jhakar** (old name) to **Debarchan Mallik** (new name). Henceforth, I shall be known as **Debarchan Mallik** (new name) for all purpose.

**Debarchan Mallik**

**AFFIDAVIT**

By virtue of an affidavit sworn before Executive Magistrate, Bargarh vide no. 438 dated 23.06.2026, I Govinda Seth, S/o-Radhacharan Seth resident of At/Po.- T. Gandapali, Ps.- Bijepur, Dist.- Bargarh, PIN- 768032, Odisha state that, I have changed the name of my minor daughter from **Pragnyashree Seth** to **Smruti Swarupa Seth**. Henceforth she will be known as **Smruti Swarupa Seth** for all future purposes.

Sd/- Govinda Seth

**ANGEL ONE LIMITED**

**Regd. Off:** 601, 6th Floor, Ackruti Star, Central Road, MIDC, Andheri East, Mumbai - 400093 **SEBI Registration No (Stock Broker): INZ000161534**

**PUBLIC NOTICE**

It has come to our attention that certain unauthorized individuals, agencies and third parties operating through mobile numbers "7077513180", "6370065695", "6372757747", "7978443499", "6370065695", "63639797440" are issuing fake employment offer letters, appointment letters, interview calls and recruitment-related communications using the brand name and logo of Angel One Limited to deceive the general public.

Investors and General Public are hereby informed that Angel One Limited does not have any association and/or relation, directly or indirectly with above individuals, agencies, third parties in any capacity.

Angel One Limited will not be liable in any manner of financial loss and /or consequence of dealing with such individuals, agencies, third parties. Please note that any person dealing with them will be dealing at his/her own risk and responsibility.

**For ANGEL ONE LTD**
**Sd/-,**
**Authorized Signatory**

**Date : 27.06.2026**


## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ଏସ୍‌ସିଇଆର୍‌ଟିର ୪...

କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିଛି। ସୁପାରିସ ମଧ୍ୟରେ ଏସସିଇଆରଟି ପକ୍ଷରୁ ମାଷ୍ଟର ତ୍ରୁଟି ରେଜିଷ୍ଟର ପ୍ରସ୍ତୁତ କରିବାକୁ କୁହାଯାଇଛି। ଅର୍ଥାତ୍ କଣ ତ୍ରୁଟି ରହିଛି ଏବଂ ତାହା ପ୍ରକୃତରେ କଣ ହେବ, ତାହାର ଏକ ବିସ୍ତୃତ ତାଲିକା ପ୍ରସ୍ତୁତ ହେବ। ସେହିପରି ଗୁରୁତର ତ୍ରୁଟି ଥିବା ପୃଷ୍ଠାଗୁଡ଼ିକ ପାଇଁ ପୁନଃମୁଦ୍ରିତ ପୃଷ୍ଠା କିମ୍ବା ପରିବର୍ତ୍ତିତ ଇନସର୍ଟ ଯୋଗାଇ ଦେବା, ସମସ୍ତ ଛାତ୍ରଛାତ୍ରୀଙ୍କୁ ମୁଦ୍ରିତ ସଂଶୋଧନ ପତ୍ର ବଣ୍ଟନ କରିବା, ସଂଶୋଧିତ ପିଡିଏଫ୍ ସଂସ୍କରଣକୁ ସରକାରୀ ଶିକ୍ଷାଦାନ ପାଇଁ ଅଧିକୃତ ସଂସ୍କରଣ ଭାବେ ଘୋଷଣା କରିବା, ଶିକ୍ଷକମାନଙ୍କ ପାଇଁ ସଂଶୋଧନ ସମ୍ବନ୍ଧୀୟ ତୁରନ୍ତ ଅଭିମୁଖୀକରଣ ବା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିବାକୁ କୁହାଯାଇଛି। ସେହିପରି ପୁସ୍ତକର ପ୍ରତ୍ୟେକ ତ୍ରୁଟି ପାଇଁ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବା, ଡିଟିପି ଏଜେନ୍ସି, ମୁଦ୍ରକ ଏବଂ ଅନୁମୋଦନକାରୀ କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ କରି ଆବଶ୍ୟକ ଓ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ କୁହାଯାଇଛି। ଅର୍ଥାତ୍ ଆଗକୁ କାର୍ଯ୍ୟାନୁଷ୍ଠାନ ତାଲିକା ଆହୁରି ଲମ୍ବିବା ଏକପ୍ରକାର ନିଶ୍ଚିତ ହୋଇଛି।

ଏସସିଇଆରଟି ପାଠ୍ୟପୁସ୍ତକ ପାଇଁ ଗୁଣବତ୍ତା ନିଶ୍ଚିତକରଣ ସେଲ୍ ଗଠନ କରିବା, ଏନ୍‌ସିଇଆରଟି ଢାଞ୍ଚାରେ ବିଷୟଭିତ୍ତିକ ପାଠ୍ୟକ୍ରମକୁ ବିକାଶ କରିବା ପାଇଁ କମିଟି ଗଠନ କରିବା, ପୁସ୍ତକ ମୁଦ୍ରଣ ପୂର୍ବରୁ ତ୍ରୁଟିଶୂନ୍ୟ ବୋଲି ନିଶ୍ଚିତ କରିବାକୁ ଚାରି-ସ୍ତରୀୟ ପ୍ରୁଫ୍ ଯାଞ୍ଚ ବ୍ୟବସ୍ଥା ଏବଂ ପିଡିଏଫ୍ ପ୍ରଣାଳୀ ପ୍ରଚଳନ କରିବା, ସାର୍ବଜନୀନ ଏରାଟା ପୋର୍ଟାଲ୍ କରିବା, ପ୍ରିଣ୍ଟର ଓ ଡିଟିପି କରୁଥିବା ବ୍ୟକ୍ତି ବା ସଂସ୍ଥାଙ୍କ ପାଇଁ ଜରିମାନା, କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ ଏବଂ କାର୍ଯ୍ୟରେ ଅବହେଳା କଲେ ବ୍ଲାକଲିଷ୍ଟିଂ ବ୍ୟବସ୍ଥା କରିବା, ପ୍ରତ୍ୟେକ ନୂତନ ପାଠ୍ୟପୁସ୍ତକ ପାଇଁ ପାଇଲଟ୍ ପରୀକ୍ଷଣ କରିବାକୁ ସୁପାରିସ କରାଯାଇଛି। ଭବିଷ୍ୟତରେ ପୁସ୍ତକକୁ ତ୍ରୁଟିଶୂନ୍ୟ କରିବାକୁ ବିନା ଅନୁମୋଦନରେ ମୁଦ୍ରଣ ପାଇଁ ପଠାଯିବ ନାହିଁ ବୋଲି କୁହାଯାଇଛି। ତଦନ୍ତ କମିଟିର ସମସ୍ତ ୧୪ ଟି ସୁପାରିସକୁ କାର୍ଯ୍ୟକାରୀ କରାଯିବ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ଷଷ୍ଠ ଶ୍ରେଣୀ...

କଟାକ୍ଷ କରିଛନ୍ତି । ସେହିପରି ୮ମ ଶ୍ରେଣୀ ବହିରେ ହିନ୍ଦୀ ଫିଲ୍ମ ଗୀତ 'ନିମ୍ବୁଡ଼ା...ନିମ୍ବୁଡ଼ା...' ଛପାଯିବାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି । ଏହି ପ୍ରସଙ୍ଗକୁ ନେଇ ଛାତ୍ରଛାତ୍ରୀଙ୍କୁ ସହଜ ଖାଦ୍ୟ ପ୍ରସ୍ତୁତି, ପରିଷ୍କାର-ପରିଚ୍ଛନ୍ନତା, ପୌଷ୍ଟିକତା ଏବଂ ଦୈନନ୍ଦିନ ଜୀବନ କୌଶଳ ସହ ପରିଚିତ କରାଯାଉଥିବା କୁହାଯାଉଥିବା ସମୟରେଏହାର ଶିକ୍ଷାଗତ ଗୁରୁତ୍ୱକୁ ନେଇ ମତଭେଦ ସୃଷ୍ଟି ହୋଇଛି।

କିଛି ଅଭିଭାବକ କହିଛନ୍ତି ଯେ ବର୍ତ୍ତମାନର ପ୍ରତିଯୋଗିତାମୂଳକ ଯୁଗରେ ବିଜ୍ଞାନ, ଗଣିତ ଏବଂ ଭାଷା ଦକ୍ଷତା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ପାଠ୍ୟପୁସ୍ତକରେ ଖାଦ୍ୟ ପ୍ରସ୍ତୁତି ଭଳି ବିଷୟ ରହିବା ଠାରୁ ବୈଜ୍ଞାନିକ ଚିନ୍ତାଧାରା, ଡିଜିଟାଲ ଶିକ୍ଷା ଓ ସମସ୍ୟା ସମାଧାନ କୌଶଳ ଉପରେ ଅଧିକ ଅଧ୍ୟାୟ ରହିବା ଉଚିତ। ମାତ୍ର ପାଠ୍ୟପୁସ୍ତକରେ ଶସ୍ତା ଓ ଚାଲୁ ପ୍ରସଙ୍ଗକୁ ସ୍ଥାନ ଦେଇ ଏହାର ଗୁରୁତ୍ୱ ହ୍ରାସ ପାଇଁ ସରକାର ଉଦ୍ୟମ କରିଥିବା ଅଭିଯୋଗ ହୋଇଛି । କିଛି ଶିକ୍ଷକ ଓ ଶିକ୍ଷାବିତ୍ ଏହା ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା, ଦୈନନ୍ଦିନ ଜୀବନରେ ଉପଯୋଗୀ କୌଶଳ ବିକଶିତ କରିବାରେ ସହାୟକ ହେବ ବୋଲି କହୁଛନ୍ତି, ମାତ୍ର ଅନ୍ୟପକ୍ଷରେ ଏହା ସରକାରଙ୍କର ଏକ ଚାତୁରୀ ଓ ଶିକ୍ଷାକୁ ରୁଗ୍ଣ କରିବାକୁ ଏହା ଏକ ପ୍ରୟାସ ବୋଲି ଅନେକ ଅଭିଯୋଗ କରିଛନ୍ତି। ତେଣୁ ଷଷ୍ଠ ଶ୍ରେଣୀ ବହିରେ 'ଝାଲ ମୁଢ଼ି' ପ୍ରସ୍ତୁତି ପାଠ୍ୟକ୍ରମର ପ୍ରାସଙ୍ଗିକତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପୁନଶ୍ଚ ୮ମ ଶ୍ରେଣୀ ବହିରେ ହିନ୍ଦୀ ଫିଲ୍ମ ଦିଲ୍ ଦେ ଚୁକେ ସନମ୍‌ର 'ନିମ୍ବୁଡ଼ା ନିମ୍ବୁଡ଼ା... ଛୋଟା ଛୋଟା କାଚା କାଚା ନିମ୍ବୁଡ଼ା..' ଗୀତକୁ ସ୍ଥାନୀତ କରାଯିବା ମଧ୍ୟ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପିଲାମାନଙ୍କୁ ଏହି ଗୀତ ପଢ଼ାଇ ସରକାର କ'ଣ ପ୍ରମାଣିତ କରିବାକୁ ଚାହୁଁଛନ୍ତି ବୋଲି ଅନେକ ଅଭିଭାବକ ପ୍ରଶ୍ନ କରିଛନ୍ତି ।

### ବହିରେ ତ୍ରୁଟି...

ଘଟଣାକୁ ଗ୍ରହଣ କରିଛନ୍ତି । ଏପରି ବିଭ୍ରାଟର ତଦନ୍ତ ନିର୍ଦ୍ଦେଶ ଦେବା ସହ ରିପୋର୍ଟ ଆଧାରରେ ୪ ଜଣଙ୍କୁ ନିଲମ୍ବନ କରାଯାଇଛି ଓ ୬ ଜଣଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇଛି। ମାତ୍ର ପଢ଼ା ବହିରେ ରହିଥିବା ତ୍ରୁଟିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଟିପ୍ପଣୀ ଏବେ ସାଧାରଣରେ ଅନେକ ସନ୍ଦେହ ସୃଷ୍ଟି କରିଛି । ଗତକାଲି ଏକ ବେସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ପଢ଼ା ବହିରେ ତ୍ରୁଟି ଏକ 'ଷଡ଼ଯନ୍ତ୍ର' ବୋଲି ଅଭିହିତ କରିଛନ୍ତି ।

ସେ କହିଛନ୍ତି ଯେ ପୂର୍ବରୁ ବହି ଛାପାରେ ତ୍ରୁଟି ରହୁଥିଲା । ମାତ୍ର ଏଥର ପରିମାଣ ଅସାଧାରଣ ଭାବରେ ଅଧିକ । ଏହା ପଛରେ ଷଡ଼ଯନ୍ତ୍ର ରହିଛି। ସ୍କ୍ରିପ୍ଟ ପ୍ରସ୍ତୁତି ଓ ମୁଦ୍ରଣ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପ୍ରକ୍ରିୟାର ଯାଞ୍ଚ ଆବଶ୍ୟକ। ଆମ ସରକାରଙ୍କୁ ବଦନାମ କରିବା ପାଇଁ ଏକ ବଡ଼ ଷଡ଼ଯନ୍ତ୍ର ସନ୍ଦେହ ହୋଇଥିବା ସନ୍ଦେହ ହେଉଛି। ଯେଉଁମାନେ ଏଥିରେ ଜଡିତ ବୋଲି ଜଣାପଡିବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଦୋଷୀମାନଙ୍କୁ ଚିହ୍ନଟ କରାଯିବ ଓ ଏପରି ତ୍ରୁଟି ପୁନରାବୃତ୍ତି ନହେବା ପାଇଁ ପଦକ୍ଷେପ ନିଆଯିବ। ଛାତ୍ରଛାତ୍ରୀମାନଙ୍କୁ ବଣ୍ଟନ କରାଯାଇଥିବା ସମସ୍ତ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର କରାଯିବ, ନୂତନ କପି ମୁଦ୍ରିତ ଓ ପୁନଃବଣ୍ଟନ କରାଯିବ। ଯଦି ଷଡ଼ଯନ୍ତ୍ରର ପ୍ରମାଣ ମିଳେ, ତେବେ ମୁଦ୍ରଣ ବାବଦ ସମସ୍ତ ବ୍ୟୟ ସମ୍ପୃକ୍ତ ଅଧିକାରୀଙ୍କଠାରୁ ଆଦାୟ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଷଡ଼ଯନ୍ତ୍ର ସନ୍ଦେହକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବିରୋଧୀ। ରାଜ୍ୟ କଂଗ୍ରେସ ସଭାପତି ଭକ୍ତଚରଣ ଦାସ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଷଡ଼ଯନ୍ତ୍ର କଥା ମାନିଥିବା ସ୍ୱାଗତଯୋଗ୍ୟ। ମାତ୍ର କିଏ ଷଡ଼ଯନ୍ତ୍ରକାରୀ, କିଏ ଏହାକୁ ଭୁଲ ଛପାଇଲା ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନିରବ କାହିଁକି । କେଉଁ ଅଫିସର ଭୁଲ କରିଛନ୍ତି, ତାହା ସରକାର ସ୍ପଷ୍ଟ କରନ୍ତୁ । ଯିଏ ଭୁଲ ବହି ଛପାଇଛି, ତାହା ଉପରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଭକ୍ତ କହିଛନ୍ତି । ସେହିପରି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ନେତା ଅଶୋକ ପଣ୍ଡା କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଷଡ଼ଯନ୍ତ୍ର ସନ୍ଦେହ ସମ୍ପର୍କରେ ସ୍ପଷ୍ଟ କରନ୍ତୁ । ସମ୍ପାଦନା ମଣ୍ଡଳୀରେ କିଛି ଜଣାଶୁଣା ଲୋକ ଅଛନ୍ତି। ସେମାନଙ୍କ ମଧ୍ୟରୁ କେହି ଷଡ଼ଯନ୍ତ୍ର କରିଥାଇପାରେ । ଓଡ଼ିଆ ଅସ୍ମିତା କହି ସରକାରକୁ ଆସିଲେ କିନ୍ତୁ ଅସ୍ମିତା ହାତରୁ ଖସିଗଲା। ଚାଲି ନଜାଣି ବାଟର ଦୋଷ ଦେଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦସ୍ତଖତରେ କମିଟି ଗଠନ ହୋଇଥିବ; ଯଦି ଷଡ଼ଯନ୍ତ୍ରର ଗନ୍ଧ ବାରୁଛନ୍ତି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ଭାଷାକୁ ଅପମାନ ଅକ୍ଷମଣୀୟ ଅପରାଧ ବୋଲି ଶ୍ରୀ ପଣ୍ଡା କହିଛନ୍ତି ।

### ଚମ୍ପତ ରାୟଙ୍କ...

ସଙ୍ଗିନ ଦଫା ଲଗାଇ ମାମଲା ରୁଜୁ କରାଯାଇଛି। ସିସିଟିଭି ଚିତ୍ର ଆଧାରରେ ମାମଲାରେ ସମ୍ପୃକ୍ତ ଥିବା ଆଠ ଜଣ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ଗିରଫ କରାଯାଇଛି। ଗିରଫ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଟଙ୍କା ଗଣତି ଦାୟିତ୍ୱରେ ଥିବା ଛଅ ଜଣ ମନ୍ଦିର କର୍ମଚାରୀ ଓ ବ୍ୟାଙ୍କର ପୂର୍ବତନ କର୍ମଚାରୀ ସାମିଲ ଅଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ତଦନ୍ତ ରିପୋର୍ଟ ଆସିବା ମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏବଂ ସତ୍ୟକୁ ସାମ୍ନାକୁ ଅଣାଯିବ। ଅନ୍ୟପଟେ ଏହି ଘଟଣାକୁ ନେଇ ରାଜନୀତି ଜୋର ଧରିଛି। ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି ଯେ ମୁଖ୍ୟ ଅଭିଯୁକ୍ତଙ୍କୁ ବଞ୍ଚାଇବା ପାଇଁ ଏହି ଇସ୍ତଫାର ନାଟକ କରାଯାଉଛି ଏବଂ ବରିଷ୍ଠ ଅଧିକାରୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ରାମ ମନ୍ଦିର ପ୍ରତିଷ୍ଠା ପରଠାରୁ ଦୈନିକ ହଜାର ହଜାର ଶ୍ରଦ୍ଧାଳୁ ସେଠାକୁ ଆସୁଥିବା ବେଳେ ବାର୍ଷିକ ଶହ ଶହ କୋଟି ଟଙ୍କାର ଦାନ ଆସୁଛି। ଏଭଳି ପରିସ୍ଥିତିରେ ଏତେ ବଡ଼ ପରିମାଣର ଅର୍ଥ ହେରଫେର ଏବଂ ଦୁଇ ଜଣ ଶୀର୍ଷ ପଦାଧିକାରୀଙ୍କ ଇସ୍ତଫା ମନ୍ଦିରର ଆଭ୍ୟନ୍ତରୀଣ ପରିଚାଳନା ଓ ସ୍ୱଚ୍ଛତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବର୍ତ୍ତମାନ ସରକାରୀ ସ୍ତରରେ ତଦନ୍ତ ପ୍ରକ୍ରିୟା ଜାରି ରହିଛି।

### ଚାବି ରଖୁଥିବା...

ଗାଡ଼ି ଚାଳକ ରାମଶଙ୍କର ଯାଦବ ଓରଫ ଟିନ୍ନୁ ଯାଦବଙ୍କୁ ମୁଖ୍ୟ ଅଭିଯୁକ୍ତ କୁହାଯାଉଛି, ଯାହାଙ୍କ ପାଖରେ ଦାନ ବାକ୍ସର ଚାବି ରହୁଥିଲା। ଏହା ବ୍ୟତୀତ ଟଙ୍କା ଗଣତି ଦାୟିତ୍ୱରେ ଥିବା ବ୍ୟାଙ୍କର ପୂର୍ବତନ କର୍ମଚାରୀ ସୁଭାଷ ଶ୍ରୀବାସ୍ତବ, ମନ୍ଦିର ସେବକ ଅବିନାଶ ଶୁକ୍ଲା, ରାମଶଙ୍କର ମିଶ୍ର, ଅନୁକଲ୍ପ ମିଶ୍ର, ଲବକୁଶ ମିଶ୍ର, ମନୀଷ ଯାଦବ ଏବଂ କରୁଣେଶ ପାଣ୍ଡେଙ୍କୁ ଗିରଫ କରାଯାଇଛି। କେତେକ ଅଭିଯୁକ୍ତଙ୍କ ଘର ଏବଂ ବ୍ୟାଙ୍କ ଆକାଉଣ୍ଟରୁ ଚୋରି ହୋଇଥିବା ଲକ୍ଷାଧିକ ଟଙ୍କା ମଧ୍ୟ ଜବତ କରାଯାଇଛି। ମନ୍ଦିର ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରସିଦ ମାଧ୍ୟମରେ ମିଳୁଥିବା ଦାନର ହିସାବ ସଠିକ ରହିଛି, କିନ୍ତୁ ଦାନ ବାକ୍ସରେ ପଡୁଥିବା ନଗଦ ଟଙ୍କା ଗଣତି ସମୟରେ ହିଁ ଏହି ବଡ଼ ଧରଣର ଚୋରି କରାଯାଇଛି। ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ବିଶ୍ୱାସଘାତକତା, ଚୋରି ଏବଂ ଅପରାଧିକ ଷଡ଼ଯନ୍ତ୍ର ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯିବା ସହ ଅଧିକ ପଚରାଉଚରା ଜାରି ରହିଛି।

### ଶିଳ୍ପାୟନରେ ସବୁ...

ଅଗ୍ରାଧିକାର ଶ୍ରେଣୀରେ ସାମିଲ କରାଯିବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୂର୍ବରୁ ଶିଳ୍ପ ପ୍ରତିଷ୍ଠା ପାଇଁ ଲାଗୁଥିବା ୪୦୦ ଦିନର ସମୟ ଏବେ ୧୬୦ ଦିନରୁ କମ୍ ହୋଇଯାଇଛି ଏବଂ ଆଗକୁ ଏହାକୁ ୧୦୦ ଦିନରୁ କମ୍ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି ଯେ ଓଡ଼ିଶାରେ ଶିଳ୍ପ ଅନୁକୂଳ ନୀତି ସହିତ ଏକ ବଡ଼ ଏବଂ ଆଶାବାଦୀ ଯୁବ କାର୍ଯ୍ୟବଳ ରହିଛନ୍ତି। ସରକାର ଶିଳ୍ପ ଜଗତର ଆବଶ୍ୟକତା ଅନୁଯାୟୀ ଯୁବକଯୁବତୀମାନଙ୍କୁ ଆଧୁନିକ ଜ୍ଞାନକୌଶଳରେ ଦକ୍ଷତା ସମ୍ପନ୍ନ କରୁଛନ୍ତି, ଯାହାଫଳରେ ନିବେଶକାରୀମାନଙ୍କୁ ସହଜରେ କୁଶଳୀ ଶ୍ରମିକ ମିଳିପାରିବେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପାୱାର ପଏଣ୍ଟ ଉପସ୍ଥାପନା ମାଧ୍ୟମରେ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧି ଓ ନିବେଶର ସଫଳ ଚିତ୍ର ସିଆଇଆଇ ସଦସ୍ୟମାନଙ୍କ ସାମ୍ନାରେ ରଖିଥିଲେ। ଓଡ଼ିଶା କିପରି ବିଗତ ଦିନମାନଙ୍କରେ ସିଙ୍ଗଲ୍ ୱିଣ୍ଡୋ ସିଷ୍ଟମକୁ ସୁଦୃଢ଼ କରି ନିବେଶ ପ୍ରକଳ୍ପଗୁଡ଼ିକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରିବାରେ ଦେଶରେ ରେକର୍ଡ ସୃଷ୍ଟି କରିଛି ତାହା ଶ୍ରୀ ଶର୍ମା ଦର୍ଶାଇଥିଲେ।

### ଲାଲ୍‌ଜୀ ଦେଶାଇ...

ନିର୍ବାଚନରେ କଂଗ୍ରେସର ଖରାପ ପ୍ରଦର୍ଶନ ପରେ ତତ୍କାଳୀନ ପ୍ରଭାରୀ ଅଜୟ କୁମାରଙ୍କୁ ଅପସାରଣ କରାଯାଇଥିଲା ଓ ଉତ୍ତର ପ୍ରଦେଶ କଂଗ୍ରେସର ପୂର୍ବତନ ସଭାପତି ଅଜୟ କୁମାର ଲଲ୍ଲୁଙ୍କୁ ୨୦୨୫ ଫେବୃଆରୀରେ ଓଡ଼ିଶାର ପ୍ରଭାରୀ ଭାବେ ନିଯୁକ୍ତି ମିଳିଥିଲା। ମାତ୍ର ପରବର୍ତ୍ତୀ ସମୟରେ ପିସିସି ସଭାପତି ଓ ଶ୍ରୀ ଲଲ୍ଲୁଙ୍କ ମଧ୍ୟରେ ସବୁ କିଛି ଠିକ୍ ଚାଲୁ ନ ଥିବା ଚର୍ଚ୍ଚା ହୋଇଥିଲା। ରାଜ୍ୟରେ ଆଉ କିଛିମାସ ପରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ । ତେଣୁ ଏହା ପୂର୍ବରୁ ଦଳକୁ ସଂଗଠିତ କରିବା ଓ ଦଳୀୟ କର୍ମୀଙ୍କୁ ଏକାଠି କରି ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି କରିବା ପାଇଁ ନୂଆ ପ୍ରଭାରୀଙ୍କୁ ନିଯୁକ୍ତି ଦିଆଯାଇଥିବା କୁହାଯାଉଛି ।

### ମହେଶ ଦୀକ୍ଷିତ...

ଗୁପ୍ତଚର ବ୍ୟୁରୋର ମୁଖ୍ୟ ଭାବେ ସେ ଜମ୍ମୁ, କାଶ୍ମୀର ଏବଂ ଲେହ ଅଞ୍ଚଳରେ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ସମ୍ବିଧାନର ଧାରା ୩୭୦ ଉଚ୍ଛେଦ ପରବର୍ତ୍ତୀ ସମୟରେ ଜମ୍ମୁ-କାଶ୍ମୀରରେ ଆଭ୍ୟନ୍ତରୀଣ ସ୍ଥିରତା ବଜାୟ ରଖିବା ଏବଂ ସୁରକ୍ଷା ପ୍ରତିବନ୍ଧକଗୁଡ଼ିକର ମୁକାବିଲା କରିବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ତୃଣମୂଳ ସ୍ତରରେ ଏକ ସୁଦୃଢ଼ ଗୁପ୍ତଚର ନେଟୱର୍କ ଗଠନ ପାଇଁ ଜଣାଶୁଣା ଦୀକ୍ଷିତ ପୂର୍ବରୁ ଆଇବି ଅଧୀନରେ ମାଓବାଦୀ ସମସ୍ୟା ଏବଂ ସୀମାପାର ଅନୁପ୍ରବେଶ ଭଳି ଅନେକ ସମ୍ବେଦନଶୀଳ ମାମଲାର ସଫଳ ପରିଚାଳନା କରିଛନ୍ତି। ବର୍ତ୍ତମାନ ବଦଳୁଥିବା ସୁରକ୍ଷା ପରିବେଶ ମଧ୍ୟରେ ଦେଶର ଏହି ଶୀର୍ଷ ଗୁପ୍ତଚର ପଦବୀ ଗ୍ରହଣ କରିବା ପରେ, ସୀମାପାର ଆତଙ୍କବାଦ, ଉଗ୍ରବାଦ ଏବଂ ନାର୍କୋ -ଆତଙ୍କବାଦୀ (ମାଦକ ଦ୍ରବ୍ୟ କାରବାର ଜନିତ ଆତଙ୍କବାଦ) ନେଟୱର୍କକୁ ମୂଳପୋଛ କରିବା ଦିଗରେ ତାଙ୍କର କ୍ଷେତ୍ରୀୟ ଅଭିଜ୍ଞତା ଦେଶ ପାଇଁ ବେଶ୍ ସହାୟକ ହେବ ବୋଲି ଆଶା କରାଯାଉଛି।

### ଗଞ୍ଜେଇ କାରବାରରେ...

ପଟରୁ ସେମାନଙ୍କୁ ପିଛା କରି ଆସୁଥିବା ବେଳେ ଆଉ ଏକ ଟିମ୍ ଭୁବନେଶ୍ୱରରୁ ନୟାଗଡ଼ ଆଡ଼କୁ ଯାଇଥିଲା। ଦୁଇଟି ଯାକ ଟିମ୍ ସମନ୍ୱୟ ରକ୍ଷାକରି ନୟାଗଡ଼- ଖୋର୍ଦ୍ଧା ରାସ୍ତାର ପିଚୁକୁଳି ବଜାରରେ କିଙ୍ଗପିନ୍ ଦୁର୍ବାସା ଓ ୩ ସହଯୋଗୀଙ୍କୁ ମାଡ଼ି ବସିଥିଲେ। ନୀଳାମ୍ବର ଠାରୁ ଜବତ ହୋଇଥିବା ଛିଣ୍ଡା ୧୦ ଟଙ୍କିଆ ନୋଟର ଆଉ ଫାଳେ ନୋଟ୍ ଦୁର୍ବାସା ପାଖରୁ ଜବତ ହୋଇଥିଲା। ଏଥିସହିତ ଆଉ ଏକ ଛିଣ୍ଡା ୧୦ ଟଙ୍କିଆ ନୋଟ୍ ମଧ୍ୟ ତା'ଠାରୁ ମିଳିଥିଲା। ୪ ଜଣଙ୍କଠାରୁ ଗୋଟିଏ କାର୍, ୭ଟି ମୋବାଇଲ ଫୋନ, ୩୮ ହଜାର ଟଙ୍କା ଓ ଗୋଟିଏ ସୁନା ଚେନ ମଧ୍ୟ ଜବତ କରିଥିଲା ଏସଟିଏଫ୍। ନୀଳାମ୍ବରଠାରୁ ମିଳିଥିବା ଛିଣ୍ଡା ନୋଟ୍ ସହ ଦୁର୍ବାସାର ନୋଟ୍ ମେଳ ଖାଉଥିବାରୁ ଦୁର୍ବାସା ହିଁ ଗଞ୍ଜେଇ ସିଣ୍ଡିକେଟର ମାଷ୍ଟରମାଇଣ୍ଡ ବୋଲି ଏସଟିଏଫ୍ ଜାଣିବାକୁ ପାଇଥିଲା। ଦୁର୍ବାସା ଓଡ଼ିଶାରୁ ଗଞ୍ଜେଇ ସଂଗ୍ରହ କରି ପଶ୍ଚିମବଙ୍ଗ, ଛତିଶଗଡ଼ ଓ ରାଜସ୍ଥାନକୁ ଚୋରା ଚାଲାଣ କରୁଥିବା ତଦନ୍ତ ବେଳେ ଜଣାପଡ଼ିଛି। ପୂର୍ବରୁ ଦୁର୍ବାସା, ସୁବୁଦ୍ଧି, ଅରୁଣ ଓ ପ୍ରକାଶ ନାମରେ ଏନ୍‌ଡିପିଏସ୍ ମାମଲା ରହିଥିବା ଜାଣିବାକୁ ପାଇଛି ଏସ୍‌ଟିଏଫ୍। ଗଞ୍ଜେଇ କାରବାରରେ ଆଉ କେଉଁମାନେ ସଂପୃକ୍ତ ଅଛନ୍ତି, ତାହା ଜାଣିବା ଲାଗି ୪ ଅଭିଯୁକ୍ତଙ୍କୁ ୭ ଦିନିଆ ରିମାଣ୍ଡରେ ନେବାକୁ ସୋମବାର ଦିନ ଅଦାଲତରେ ଆବେଦନ କରିବ ଏସଟିଏଫ୍।

### ଅତିରିକ୍ତ ତହସିଲଦାରଙ୍କୁ...

୪୫୬୭ ନମ୍ବର ବିଶିଷ୍ଟ ବାଲି ବୋଝେଇ ହାଇୱାକୁ ଅଟକାଇବାକୁ ଚେଷ୍ଟା କରିଥିଲେ। ମାତ୍ର ବାଲି ବୋଝେଇ ହାଇୱା ନ ଅଟକି ଦ୍ରୁତ ଗତିରେ ପଳାଇଥିଲା। ଏନଫୋର୍ସମେଣ୍ଟ ଟିମକୁ ସାଇଟ ମାରି ଦ୍ରୁତ ଗତିରେ ପଳାଇଯିବା ସହିତ ଫୋନ ଯୋଗେ ମାଲିକଙ୍କୁ ଖବର ଦେଇଥିଲା। ବାଲି ବୋଝେଇ ହାଇୱାକୁ ଧରିବା ପାଇଁ ଅତିରିକ୍ତ ତହସିଲଦାରଙ୍କ ଗାଡ଼ି ଗୋଡାଇଥିଲେ ମଧ୍ୟ ହାଇୱା ଅଟକି ନ ଥିଲା କି ସାଇଟ ଦେଇ ନ ଥିଲା। କିଛି ବାଟ ଗୋଡ଼ାଇ ଯିବା ପରେ ଏକ କାର୍ ଓଡ଼ି-୦୫-ଜିଜେ-୦୬୭ ମାତ୍ରାଧିକ ହର୍ଣ୍ଣ ମାରି ହାଇୱା ଓ ଅତିରିକ୍ତ ତହସିଲଦାରଙ୍କ ଗାଡ଼ି ମଝିରେ ପଶିଥିଲା। କାର୍ ମଧ୍ୟ ସରକାରୀ ଗାଡ଼ିକୁ ସାଇଟ ଦେଇ ନ ଥିଲା। ରାଜନଗର ଗୁପ୍ତି ରାସ୍ତାରେ ପ୍ରାୟ ୧୫ କିଲୋମିଟର ଯିବା ପରେ ହାଇୱା କାଠପଙ୍ଗରା ଗାଁ ଭିତରକୁ ପଶିଥିଲା। ଗାଁ ଛକ ନିକଟରେ ହାଇୱା ପଛପଟରୁ ପ୍ରଚଣ୍ଡ ଶବ୍ଦ ଶୁଭିଥିଲା । ଏହାପରେ ଗାଁ ରାସ୍ତାରେ ବାଲି ଢାଳି ଦ୍ରୁତ ଗତିରେ ପଳାଇଥିଲା। ରାସ୍ତା ଉପରେ ବାଲି ଯୋଗୁଁ ହାଇୱା ମାଲିକଙ୍କ କାର୍ ସରକାରୀ ଗାଡ଼ି ଆଗରେ ରହିଯାଇଥିଲା। ସ୍ଥାନୀୟ ଲୋକ ପହଞ୍ଚି ଗାଡ଼ି ଓ ଗାଡ଼ି ମାଲିକଙ୍କୁ ଅଟକ ରଖିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୁଲିସ ପହଞ୍ଚିବା ପରେ ପୁଲିସ ଉପସ୍ଥିତରେ ଗାଡ଼ି ମାଲିକ ଅତିରିକ୍ତ ତହସିଲଦାରଙ୍କୁ ଗାଳିଗୁଲଜ ସହିତ ସହିତ ଧମକ ଦେଇଥିବା ନେଇ ରାଜନଗର ଥାନାରେ ଅତିରିକ୍ତ ତହସିଲଦାର ଅଭିଯୋଗ କରିଛନ୍ତି। ପୁଲିସ କାର ଜବତ କରିବା ସହିତ ମାଲିକଙ୍କୁ ଗିରଫ କରିଥିବା ଜଣାପଡିଛି। ଫେରାର ହାଇୱାକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ପୁଲିସ ଚଢ଼ଉ ଜାରି ରଖିଛି। ଏ ନେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ କେନ୍ଦ୍ରପଡ଼ା ଖଣି ଅଧିକାରୀଙ୍କୁ ତହସିଲଦାର ଜଣାଇଛନ୍ତି।


**OFFICE OF THE SUPERINTENDING ENGINEER**
**JAGATSINGHPUR (R&B) DIVISION, JAGATSINGHPUR**
**GOVERNMENT OF ODISHA**
**("e" PROCUREMENT NOTICE)**
E-Mail I.D.: eerbjspr@gmail.com
Bid Identification No. S.E. JSPR (R&B)-5 of 2026-27

34001/395/2627

**TENDER CALL NOTICE**

1. The Superintending Engineer, Jagatsinghpur (R&B) Division, Jagatsinghpur on behalf of the Governor of Odisha invites on **Percentage Rate Basis** bid in **Double Cover System** in **ONLINE MODE** from eligible contractors for Building works as mentioned below.
2. **No. of Work:** 01 No.
3. **Nature of Work:** Civil
4. **Class of Contractor:** "B" Class
5. **Tender Paper Cost:** Rs. 10,000.00/- (Online)
6. **Availability of Bid Documents in the Website:** From **30.06.2026, 05.00 PM** to **14.07.2026**
7. **Date of Opening of Bid: 11.00 AM on 15.07.2026**

The bidders have to participate in **ONLINE** bidding only. Further details can be seen on the website: **https://tendersodisha.gov.in.** Any addendum, corrigendum or cancellation of the tender can also be seen on the said website.

**(Er. Sarbendu Sutar)**
**Additional Chief Engineer**
Jagatsinghpur (R&B) Division

OIPR-34001/34093/1/26-27/0006

ଓଡିଶା ଆଦର୍ଶ ବିଦ୍ୟାଳୟ, ଗୁଡ଼ାରୀ
**ODISHA ADARSHA VIDYALAYA, GUDARI**
AT/PO – Gudari, Block – Gudari, Dist – Rayagada, Pin – 765026
Email Id – gudari@oav.edu.in
**CBSE Affiliation No.:** 1520137, **School Code:** 17223, **UDISE Code:** 21271201004
**Letter No.:** 218/OAVGUD/2026, **Date:** 25/06/2026

**ADVERTISEMENT**

Applications are invited from deserving candidates on **Contractual basis** for **KGBV Type-IV Girls' Hostel, Odisha Adarsha Vidyalaya, At.- Gudari, Po.- Gudari, Dist.- Rayagada** as per the vacancies mentioned below in the table.
The detailed qualification and the eligibility criteria is given in the box.

| Sl. No. | Name of the Post | Qualification | Age | Remuneration per month | Vacancy Position | Remarks |
|---|---|---|---|---|---|---|
| 1 | WARDEN | B.A./B.Sc | 30–60 Years | **Rs. 25,621.75/- per month** (Including EPF share of Employee & Employer share) | 01 | — |

Application and other details can be downloaded from the District website: https://rayagada.odisha.gov.in/en/notice/recruitment. Interested candidates fulfilling the eligibility criteria may apply **by Speed Post only (DON'T SUBMIT THE APPLICATION FORMS ON HAND IN THE VIDYALAYA OFFICE OR BY E-MAIL)** to: **Odisha Adarsha Vidyalaya** At.- Gudari, Po.- Gudari, Dist.- Rayagada, Pin – 765026, **Application Period: 27/06/2026 to 15/07/2026** (Latest by **5:00 P.M.**).
The incomplete application forms and forms received after the due date shall be summarily rejected. The authorities will not be responsible for any postal delay. Further, the authorities reserve the right to cancel any or all of the applications without any reason thereof.

**Sd/- PRINCIPAL**
Odisha Adarsha Vidyalaya
Gudari, Dist.- Rayagada

**OFFICE OF THE MUNICIPAL COUNCIL, JATNI**
Phone: **0674-2490826,** Email: municipalityjatni@gmail.com
No.: **3612,** Date: **24.06.2026**
**"E" PROCUREMENT NOTICE**
13001/1002/2627

Bid Documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of Terms & Conditions of Contract and other necessary documents can be seen in the Government website: www.tendersorissa.gov.in

| | | |
|---|---|---|
| 1 | Tender Reference No. | EO/JMC/091/2026-27 |
| 2 | Tender I.D. No. | 2026_ORULB_131888_pack1 |
| 3 | Name of the Work | Civil Construction works as mentioned in website |
| 4 | No. of Works | 1 No. |
| 5 | Estimated Cost | Rs. 61,44,555.00 |
| 6 | Period of Completion | 120 Days |
| 7 | Date & Time of Bidding | From **25.06.2026, 11:00 A.M.** to **10.07.2026, 05:30 P.M.** |
| 8 | Last Date & Time for Receipt of Bids in the portal | **Dt. 10.07.2026 up to 05:30 P.M.** |
| 9 | Bid received Online shall be opened on | **13.07.2026 at 11:00 A.M.** |
| 10 | Name and address of the Officer Inviting Bid | Executive Officer, Jatni Municipality |

Further details can be seen from the procurement portal:www.tendersorissa.gov.in

**Executive Officer**
**Jatni Municipality**

OIPR-13001/13041/1/26-27/0011

यूनियन बैंक ऑफ इंडिया | Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର**
୩/୧ଏ ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ୍, ନୟାପଲ୍ଲୀ
ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

**ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ ଅନ୍ତର୍ଗତ ରୁଲ୍ ୮(୧)**

ନିମ୍ନ ସ୍ୱାକ୍ଷରକାରୀ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ବଳରେ ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନମତେ ଦର୍ଶାଯାଇଥିବା ଅର୍ଥ ସହିତ ସେବାବଦ ସୁଧ ନୋଟିସ୍ ପାଇବାର ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାର/ବନ୍ଧକଦାତା ତାଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମ ର ଧାରା ୧୩(୪) ଏବଂ କଥିତ ନିୟମର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି । ଏତଦ୍‌ଦ୍ୱାରା ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିକଟରେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା/ଆବେଦନକାରୀ/ ସହ-ଋଣଗ୍ରହୀତା/ଜାମିନ୍‌ଦାର/କୋ-ଓବ୍ଲିଗାଣ୍ଟ/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **କଚେରୀ ରୋଡ୍ ଶାଖା, ପୁରୀ /** ଋଣଗ୍ରହୀତା, ଆବେଦନକାରୀ ଏବଂ ବନ୍ଧକଦାତା: ଶ୍ରୀମତୀ ଜୟଶ୍ରୀ ମହାପାତ୍ର, ସ୍ୱାମୀ: ଶ୍ରୀ ଅଜିତ କିଶୋର ମହାପାତ୍ର / ସହ-ଋଣଗ୍ରହୀତା: ଶ୍ରୀ ଅଜିତ କିଶୋର ମହାପାତ୍ର / ଜାମିନ୍‌ଦାର ଏବଂ କୋ-ଓବ୍ଲିଗାଣ୍ଟ: ଶ୍ରୀ ବିଶ୍ୱଜିତ ମହାପାତ୍ର, ପିତା: ଶ୍ରୀ ଅଜିତ କିଶୋର ମହାପାତ୍ର, ସମସ୍ତଙ୍କ ଠିକଣା- ସା: ସୁରଙ୍ଗୀ ମଠ ଲେନ୍, ମଣିକର୍ଣ୍ଣିକା ସାହି, ସାମିଲ ହରଚଣ୍ଡୀ ସାହି, ପୋ/ଜିଲ୍ଲା: ପୁରୀ, ପିନ୍-୭୫୨୦୦୧ | ୧୦.୦୪.୨୦୨୬ ସୁଦ୍ଧା ଟ.୫,୭୭,୦୧୨.୦୮ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୦.୦୪.୨୦୨୬ / ୨୩.୦୬.୨୦୨୬ | ଶ୍ରୀମତୀ ଜୟଶ୍ରୀ ମହାପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୧, ଖାତା ନଂ.: ୧୪୯, କ୍ଷେତ୍ର: ଏକର୦.୦୧୮ଡିସିମିଲି, କିସମ: ଘରବାରି, ମୌଜା: ମଣିକର୍ଣ୍ଣିକା ସାହି, ହୋଲ୍ଡିଂ ନଂ.: ୪୦୦, ସର୍କଲ ନଂ.: ୪, ଏସ୍‌ଆର୍‌ଓ: ପୁରୀ, ଜିଲ୍ଲା: ପୁରୀ, ଏହାର ଚାରିପାର୍ଶ୍ୱରେ- ପୂର୍ବ: ରାସ୍ତା, ପଶ୍ଚିମ: ଜଗନ୍ନାଥ ରଣା, ଉତ୍ତର: ରାସ୍ତା, ଦକ୍ଷିଣ: ବନ ଖୁଣ୍ଟିଆ |
| **ଶ୍ରୀକ୍ଷେତ୍ର ଶାଖା, ପୁରୀ /** ଋଣଗ୍ରହୀତା, ଆବେଦନକାରୀ ଏବଂ ବନ୍ଧକଦାତା: ଶ୍ରୀମତୀ ନିବେଦିତା ମିଶ୍ର, ସ୍ୱାମୀ: ୰ ନାରାୟଣ ପ୍ରସାଦ ମିଶ୍ର, ମାତୃନିଳୟ ଗ୍ରେସ୍ ସିଟୀ, ହରିହର ବିହାର, ଗୁଣ୍ଡିଚା ମନ୍ଦିର ପଛପାର୍ଶ୍ୱ, ପୋ: ପୁରୀ-୨, ଜିଲ୍ଲା: ପୁରୀ, ପିନ୍-୭୫୨୦୦୨ / କୋ-ଓବ୍ଲିଗାଣ୍ଟ ଏବଂ ଜାମିନ୍‌ଦାର: ଶ୍ରୀମତୀ ସ୍ମିତା ମହାନ୍ତି, ସ୍ୱାମୀ: ଅଶେଷ କୁମାର ମହାନ୍ତି, ଠିକଣା-୧: ସା: ସାଇ ନାରାୟଣ ବିଦ୍ୟା ମନ୍ଦିର, ନବକଳେବର ରୋଡ, ପୁରୀ-୨, ଜିଲ୍ଲା: ପୁରୀ, ପିନ୍-୭୫୨୦୦୨, ଠିକଣା-୨: ସା: ସନ୍ତୋଷୀ ନଗର, ମଧୁପାଟଣା, କଟକ, ପିନ୍-୭୫୩୦୧୦ | ୦୯.୦୪.୨୦୨୬ ସୁଦ୍ଧା ଟ.୧୮,୮୧,୭୭୨.୩୨ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୯.୦୪.୨୦୨୬ / ୨୩.୦୬.୨୦୨୬ | ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୬୧୩/୪୦୭୭, ଖାତା ନଂ.: ୫୨୧/୨୦୫୫, କ୍ଷେତ୍ର: ଏକର୦.୦୨୯ ଡିସିମିଲି, କିସମ: ଘରବାରି, ମୌଜା: ବାଲୁଖଣ୍ଡ, ଜିଲ୍ଲା: ପୁରୀ, ଓଡ଼ିଶା |

ସ୍ଥାନ: ଭୁବନେଶ୍ୱର, ତାରିଖ: ୨୬.୦୬.୨୦୨୬ | ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## କେବେ ସୁଧୁରିବ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ

# ଅସରାଏ ବର୍ଷାରେ ପଡ଼ିଆ ଜଳାର୍ଣ୍ଣବ

ଜଗତସିଂହପୁର,୨୬।୬(ସମିସ)



ଜଗତସିଂହପୁର ଜିଲ୍ଲା ଗଠନକୁ ୩୩ ବର୍ଷ ବିତିଗଲାଣି ହେଲେ ଜିଲ୍ଲାର ମୁଖଶାଳା କୁହାଯାଉଥିବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆ ଏବଂ କାର୍ଯ୍ୟାଳୟକୁ ସଂଲଗ୍ନ କରୁଥିବା ରାସ୍ତାର ଦୂରାବସ୍ଥା ଆଜି ପର୍ଯ୍ୟନ୍ତ ସୁଧୁରି ପାରିଲାନାହିଁ। ଏହି ପଡ଼ିଆର ପୂର୍ବ ପାଶ୍ୱର୍ରେ ସଭାସମିତି ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ଏକ ମଞ୍ଚ ନିର୍ମାଣ କରାଯାଇଥିବା ବେଳେ ମଞ୍ଚ ପଛରେ ଶୌଚାଳୟ ରହିଛି। ବର୍ଷତମାମ ବିଭିନ୍ନ ସରକାରୀ ଉତ୍ସବ ସହିତ ବେସରକାରୀ ଅନୁଷ୍ଠାନ ମାନେ ମଧ୍ୟ ସଭାସମିତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଏହି ମଞ୍ଚରେ କରି ଆସୁଛନ୍ତି। ହେଲେ ଜଗତସିଂହପୁର ମୁଖ୍ୟ ଡାକଘର ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଯର୍ୟନ୍ତ ଥିବା ରାସ୍ତାଟି ଏବେ ଗାଁ ଗୋହରିଠାରୁ ଅଧିକ ଜରାଜୀର୍ଣ୍ଣ ହୋଇପଡିଛି। ଯାହାଦ୍ୱାରା ପ୍ରତ୍ୟେକ କାର୍ଯ୍ୟ ଦିବସରେ ଶହ ଶହ ସଂଖ୍ୟାରେ ଜନସାଧାରଣ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସୁଥିବା ବେଳେ ରାସ୍ତା ଦୂରାବସ୍ଥାରୁ ହଇରାଣ ହେଉଛନ୍ତି। ଗତବର୍ଷ ମାତ୍ର ୨ ମାସ ବ୍ୟବଧାନରେ ଜଗତସିଂହପୁର ପୂର୍ତ୍ତ ବିଭାଗ ତରଫରୁ ଦୁଇ ଦୁଇଥର ଏହି ରାସ୍ତା ମରାମତି କରାଯାଇଥିଲେ ମଧ୍ୟ ଅବସ୍ଥା 'ଯଥା ପୂର୍ବଂ ତଥା ପରଂ'। ଆଜି ଅସରାଏ ବର୍ଷାରେ ଏହି ରାସ୍ତାରେ ପାଣି ଜମିରହିବା ସହିତ ପଡ଼ିଆ ମଧ୍ୟ ଜଳାର୍ଣ୍ଣବ ହୋଇପଡିଥିଲା। ସେହିପରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡିଆର ମୁଖ୍ୟ ଫାଟକ ପାଶ୍ୱର୍ରେ ଜଗତସିଂହପୁର ପୌର ପରିଷଦ ତରଫରୁ ମୁକ୍ତା ଯୋଜନାରେ ପାଖାପାଖି ଲକ୍ଷେ ଟଙ୍କା ଖର୍ଚ୍ଚ କରାଯାଇ ଶୌଚାଳୟ ନିର୍ମାଣ ହୋଇଥିଲେ ମଧ୍ୟ ତାହା ପରିତ୍ୟକ୍ତ ଅବସ୍ଥାରେ ରହିଛି। ପଡ଼ିଆର ଜଳ ନିଷ୍କାସନ ପାଇଁ ଉତ୍ତର ପଟରେ ଏକ ଡ୍ରେନ ନିର୍ମାଣ କରାଯାଇଥିଲା। ନିୟମିତ ବ୍ୟବଧାନରେ ଏହି ଡ୍ରେନ୍ ସଫା ହେଉନଥିବାରୁ ସଂପୂର୍ଣ୍ଣ ପୋତି ହୋଇପଡିଲାଣି। ଫଳରେ ପଡିଆର ଉଦ୍‌ବୃତ ଜଳ ନିଷ୍କାସିତ ହୋଇନପାରି ଜମା ହୋଇ ରହୁଛି। ଏପରିକି ଲଗାଣ ବର୍ଷା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡିଆ ଏକ କୃତିମ ହ୍ରଦର ଭ୍ରମ ସୃଷ୍ଟି କରୁଛି। ବାରମ୍ବାର ପ୍ରଶାସନ ଠାରୁ ଆରମ୍ଭ କରି ବିଭିନ୍ନ ଫୋରମରେ ଅଭିଯୋଗ ହୋଇଥିଲେ ମଧ୍ୟ ଫଳ ଶୂନ। ସାମଗ୍ରୀକ ଭାବେ ଦେଖିବାକୁ ଗଲେ ପଡିଆ ସାରା ବାଲିମୟ ହୋଇଥିବା ବେଳେ ଅନେକ ସ୍ଥାନରେ ଅନାବନା ଗଛ ଓ ଘାଷମୟ ହୋଇ ରହିଛି। ଉକ୍ତ ପଡିଆ ଏବଂ ରାସ୍ତାର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ସମୟରେ ଲକ୍ଷ ଲକ୍ଷ ଟଙ୍କା ମଧ୍ୟ ଖର୍ଚ୍ଚ କରାଯାଉଛି। କିନ୍ତୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡିଆ ଏବଂ କାର୍ଯ୍ୟାଳୟକୁ ଯାଇଥିବା ରାସ୍ତାର ଭାଗ୍ୟ ସୁଧୁରିବା ପରିବର୍ତ୍ତେ ଅଧିକ ଖରାପ ହେଉଥିବା ଲକ୍ଷ୍ୟ କରାଯାଇଛି। ଜିଲ୍ଲା ପ୍ରଶାସନ,ପୌର ପ୍ରଶାସନ ଏବଂ ସ୍ଥାନୀୟ ଜନ ପ୍ରତିନିଧି ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ଦାବୀ କରାଯାଇଛି।

## ପାରାଦୀପ-କଟକ ରାସ୍ତାରେ ଦୁର୍ଘଟଣା



ପାରାଦ୍ୱୀପ,୨୬।୬(ସମିସ): ପାରାଦୀପ-କଟକ ରାସ୍ତାର ପାରାଦୀପ ଗଡ଼ ନିକଟରେ ଏକ ସିରିଜ ସଡ଼କ ଦୁର୍ଘଟଣା ଘଟିଛି। ଭୁବନେଶ୍ୱରଅଭିମୁଖେଯାଉଥିବା ଘରୋଇ ବସ୍ ତ୍ରିଦେବୀ ଏକ କାର୍‌କୁ ପଛପଟୁ ଜୋରଦାର ଧକ୍କା ଦେଇଛି। ସୂଚନା ମୁତାବକ, ଏକ ଘରୋଇ ବସ୍ ଯାତ୍ରୀମାନଙ୍କୁ ନେଇ ଭୁବନେଶ୍ୱର ଅଭିମୁଖେ ଯାଉଥିବା ସମୟରେ ପାରାଦୀପ ଗଡ଼ ନିକଟରେ ଆଗରେ ଯାଉଥିବା ଏକ କାର୍‌କୁ ପଛପଟୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ବସ୍‌ରେ ଥିବା ସମସ୍ତ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ, କାର୍‌ରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଜଣେ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ପାରାଦୀପ ଲକ୍ ଥାନା ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଉଭୟ ବସ୍ ଏବଂ କାରକୁ ଜବତ କରି ଥାନାରେ ଅଟକ ରଖିଛି। ଏହା ସହ ପୁଲିସ ଏହି ଦୁର୍ଘଟଣା କେଉଁ ପରିସ୍ଥିତିରେ ଏବଂ କାହା ଅସାବଧାନତା ଯୋଗୁଁ ଘଟିଲା, ସେ ନେଇ ଅଧିକ ତଦନ୍ତ ଜାରି ରଖିଛି। ତେବେ ବର୍ତ୍ତମାନ ସୁଦ୍ଧା ସେଠାରେ ସ୍ଥିତି ସ୍ୱାଭାବିକ ଥିବା ବେଳେ ଆହତ ବ୍ୟକ୍ତିଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଛି। ପୁଲିସର ତଦନ୍ତ ପରେ ହିଁ ଦୁର୍ଘଟଣାର ପ୍ରକୃତ କାରଣ ସ୍ପଷ୍ଟ ହେବ।

## 'ବିକାଶର ଧାରା ଓଡ଼ିଶା ସାରା' ଅନ୍ତର୍ଗତ ସ୍ୱଚ୍ଛତା ଅଭିଯାନ



ଜଗତସିଂହପୁର,୨୬।୬(ସମିସ): ଉଚ୍ଚଶିକ୍ଷା ବିଭାଗ ଏବଂ ପୌର ପରିଷଦର ମିଳିତ ଆନୁକୂଲ୍ୟରେ ଜଗତସିଂହପୁର ପୌର ପରିଷଦ ଅଞ୍ଚଳର ସୋମନାଥ ହାଟ ବଜାର ନିକଟରେ ଏକ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେଙ୍କ ତତ୍ତ୍ୱାବଧାନରେ ପୌରାଞ୍ଚଳର ବିଭିନ୍ନ ମହାବିଦ୍ୟାଳୟ ର ୨୦୦ ରୁ ଅଧିକ ଛାତ୍ରୀଛାତ୍ର, ଅଧ୍ୟାପକ, ଅଧ୍ୟାପିକା, ଗଣମାଧ୍ୟମ ପ୍ରତିନିଧି, ସ୍ୱଚ୍ଛ ସାଥୀ, ପୌର ପରିଷଦ କର୍ମଚାରୀ ପ୍ରମୁଖ ସୋମନାଥ ହାଟ ବଜାର ନିକଟରେ ଏକତ୍ରିତ ହୋଇ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିଲେ। ପୌର ନିର୍ବାହୀ ଅଧିକାରୀ ସନ୍ଦୀପ ସିଂହ କାର୍ଯ୍ୟକ୍ରମ ତଦାରଖ କରିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ପୌରନିର୍ବାହୀ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଉପସ୍ଥିତିରେ ସ୍ୱଚ୍ଛ ଭାରତର ବିଭିନ୍ନ ସ୍ଲୋଗାନ ସହ ଅଧିକାରୀ, ପିଲାମାନେ ଓ କର୍ମଚାରୀମାନେ ଅଳିଆ ଆବର୍ଜନା ସଫା କରି ପୌର ପରିଷଦ ଅଳିଆ ଗାଡ଼ିରେ ପକାଇଥିଲେ। ସ୍ୱଚ୍ଛ ଓଡ଼ିଶା ଆମର ଲକ୍ଷ୍ୟ, ସ୍ୱଚ୍ଛତା ଆମର କର୍ତ୍ତବ୍ୟ ଭଳି ବିଭିନ୍ନ ସ୍ଲୋଗାନ ଦେଇ ପିଲାମାନେ ଅଭିଯାନରେ ସାମିଲ ହୋଇଥିଲେ।

## ଜାତୀୟ କିକ୍ ବକ୍ସିଂ ପ୍ରତିଯୋଗିତାରେ ସଫଳତା

ପାରାଦୀପ,୨୬।୬(ସମିସ): ଗତ ଜୁନ ମାସ ୧୭ରୁ ୨୨ତାରିଖ ପର୍ଯ୍ୟନ୍ତ ମଧ୍ୟପ୍ରଦେଶ ଇଣ୍ଡୋର ଠାରେ ଚାଲିଥିବା ଜାତୀୟ ସବ୍‌ଜୁନିଅର ୱାକୋ କିକ ବକ୍ସିଂ ପ୍ରତିଯୋଗିତାରେ ୨୯ରାଜ୍ୟ ଏବଂ ୮ କେନ୍ଦ୍ରଶାସିତ ପ୍ରଦେଶରୁ ୧୩ ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଓଡିଶା ଏବଂ ଜଗତସିଂହପୁର ଜିଲ୍ଲାର ଖେଳାଳି ମାନେ ଜାତୀୟ କୋଚ ଅମର ଜୋତି ରାଉତଙ୍କ ନେତୃତ୍ୱରେ ଜାତୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିଥିଲେ। ସେ ମଧ୍ୟରୁ ଜଗତସିଂହପୁର ଜିଲ୍ଲା ପାରାଦୀପ ଗଡ଼ର ଈଶାନ ମହାନ୍ତି ବ୍ରୋଞ୍ଜ ପଦକ ହାସଲ କରି ନିଜ ଜିଲ୍ଲା ତଥା ରାଜ୍ୟର ଗୌରବ ବଢ଼ାଇଛନ୍ତି। ଓଡିଶା ୱାକୋ କିକ ବକ୍ସିଂ ସଭାପତି କାର୍ତ୍ତିକ ଡାକୁଆ ଏବଂ ସମ୍ପାଦକ ବିଚିତ୍ର ନାରାୟଣ ଜେନା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖେଳାଳିମାନେ ଉତ୍ତମ ପ୍ରଦର୍ଶନ କରିଥିଲେ। ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତସିଂହପୁର ଜିଲ୍ଲା କିକ ବକ୍ସିଂ ଉପସଭାପତି ଗଗନ ବିହାରୀ ରାଉତ, ଆଇନ ପରାମର୍ଶଦାତା ଆଇନଜୀବୀ ସଞ୍ଜୟ କୁମାର ବେହେରା ଏବଂ ସରପଞ୍ଚ ସସ୍ମିତା ବେହେରା ପିଲାମାନଙ୍କୁ ସମସ୍ତ



ସହଯୋଗ କରିଥିଲେ। ପ୍ରଶାସନ ଏବଂ ଜିଲ୍ଲା କ୍ରୀଡା ଅଧିକାରୀଙ୍କ ତରଫରୁ ସହଯୋଗ ମିଳିଲେ ଆଗାମୀ ଦିନରେ ଜଗତସିଂହପୁରଜିଲ୍ଲାରକ୍ରୀଡ଼ାବିତମାନେ ଆହୁରି ଭଲ ପ୍ରଦର୍ଶନ କରିବେ ବୋଲି ଆଶା ରହିଥିବା କୁହାଯାଇଛି।

## ନିଶା ଦ୍ରବ୍ୟ ସେବନ ଓ ଅବୈଧ ଚୋରା ଚାଲାଣ ବିରୋଧ ଦିବସ




ଜଗତସିଂହପୁର,୨୬।୬(ସମିସ): ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଅବକାରୀ ବିଭାଗ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ନିଶା ଦ୍ରବ୍ୟ ସେବନ ଓ ଅବୈଧ ଚୋରା ଚାଲାଣ ବିରୋଧ ଦିବସ ଉପଲକ୍ଷେ ଏକ ସଭାର ଆୟୋଜନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ଉପସ୍ଥିତ ଯୁବପିଢ଼ିଙ୍କୁ ନିଶାଠାରୁ ଦୂରରେ ରହିବା ସହ ସଚେତନତାର ବାର୍ତ୍ତାକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ ଆହ୍ୱାନ ଦେଇଥିଲେ। ଅବକାରୀ ବିଭାଗ ଇନ୍ସପେକ୍ଟର ପ୍ରଭାସ କୁମାର ଚୌଧୁରୀ ଦିବସର ତାତ୍ପର୍ଯ୍ୟ ବିଷୟରେ ଉପସ୍ଥାପନ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମମତା ନାୟକ ସ୍ୱାଗତ ଭାଷଣ ସହ ନିଶା ନିବାରଣ କେନ୍ଦ୍ରରେ ଚିକିତ୍ସିତ ହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ପାରିଥିବା ବ୍ୟକ୍ତି ମାନଙ୍କ ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। ଶେଷରେ ପ୍ରବନ୍ଧ ଲିଖନ, ବକ୍ତୃତା ତଥା ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଶିଷ୍ଟ ଶିକ୍ଷବିତ୍ ସୁଭାଷ ଚନ୍ଦ୍ର ରାଉତ ସଭା କାର୍ଯ୍ୟ ପରିଚାଳନା ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ସାଧାରଣ ଜନତା, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି, ବିଦ୍ୟାଳୟ ଛାତ୍ରଛାତ୍ରୀ , ଅବକାରୀ ଏବଂ ସାମାଜିକ ସୁରକ୍ଷା ବିଭାଗର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ପୂର୍ବାହ୍ନ ୯ ଘଟିକା ସମୟରେ ଜିଲ୍ଲା ଅବକାରୀ ବିଭାଗ ଓ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ କଲେକ୍ଟରେଟ୍ ପଡିଆ ଠାରୁ ଜଗତସିଂହପୁର ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଓ ପୁନଶ୍ଚ ପର୍ଯ୍ୟନ୍ତ କଲେକ୍ଟରେଟ୍ ପଡିଆ ପର୍ଯ୍ୟନ୍ତ ସ୍କୁଲ ଓ କଲେଜର ଛାତ୍ର ଛାତ୍ରୀ, କର୍ମଚାରୀମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା।

## ▶▶ ସରକାରଙ୍କ ନାହିଁ ଟାର୍ଗେଟ୍

## ହିତାଧିକାରୀଙ୍କ ମୃତ୍ୟୁ ପରେ ହେଉଛି ନୂଆ ଭତ୍ତା ବଣ୍ଟନ

ପଞ୍ଚୁପାଣ୍ଡବ,୨୬।୬(ସମିସ): ଡେରାବିଶ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରୁ ପ୍ରାୟ ୨୫୦୦ରୁ ଅଧିକ ହିତାଧିକାରୀ ଭତ୍ତା ପାଇବା ପାଇଁ ଆବେଦନ କରିଛନ୍ତି। ତେବେ ସରକାରଙ୍କ ଟାର୍ଗେଟ୍ ନ ଥିବାରୁ ଭତ୍ତା ଆଶାୟୀଙ୍କୁ ନିରାଶ ହେବାକୁ ପଡ଼ିଛି। ସରକାରଙ୍କ ଟାର୍ଗେଟ୍ ନ ଥିବାରୁ ଏଭଳି ସମସ୍ୟା ହେଉଛି। କିନ୍ତୁ ଜଣେ ହିତାଧିକାରୀଙ୍କ ମୃତ୍ୟୁ ହେଲେ ତାଙ୍କ ସ୍ଥାନରେ ଅନ୍ୟଜଣଙ୍କୁ ଭତ୍ତା ଆଶାୟୀଙ୍କୁ ଏହି ସୁଯୋଗ ମିଳୁଛି। ଅନ୍ୟପକ୍ଷରେ ଏବେ ତିନି ମାସ ପୂରୁଛି, ଭତ୍ତା ଟଙ୍କା ନ ପାଇ ହିତାଧିକାରୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତ। ଏବେ ଯେଉଁ ଭତ୍ତା ବଣ୍ଟନ କରାଯାଇଛି, କେତେକ ଭତ୍ତା ହିତାଧିକାରୀଙ୍କ ମୃତ୍ୟୁ ପରେ ସେତିକି ନୂଆଁ ହିତାଧିକାରୀଙ୍କୁ ଭତ୍ତା ଦିଆଯାଇଥିବା ସୂଚନା ମିଳିଛି। ଡେରାବିଶ ବ୍ଲକ୍‌ରେ ବାର୍ଦ୍ଧକ୍ୟ ଭତ୍ତା ୩୭୩, ବିଧବା ଭତ୍ତା ୧୯ ଓ ଦିବ୍ୟାଙ୍ଗ ଭତ୍ତା ୨୫ ଜଣ ହିତାଧିକାରୀଙ୍କୁ ବଣ୍ଟନ କରାଯାଇଛି। ଏହି ଭତ୍ତା ବଣ୍ଟନରେ ଗୋଟିଏ ଘରୁ ତିନି ତିନି ଜଣ ଭତ୍ତା ପାଇଥିବାବେଳେ କେତେକ ବଡ଼ ବଡିଆ ଲୋକଙ୍କୁ ଭତ୍ତାରେ ସାମିଲ କରାଯାଇଛି। ଏମିତି ଦେଖିବାକୁ ମିଳୁଛି ରଘୁଦେଇପୁର, ବେଣୀପୁର, ଛୋଟି ପଞ୍ଚାୟତରେ। ରଘୁଦେଇପୁର ପଞ୍ଚାୟତରେ ଶତାଧିକ ଅସହାୟ ଦୀର୍ଘଦିନ ହେଲା ଆବେଦନ ଆବେଦନ କରିଥିଲେ ସୁଦ୍ଧା ସେମାନଙ୍କୁ ପ୍ରଶାସନ ଅଣଦେଖା କରୁଥିବା ସରପଞ୍ଚ ଭକ୍ତିଲତା ନାୟକ କହିଛନ୍ତି। ଏ ସମ୍ପର୍କରେ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି କେତେକ ଭତ୍ତା ହିତାଧିକାରୀଙ୍କ ମୃତ୍ୟୁ ହେବା ପରେ କିଛି ଲୋକଙ୍କୁ ନୂଆ ଭତ୍ତା ବଣ୍ଟନ କରାଯାଇଛି। ସରକାରଙ୍କ ପକ୍ଷରୁ ଟାର୍ଗେଟ ଆସିଲେ ଆଉ କିଛି ଭତ୍ତା ହିତାଧିକାରୀପାଇପାରିବେବୋଲିକହିଛନ୍ତି।ଯେତିକିଲୋକମରିବେସେତିକିଲୋକଙ୍କୁ ଯୋଡ଼ା ହେବ। ସରକାରଙ୍କ ନୂଆ ଭତ୍ତା ଟାର୍ଗେଟ ନାହିଁ ବୋଲି ଅଧିକାରୀ କହିଛନ୍ତି।

## ବାଣୀଧାରା ଟ୍ରଷ୍ଟ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ପାରାଦୀପ,୨୬।୬(ସମିସ): ବାଣୀଧାରା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଜଗତସିଂହପୁର ଜିଲ୍ଲା ସମେତ ସମଗ୍ର ରାଜ୍ୟରେ ଟ୍ରଷ୍ଟର ସଂଯୋଜକ ଆଇନଜୀବୀ ଗତିକୃଷ୍ଣ ଶତପଥୀଙ୍କ ନେତୃତ୍ୱରେ ନିଶା ନିବାରଣ ପାଇଁ ଯୁଦ୍ଧ (ୱାଦା) ଅଭିଯାନ ଦ୍ରୁତ ଗତିରେ ଆଗେଇ ଚାଲିଛି। ଏଥିରେ ଯୁବକ ମାନଙ୍କୁ ଡ୍ରଗ୍‌ସ ଓ ନିଶା ଠାରୁ ଦୁରେଇ ରହିବାକୁ ବିଭିନ୍ନ ପ୍ରକାର ସଚେତନତା ସୃଷ୍ଟି କରାଯାଉଛି। ଏହି ପରିପ୍ରେକ୍ଷୀରେ ଆନ୍ତର୍ଜାତୀୟ ଡ୍ରଗ ନିରୋଧ ଦିବସ ପରିପ୍ରେକ୍ଷୀରେ ଟ୍ରଷ୍ଟ ପକ୍ଷରୁ ବନ୍ଦର ସହର ପାରାଦୀପରେ ଏକ ସଚେତନତା ପଦଯାତ୍ରା ପରିକ୍ରମା କରିଥିଲା। ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ସଦନ ପରିସରରେ ଏକ ଡ୍ରଗ୍‌ସ ବିରୋଧୀ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜଗତସିଂହପୁର ସାଂସଦ ଡ.ବିଭୁ ପ୍ରସାଦ ତରାଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଏସ୍‌ବିଏମ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ସୁଜାତା ହୋତା, ସମ୍ମାନିତ ଅତିଥି ଭାବେ ହାଇକୋର୍ଟର ଆସିଷ୍ଟାଣ୍ଟ ସଲିସିଟର ଜେନେରାଲ ପ୍ରସନ୍ନ କୁମାର ପାଢ଼ୀ, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଜିଂକ୍ୟ ବାବୁରାଓ ମାନେ, ବାଣୀଧାରା ଚାରିଟେବୁଲ ଟ୍ରଷ୍ଟର ଉପଦେଷ୍ଟା କ୍ୟାପଟେନ ପ୍ରେମାନନ୍ଦ ରାଉତ, ସଂଯୋଜକ ଆଇନଜୀବୀ ଗତିକୃଷ୍ଣ ଶତପଥୀ ପ୍ରମୁଖ ଯୋଗଦେଇ ଡ୍ରଗ୍ସ ନିଶାର ଭାୟାବହତା ଏବଂ ଏଥିରୁ ଯୁବ ସମାଜ ନିବୃତ୍ତ ରହିବାକୁ ପରାମର୍ଶ ଦେଇଥିଲେ। ତେବେ ବାଣୀଧାରା ଚାରିଟେବୁଲ ଟ୍ରଷ୍ଟ ଏବଂ ଏହାର ସଂଯୋଜକ ଗତିକୃଷ୍ଣଙ୍କ ଡ୍ରଗ୍‌ସ ବିରୋଧରେ ଯୁଦ୍ଧ (ୱାଦା) ଅଭିଯାନକୁ ଉପସ୍ଥିତ ସମସ୍ତ ଅତିଥି ଉଚ୍ଚ ପ୍ରଶଂସା କରିଥିଲେ। ଏହି




କାର୍ଯ୍ୟକ୍ରମକୁ ଟ୍ରଷ୍ଟର ସଦସ୍ୟ ପବିତ୍ର କୁମାର ସ୍ୱାଇଁ ପରିଚାଳନା କରିଥିବା ବେଳେ ଶେଷରେ ଟ୍ରଷ୍ଟର ଅନ୍ୟତମ ଉପଦେଷ୍ଟା ସାମ୍ବାଦିକ ଶରତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଡ୍ରଗ୍‌ସ ସଚେତନତା ନିମିତ୍ତ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିବା ବେଳେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଭିନ୍ନ ସଂଗଠନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସୁନା ଅଳଙ୍କାର ପାଇ ଫେରାଇଲେ



ବାଲିକୁଦା,୨୬।୬(ସମିସ): ଆଜିର ସ୍ୱାର୍ଥପର ସମାଜରେ ମଧ୍ୟ ସଚ୍ଚୋଟତା ଓ ମାନବିକତା ଏବେ ବି ବଞ୍ଚି ରହିଛି ବୋଲି ପ୍ରମାଣ କରିଛନ୍ତି ବାଲିକୁଦା ବ୍ଲକ ଅନ୍ତର୍ଗତ ମାଛଗାଁ ପଞ୍ଚାୟତ ଫୁଲହାର ଗ୍ରାମର ବାବୁ ମଲ (୩୫)। ସେ ରାସ୍ତାରୁ ପ୍ରାୟ ୫୦ ଗ୍ରାମ ଓଜନର ସୁନା ଅଳଙ୍କାର ଭର୍ତ୍ତି ଏକ ପର୍ସ ପାଇଥିଲେ। ଯାହାର ଆନୁମାନିକ ମୂଲ୍ୟ ପାଞ୍ଚ ଲକ୍ଷ୍ୟ ଟଙ୍କା ହେବ। ତାହାକୁ ସିଏସ୍‌ସି କେନ୍ଦ୍ର ମାଧ୍ୟମରେ ପ୍ରକୃତ ମାଲିକଙ୍କୁ ଫେରାଇ ଦେଇଛନ୍ତି। ସୂଚନା ଅନୁଯାୟୀ, ମାଛଗାଁ ବଜାରସ୍ଥିତ ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖ ଦେଇ ଯାଉଥିବା ବେଳେ ବାବୁ ମଲ୍ଲ ରାସ୍ତାରେ ଏକ ଧଳା ରଙ୍ଗର ଛୋଟ ପର୍ସ ପଡ଼ିଥିବା ଦେଖିଥିଲେ। ପର୍ସ ଖୋଲି ଦେଖିବା ପରେ ସେଥିରେ ଏକ ସୁନା ଚେନ୍, ଦୁଇଟି ଚୁଡ଼ି ଏବଂ ଏକ ଯୋଡ଼ା କାନଫୁଲ ଥିବା ଜଣାପଡ଼ିଥିଲା। ବାବୁ କହିଛନ୍ତି, 'ପର୍ସ ଦେଖି ପ୍ରଥମେ ମୁଁ ଡରି ଯାଇଥିଲି। ଲୋଭ ସମସ୍ତଙ୍କର ଥାଏ, କିନ୍ତୁ ମୋ ବାପା ସବୁବେଳେ କହୁଥିଲେ "ପର ଜିନିଷ ବିଷ ସମାନ'। ତେଣୁ ମୁଁ ତୁରନ୍ତ ପ୍ରକୃତ ମାଲିକଙ୍କୁ ଖୋଜିବାକୁ ଚେଷ୍ଟା କଲି।' ଏହାପରେ ସେ ନିକଟସ୍ଥ ସିଏମ୍‌ସି କେନ୍ଦ୍ରକୁ ଯାଇ ଘଟଣା ବିଷୟରେ ଜଣାଇଥିଲେ। ପଚରାଉଚରା ପରେ ଜଣାପଡ଼ିଥିଲା ଯେ ସେହି ସୁନା ସିଂହଟାଳିଆ ଅଞ୍ଚଳର ଇତି ସ୍ୱାଇଁଙ୍କର। ସେ ବ୍ୟାଙ୍କରେ ଋଣ ପାଇଁ ସୁନା ବନ୍ଧକ ରଖିବାକୁ ଯାଉଥିବା ବେଳେ ଅଜାଣତରେ ପର୍ସଟି ରାସ୍ତାରେ ଖସି ପଡ଼ିଥିଲା। ବାବୁ ମଲ୍ଲଙ୍କ ଏହି ସଚ୍ଚୋଟତା ଓ ମାନବିକ କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଭୂୟସୀ ପ୍ରଶଂସା କରାଯାଉଛି। ତାଙ୍କ ଏହି ଉଦାହରଣ ପ୍ରମାଣ କରୁଛି ଯେ ଆଜିବି ମଣିଷପଣିଆ ଓ ସତ୍ୟନିଷ୍ଠା ସମାଜରେ ଜୀବନ୍ତ ରହିଛି।

## ବାନାମ୍ବର ମନ୍ଦିରରେ ପାର୍ଶ୍ୱଦେବତା ଓ ନବଗ୍ରହ ସ୍ଥାପିତ

ରଘୁନାଥପୁର,୨୬।୬(ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ତାରପୁର ଗ୍ରାମପଞ୍ଚାୟତରେ ଅବସ୍ଥିତ ବାନାମ୍ବର ମହାଦେବ ମନ୍ଦିରରେ ପାଶ୍ୱର୍ ଦେବତା ଓ ନବଗ୍ରହ ମୂର୍ତ୍ତୀ ସ୍ଥାପନ ନିମନ୍ତେ ଯଜ୍ଞ ଓ ଚତୁର୍ଥ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ କରାଯାଇଥିଲା। ଗୁରୁବାର ମନ୍ଦିରରେ ଚତୁର୍ଥ ପ୍ରହରୀ ନାମଯଜ୍ଞ ଆରମ୍ଭ କରାଯାଇଥିଲା। ଆଜି ସକାଳୁ ଗ୍ରାମବାସୀଙ୍କ ଦ୍ୱାରା କଳସଯାତ୍ରା ପରେ ଯଜ୍ଞ ଆରମ୍ଭ ହୋଇ ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, କଳସ ସ୍ଥାପନ ଓ ଅଗ୍ନି ସ୍ଥାପନ କରାଯାଇ ଶେଷରେ ପୂର୍ଣ୍ଣାହୁତି ହୋଇଥିଲା। ସେହି ସମୟରେ ମନ୍ଦିର ପରିବେଶରେ ଘଣ୍ଟ ହୁଳହୁଳି ଓ ହରିବୋଲ ଶବ୍ଦରେ ଏକ ଭକ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା। ଏହି ଏକଦିନ ବ୍ୟାପୀ ଯଜ୍ଞ କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଭକ୍ତଙ୍କ ମେଳି ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମରେ ଚତୁର୍ଥ ପ୍ରହରୀ ପାଇଁ କର୍ତ୍ତା ଭାବରେ ନିରଞ୍ଜନ ଦାଶ ଓ ତାଙ୍କ ଧର୍ମପତ୍ନୀ ସୌଦାମିନୀ ରଥ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ଯଜ୍ଞ ପାଇଁ କର୍ତ୍ତା ଭାବରେ ସୌମ୍ୟରଞ୍ଜନ ଦାଶ ଓ ତାଙ୍କ ଧର୍ମପତ୍ନୀ ସୁଜାତା ଦାଶ ଦାୟିତ୍ୱ ନିର୍ବାହ କରିଥିବାବେଳେ ତାରପୁର ଗ୍ରାମପଞ୍ଚାୟତର ସରପଞ୍ଚ ସୁଷମା ମଲ୍ଲିକ ଉପସ୍ଥିତ ରହି ଯଜ୍ଞ କିପରି ସୂଚାରୁ ରୂପେ ପରିଚାଳିତ



ହେବ ତାହା ତଦାରଖ କରିଥିଲେ। ଯୁବ ସମାଜସେବୀ ପ୍ରଭାକର ମଲ୍ଲିକ, ପ୍ରତାପ ରାଉତ, ଅଖନ ନାୟକ, ବିଷ୍ଣୁ ବିଶ୍ୱାଳ, ବିଜୟ ଦାଶ, ବଶନ୍ତ କୁମାର ଦାଶ, ଟୁଲନ କୁମାର ଦାଶ, ରବି ଦାସ ଉପସ୍ଥିତ ଥିଲେ।

## ଷ୍ଟପ୍ ଡାଇରିଆ ଓ ପଲ୍ସ ପୋଲିଓ ଅଭିଯାନ

# ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ

ଜଗତସିଂହପୁର,୨୬।୬(ସମିସ)



ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଜଗତସିଂହପୁର ତରଫରୁ ଚଳିତ ମାସ ଜୁନ ୧୬ ତାରିଖ ଠାରୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଷ୍ଟପ ଡାଇରିଆ ଅଭିଯାନ ଏବଂ ଆଗାମୀ ଜୁନ ୨୮,୨୯ ଓ ୩୦ ତାରିଖରେ ହେବାକୁ ଥିବା ପଲ୍ସ ପୋଲିଓ ଅଭିଯାନ ପାଇଁ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ କମିଟି ବୈଠକ ସଦଭାବନା ସଭାଗୃହଠାରେ ଜିଲ୍ଲାପାଳ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇ ଅଭିଯାନର ସଫଳ ରୂପାୟନ ନିମନ୍ତେ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କ ସହଯୋଗ କାମନା କରିବା ସହ ବ୍ଲକସ୍ତରରେ ଏହାର ସଫଳ ପରିଚାଳନା ପାଇଁ ପରାମର୍ଶ ଦେଇଥିଲେ। ଷ୍ଟପ୍ ଡାଇରିଆ ଅଭିଯାନ ୨୦୨୬ ର ବାର୍ତ୍ତା "ଡାଇରିଆକୁ କିପରି ରୋକିବା ଜାଣ, ସ୍ୱଚ୍ଛତା ସହ ଓଆର୍‌ଏସ୍ ଉପରେ ରଖିବା ଧ୍ୟାନ' ଏହି କାର୍ଯ୍ୟକ୍ରମରେ ସମୁଦାୟ ୨,୫୩,୩୩୯ ଗୃହ ଓ ୯୯,୬୨୮ ଜଣ ଜନ୍ମରୁ ୫ବର୍ଷର ପିଲାମାନଙ୍କ ପାଇଁ ଆଶା ମାନେ ଘରକୁ ଘର ଯାଇ ଓଆରଏସ୍ ଏବଂ ଜିଙ୍କ୍ ବଟିକା ବଣ୍ଟନ କରିବା ସହ ଓଆରଏସ ଦ୍ରବଣ ପ୍ରସ୍ତୁତ କରିବାର ପ୍ରଣାଳୀ, ହାତ ସଫା କରିବାର ସୋପାନ, ଜିଙ୍କ ବଟିକାର ମାତ୍ରା ଓ ଉପକାରିତା, ସାଧାରଣ ତରଳ ଝାଡ଼ାର ଘରୋଇ ଚିକିତ୍ସା ଏବଂ ଅତି ଗୁରୁତର ଶିଶୁଙ୍କୁ ଚିହ୍ନଟ କରିବା ସହ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ତୁରନ୍ତ ପଠାଇବା ପାଇଁ ମା'ମାନଙ୍କୁ ପରାମର୍ଶ ଦେଉଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ଉପକେନ୍ଦ୍ର ଏବଂ ଅଙ୍ଗନବାଡି ସେଣ୍ଟରରେ ମଧ୍ୟ ଓଆରଏସ୍ ଏବଂ ଜିଙ୍କ କକ୍ଷ ଖୋଲା ଯାଇ ସଚେତନତା କାର୍ଯ୍ୟକ୍ରମ କରାଯାଉଅଛି। ଆସନ୍ତା ପଲ୍ସ ପୋଲିଓ କାର୍ଯ୍ୟକ୍ରମରେ ସମୁଦାୟ ୯୯,୬୨୮ଜଣ ଜନ୍ମରୁ ପାଞ୍ଚ ବର୍ଷ ବୟସର ପିଲାଙ୍କୁ ଦୁଇ ବୁନ୍ଦା ପୋଲିଓ ଦେବା ପାଇଁ ଲକ୍ଷ୍ୟ ରଖା ଯାଇଅଛି। ଏଥିପାଇଁ ମୋଟ ୫୫୫ ପୋଲିଓ ବୁଥ, ୨୨୨୦ ଜଣ ପଲ୍ସ ପୋଲିଓ ପ୍ରଦାନକାରୀ (ଭାକସିନେଟର), ୧୧୪ ସୁପରଭାଇଜରଙ୍କୁ ଦାୟିତ୍ୱ ଦିଆଯାଇଛି। ଜିଲ୍ଲାର ମୋଟ ୨,୫୩,୩୩୯ ଘରୁ ଜନ୍ମରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ଦୁଇ ବୁନ୍ଦା ପୋଲିଓ ଖୁଆଯିବ। ଏହି କାର୍ଯ୍ୟକ୍ରମରେ ୩୪ଟି ଟ୍ରାଞ୍ଜିଟ ପଏଣ୍ଟ ଓ ୨୧ଟି ମୋବାଇଲ ଟିମ୍ ଗଠନ କରାଯାଇଛି। ଏହି ଦୁଇ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବ୍ଲକସ୍ତରର ଅଧିକାରୀ ମାନଙ୍କ ସହ ଆଲୋଚନା କରାଗଲା। ବ୍ଲକସ୍ତରରେ ବିଡିଓଙ୍କ ଦ୍ୱାରା ବ୍ଲକସ୍ତରୀୟ ଟାସ୍କ ଫୋର୍ସ ସଭା କରାଯାଇଛି। ଏହି ଜିଲ୍ଲାସ୍ତରୀୟ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରିଣୀ ଡା. ସ୍ନିଗ୍ଧାମୟୀ ମହାନ୍ତି, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ତଥା ସୁପରିଟେଣ୍ଡେଣ୍ଟ ଡା. ସରୋଜ କୁମାର ଜେନା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରମୋଦ କୁମାର ବାରିକ, ଅନ୍ୟାନ୍ୟ ସମସ୍ତ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର, ଜିଲ୍ଲା ଆକାଉଣ୍ଟ ମ୍ୟାନେଜର, ଡିଡିଏମ, ଡିଏମ୍‌ଆର୍‌ସିଏଚ୍, ଏପିଡେମିଓଲୋଜିଷ୍ଟ, ଜିଲ୍ଲାସ୍ତରୀୟ ଅନ୍ୟବିଭାଗର ଅଧିକାରୀମାନେ, ଜିଲ୍ଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଟେଣ୍ଡେଣ୍ଟ ଓ ପ୍ରୋଗ୍ରାମ ମ୍ୟାନେଜରଙ୍କ ସହ ଅନ୍ୟାନ୍ୟ ଜିଲ୍ଲା ସ୍ୱାସ୍ଥ୍ୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲାପାଳ ଜିଲ୍ଲାରେ ଏହି ଦୁଇ ଅଭିଯାନକୁ ଶତପ୍ରତିଶତ ସଫଳ କରିବାକୁ ସମସ୍ତ ଅଧିକରୀଙ୍କୁ ପରାମର୍ଶ ଦେଇଥିଲେ।

## ରାଜସ୍ୱ କ୍ଷେତ୍ର କର୍ମଚାରୀଙ୍କ ମିଶନ ସ୍ୱାଭିମାନ ଆନ୍ଦୋଳନ ଚେତାବନୀ

# କଳାବ୍ୟାଜ୍ ପରିଧାନ, ସରକାରୀ ହ୍ୱାଟ୍ସଆପ୍ ଗ୍ରୁପ୍ ବର୍ଜନ

ଢେଙ୍କାନାଳ,୨୬।୬(ସମିସ)



ରାଜ୍ୟର ୩୦ ଜିଲ୍ଲା ଓ ୩୧୭ ତହସିଲରେ ରାଜସ୍ୱ ପ୍ରଶାସନର ମେରୁଦଣ୍ଡ ସାଜିଥିବା ରାଜସ୍ୱ କ୍ଷେତ୍ର କର୍ମଚାରୀ ଏବଂ ରାଜସ୍ୱ ନିରୀକ୍ଷକମାନଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ରରୂପ ନେଇଛି। ଅମାନୁଷିକ କାର୍ଯ୍ୟଭାର, ଭିତ୍ତିଭୂମି ଅଭାବ, ବର୍ଷ ବର୍ଷ ଧରି ପଡ଼ିରହିଥିବା ଦାବିର ସମାଧାନ ନ ହେବା ଓ କର୍ମଚାରୀ ସଂଖ୍ୟାରେ କାଟକଣା ପ୍ରତିବାଦରେ ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ପକ୍ଷରୁ ମିଶନ ସ୍ୱାଭିମାନ ନାମରେ ରାଜ୍ୟବ୍ୟାପୀ ଆନ୍ଦୋଳନ ଆରମ୍ଭ କରାଯାଇଛି। ଢେଙ୍କାନାଳ ଜିଲ୍ଲା ସଂଘ ସଭାପତି ପ୍ରଦ୍ୟୁମ୍ନ ସେଠୀଙ୍କ ନେତୃତ୍ୱରେ ଜିଲ୍ଲାର ସମସ୍ତ ୮ ତହସିଲର କ୍ଷେତ୍ର କର୍ମଚାରୀ, ରାଜସ୍ୱ ନିରୀକ୍ଷକ ଓ ଅନ୍ୟ କର୍ମଚାରୀମାନେ ନିଜ ନିଜ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିବାବେଳେ ଜିଲ୍ଲା ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆନ୍ଦୋଳନର ପ୍ରଥମ ପର୍ଯ୍ୟାୟରେ ଜୁନ ୨୬ରୁ କର୍ମଚାରୀମାନେ କଳାବ୍ୟାଜ୍ ପରିଧାନ କରୁଥିବାବେଳେ ଆଜିଠାରୁ ସମସ୍ତ ସରକାରୀ ହ୍ୱାଟ୍ସଆପ୍ ଗ୍ରୁପ୍ ଛାଡ଼ି ଦେଇଛନ୍ତି। ଆସନ୍ତା ୩୦ ତାରିଖରୁ ଅନଲାଇନ୍ କାର୍ଯ୍ୟ ବନ୍ଦ ଏବଂ ଦାବି ପୂରଣ ନ ହେଲେ ଜୁଲାଇ ୧ରୁ ସମୂହ ଛୁଟି ଓ ଗଣଇସ୍ତଫା ଦେବାକୁ ସଂଘ ଚେତାବନୀ ଦେଇଛି।

ସଂଘର ଅଭିଯୋଗ ଅନୁଯାୟୀ, ରାଜ୍ୟରେ ମଞ୍ଜୁରୀପ୍ରାପ୍ତ ୯,୯୧୦ ପଦବୀ ମଧ୍ୟରୁ ୪,୫୬୭ ପଦବୀ ଖାଲି ପଡ଼ିଥିବାରୁ ମାତ୍ର ୫୦ ପ୍ରତିଶତ କର୍ମଚାରୀଙ୍କୁ ନେଇ ପ୍ରାୟ ୨୦୦ ପ୍ରତିଶତ କାର୍ଯ୍ୟ ସମ୍ପାଦନ କରାଯାଉଛି। ଗ୍ରୁପ୍ ଡି କର୍ମଚାରୀ ଅଭାବରୁ ଆରଆଇ ଓ ଏଆରଆଇମାନେ ଅଫିସ୍ ପରିଚାଳନା, ନୋଟିସ୍ ବଣ୍ଟନ, ବିଦ୍ୟୁତ୍ ବିଲ୍ ପୈଠ ଭଳି କାମ ନିଜ ଖର୍ଚ୍ଚରେ କରିବାକୁ ବାଧ୍ୟ ହେଉଛନ୍ତି। ଏହାସହ ଲାପଟପ୍, ପ୍ରିଣ୍ଟର, ଇଣ୍ଟରନେଟ୍ ଓ ଅନ୍ୟ ମୌଳିକ ସୁବିଧା ନ ଥିବା ସତ୍ତ୍ୱେ ମ୍ୟୁଟେସନ୍, ପ୍ରମାଣପତ୍ର ଓ ଇ-ପାଉତି ଭଳି ଗୁରୁତ୍ୱପୂର୍ଣ୍ଣ ଅନଲାଇନ୍ ସେବା ନିଜସ୍ୱ ସମ୍ବଳରେ ପ୍ରଦାନ କରୁଛନ୍ତି। ବାକି ରହିଥିବା ଯାତ୍ରା ଭତ୍ତା ଓ ମୋବାଇଲ୍ ଭତ୍ତା ମଧ୍ୟ ଏପର୍ଯ୍ୟନ୍ତ ପ୍ରଦାନ କରାଯାଇ ନ ଥିବା ସଂଘ ଅଭିଯୋଗ କରିଛି। ରାଜସ୍ୱ କାର୍ଯ୍ୟ ବ୍ୟତୀତ ସୁଭଦ୍ରା ଯୋଜନା, ଧାନ ସଂଗ୍ରହ, ଜନ୍ମମୃତ୍ୟୁ ପ୍ରମାଣପତ୍ର ଯାଞ୍ଚ ଏବଂ ଅନ୍ୟାନ୍ୟ ଅଣ ରାଜସ୍ୱ କାର୍ଯ୍ୟରେ ନିୟୋଜିତ ହେବା ଫଳରେ କର୍ମଚାରୀମାନେ ଦୈନିକ ୧୨ରୁ ୧୮ ଘଣ୍ଟା ପର୍ଯ୍ୟନ୍ତ କାମ କରିବାକୁ ବାଧ୍ୟ ହେଉଛନ୍ତି। ଏହା ସେମାନଙ୍କ ପାରିବାରିକ ଜୀବନ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ଗୁରୁତର ପ୍ରଭାବ ପକାଉଥିବା ସଂଘ ଅଭିଯୋଗ କରିଛି। ଏହି ଆନ୍ଦୋଳନ ସରକାର କିମ୍ବା ଜନସାଧାରଣଙ୍କ ବିରୋଧରେ ନୁହେଁ। ବରଂ ରାଜସ୍ୱ ପ୍ରଶାସନକୁ ଅଧିକ ସୁଦୃଢ଼, ଦକ୍ଷ ଓ ଜନମୁଖୀ କରିବା ଉଦ୍ଦେଶ୍ୟରେ କରାଯାଉଛି। ପର୍ଯ୍ୟାପ୍ତ କର୍ମଚାରୀ, ଭିତ୍ତିଭୂମି ଓ ଆବଶ୍ୟକ ସୁବିଧା ଉପଲବ୍ଧ ହେଲେ ଜନସାଧାରଣଙ୍କୁ ଅଧିକ ଦ୍ରୁତ ଓ ସ୍ୱଚ୍ଛ ରାଜସ୍ୱ ସେବା ପ୍ରଦାନ ସମ୍ଭବ ହେବ ବୋଲି ସଂଘ ମତ ପ୍ରକାଶ କରିଛି। ମୁଖ୍ୟ ଦାବି ମଧ୍ୟରେ କଲମ-୨ କାର୍ଯ୍ୟକ୍ରମରୁ ବାଧ୍ୟତାମୂଳକ ଟାର୍ଗେଟ୍ ହଟାଇବା, ଅତିରିକ୍ତ କର୍ମଚାରୀ ନିଯୁକ୍ତି, ଅଣ ରାଜସ୍ୱ କାର୍ଯ୍ୟ ବନ୍ଦ, ସମସ୍ତ କାର୍ଯ୍ୟାଳୟକୁ ଆବଶ୍ୟକ ଡିଜିଟାଲ୍ ଭିତ୍ତିଭୂମି ଯୋଗାଇବା, ବକେୟା ଭତ୍ତା ପ୍ରଦାନ, ରବିବାର ଓ ସରକାରୀ ଛୁଟିଦିନରେ କାର୍ଯ୍ୟଭାର ବନ୍ଦ କରିବା, ଓ କ୍ୟାଡର ପୁନର୍ଗଠନ ଏବଂ ସମସ୍ତ ଖାଲି ପଦବୀ ପୂରଣ ଆଦି ରହିଛି। ଏ ଦିଗରେ ସଂଘ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କ ସକାରାତ୍ମକ ହସ୍ତକ୍ଷେପ ଓ ଆଲୋଚନା ମାଧ୍ୟମରେ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଅନୁରୋଧ କରିଛି। ମିଶନ ସ୍ୱାଭିମାନ କେବଳ କର୍ମଚାରୀଙ୍କ ଅଧିକାର ପାଇଁ ନୁହେଁ ବରଂ ଓଡ଼ିଶାର ରାଜସ୍ୱ ପ୍ରଶାସନକୁ ଅଧିକ ସଶକ୍ତ ଓ ଜନମୁଖୀ କରିବା ପାଇଁ ଏକ ଗଣତାନ୍ତ୍ରିକ ପ୍ରୟାସ ବୋଲି ସଂଘ ପକ୍ଷରୁ କୁହାଯାଇଛି। ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରି ଆଜି ହ୍ୱାଟ୍ସଆପ୍ ଗ୍ରୁପ୍‌ରୁ ଅପସରି ଯାଇଥିବା ସୂଚନା ମିଳିଛି। ରାଜ୍ୟ ସଂଘ ସଭାପତି ସୁଚନ୍ଦ୍ର ମହାନ୍ତି, ରାଜ୍ୟ ସମ୍ପାଦକ ମହମ୍ମଦ ଜାବେଦ ଅଖତର, ଜିଲ୍ଲା ସଂଘ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ସାହୁଙ୍କ ସମେତ ବହୁ ଆରଆଇ, ଏଆରଆଇ ଏବଂ କ୍ଷେତ୍ର କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି।

**ଜୁଲାଇ ୧ରୁ ସମୂହ ଛୁଟି ଓ ଗଣଇସ୍ତଫା**

## ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ



ଢେଙ୍କାନାଳ,୨୬।୬(ସମିସ): ଓଡ଼ିଶା ସରକାରଙ୍କ ୨ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ଜନହିତକର ଯୋଜନା ଏବଂ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସଫଳତାକୁ ଜନତାଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ସଦର ବ୍ଲକ ନୂଆଗାଁ ପଞ୍ଚାୟତରେ ଅନୁଷ୍ଠିତ ହୋଇଛି। ସରପଞ୍ଚ ସୁମିତ୍ରା ଭୂୟାଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜୀବ ସାହୁ, ଅର୍ଜ୍ଜୁନ ମଲ୍ଲିକଙ୍କ ସମେତ ବିଜେପି କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ପଞ୍ଚାୟତର ଜନପ୍ରତିନିଧି, ସ୍ୱୟଂସହାୟକ ଗୋଷ୍ଠୀର ମହିଳା, ମହିଳା ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, ଗ୍ରାମସେବକ ଓ ଜନସାଧାରଣ ଉପସ୍ଥିତ ଥିଲେ। ଏହି ଅବସରରେ ହିତାଧିକାରୀଙ୍କୁ ଭତ୍ତା, ରାସନ୍ କାର୍ଡ, ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଘନଶ୍ୟାମ ଦାସ, ଏଡିଇଓ ଅରବିନ୍ଦ ବେହେରା, ସମାଜସେବୀ ସନ୍ତୋଷ କୁମାର ଭୂୟାଁ ସହଯୋଗ କରିଥିଲେ।



ପରଜଙ୍ଗ: ଗଡ଼ପରଜଙ୍ଗ ମହାବିଦ୍ୟାଳୟ ସଭାଗୃହରେ ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଉଦଯାପିତ ହୋଇଛି। ମୁଖ୍ୟଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ସଭ୍ୟ ନିରାକାର ପ୍ରଧାନ, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ସମାଜସେବୀ ବନଲତା ମହାନ୍ତି, ବିଡିଓ ସୌଭାଗ୍ୟ ବେହେରା, ଏବିଡିଓ ରଞ୍ଜିତ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ବର୍ତ୍ତମାନର ଯୁବପିଢ଼ି କିଭଳି ଭାବେ ସ୍ୱାବଲମ୍ବୀ ହୋଇ ନିଜର ତଥା ପରିବାରର ଭରଣପୋଷଣ କରିବା ସହ ସମୃଦ୍ଧ ଓଡ଼ିଶା ଗଠନ କରିପାରିବେ ସେ ସମ୍ବନ୍ଧରେ ଅତିଥି ବକ୍ତବ୍ୟ ରଖିଥିଲେ।

## ବ୍ୟାଡ୍‌ମିଣ୍ଟନ ଖେଳାଳି ବିଭାସିନ୍ଧୁଙ୍କୁ ସମ୍ବର୍ଦ୍ଧନା



ଢେଙ୍କାନାଳ,୨୬।୬(ସମିସ): ସଦର ବ୍ଲକ ନୂଆଗାଁ ମାଟିର ପୁଅ ବିଭାସିନ୍ଧୁ ବାରିକ ଆନ୍ତର୍ଜାତିକ ସ୍ତରରେ ପାରା ବ୍ୟାଡ୍‌ମିଣ୍ଟନରେ ସଫଳତା ହାସଲ କରି ଭାରତ ପାଇଁ ସ୍ୱର୍ଣ୍ଣପଦକ ଜିତିଥିବାରୁ ନୂଆଗାଁ ପଞ୍ଚାୟତ ତରଫରୁ ପଞ୍ଚାୟତ କାର୍ଯ୍ୟାଳୟରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ସରପଞ୍ଚ ସୁମିତ୍ରା ଭୂୟାଙ୍କ ସମେତ ନୂଆଗାଁ, ମଣ୍ଡାପାଳ, ତଳଗୋଠ ଗ୍ରାମବାସୀ ଉପସ୍ଥିତ ଥିଲେ। ବିଭାସିନ୍ଧୁଙ୍କ ସହିତ ତାଙ୍କ ଜେଜେବାପା ବିଦ୍ୟାଧର ବାରିକ ଏବଂ ଜେଜେମା'ଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ନୂଆଗାଁ ସମିତି ସଭ୍ୟ ପ୍ରସନ୍ନ କୁମାର ବେହେରା, ସନ୍ତୋଷ ଭୂୟାଁ, ମାନସ ଭୂୟାଁ, ପ୍ରକାଶ ସାହୁ, ପବିତ୍ର ବରାଳ, ନରେଶ ମଳିକ, ସର୍ବେଶ୍ୱର ବ୍ରହ୍ମ, ଦୁଷ୍ମନ୍ତ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

## ବନଜୀବ ଓ ଜୈବବିବିଧତା ଉତ୍ସବ ପାଳିତ

ହିନ୍ଦୋଳଏନଏସି,୨୬।୬(ସମିସ): ହିନ୍ଦୋଳ ଉପଖଣ୍ଡ ବାଉଁଶ ପୋଖରୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜଙ୍ଗଲ ପରିବେଶ ସୁରକ୍ଷା ମଞ୍ଚ ହିନ୍ଦୋଳ ଆନୁକୂଲ୍ୟରେ ଏବଂ ଏଫଇଏସ ସହଯୋଗରେ ବନଜୀବ ଓ ଜୈବ ବିବିଧତା ଉତ୍ସବ ଅନୁଷ୍ଠିତ ହୋଇଛି। ମଞ୍ଚ ସଭାପତିଙ୍କ ସଭାପତିତ୍ୱରେ ଜୋନାଲ ସାଧାରଣ ସମ୍ପାଦକ ବିଜୟ କୁମାର ଜେନା ଏବଂ ସାଂସ୍କୃତିକ ସମ୍ପାଦକ ବିମଳ କୁମାର ବିଶ୍ୱାଳ ସଭା ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ପ୍ରଭାସ କୁମାର ବେଉରା, ସମ୍ମାନିତ ଅତିଥି ଭାବେ ଏଫଇଏସ ମୁଖ୍ୟ ଦାୱା ପେମ୍ବା ଶେର୍ପା, ସାଂସଦଙ୍କ ପ୍ରତିନିଧି ସୁଶାନ୍ତ ପତି, ତହସିଲଦାର ଦିଲୀପ କୁମାର ସେଠୀ, ବନାଞ୍ଚଳ ଅଧିକାରୀ ତ୍ରିଲୋଚନ ଦେହୁରୀ ଏବଂ ସରପଞ୍ଚ ରଣଜିତ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ପାଦକ ସୂର୍ଯ୍ୟନାରାୟଣ ସିଂହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବିଲୁପ୍ତ ହୋଇଯାଉଥିବା ପାରମ୍ପରିକ ଜ୍ଞାନ, ପ୍ରକୃତି ଓ ପରିବେଶର ସନ୍ତୁଳନ ରକ୍ଷା, ପର୍ଯ୍ୟାବରଣ ବିପର୍ଯ୍ୟୟମୁକ୍ତ ବିଶ୍ୱ ଗଠନ, ମନୁଷ୍ୟ ବନ୍ୟପ୍ରାଣୀଙ୍କ ମଧ୍ୟରେ ସୁସହାବସ୍ଥାନ ରକ୍ଷା ନିମନ୍ତେ ବୈପ୍ଳବିକ ସ୍ଥିତିରେ ମୁକାବିଲା କରିବା ଜଙ୍ଗଲ ପରିବେଶ ସୁରକ୍ଷା ମଞ୍ଚର ଉଦ୍ଦେଶ୍ୟ। ଏଥି ନିମନ୍ତେ ଉପଖଣ୍ଡର କଲେଜ ଏବଂ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, କୁଇଜ ଏବଂ ଡିବେଟ ପ୍ରତିଯୋଗିତା କରାଯାଇ ପ୍ରମାଣପତ୍ର ସହ ଫଳ ବୃକ୍ଷ ପ୍ରଦାନ କରାଯାଇଥିଲା।

## ଗଞ୍ଜେଇ ଜବତ, ୭ ବ୍ୟବସାୟୀ ଗିରଫ



ଢେଙ୍କାନାଳ,୨୬।୬(ସମିସ): ଢେଙ୍କାନାଳ ଟାଉନ ପୁଲିସ ଚଢ଼ଉ କରି ଗଞ୍ଜେଇ ଜବତ କରିବା ସହ ଏହି ବେଆଇନ କାରବାରରେ ସମ୍ପୃକ୍ତ ୭ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମହିଷାପାଟ କାଜୁ ଜଙ୍ଗଲ ମଧ୍ୟରେ ଥିବା ଏକ ପରିତ୍ୟକ୍ତ ଘରେ କିଛି ଯୁବକ ଗଞ୍ଜେଇ କାରବାର ଚଳାଇଥିବା ବିଶେଷ ସୂତ୍ରରୁ ଖବର ପାଇ ଗୁରୁବାର ବିଳମ୍ବିତ ରାତ୍ରିରେ ପୁଲିସ ଚଢ଼ଉ କରିଥିଲା। ସେଠାରୁ ୨୨ କେଜି ୬୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ୭ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିନୋଦ ନାୟକ ଓରଫ ସିପୁ (୨୨), ରାହୁଲ ପ୍ରଧାନ ଓରଫ ସାଇ (୧୯), ରାଜେନ୍ଦ୍ର ନାୟକ ଓରଫ ରାଜୁ (୨୧), ଧନଞ୍ଜୟ ନାୟକ ଓରଫ ଭୋଲା (୨୫), କୃଷ୍ଣ ଜେନା ଓରଫ ବାପୁ (୨୪), ଅନୁପ ଜେନା ଓରଫ ଟିନା (୩୦) ଓ ବାବୁ କୁମାର ସାହୁ (୨୦)। ଏଥିସହ ଦୁଇଟି ବାଇକ୍ ଓ ୭ଟି ମୋବାଇଲ ଫୋନ ମଧ୍ୟ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ କିଛିମାସ ମଧ୍ୟରେ ଘଟିଥିବା ବିଭିନ୍ନ ଅପରାଧିକ ମାମଲାରେ ସମ୍ପୃକ୍ତ ଥିବା ମଧ୍ୟ ପୁଲିସ ତଦନ୍ତରୁ ଜଣାପଡ଼ିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅତିରିକ୍ତ ଥାନା ଆଇଆଇସି ମଧୁସ୍ମିତା ନାଥଶର୍ମାଙ୍କ ନେତୃତ୍ୱରେ ଚଢ଼ଉ ହୋଇଥିଲା।

## ମହିମାସ୍ୱାମୀଙ୍କ ଓଡ଼ିଶା ଆଗମନର ୨୦୦ବର୍ଷ ପୂର୍ତ୍ତି ମହୋତ୍ସବ ଟ୍ରଷ୍ଟ ଉପାଧ୍ୟକ୍ଷ ପ୍ରଦ୍ୟୁମ୍ନ ରଥ ସମ୍ମାନିତ



ଢେଙ୍କାନାଳ,୨୬।୬(ସମିସ): ମହିମାସ୍ୱାମୀଙ୍କ ଓଡ଼ିଶା ଆଗମନର ୨୦୦ ବର୍ଷ ପୂର୍ତ୍ତି ମହୋତ୍ସବ ଅବସରରେ କପିଳାସ ମହିମା ତପୋବନ ପୀଠ ପରିଚାଳନା ଟ୍ରଷ୍ଟ ପକ୍ଷରୁ ଏହାର ଉପାଧ୍ୟକ୍ଷ ତଥା ବରିଷ୍ଠ ସାମ୍ବାଦିକ ଆଇନଜୀବୀ ପ୍ରଦ୍ୟୁମ୍ନ ରଥଙ୍କୁ ତପୋବନ ପୀଠର ବିକାଶରେ ତାଙ୍କ ନିଷ୍ଠାପର ଓ ଦୀର୍ଘକାଳୀନ ସହଯୋଗ ପାଇଁ ସମ୍ମାନିତ କରାଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ଯୋଗାଣ ମନ୍ତ୍ରୀ ତଥା ଢେଙ୍କାନାଳ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ଭାବେ ସାଂସଦ ରୁଦ୍ରନାରାୟଣ ପାଣି, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, କୌପିନଧାରୀ ମହିମା ସମାଜ ଧର୍ମାଧ୍ୟକ୍ଷ ଶ୍ରୀମଦ୍ ରଘୁନାଥ ବାବା, ସଭାପତି ଶ୍ରୀମଦ୍ ଅବିନାଶୀ ବାବା ଓ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍ ଯୋଗଦେଇ ରଥଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ।

## ସତ୍ୟନାରାୟଣ ମନ୍ଦିରର ରତ୍ନମୁଦ ଉତ୍ସବ

ଢେଙ୍କାନାଳ,୨୬।୬(ସମିସ): ସଦର ବ୍ଲକ ଜହ୍ନିତଇଲା ଗ୍ରାମରେ ନିର୍ମିତ ଶ୍ରୀ ଶ୍ରୀ ସତ୍ୟନାରାୟଣ ଦେବଙ୍କ ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଛି। ଗୁରୁବାର ନିକଟସ୍ଥ



ଜଳାଶୟରୁ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ପବିତ୍ର ଜଳ ଉଠାଇ କଳସଯାତ୍ରାରେ ଗ୍ରାମ ପରିକ୍ରମା କରି ମନ୍ଦିର ପରିସରରେ ସ୍ଥାପନ କରିଥିଲେ। ଶୁକ୍ରବାର ପ୍ରାତଃରୁ ରୀତିନୀତି ଅନୁଯାୟୀ ହୋମଯଜ୍ଞ ଓ ପୂଜାର୍ଚ୍ଚନା ସମ୍ପନ୍ନ ହେବା ପରେ ବିଭିନ୍ନ ରତ୍ନ, ଶସ୍ୟ ଓ ଧାନ୍ୟକୁ ପୂଜା କରାଯାଇ ମନ୍ଦିର ଗର୍ଭରେ ସ୍ଥାପନ କରାଯାଇଥିଲା। ପରେ ରତ୍ନମୁଦ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଉତ୍ସବରେ ନର୍ଭେରାମ ପାୱାର ଆଣ୍ଡ ଷ୍ଟିଲ କାରଖାନାର ପ୍ରେସିଡେଣ୍ଟ ଅପରେସନ ଭିଏସଭି ଗିରିଧର ଏବଂ ସିନିୟର ଜିଏମ ୱାର୍କ୍ସ ଅନନ୍ତ କୁମାର ମିଶ୍ର ଯୋଗଦେଇ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ପରେ ସାମୂହିକ ପ୍ରସାଦ ସେବନ କରାଯାଇଥିଲା।

## ବିକାଶମୂଳକ କାର୍ଯ୍ୟର ସମୀକ୍ଷା ବୈଠକ



ଗଁଦିଆ,୨୬।୬(ସମିସ): ଗଁଦିଆ ପଞ୍ଚାୟତ ସମିତି ପରିସରରେ ବ୍ଲକସ୍ତରୀୟ ବିକାଶମୂଳକ କାର୍ଯ୍ୟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବ୍ଲକର ବିଭିନ୍ନ ଅଞ୍ଚଳରେ ଚାଲିଥିବା ରାସ୍ତା ନିର୍ମାଣ, ପାନୀୟଜଳ, ସ୍ୱାସ୍ଥ୍ୟସେବା, ଶିକ୍ଷା, କୃଷି ଓ ଗ୍ରାମ୍ୟ ଭିତ୍ତିଭୂମି ଆଦି ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନେଇ ସମୀକ୍ଷା କରାଯାଇଛି। ସମସ୍ତ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଚ୍ଚମାନର ସହ ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିକାଶ କାର୍ଯ୍ୟରେ କୌଣସି ପ୍ରକାର ଅବହେଳା କିମ୍ବା ବିଳମ୍ବକୁ ବରଦାସ୍ତ କରାଯିବ ନାହିଁ ବୋଲି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ।

## ସହର ରାସ୍ତାରେ ନିର୍ମାଣ ସାମଗ୍ରୀ

**ଯାତାୟାତରେ ଅକଥନୀୟ ଦୁର୍ଦ୍ଦଶା**



ଢେଙ୍କାନାଳ,୨୬।୬(ସମିସ): ଢେଙ୍କାନାଳ ସହରକୁ ସରସ ସୁନ୍ଦର କରିବା ପାଇଁ ପୌର ପ୍ରଶାସନ ତରଫରୁ ବିଭିନ୍ନ ଉନ୍ନୟନ କାର୍ଯ୍ୟ କରାଯାଉଛି। କେଉଁଠି ରାସ୍ତା ସମ୍ପ୍ରସାରଣ ହେଉଛି ତ ଆଉ କେଉଁଠି ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଡ୍ରେନ୍‌ଗୁଡ଼ିକ ଉପରେ ସ୍ଲାବ୍ ପକାଯାଉଛି। ସେହିପରି କେଉଁଠି ବଡ଼ ବଡ଼ ତୋରଣ ମଧ୍ୟ ନିର୍ମାଣ କରାଯାଉଛି ତ ଆଉ କେଉଁଠି ନୂତନ ଡ୍ରେନ କରାଯାଉଛି। ପୌରସଂସ୍ଥାର ଏଭଳି ପ୍ରୟାସକୁ ସହରବାସୀ ପ୍ରଶଂସା କରୁଛନ୍ତି। ସହରର କୋରିଆଁ ବାଇପାସଠାରୁ ବାଜିଚୌକ ପର୍ଯ୍ୟନ୍ତ ରାସ୍ତାର କୋରିଆଁ ଛକରେ ରାସ୍ତାର ଉଭୟ ପାର୍ଶ୍ୱରେ ନୂତନ ଡ୍ରେନ ନିର୍ମାଣ କରାଯାଉଛି। ଡ୍ରେନ୍ ନିର୍ମାଣ ପାଇଁ ରାସ୍ତା ଉପରେ ନିର୍ମାଣ ସାମଗ୍ରୀ ଗଦା କରାଯାଇଛି। ଏହି ରାସ୍ତା ଦେଇ ଦୈନିକ ହଜାର ହଜାର ଗାଡ଼ି ଯାତାୟାତ କରିଥାଏ। ତେଣୁ ଏହା ଏକ ବ୍ୟସ୍ତବହୁଳ ରାସ୍ତା। ଫଳରେ ଲୋକେ ଯାତାୟାତରେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ନିର୍ମାଣ ସାମଗ୍ରୀ ଯୋଗୁଁ ଯାତ୍ରୀମାନେ ବିଭିନ୍ନ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ସେହିପରି ସହରର ସମସ୍ତ ୱାର୍ଡରେ ଘର ନିର୍ମାଣ ସାମଗ୍ରୀ ରାସ୍ତାରେ ବର୍ଷ ବର୍ଷ ଧରି ପଡ଼ିରହୁଥିବାରୁ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ପୌର ପ୍ରଶାସନର ନିୟମିତ ତଦାରଖ କରୁ ନ ଥିବାରୁ ଏଭଳି ପରସ୍ଥିତି ସୃଷ୍ଟି ହେଉଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତା ଉପରେ ପଡ଼ିରହୁଥିବା ନିର୍ମାଣ ସାମଗ୍ରୀକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

## ଜିଲ୍ଲାସ୍ତରୀୟ ଛାତ୍ରୋ କି ଗୁଞ୍ଜ କାର୍ଯ୍ୟକ୍ରମ




କାମାକ୍ଷାନଗର,୨୬।୬(ସମିସ): କାମାକ୍ଷାନଗର ସହର ସାରଙ୍ଗଧର ଷ୍ଟାଡିୟମରେ ଜିଲ୍ଲାସ୍ତରୀୟ ଛାତ୍ରୋ କି ଗୁଞ୍ଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନିଟ୍ ଓ ସିବିଏସଇ ପରୀକ୍ଷାରେ ହୋଇଥିବା ପେପର ଲିକ ବିରୋଧରେ କଂଗ୍ରେସ ତରଫରୁ ଦେଶବ୍ୟାପୀ ଛାତ୍ର ଆନ୍ଦୋଳନ ଅଭିଯାନ ଆଧାରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଦେଶରେ ଶିକ୍ଷାବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇଥିବାବେଳେ ବାରମ୍ବାର ପ୍ରଶ୍ନପତ୍ର ଲିକ ହୋଇ ଦେଶର କୋଟିକୋଟି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାର ହୋଇଛି। ଛାତ୍ରଛାତ୍ରୀମାନେ ଲଗାତର ପରିଶ୍ରମ କରି ପରୀକ୍ଷା ଦେଇପାରୁ ନ ଥିବା ବେଳେ ଅଭିଭାବକ ମାନେ ଅର୍ଥ ଖର୍ଚ୍ଚ କରି ଭାରାକ୍ରାନ୍ତ ହେଉଛନ୍ତି। ଅନେକ ଛାତ୍ରଛାତ୍ରୀ ପ୍ରଶ୍ନପତ୍ର ଲିକ୍ ଯୋଗୁ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ଗ୍ରହଣ କରୁଛନ୍ତି। ତେଣୁ ଦେଶରେ ସମ୍ପୂର୍ଣ୍ଣ ଶିକ୍ଷାବ୍ୟବସ୍ଥା ଏବେ ବିପର୍ଯ୍ୟସ୍ତ ହୋଇଛି। ଏହାର ପ୍ରତିବାଦରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଦ୍ୱାରା ଦେଶବ୍ୟାପୀ ଏହି ପ୍ରତିବାଦ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଢେଙ୍କାନାଳ ଜିଲ୍ଲା ସଭାପତି ଛବିନାରାୟଣ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ଜିଲ୍ଲା କଂଗ୍ରେସ ପର୍ଯ୍ୟବେକ୍ଷକ ଅବିନାଶ ମାଣିଆ, ଜିଲ୍ଲା ମହିଳା କଂଗ୍ରେସ ସଭାପତି ସ୍ମିତାରାଣୀ ସାମଲ, କାମାକ୍ଷାନଗର କଂଗ୍ରେସ ବିଧାୟକ ପ୍ରାର୍ଥୀ ହୋଇଥିବା ବିପ୍ରବର ସାହୁ, ଶିକ୍ଷାବିତ ଅକ୍ରୁର ବିଶ୍ୱାଳ, କଂଗ୍ରେସ ଜିଲ୍ଲା ଉପସଭାପତି ପ୍ରଭୁଦତ୍ତ ଭଟ୍ଟ, ଏନଏସି ସଭାପତି କାମାକ୍ଷାପ୍ରସାଦ ପଣ୍ଡା, ଯୁବନେତା ଅନିମେଷ ଦାଶ ପ୍ରମୁଖଙ୍କ ସମେତ ଦଳର ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା, ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

## ପାଚେରି ତଳେ ଚାପିହୋଇ ଶ୍ରମିକ ମୃତ

କାମାକ୍ଷାନଗର,୨୬।୬(ସମିସ): ସ୍କୁଲ ପାଚେରି ଭାଙ୍ଗୁଥିବା ବେଳେ ତଳେ ଚାପିହୋଇ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତ ଶ୍ରମିକ ହେଲେ କେନ୍ଦୁଝର ଜିଲ୍ଲା ବିମଳା ଗ୍ରାମର ଭାଗବତ ନାୟକ। ସୂଚନା ଅନୁସାରେ ବିମଳା ଗ୍ରାମରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୂତନ ପାଚେରି ନିର୍ମାଣ ପାଇଁ ପୁରୁଣା ପାଚେରି ଭଙ୍ଗାଯାଉଥିଲା। ଭାଗବତ ପୁରୁଣା ପାଚେରି ଭାଙ୍ଗୁଥିବା ବେଳେ ହଠାତ ପାଚେରି ତଳେ ଚାପିହୋଇ ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ପୁଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ସହ ତଦନ୍ତ ଆରମ୍ଭ କରିଛି।

# ଜିଲ୍ଲାରେ ବୃଦ୍ଧି ପାଉଛି ଚୋରାମଦ କାରବାର

ଢେଙ୍କାନାଳ,୨୬।୬(ସମିସ)




ଢେଙ୍କାନାଳ ଜିଲ୍ଲାରେ ଦେଶୀ ବିଦେଶୀ ମଦର ଅବାଧ କାରବାର ବୃଦ୍ଧି ପାଇବାରେ ଲାଗିଛି। ଏହି ବ୍ୟବସାୟ କରି ମଦ ମାଫିଆମାନେ ମାଲେମାଲ ହେଉଥିବା ବେଳେ ଗରିବ ଲୋକଙ୍କ ଜୀବନ ଅକାଳରେ ଚାଲି ଯାଉଛି। ଚୋରାମଦ କାରବାର ବନ୍ଦ କରିବା ପାଇଁ ରାଜ୍ୟ ସରକାର ଅବକାରୀ ଆଇନରେ ସଂଶୋଧନ ଆଣି କେତେକ କଠୋର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ତଥାପି ଜିଲ୍ଲାର ବିଭିନ୍ନ ଗାଁ ଗହଳିରେ ଚୋରା ଦେଶୀ ଓ ବିଦେଶୀ ମଦ କାରବାର ରୋକିବାରେ ପୁଲିସ ଓ ଅବକାରୀ ବିଭାଗ ବିଫଳ ହେଉଛି।

ଜିଲ୍ଲା ଅବକାରୀ ବିଭାଗ ଅଧୀନରେ ଥିବା ପ୍ରତି ଗ୍ରାମାଞ୍ଚଳରେ ବହୁଳ ଭାବେ ଚୋରା ମଦ ପ୍ରଚୁରପରିମାଣରେ ବିକ୍ରି ହେଉଛି। ବିଶେଷକରି ଭାପୁର ଛଦେଶ ଅଞ୍ଚଳର ବିଭିନ୍ନ ଗ୍ରାମରେ ଦେଶୀ ମଦର ସୁଅ ଚାଲୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅବକାରୀ ବିଭାଗର କେତେକ କର୍ମଚାରୀ ମାସିକିଆ ଚାନ୍ଦା ନେଇ ମଦ ମାଫିଆଙ୍କୁ ସୁରକ୍ଷା ଦେଉଥିବାର ବିଭିନ୍ନ ମହଲରେ ଅଭିଯୋଗ ହୋଇଛି। ସରକାରୀ ଦେଶୀ ମଦଭାଟିରେ ମିଳୁଥିବା ପାଉଚ୍ ମଦ ଅପେକ୍ଷା ଏହି ରନ୍ଧା ଦେଶୀମଦ ଅପେକ୍ଷାକୃତ ଶସ୍ତା ଓ ଅଧିକ ନିଶା ହେଉଥିବାରୁ ଲୋକେ ଏହାକୁ ଗ୍ରହଣ କରୁଛନ୍ତି। ଏହି ମଦ ପିଇ ଅନେକ ଗରିବ ନିରୀହ ଲୋକଙ୍କ ଜୀବନ ଯାଉଛି। ଫଳରେ ସେମାନଙ୍କ ପରିବାର ବେସାହାରା ହୋଇ ବିଭିନ୍ନ ସମସ୍ୟାରେ କାଳତିପାତ କରୁଛନ୍ତି। ଚୋରା ମଦ ପାଇଁ ମହୁଲର ଅଭାବ ଓ ଚଢ଼ା ଦର ଯୋଗୁଁ ମଦ ପ୍ରସ୍ତୁତକାରୀମାନେ ବର୍ତ୍ତମାନ ଚିନି ତଥା ବିଭିନ୍ନ ରାସାୟନିକ ପଦାର୍ଥ ଦ୍ୱାରା ମଦ ପ୍ରସ୍ତୁତ କରି ବିକ୍ରି କରୁଛନ୍ତି। ଏହା କେତେକ ସ୍ଥଳରେ ଅବକାରୀ ତଥା ପୁଲିସର ଜ୍ଞାତସାରରେ ଚାଲିଥିବା ଅଭିଯୋଗ ହେଉଛି। ମଦଭାଟିଗୁଡ଼ିକ ନିକଟରେ ଆଉ ମହୁଲ ପୋଚ ଦେଖିବାକୁ ମିଳୁନାହିଁ। ଅଥଚ ଦିନକୁ ହଜାର ହଜାର ଲିଟର ବିଷାକ୍ତ ମଦ ପ୍ରସ୍ତୁତ ହୋଇ ବିକ୍ରି ଚାଲିଛି। ମଦ ବିକ୍ରି ପାଇଁ ମଦ ମାଫିଆମାନେ ବିଭାଗୀୟ ଅଧିକାରୀଙ୍କ ଭିତିରିଆ ସଲାସୁତୁରାରେ ପ୍ରତି ଗାଁକୁ ବେପାରୀମାନଙ୍କ ଦ୍ୱାରା ଅବାଧରେ ବିଷାକ୍ତ ଚୋରା ଦେଶୀମଦ ଚାଲାଣ କରୁଛନ୍ତି। ଏହି ଚୋରା ଦେଶୀମଦ କାରବାର ରୋକିବା ନେଇ ଜିଲ୍ଲା ଅବକାରୀ ବିଭାଗ, ପୁଲିସ ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ମନ୍ତ୍ରୀଙ୍କ ଜନସମ୍ପର୍କ କାର୍ଯ୍ୟକ୍ରମ

ଗଁଦିଆ,୨୬।୬(ସମିସ): ଗଁଦିଆ ବ୍ଲକ ନିହାଲପ୍ରସାଦ ମଣ୍ଡଳର ନିହାଲପ୍ରସାଦ, କରଦା ଓ ପିଙ୍ଗୁଆ ଗ୍ରାମରେ ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ତାପସ ସାହୁ, ସଜଳେନ୍ଦ୍ର ଜେନା, ବସନ୍ତ କୁମାର ଆଇଚ, ପୂର୍ବତନ ଗଁଦିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ଗୀତାଞ୍ଜଳି ଭୂୟାଁ, ନିହାଲପ୍ରସାଦ ମଣ୍ଡଳ ସଭାପତି ଆନନ୍ଦ ଚନ୍ଦ୍ର ସାହୁ, ଯୁବନେତା ଅପୂର୍ବ ସାହୁ, ଜୁଲୁ ସାହୁ, ତୈଳିକ ସମାଜ ସଭାପତି କୈଳାସ ସାହୁ, ବରିଷ୍ଠ ନେତା ନାରାୟଣ ସାହୁ, ଏମ୍‌ଜେ ମହିମାଙ୍କ ସମେତ ବହୁ ନେତା, କର୍ମୀ ଓ ଜନସାଧାରଣ ଉପସ୍ଥିତ ଥିଲେ। ଗଁଦିଆ ବ୍ଲକ ବିଜେପି ସଭାପତି ପ୍ରଦୀପ କୁମାର ଦାସ ସହଯୋଗ କରିଥିଲେ।

# ସୁଜାତାଙ୍କ ନାଁରେ ଫେକ୍ ସୋସିଆଲ ମିଡିଆ ଆକାଉଣ୍ଟ

**ବିଶ୍ୱାସ ନ କରିବାକୁ ବିଜେଡି ମିଡିଆ ସଂଯୋଜକଙ୍କ ଅନୁରୋଧ**

ଭୁବନେଶ୍ୱର,୨୬।୬(ସମିସ): ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଜାତା ରାଉତ ବିଜେଡିରେ ଯୋଗ ଦେବା ପରେ ତାଙ୍କ ନାମରେ ମାଳ ମାଳ ସୋସିଆଲ ମିଡିଆ ଆକାଉଣ୍ଟ ଖୋଲାଯାଇଛି। ଏହି ଆକାଉଣ୍ଟ ଗୁଡ଼ିକରୁ ତାଙ୍କର ଗତିବିଧିଠାରୁ ଆରମ୍ଭ କରି ବିଭିନ୍ନ ପ୍ରସଙ୍ଗରେ ପୋଷ୍ଟ କରାଯାଉଛି। ହେଲେ ବାସ୍ତବରେ ଶ୍ରୀମତୀ ରାଉତଙ୍କର ସୋସିଆଲ ମିଡିଆରେ କୌଣସି ଆକାଉଣ୍ଟ ନାହିଁ ବୋଲି ଶୁକ୍ରବାର ବିଜେଡି ପକ୍ଷରୁ କୁହାଯାଇଛି। ଦଳର ମିଡିଆ ସଂଯୋଜକ ଡଃ ଲେନିନ ମହାନ୍ତି ସାମାଜିକ ଗଣମାଧ୍ୟମ ଜରିଆରେ କହିଛନ୍ତି, ବିଜୁ ଜନତା ଦଳରେ ସାମିଲ ହୋଇଥିବା ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଜାତା ରାଉତଙ୍କ ନାଁରେ କେହି ବ୍ୟକ୍ତି ସୋସିଆଲ ମିଡିଆରେ ଆକାଉଣ୍ଟ ଖୋଲି ପୋଷ୍ଟ କରୁଥିବା ନଜରକୁ ଆସିଛି। ମାତ୍ର ଶ୍ରୀମତୀ ରାଉତଙ୍କର ସୋସିଆଲ ମିଡିଆରେ କୌଣସି ଆକାଉଣ୍ଟ ନାହିଁ। ଫେକ୍ ଆକାଉଣ୍ଟ ଜରିଆରେ ହେଉଥିବା ପୋଷ୍ଟଗୁଡ଼ିକୁ ବିଶ୍ୱାସ ନକରିବାକୁ ସେ ଅନୁରୋଧ କରିଛନ୍ତି।

# ୩୫ ଓ ୩୬ତମ 'ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର' ପ୍ରଦାନ

**ଶ୍ୟାମଳେନ୍ଦୁ ଭଟ୍ଟାଚାର୍ଯ୍ୟ ଓ ନମ୍ରତା ଦାସଙ୍କୁ 'ମୋହନ ସୁନ୍ଦର ଦେବ ଗୋସ୍ୱାମୀ ପୁରସ୍କାର'**

**'ପୁଷ୍କରା' ଓ 'ଆଶ୍ରମ' ଓ 'ମାଇଁ ସ୍ୱିଟ୍ ହାଉସ୍ ୱାଇଫ୍' ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ପୁରସ୍କୃତ**

**ବିଭିନ୍ନ ବର୍ଗରେ ମୋଟ୍ ୬୪ଟି ପୁରସ୍କାର ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ**





ଭୁବନେଶ୍ୱର, ୨୬।୬ (ସମିସ): ୨୦୨୩ ଓ ୨୦୨୪ ବର୍ଷ ପାଇଁ ୩୫ ଓ ୩୬ ତମ 'ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର' ଶୁକ୍ରବାର ଲୋକସେବା ଭବନ କନେଭେସନ ହଲ୍‌ରେ ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବିଭିନ୍ନ ବର୍ଗରେ ମୋଟ୍ ୬୪ଟି ପୁରସ୍କାର ପ୍ରଦାନ କରାଯିବା ସହ ଚଳଚ୍ଚିତ୍ର ଜଗତରେ ଜୀବନବ୍ୟାପୀ ସାଧନା ନିମନ୍ତେ ୨୦୨୩ ମସିହା ପାଇଁ ବିଶିଷ୍ଟ ଅଭିନେତା ଶ୍ୟାମଳେନ୍ଦୁ ଭଟ୍ଟାଚାର୍ଯ୍ୟ ଏବଂ ୨୦୨୪ ମସିହା ପାଇଁ ବିଶିଷ୍ଟ ଅଭିନେତ୍ରୀ ନମ୍ରତା ଦାସଙ୍କୁ 'ମୋହନ ସୁନ୍ଦର ଦେବଗୋସ୍ୱାମୀ' ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ବାବଦକୁ ଉଭୟଙ୍କୁ ୫ଲକ୍ଷ ଟଙ୍କାର ଅର୍ଥରାଶି ସମେତ ଉପଢୌକନ ଓ ମାନପତ୍ର ପ୍ରଦାନ ସହ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି।

୨୦୨୩ ମସିହା ନିମନ୍ତେ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ 'ପୁଷ୍କରା' ଏବଂ 'ମାଇଁ ସ୍ୱିଟ୍ ହାଉସ୍ ୱାଇଫ୍' ପୁରସ୍କୃତ କରାଯାଇଥିବା ବେଳେ ଶ୍ରେଷ୍ଠ ଅଭିନେତା ଭାବେ ହରିହର ମହାପାତ୍ର, ଶ୍ରେଷ୍ଠ ଅଭିନେତ୍ରୀ ସୁପ୍ରିୟା ନାୟକ ଓ ନୈନା ଦାସଙ୍କୁ ପୁରସ୍କୃତ କରାଯାଇଛି। ଏହାସହ ଶ୍ରେଷ୍ଠ ନିର୍ଦ୍ଦେଶକ ପିନାକୀ ସିଂ, ଶ୍ରେଷ୍ଠ ପାୱାର୍ ଅଭିନେତା ଚୌଧୁରୀ ଜୟପ୍ରକାଶ ଦାସ, ଶ୍ରେଷ୍ଠ ପାୱାର୍ ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର, ଶ୍ରେଷ୍ଠ ଖଳ ଅଭିନେତା ଚୌଧୁରୀ ବିକାଶ ଦାସ, ଶ୍ରେଷ୍ଠ ଖଳ ଅଭିନେତ୍ରୀ ପିଙ୍କି ପ୍ରଧାନ, ଶ୍ରେଷ୍ଠ ହାସ୍ୟ ଅଭିନେତା ସନ୍ତୋଷ କୁମାର କାଣ୍ଡି, ଶ୍ରେଷ୍ଠ ଶିଶୁ ଅଭିନେତ୍ରୀ ଆଲିଆ ନନ୍ଦ, ଶ୍ରେଷ୍ଠ କାହାଣୀକାର ପିନାକୀ ଶ୍ରୀଚନ୍ଦନ, ଶ୍ରେଷ୍ଠ ସଂଳାପ ଲେଖକ ଭରଦ୍ୱାଜ ପଣ୍ଡା, ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଶରତ ନାୟକ, ଶ୍ରେଷ୍ଠ ଗୀତିକାର ଡ. ନିର୍ମଳ ନାୟକ, ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟକ ବିଷ୍ଣୁ ମୋହନ କବି, ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟିକା ଅନ୍ତରା ଚକ୍ରବର୍ତ୍ତୀଙ୍କ ସମେତ ବିଭିନ୍ନ ବିଭାଗରେ ବିଶିଷ୍ଟ ବ୍ୟକ୍ତିଙ୍କୁ ପୁରସ୍କୃତ କରାଯାଇଛି। ସେହିପରି ୨୦୨୪ ବର୍ଷ ପାଇଁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ତପନ କୁମାର ଦାସଙ୍କ 'ଆଶ୍ରମ' ସିନେମା ପୁରସ୍କାର ଗ୍ରହଣ କରିଥିବା ବେଳେ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଅଶୋକ ପତି, ଶ୍ରେଷ୍ଠ ଅଭିନେତା ଭାବେ ବାବୁଶାନ୍ ଏବଂ ଅଭିନେତ୍ରୀ ଭାବେ ଦେବଯାନୀ ଦେଘୁରିଆଙ୍କୁ ପୁରସ୍କୃତ କରାଯାଇଛି। ଶ୍ରେଷ୍ଠ ପାୱାର୍ ଅଭିନେତା ଭାବେ ସୁକାନ୍ତ ରଥ, ପାୱାର୍ ଅଭିନେତ୍ରୀ ଲିପ୍ସା ମିଶ୍ର, ଶ୍ରେଷ୍ଠ ଖଳ ଅଭିନେତା ହର ରଥ, ଖଳ ଅଭିତେନ୍ତ୍ରୀ ଉଷଶ୍ରୀ ମିଶ୍ର, ଶ୍ରେଷ୍ଠ ହାସ୍ୟ ଅଭିନେତା ଜୀବନ ପଣ୍ଡା, ଶିଶୁ ଅଭିନେତା ଲତାସା ଖୁରାନା, ଶ୍ରେଷ୍ଠ କାହାଣୀକାର ଭାବେ ଅଜୟ ମହାପାତ୍ର, ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଦିବ୍ୟଜିତ ସାହୁ, ଶ୍ରେଷ୍ଠ ଗୀତିକାର ଦୁର୍ଗା ମାଧବ ପଣ୍ଡା, ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟକ ରୂପକ କୁମାର ପରିଡ଼ା, ଗାୟିକା ଅର୍ପିତା ଚୌଧୁରୀ, ଶ୍ରେଷ୍ଠ ଶିଶୁ ଚଳଚ୍ଚିତ୍ର 'ଅନୁଭବ', ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର 'ଦଣ୍ଡେ ରହେ-କାହାଣୀ କହେ-ବାହୁନା କନ୍ଦା', ଶ୍ରେଷ୍ଠ ଶିକ୍ଷାଭିତ୍ତିକ ଚଳଚ୍ଚିତ୍ର 'ସିନ୍ଦୁରା', ଶ୍ରେଷ୍ଠ ସିନେମା ପୁସ୍ତକ ଡ. ରଞ୍ଜନ କୁମାର ରଥଙ୍କ 'ଇଭୋଲ୍ୟୁସନ୍ ଅଫ୍ ଓଡ଼ିଆ ସିନେମା'କୁ ପୁରସ୍କାର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସଂସ୍କୃତି ବିଭାଗ ସଚିବ ବିଜୟ କେତନ ଉପାଧ୍ୟାୟଙ୍କ ସମେତ ସିନେମା ଜଗତର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ପୁରସ୍କାରପ୍ରାପ୍ତ ସମସ୍ତ କଳାକାରଙ୍କୁ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିଲେ।

# ମିସ୍ ୟୁନିଭର୍ସ ଫାଇନାଲ୍‌ରେ ବ୍ରହ୍ମପୁର ଝିଅ ପୁନମ୍ ମନୋନୀତ




ବ୍ରହ୍ମପୁର, ୨୬।୬ (ସମିସ): ଦେଶର ସବୁଠୁ ବୃହତ୍ତମ ଓ ସଂଭ୍ରାନ୍ତ ସୌନ୍ଦର୍ଯ୍ୟ ପ୍ରତିଯୋଗିତା ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୬ରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ ବ୍ରହ୍ମପୁରର ଝିଅ ପୁନମ ମହାରଣା। ୨୨ ବର୍ଷୀୟା ପୁନମ ମିସ୍ ୟୁନିଭର୍ସ ଓଡ଼ିଶା ୨୦୨୬ ମୁକୁଟ ଜିତିବା ପରେ ଅଗଷ୍ଟରେ ନୂଆଦିଲ୍ଲୀରେ ହେବାକୁ ଥିବା ଜାତୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ସେ କମ୍ପ୍ୟୁଟର ସାଇନ୍ସରେ ବି.ଟେକ୍ ସହ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବିଶେଷଜ୍ଞତା ହାସଲ କରିଛନ୍ତି। ରାଜ୍ୟସ୍ତରୀୟ ଚୟନ ପର୍ଯ୍ୟାୟରେ ପ୍ରାୟ ୧୦୦ ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ସେ ବିଜୟୀ ହୋଇଛନ୍ତି ଏବଂ ଏହି ସଫଳତା ପଛରେ ବାପା ବିଭୁଦେନ୍ଦ୍ର ମହାରଣା, ମା' ସଙ୍ଗୀତା ମହାରଣାଙ୍କ ପ୍ରେରଣା ଥିବା ସେ କହିଛନ୍ତି। ଜାତୀୟ ପ୍ରତିଯୋଗିତା ପାଇଁ ପୁନମ ବର୍ତ୍ତମାନ ବ୍ୟକ୍ତିତ୍ୱ ବିକାଶ, ମଞ୍ଚ ଉପସ୍ଥାପନା ଓ ଯୋଗାଯୋଗ କୌଶଳ ଉପରେ ବିଶେଷ ପ୍ରଶିକ୍ଷଣ ନେଉଛନ୍ତି। ପରିବେଶ ସୁରକ୍ଷା, ସମାଜସେବା ଓ ଉଦ୍ୟୋଗ କ୍ଷେତ୍ରରେ କାମ କରିବାକୁ ମଧ୍ୟ ସେ ନିଜର ପ୍ରମୁଖ ଲକ୍ଷ୍ୟ ବୋଲି ଉଲ୍ଲେଖ କରି ଓଡ଼ିଶା ପାଇଁ ଜାତୀୟ ମଞ୍ଚରେ ପ୍ରତିନିଧିତ୍ୱ କରିବା ଗର୍ବର ବିଷୟ ବୋଲି ପୁନମ୍ କହିଛନ୍ତି।

**ରାଜ୍ୟ କମିଟି ଘୋଷଣା କଲା ଓଜେସି**


# କମିଟିରେ ୬ ଉପସଭାପତି, ୧୦ ସାଧାରଣ ସମ୍ପାଦକ

ଭୁବନେଶ୍ୱର,୨୬।୬(ସମିସ): ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ପ୍ରଥମ ରାଜ୍ୟ କମିଟି ଘୋଷଣା କରାଯାଇଛି। ଓଜେସି ସଭାପତି ଇଂ ମହମ୍ମଦ ମୋକିମଙ୍କ ଅନୁମୋଦନ କ୍ରମେ ଓଜେସିର ଏକ ୨୬ ଜଣିଆ ରାଜ୍ୟ କମିଟି ଘୋଷଣା ହୋଇଛି। ଉକ୍ତ କମିଟିରେ ୬ ଜଣ ରାଜ୍ୟ ଉପସଭାପତି, ୧୦ଜଣ ସାଧାରଣ ସମ୍ପାଦକ ଏବଂ ୧୦ ଜଣ ସମ୍ପାଦକ ଭାବେ ସ୍ଥାନି ପାଇଛନ୍ତି। ଉପସଭାପତିମାନଙ୍କ ମଧ୍ୟରେ ବଦ୍ରି ନାରାୟଣ ମହାନ୍ତି, ଗିରିବାଳା ବେହେରା, ନିକୁଞ୍ଜ ପଶାୟତ, ନଜିବୁର ରେହମାନ ଖାନ୍, ପ୍ରଦୀପ ପ୍ରଧାନ, ରଞ୍ଜିତା ରାଉତ ପ୍ରମୁଖ ସ୍ଥାନ ପାଇଛନ୍ତି। ସେହିପରି ସାଧାରଣ ସମ୍ପାଦକ ଭାବେ ସୂର୍ଯ୍ୟକାନ୍ତ ରାଉତ, ସୁଜିତ୍ ସ୍ୱାଇଁ, ଶୁଭେନ୍ଦୁ ମଲ୍ଲିକ, ସୋମନାଥ ରାଉତ, ନରେଶ ମହାନ୍ତି, ଅନିତା ନାୟକ, ସଞ୍ଜୟ ରାୟ, ଲଳିତ ମୋହନ ପ୍ରଧାନ, ପ୍ରସନ୍ନ ବିଷୋୟୀ, ଦୀପକ କୁମାର ପରିଡା ପ୍ରମୁଖଙ୍କୁ ଦାୟିତ୍ୱ ଦିଆଯାଇଛି। ଭିନ୍ନ ଭିନ୍ନ ଜିଲ୍ଲା ଓ ବର୍ଗର ନେତୃତ୍ୱ ମାନଙ୍କୁ ରାଜ୍ୟ ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଛି। ବୀରେନ୍ଦ୍ର ପ୍ରଧାନ, ତପନ ରାଉତରାୟ, ଦିଲ୍ଲୀପ ରାଉତ, ଅଖିଳ ମୋହନ ଦାସ, କୃଷ୍ଣାନନ୍ଦ ସାହୁ, ଆଦିତ୍ୟ ଗିରି, କାଳିପ୍ରସାଦ ମଲ୍ଲିକ, ଅଂଶୁମାନ ଦାସ, ସୋନାଲି ମହାପାତ୍ର ଏବଂ ବିକାଶ କୁମାର ବେହେରା ପ୍ରମୁଖ ନେତୃତ୍ୱମାନଙ୍କୁ ଓଜେସି ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି।

# ବରିଷ୍ଠ ସାମ୍ବାଦିକ ଶରତ ଚନ୍ଦ୍ର ଦାଶଙ୍କ ପରଲୋକ

ଭୁବନେଶ୍ୱର,୨୬।୬(ସମିସ): ବରିଷ୍ଠ ସାମ୍ବାଦିକ ତଥା ପ୍ରେସ ଟ୍ରଷ୍ଟ ଅଫ୍ ଇଣ୍ଡିଆ (ପିଟିଆଇ)ର ପୂର୍ବତନ ଓଡ଼ିଶା ବ୍ୟୁରୋ ମୁଖ୍ୟ ଶରତ ଚନ୍ଦ୍ର ଦାଶଙ୍କର ଶୁକ୍ରବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ଦୀର୍ଘଦିନ ଧରି ଅସୁସ୍ଥ ଥିବା ଶ୍ରୀ ଦାଶଙ୍କର ମୃତ୍ୟୁ ବେଳକୁ ବୟସ ୮୩ ବର୍ଷ ହୋଇଥିଲା। ସାମ୍ବାଦିକତା କ୍ଷେତ୍ରରେ ଶରତ ଚନ୍ଦ୍ର ଦାଶଙ୍କ ଅବଦାନ ଅତୁଳନୀୟ। ସେ ପ୍ରାୟ ୪୨ ବର୍ଷ ଧରି ପିଟିଆଇରେ କାର୍ଯ୍ୟ କରିଥିଲେ ଏବଂ ୨୦୦୩ ମସିହାରେ ଓଡ଼ିଶା ବ୍ୟୁରୋ ମୁଖ୍ୟ ପଦରୁ ଅବସର ଗ୍ରହଣ କରିଥିଲେ। ସେ ପ୍ରଥମେ ପିଟିଆଇର ମୁମ୍ବାଇ ଓ ନୂଆଦିଲ୍ଲୀ ବ୍ୟୁରୋରେ କାର୍ଯ୍ୟ କରିବା ପରେ କଟକରେ ବ୍ୟୁରୋ ମୁଖ୍ୟ ଭାବେ ଦାୟିତ୍ୱ ନେଇଥିଲେ। ପରେ ୧୯୯୩ ମସିହାରେ ଭୁବନେଶ୍ୱରରେ ପିଟିଆଇର ଓଡ଼ିଶା ବ୍ୟୁରୋ ମୁଖ୍ୟ ଭାବେ ଯୋଗଦେଇ ଅବସର ପର୍ଯ୍ୟନ୍ତ ସଫଳତାର ସହ କାର୍ଯ୍ୟ କରିଥିଲେ। ନମ୍ର ବ୍ୟବହାର, ଉଚ୍ଚ ବୃତ୍ତିଗତ ମୂଲ୍ୟବୋଧ ଏବଂ ସାମ୍ବାଦିକତାର ନୈତିକତା ପ୍ରତି ଅତୁଟ ନିଷ୍ଠା ପାଇଁ ସେ ସମସ୍ତଙ୍କ ପାଖରେ ଜଣେ ଆଦର୍ଶ ସାମ୍ବାଦିକ ଭାବେ ପରିଚିତ ଥିଲେ। ଅନେକ ଯୁବ ସାମ୍ବାଦିକଙ୍କୁ ସେ ମାର୍ଗଦର୍ଶନ କରି ସାମ୍ବାଦିକତା କ୍ଷେତ୍ରକୁ ଦକ୍ଷ ମାନବ ସମ୍ବଳ ଯୋଗାଇଥିଲେ। ଗତବର୍ଷ ତାଙ୍କର ପତ୍ନୀ ପ୍ରିୟମ୍ବଦା ଦାଶଙ୍କର ପରଲୋକ ଘଟିଥିଲା। ତାଙ୍କର ଦୁଇ ପୁଅ ଓ ଦୁଇ ଝିଅ ଅଛନ୍ତି। ତାଙ୍କର ପୁଅ ଅଜିତ୍ ଦାଶ ମଧ୍ୟ ଜଣେ ଜଣାଶୁଣା ସାମ୍ବାଦିକ ଓ ସେ ଦୀର୍ଘଦିନ ଧରି ନନ୍ଦିଘୋଷ ଟିଭିରେ ଇନ୍‌ପୁଟ ଏଡ଼ିଟର ଭାବରେ କାର୍ଯ୍ୟ କରୁଥିଲେ।

**ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତାଙ୍କ ଶୋକ**



ତାଙ୍କ ପରଲୋକରେ ବିଭିନ୍ନ ରାଜନୈତିକ ନେତା, ସାମ୍ବାଦିକ, ବୁଦ୍ଧିଜୀବୀ ଓ ବିଶିଷ୍ଟ ବ୍ୟକ୍ତିମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବିୟୋଗରେ ଗଭୀର ଶୋକ ବ୍ୟକ୍ତ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ତାଙ୍କର ପରଲୋକରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଓଡ଼ିଶାର ଗଣମାଧ୍ୟମ ଜଗତରେ ସେ ଜଣେ ସଫଳ ସାମ୍ବାଦିକ ଭାବରେ ପରିଚିତ ଥିଲେ ବୋଲି ଉଲ୍ଲେଖ କରି ତାଙ୍କର ଶୋକସନ୍ତପ୍ତ ପରିବାର ପ୍ରତି ନବୀନ ଗଭୀର ସମବେଦନା ଜ୍ଞାପନ କରିଛନ୍ତି। ସେହିପରି ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳ ନେତା ମାନସ ମଙ୍ଗରାଜ ମଧ୍ୟ ଶୋକ ପ୍ରକାଶ କରିବା ସହ ଏପରି ସମୟରେ ତାଙ୍କ ପରିବାରକୁ ଭଗବାନ ଅସୀମ ଧୈର୍ଯ୍ୟ ଓ ସାହସ ଦିଅନ୍ତୁ ବୋଲି କାମନା କରିଛନ୍ତି।

**ସୁରକ୍ଷା ବାହିନୀର ବଡ଼ ସଫଳତା**

# ନକ୍ସଲ ଅସ୍ତ୍ର ଡମ୍ପିଂୟାର୍ଡ ଠାବ, ୨୪ ଲକ୍ଷ ଟଙ୍କା ଜବତ



ମାଲକାନଗିରି, ୨୬।୬ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ଚାଲିଥିବା ନକ୍ସଲ ଦମନ ଅଭିଯାନ ବେଳେ ଓର୍ଛା ଥାନା ଅଞ୍ଚଳର ଟେକଲା ଜଙ୍ଗଲ ଓ ପାହାଡ଼ରେ ନକ୍ସଲମାନେ ଲୁଚାଇ ରଖିଥିବା ଏକ ବଡ଼ ଅସ୍ତ୍ର ଡମ୍ପ୍ ଠାବ କରାଯାଇଛି। ସୁରକ୍ଷା ବାହିନୀ ଇନ୍‌ସାସ ଓ ଏସ୍‌ଏଲ୍‌ଆର ରାଇଫଲ, ୩୦୩ ରାଇଫଲ, ୩୦-ଓସି ବନ୍ଧୁକ, ବିଜିଏଲ ଲଞ୍ଚର, ସିଙ୍ଗଲ ସଟ୍ ବନ୍ଧୁକ, ବହୁ ସଂଖ୍ୟକ ମ୍ୟାଗାଜିନ, ଶତାଧିକ ଜୀବନ୍ତ ଗୁଳି, ଡେଟୋନେଟର ଏବଂ ଯୋଗାଯୋଗ ଉପକରଣ ଜବତ କରାଯାଇଛି। ଏହି କାର୍ଯ୍ୟାନୁଷ୍ଠାନରେ ନକ୍ସଲମାନଙ୍କ ଅସ୍ତ୍ରଶସ୍ତ୍ର ଭଣ୍ଡାରକୁ ବଡ଼ ଧକ୍କା ଲାଗିଥିବା କୁହାଯାଉଛି। ସେହିପରି ଛୋଟେଡୋଙ୍ଗର ଥାନା ଅନ୍ତର୍ଗତ ତୋୟାମେଟା ଜଙ୍ଗଲ-ପାହାଡ଼ରେ ଚାଲିଥିବା ଅନ୍ୟ ଏକ ସର୍ଚ୍ଚ ଅଭିଯାନ ବେଳେ ନକ୍ସଲମାନଙ୍କ ଦ୍ୱାରା ଲୁଚାଇ ରଖାଯାଇଥିବା ୨୪ ଲକ୍ଷ ଟଙ୍କା ନଗଦ ରାଶି ଜବତ କରାଯାଇଛି। ପୁଲିସର ପ୍ରାଥମିକ ଅନୁମାନ ଅନୁଯାୟୀ, ଏହି ଟଙ୍କା ନକ୍ସଲ ସଂଗଠନର ବିଭିନ୍ନ କାର୍ଯ୍ୟକଳାପ ପାଇଁ ରଖାଯାଇଥିଲା। ନକ୍ସଲ ପ୍ରଭାବିତ ଅଞ୍ଚଳରେ ଶାନ୍ତି, ସୁରକ୍ଷା ଓ ବିକାଶକୁ ସୁଦୃଢ଼ କରିବା ପାଇଁ ଏଭଳି ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ନାରାୟଣପୁର ପୁଲିସ ପକ୍ଷରୁ କୁହାଯାଇଛି।

# ପିଏସି ଅଧ୍ୟକ୍ଷ ହେଲେ ପ୍ରମିଳା ମଲ୍ଲିକ

ଭୁବନେଶ୍ୱର,୨୬।୬(ସମିସ): ଓଡ଼ିଶା ବିଧାନସଭାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିଭିନ୍ନ କମିଟି ଗଠନ ହୋଇଛି। ବିଧାନସଭା ସ୍ଥାୟୀ, ବିଭାଗୀୟ ଓ ଗୃହ କମିଟି ଗଠନ ସହ ପ୍ରାୟ ୩୫ରୁ ଅଧିକ କମିଟି ଗଠନ କରାଯାଇଛି। ବାଚସ୍ପତି ସୁରମା ପାଢ଼ୀ ଏହି କମିଟି ଗଠନ କରିଥିବା ନେଇ ବିଧାନସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ପବ୍ଲିକ୍ ଆକାଉଣ୍ଟ କମିଟି ବା ପିଏସିର ଅଧ୍ୟକ୍ଷା ଭାବେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କୁ ଦାୟିତ୍ୱ ମିଳିଛି। କମିଟିରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ବିଧାୟକ ଅରୁଣ ସାହୁ, ଗଣେଶ୍ୱର ବେହେରା, ସନାତନ ବିଜୁଳି, ଆକାଶ ଦାସନାୟକ, କଳିକେଶ ନାରାୟଣ ସିଂହଦେଓ, ଅଶୋକ ମହାନ୍ତି, ବାବୁ ସିଂହ, ସନ୍ତୋଷ ଖଟୁଆ, ଅମର ନାୟକ ଓ ଅରବିନ୍ଦ ମହାପାତ୍ର ପ୍ରମୁଖ ଏହି କମିଟିରେ ରହିଛନ୍ତି। ସେହିପରି ରୁଲ୍ସ କମିଟିରେ ବାଚସ୍ପତି ସୁରମା ପାଢ଼ୀ ଅଧ୍ୟକ୍ଷ ରହିଥିବା ବେଳେ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ପୃଥ୍ୱୀରାଜ ହରିଚନ୍ଦନ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟକ ପ୍ରତାପ କେଶରୀ ଦେବ, ତୁଷାରକାନ୍ତି ବେହେରା ଓ ସାଗର ଚରଣ ଦାସ ସଦସ୍ୟ ଅଛନ୍ତି। ସ୍ୱାଧିକାର କମିଟି ଅଧ୍ୟକ୍ଷ ଭାବରେ ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ଦାୟିତ୍ୱ ମିଳିଛି ଓ ଏହି କମିଟିରେ ଅନ୍ୟ ୬ ଜଣ ସଦସ୍ୟ ରହିଛନ୍ତି। ପବ୍ଲିକ୍ ଅଣ୍ଡରଟେକିଂ କମିଟି ଅଧ୍ୟକ୍ଷ ଭାବେ ପଦ୍ମଲୋଚନ ପଣ୍ଡା, ଏସ୍‌ସିଏସ୍‌ଟି କଲ୍ୟାଣ କମିଟି ଅଧ୍ୟକ୍ଷ ଭାବେ ଭାସ୍କର ମଢ଼େଇ, ସବ୍‌ଅର୍ଡିନେଟ୍ ଲେଜିସଲେସନ୍ କମିଟି ଅଧ୍ୟକ୍ଷ ଭାବେ ଇରାଶିଷ ଆଚାର୍ଯ୍ୟ, ପିଟିସନ କମିଟି ଅଧ୍ୟକ୍ଷ ଭାବେ ପ୍ରଶାନ୍ତ କୁମାର ଜଗଦେବ, ପେପର୍ ଲେଡ୍ କମିଟି ଅଧ୍ୟକ୍ଷ ଭାବେ ଦୁଷ୍ମନ୍ତ କୁମାର ସ୍ୱାଇଁ, ସରକାରୀ ପ୍ରତିଶ୍ରୁତି କମିଟି ଅଧ୍ୟକ୍ଷ ଭାବେ ଅଶୋକ ମହାନ୍ତିଙ୍କୁ ଦାୟିତ୍ୱ ଦିଆଯାଇଛି। ଲାଇବ୍ରେରୀ କମିଟି ଅଧ୍ୟକ୍ଷ ଭାବେ ଆକାଶ ଦାସନାୟକ ରହିଛନ୍ତି।

ମହିଳା ଓ ଶିଶୁ କଲ୍ୟାଣ ଅଧ୍ୟକ୍ଷ ଭାବେ ସୀମାରାଣୀ ନାୟକଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ସରକାରୀ ବିଭାଗଗୁଡ଼ିକର କାର୍ଯ୍ୟର ସମୀକ୍ଷା ପାଇଁ ଗଠିତ ବିଭାଗଗତ ସମ୍ପର୍କିତ ସ୍ଥାୟୀ କମିଟିଗୁଡ଼ିକ ପ୍ରଥମରୁ ଦଶମ ଯାଏ ଅଧ୍ୟକ୍ଷ ଭାବେ ଯଥାକ୍ରମେ ସିଦ୍ଧାନ୍ତ ମହାପାତ୍ର, ସନ୍ତୋଷ ଖଟୁଆ, ବାବୁ ସିଂହ, ପୂର୍ଣ୍ଣଚନ୍ଦ୍ର ସେଠୀ, ବିଭୂତି ଭୂଷଣ ପ୍ରଧାନ, ସୁଧୀର ରଞ୍ଜନ ପାଟ୍ଟଯୋଶୀ, ମନୋହର ରନ୍ଧାରୀ ଏବଂ ସନାତନ ବିଜୁଳି ରହିଛନ୍ତି। ଏହାବ୍ୟତୀତ ମହାନଦୀ ଜଳ ବିବାଦ, ଜଗନ୍ନାଥ ମନ୍ଦିର ବିକାଶ, ପରିବେଶ ପ୍ରଦୂଷଣ, ବିସ୍ଥାପନ, ରେଳ ବିକାଶ, ସୀମା ବିବାଦ, ବିଦ୍ୟୁତ ବିତରଣ ଓ ଭାଷାଗତ ସଂଖ୍ୟାଲଘୁଙ୍କ ସମସ୍ୟା ଭଳି ପ୍ରସଙ୍ଗ ଉପରେ ମଧ୍ୟ ବିଭିନ୍ନ ଗୃହ ଓ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି। ଏହି କମିଟିଗୁଡ଼ିକ ସରକାରୀ କାର୍ଯ୍ୟର ସମୀକ୍ଷା କରି ବିଧାନସଭାରେ ସୁପାରିସ ଓ ରିପୋର୍ଟ ଦାଖଲ କରିବେ। ସୂଚନା ଥାଉ କି ଗତ ମାର୍ଚ୍ଚ ୩୧ ତାରିଖରେ ପୂର୍ବ କମିଟିଗୁଡ଼ିକର ଅବଧି ସମାପ୍ତ ହୋଇଥିଲା। ଏହା ପରେ ଦୁଇ ମାସରୁ ଅଧିକ ସମୟ ଧରି ନୂଆ କମିଟି ଗଠନ ହୋଇନଥିବାରୁ ବିରୋଧୀ ଦଳ ବିଜେଡି ଓ କଂଗ୍ରେସ ପକ୍ଷରୁ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏମିତି କି ଏ ସମ୍ପର୍କରେ ଏକାଧିକ ବିଧାୟକ ରାଜ୍ୟପାଳଙ୍କୁ ପତ୍ର ଲେଖି ଏ ସମ୍ପର୍କରେ ଅବଗତ କରାଇବା ସହ ହସ୍ତକ୍ଷେପ ଲୋଡ଼ିଥିଲେ।

# ଆଇନଜୀବୀ କଲ୍ୟାଣ ପାଣ୍ଠି ଅନୁସାରେ ବଢ଼ିଲାନି ସହାୟତା ରାଶି

**ବାର କାଉନସିଲ ପରିସରରୁ ଉଠାଇ ନିଆଗଲା କଲ୍ୟାଣ ପାଣ୍ଠି କାର୍ଯ୍ୟାଳୟ**

**ସରକାରଙ୍କ ନିଷ୍ପତ୍ତି ବିରୋଧରେ ରାଜ୍ୟବ୍ୟାପି ପ୍ରତିବାଦ ଚେତାବନୀ**



କଟକ,୨୬।୬ (ସମିସ): ଆଇନଜୀବୀ କଲ୍ୟାଣ ପାଣ୍ଠି ୧୦ କୋଟିକୁ ବୃଦ୍ଧି ପାଇଥିଲେ ସୁଦ୍ଧା ସେହି ଅନୁପାତରେ ଆଇନଜୀବୀଙ୍କ ପାଇଁ ସହାୟତା ରାଶି ସ୍ଥିର କରାଯାଇନଥିବା ନେଇ ରାଜ୍ୟର ଓକିଲଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏପରିକି ଆଇନଜୀବୀ କଲ୍ୟାଣ ପାଣ୍ଠି କାର୍ଯ୍ୟାଳୟକୁ ଆଡଭୋକେଟ ଜେନେରାଲଙ୍କ କାର୍ଯ୍ୟାଳୟ ପରିସରକୁ ଉଠାଇ ନିଆଯାଇଥିବା ବେଳେ ରାଜ୍ୟ ଆଇନଜୀବୀ ପରିଷଦ (ବାର କାଉନସିଲ)ର ସଚିବଙ୍କୁ ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠି ସଚିବ ପଦରୁ ବେଆଇନ ଭାବେ ନିଲମ୍ବନ କରାଯାଇଥିବା ନେଇ ଉଦବେଗ ପ୍ରକାଶ କରିଛି ରାଜ୍ୟ ଆଇନଜୀବୀ ପରିଷଦ। ଆଜି ପରିଷଦର କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସଭାପତି ଆଇନଜୀବୀ ସୀତାଂଶୁ ମୋହନ ଦ୍ୱିବେଦୀ ଓ ଅନ୍ୟ ସଦସ୍ୟମାନେ ଏଭଳି ପଦକ୍ଷେପକୁ ନିନ୍ଦା କରିଛନ୍ତି। ଆଇନଜୀବୀଙ୍କର ସମସ୍ୟାର ସମାଧାନ ନ ହେଲେ ରାଜ୍ୟ ବ୍ୟାପୀ ଆଇନଜୀବୀମାନେ ପ୍ରତିବାଦ କରିବେ ବୋଲି ଚେତାବନୀ ଦିଆଯାଇଛି।

ଶ୍ରୀ ଦ୍ୱିବେଦୀ କହିଥିଲେ ଯେ ଆଇନଜୀବୀ କଲ୍ୟାଣ ପାଣ୍ଠି ୧୯୮୭ରେ ଗଠନ କରାଯାଇ ରାଜ୍ୟ ସରକାର ପ୍ରଥମେ ୨୦୧୪ -୨୦୧୫ ଆର୍ଥିକ ବର୍ଷରେ ୧କୋଟି ମ୍ୟାଚିଙ୍ଗ ଗ୍ରାଣ୍ଟ ପ୍ରଦାନ କରିଥିଲେ। ୨୦୧୬-୨୦୧୭ ଆର୍ଥିକ ବର୍ଷରେ ଏହା ୩କୋଟିକୁ ବୃଦ୍ଧି ପାଇଥିଲା, ୨୦୨୦-୨୧ ଆର୍ଥିକ ବର୍ଷରେ ଏହି କଲ୍ୟାଣ ପାଣ୍ଠି ୫ କୋଟି ଟଙ୍କା ହୋଇଥିଲା। ପରବର୍ତ୍ତୀ ଅବସ୍ଥାରେ ଗତ ୨୦୨୪ ମସିହାରେ ସରକାର ଏହାକୁ ୧୦ କୋଟି ଟଙ୍କାକୁ ବୃଦ୍ଧି କରିଥିଲେ। ଯେତେବେଳେ ମ୍ୟାଚିଙ୍ଗ ଗ୍ରାଣ୍ଟ ୧ କୋଟି ଥିଲା ସେତେବେଳେ ୩୦ ବର୍ଷର ସଦସ୍ୟତା ଥିବାର ଆଇନଜୀବୀମାନେ ତାଙ୍କ ଅବସର ସମୟରେ ୨ ଲକ୍ଷ ୭୦ ହଜାର ରାଶି ପାଉଥିଲେ। ସେହିଭଳି ୫ କୋଟି ଥିବା ବେଳେ ତଦନୁପାତରେ ତତ୍କାଳୀନ ସରକାର ସହାୟତା ରାଶି ୪ଲକ୍ଷ ୫୦ ହଜାର ଟଙ୍କା କରିଥିଲେ।

ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠି ତରଫରୁ ହୋଇଥିବା ଏକ ବୈଠକ ଗତ ୨୦୨୪ ଡିସେମ୍ବର ୨୪ତାରିଖରେ ଅନୁଷ୍ଠିତ ହୋଇ ରାଜ୍ୟ ସରକାରଙ୍କୁ କଲ୍ୟାଣ ପାଣ୍ଠିର ସହାୟତା ରାଶିକୁ ୯ ଲକ୍ଷ ଟଙ୍କା କରିବା ପାଇଁ ଚିଠା ପ୍ରସ୍ତାବ ଦିଆଯାଇଥିଲା କିନ୍ତୁ ରାଜ୍ୟ ସରକାର ଏହାକୁ ଉପେକ୍ଷା କରି ୪୦ ପ୍ରତିଶତ ବୃଦ୍ଧି କରିଛନ୍ତି। ଇତିମଧ୍ୟରେ ଓଡ଼ିଶା ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠି କାର୍ଯ୍ୟାଳୟକୁ ବେଆଇନ୍ ଭାବରେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପରିସର ମଧ୍ୟରୁ ଏଜି କାର୍ଯ୍ୟାଳୟକୁ ଉଠାଇ ନିଆଯାଇଛି। ଏଥିପାଇଁ ରାଜ୍ୟ ସରକାର ଓଡ଼ିଶା ରାଜ୍ୟ ଆଇନଜୀବି ପରିଷଦ ସହ କୌଣସି ବିଚାର ବିମର୍ଶ କିମ୍ବା ଆଲୋଚନା କରାଯାଇନି। ରାଜ୍ୟ ଆଇନଜୀବୀ ପରିଷଦର ସଚିବଙ୍କୁ ଆଇନଜୀବୀ କଲ୍ୟାଣ ପାଣ୍ଠି ସଚିବରୁ ନିଲମ୍ବନ କରାଯାଇଛି। ଏଣୁ ରାଜ୍ୟ ସରକାର ୧୫ ଦିନ ମଧ୍ୟରେ ଆଇନଜୀବୀ କଲ୍ୟାଣ ପାଣ୍ଠି ସହାୟତା ରାଶିକୁ ୪୦ ୧୦୦ ପ୍ରତିଶତ ବୃଦ୍ଧି କରି ଅବସରକାଳୀନ କିମ୍ବା ମୃତ ଆଇନଜୀବୀଙ୍କୁ ସର୍ବନିମ୍ନ ୯ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବା, ଆଇନଜୀବୀ କଲ୍ୟାଣ ପାଣ୍ଠି କାର୍ଯ୍ୟାଳୟକୁ ତୁରନ୍ତ ପରିଷଦର ପରିସରକୁ ଫେରାଇ ଆଣିବା, ପରିଷଦର ସଚିବଙ୍କୁ ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠି ସଚିବ ପଦରୁ ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରିବା, ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ୧୦ କୋଟି ରୁ ୨୦ କୋଟି ଟଙ୍କାକୁ ବୃଦ୍ଧି କରିବା, ଆଇନଜୀବୀମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ମଧୁବାବୁ ସ୍ୱାସ୍ଥ୍ୟବୀମା ପ୍ରଚଳନ ଓ ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ କରିବା ପାଇଁ ଦାବି କରିଛି ଆଇନଜୀବୀ ପରିଷଦ। ଏହି ସାମ୍ବାଦିକ ସମ୍ମିଳନୀରେ ଆଇନଜୀବୀ ପରିଷଦର ଉପାଧ୍ୟକ୍ଷ ରାଜୀବ ମହାନ୍ତି, ସଦସ୍ୟ ବିଭୁପ୍ରସାଦ ତ୍ରିପାଠୀ, ଅରୁପାନନ୍ଦ ଦାଶ, ଦିନେଶଚନ୍ଦ୍ର ରାୟ, ଗିରିଜା ଶଙ୍କର ମିଶ୍ର, ଗିରିଧାରୀ ମହାପାତ୍ର ଓ ତପନ ବିଶ୍ୱାଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଭଲ ବର୍ଷା ପାଇଁ ଆହୁରି ୧୦ ଦିନ ଅପେକ୍ଷା

ଭୁବନେଶ୍ୱର,୨୬।୬(ସମିସ): ରାଜ୍ୟରେ ମୌସୁମୀ ଜନିତ ବର୍ଷା ସ୍ଥିତିରେ ଧୀରେ ଧୀରେ ସୁଧାର ଆସିବ। ମାସ ଶେଷ ଆଡ଼କୁ ମୌସୁମୀ ସକ୍ରିୟ ହେବାର ସମ୍ଭାବନା ଥିବା ବେଳେ ଜୁଲାଇ ଆରମ୍ଭରୁ ବଙ୍ଗୋପସାଗରରେ ଏକ ଲଘୁଚାପ ମଧ୍ୟ ସୃଷ୍ଟି ହେବାର ସମ୍ଭାବନା ରହିଛି ଓ ୫ ତାରିଖ ବେଳକୁ ଭଲ ଭର୍ଷା ହେବ ବୋଲି ଆକଳନ କରାଯାଉଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ମୌସୁମୀ ବାୟୁ ସକ୍ରିୟ ହୋଇପାରୁ ନ ଥିବାରୁ ଗରମ ଗୁଳୁଗୁଳି ଜାରି ରହିଛି। ବଙ୍ଗୋପସାଗରୀୟ ପବନ ରାଜ୍ୟକୁ ପ୍ରବାହ ହେଉଥିବାରୁ ପ୍ରବଳ ବିଜୁଳି ଘଡ଼ଘଡ଼ି ସହ କାଁ ଭାଁ ବର୍ଷା ହେଉଛି। ଏହି କ୍ରମରେ ଶୁକ୍ରବାର ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ଭୀଷଣ ବିଜୁଳି ଘଡ଼ଘଡ଼ି ସହ କିଛି କିଛି ବର୍ଷା ହୋଇଛି। ପ୍ରବଳ ଘଡ଼ଘଡ଼ି ଯୋଗୁଁ ରାଜ୍ୟର ଏକାଧିକ ଲୋକଙ୍କର ବଜ୍ରପାତରେ ମୃତ୍ୟୁ ନେଇ ମଧ୍ୟ ଖବର ଆସିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଓଡ଼ିଶାରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ବର୍ତ୍ତମାନ ସୁଦ୍ଧା ଦୁର୍ବଳ ଏବଂ ଅସମାନ ରହିଛି। ଜୁନ୍ ମାସର ବାକି ଦିନଗୁଡ଼ିକରେ ବ୍ୟାପକ ତଥା ଲଗାତାର ମୌସୁମୀ ବର୍ଷା ହେବାର ସମ୍ଭାବନା କମ୍ ରହିଛି। ଏହି ସମୟରେ ମୁଖ୍ୟତଃ ବିକ୍ଷିପ୍ତ ଘଡ଼ଘଡ଼ି ସହ ସ୍ୱଳ୍ପ ବର୍ଷା ଦେଖାଯାଇପାରେ। ବିଶ୍ୱର ବିଭିନ୍ନ ପାଣିପାଗ ମଡେଲ୍‌ର ଆକଳନ ଅନୁଯାୟୀ, ମାସ ଶେଷ ଆଡ଼କୁ ମୌସୁମୀ ଧୀରେ ଧୀରେ ଶକ୍ତିଶାଳୀ ହେବାର ସଙ୍କେତ ମିଳୁଛି। ଆସନ୍ତା ୧-୨ ଜୁଲାଇ ବେଳକୁ ଉତ୍ତର ବଙ୍ଗୋପସାଗରରେ ଏକ ବାୟୁମଣ୍ଡଳୀୟ ଘୂର୍ଣ୍ଣିବଳୟ ସୃଷ୍ଟି ହେଉଛି, ଏହା ପ୍ରଭାବରେ ପରବର୍ତ୍ତୀ ସମୟରେ ଏକ ଦୁର୍ବଳ ଲଘୁଚାପ ସୃଷ୍ଟି ହୋଇପାରେ। ଏହାସହ ଜୁଲାଇ ଆରମ୍ଭରେ ମୌସୁମୀ ଟ୍ରଫ୍ ମଧ୍ୟ ସୁଦୃଢ଼ ହେବା ଆଶା କରାଯାଉଛି। ଏହି ସମସ୍ତ ପରିବର୍ତ୍ତନ ଯୋଗୁଁ ବର୍ଷାର ପରିମାଣ ହଠାତ୍ ନବଢ଼ି, ପର୍ଯ୍ୟାୟକ୍ରମେ ଧୀରେ ଧୀରେ ବୃଦ୍ଧି ପାଇବ।

ଉପକୂଳ ଓଡ଼ିଶାରେ ମଝିରେ ମଝିରେ ସ୍ୱଳ୍ପ ବର୍ଷା ସହ କେତେକ ସ୍ଥାନରେ ମଧ୍ୟମ ଧରଣର ବର୍ଷା ହେବା ସହ ଦକ୍ଷିଣ ଓଡ଼ିଶାରେ ଜୁନ୍ ଶେଷ ଆଡ଼କୁ ବର୍ଷା ବୃଦ୍ଧି ପାଇବାର ସବୁଠାରୁ ଭଲ ସମ୍ଭାବନା ରହିଛି। ଯଦି ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସଠିକ୍ ଭାବେ ସକ୍ରିୟ ହୁଏ, ତେବେ ଜୁଲାଇ ପ୍ରଥମ ସପ୍ତାହ ସୁଦ୍ଧା ଏହି ଅଞ୍ଚଳ ସର୍ବପ୍ରଥମେ ଚାଷ ଉପଯୋଗୀ ବର୍ଷା ପାଇବାର ସମ୍ଭାବନା ରହିଛି। କେନ୍ଦ୍ରୀୟ ଏବଂ ଉତ୍ତର ଓଡ଼ିଶାରେ ଜୁନ୍ ଶେଷ ପର୍ଯ୍ୟନ୍ତ ବର୍ଷାର ପରିମାଣ ଅନିୟମିତ ରହିବ। କେତେକ ସ୍ଥାନରେ ଭଲ ବର୍ଷା ହେଲେ ମଧ୍ୟ ମଝିରେ ମଝିରେ ପାଗ ଶୁଖିଲା ରହିବ। ଜୁଲାଇ ପ୍ରଥମ ସପ୍ତାହରେ ହିଁ ଅଧିକ ନିର୍ଭରଯୋଗ୍ୟ ବର୍ଷାର ସମ୍ଭାବନା ଦେଖାଯାଉଛି। ପଶ୍ଚିମ ଓଡ଼ିଶାରେ ଏହି ଅଞ୍ଚଳରେ ଚାଷ ଉପଯୋଗୀ ବର୍ଷା ସବୁଠାରୁ ଅଧିକ ବିଳମ୍ବ ହେବାର ଆଶଙ୍କା ରହିଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।



## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଐତିହ୍ୟ

- ୧୬୯୩- ବିଶ୍ୱର ପ୍ରଥମ ମହିଳା ପତ୍ରିକା 'ଲେଡିଜ୍ ମରକ୍ୟୁରି' ଲଣ୍ଡନରେ ପ୍ରକାଶିତ ହେଲା।
- ୧୮୩୯- ମହାରାଜା ରଣଜିତ ସିଂହଙ୍କ ବିୟୋଗ।
- ୧୯୧୪- ଆମେରିକା ଇଥୋପିଆ ସହିତ ବାଣିଜ୍ୟ ସନ୍ଧିରେ ସ୍ୱାକ୍ଷର କଲା।
- ୧୯୬୭- ଲଣ୍ଡନର ଏନ୍‌ଫିଲଡ୍‌ରେ ବିଶ୍ୱର ପ୍ରଥମ ଏଟିଏମ୍ ସ୍ଥାପିତ କରାଗଲା।
- ୧୯୮୧-କାମ୍ବୋଡ଼ିଆ ନୂଆ ସମ୍ବିଧାନ ଆପଣାଇଲା।

## ଆଜି ଆସିଥିଲେ...

# ପଣ୍ଡିତ କୃପାସିନ୍ଧୁ ମିଶ୍ର



ପଣ୍ଡିତ କୃପାସିନ୍ଧୁ ମିଶ୍ର ଓଡ଼ିଶାର ସତ୍ୟବାଦୀ ଯୁଗର ଜଣେ ବରେଣ୍ୟ ସାହିତ୍ୟିକ, ପ୍ରଖ୍ୟାତ ଐତିହାସିକ, ଆଦର୍ଶ ଶିକ୍ଷକ ଏବଂ ସମାଜସେବୀ ଥିଲେ। ସେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ସତ୍ୟବାଦୀ ବନ ବିଦ୍ୟାଳୟର ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ଥିଲେ। ୧୮୮୭ ମସିହା ଆଜିର ଦିନରେ ପୁରୀ ଜିଲ୍ଲାର ବୀରହରେକୃଷ୍ଣପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ କୃପାସିନ୍ଧୁ ମିଶ୍ର। ସେ ଗାଁ ସ୍କୁଲରୁ ଉତ୍ତୀର୍ଣ୍ଣ ହୋଇ ପୁରୀ ଜିଲ୍ଲା ସ୍କୁଲରେ ନାମ ଲେଖାଇଥିଲେ, ପରବର୍ତ୍ତୀ ସମୟରେ କଟକର ରେଭେନ୍‌ସା କଲିଜିଏଟ୍ ସ୍କୁଲରେ ପଢ଼ିଥିଲେ। ପରେ ସେ ରେଭେନ୍ସା ମହାବିଦ୍ୟାଳୟରୁ ଏଫ୍.ଏ ଓ ବି.ଏ ପାସ୍ କରିଥିଲେ। ୧୯୧୪ ମସିହାରେ ସେ କଲିକତା ବିଶ୍ୱବିଦ୍ୟାଳୟରୁ ଦର୍ଶନ ଶାସ୍ତ୍ରରେ ସ୍ନାତକୋତ୍ତର ଶିକ୍ଷା ଲାଭ କରିଥିଲେ। କୃପାସିନ୍ଧୁ ଓଡ଼ିଶାର ସ୍ଥାପତ୍ୟ, ସଂସ୍କୃତି ଓ ଇତିହାସକୁ ଆଧାର କରି ଅନେକ କାଳଜୟୀ ପୁସ୍ତକ ରଚନା କରିଛନ୍ତି। ୧୯୧୩ ମସିହାଠାରୁ ତାଙ୍କ ରଚିତ ଐତିହାସିକ ପ୍ରବନ୍ଧମାନ ବ୍ରଜସୁନ୍ଦର ଦାସଙ୍କ 'ମୁକୁର' ପତ୍ରିକାରେ ପ୍ରକାଶ ପାଉଥିଲା। ପରେ ତାଙ୍କ ଲେଖନୀରୁ 'ବାରବାଟୀ ଦୁର୍ଗ', କୋଣାର୍କ', ଓ 'ଉତ୍କଳ ଇତିହାସ' ପ୍ରଭୃତି ଐତିହାସିକ ଗବେଷଣାମୂଳକ ପ୍ରବନ୍ଧ ସୃଷ୍ଟି ହେଲା। ଏହାପରେ ସେ ଓଡ଼ିଶାର ପ୍ରଥମ ଐତିହାସିକ ଭାବେ ଖ୍ୟାତିଲାଭ କଲେ।

ସେ କେବଳ ଜଣେ ଐତିହାସିକ ନ ଥିଲେ, ଥିଲେ ବିଶିଷ୍ଟ ଦାର୍ଶନିକ। ତାଙ୍କ ଦର୍ଶନତତ୍ତ୍ୱ ସମ୍ବଳିତ 'ଅଦୃଷ୍ଟବାଦ' ଓ 'କା' ପ୍ରବନ୍ଧ ପାଠକମାନଙ୍କ ମନରେ ଗଭୀର ଛାପ ସୃଷ୍ଟି କରିଛି। କଲିକତା ବିଶ୍ୱବିଦ୍ୟାଳୟରୁ ଦର୍ଶନ ଶାସ୍ତ୍ରରେ ଏମ୍.ଏ. ପାସ୍ କରିବା ପରେ କୃପାସିନ୍ଧୁ ଚାହିଁଥିଲେ ବ୍ରିଟିଶ ସରକାରଙ୍କ ଅଧୀନରେ ଉଚ୍ଚ ପଦବୀରେ ଚାକିରି କରିପାରିଥାନ୍ତେ। ସେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ, କୃପାସିନ୍ଧୁ ୧୯୧୪ ମସିହାରେ ସତ୍ୟବାଦୀ ବନ ବିଦ୍ୟାଳୟରେ ଜଣେ ସହକାରୀ ଶିକ୍ଷକ ଭାବରେ ଯୋଗଦାନ କରିଥିଲେ। ତାଙ୍କ ଯୋଗଦେବା ବେଳକୁ ପଣ୍ଡିତ ନୀଳକଣ୍ଠ ଦାସ ଓ ପଣ୍ଡିତ ଗୋଦାବରୀଶ ମିଶ୍ର ସେଠାରେ ଯୋଗ ଦେଇ ସାରିଥାନ୍ତି। ଏମାନଙ୍କ ଦ୍ୱାରା କୃପାସିନ୍ଧୁ ଗଭୀର ଭାବରେ ପ୍ରଭାବିତ ହୋଇଥିଲେ। ପଢ଼ିବା ଓ ପଢ଼େଇବାରେ କୃପାସିନ୍ଧୁଙ୍କର ଆନନ୍ଦ ଥିଲା। ତାଙ୍କର ସଂସ୍କୃତ, ଓଡ଼ିଆ ଓ ଇଂରାଜୀ ଭାଷାରେ ଅଗାଧ ପାଣ୍ଡିତ୍ୟ ଥିଲା ଓ ସେ ଅନର୍ଗଳ ବକ୍ତୃତା ମଧ୍ୟ ଦେଇ ପାରୁଥିଲେ। ସର୍ବଦା ଧୋତି କୁର୍ତ୍ତା ପରିଧାନ କରିଥିବା କୃପାସିନ୍ଧୁଙ୍କର ନିରାଡମ୍ବର ଜୀବନଶୈଳୀ ଓ ସରଳ ବ୍ୟକ୍ତିତ୍ୱ ଛାତ୍ରମାନଙ୍କୁ ପ୍ରଭାବିତ କରୁଥିଲା। ୧୯୨୦ ମସିହାରେ ସେ ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାୟିତ୍ୱ ଗ୍ରହଣ କରି ମୃତ୍ୟୁ ପର୍ଯ୍ୟନ୍ତ ଏହାକୁ ତୁଲାଇଥିଲେ। ୧୯୨୦ ସେପ୍ଟେମ୍ବର ୪ ତାରିଖରେ କୋଲକାତାଠାରେ ଲାଲ ଲଜପତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ଯୋଗ ଦେଇଥିଲେ କୃପାସିନ୍ଧୁ। ୧୯୨୪ରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ପୁରୀ ଜିଲ୍ଲା ବୋର୍ଡର ସଭ୍ୟ ଭାବେ କାର୍ଯ୍ୟ କରିବା ସହିତ ଜିଲ୍ଲା ଶିକ୍ଷା କମିଟିରେ ସଭ୍ୟ ଥିଲେ। ଶିକ୍ଷା ହିଁ ସମାଜର ସବୁଠାରୁ ବଡ଼ ପରିବର୍ତ୍ତନକାରୀ ଶକ୍ତି ବୋଲି ସେ ଭାବୁଥିଲେ। ଏହି ସାରସ୍ୱତ ସାଧକଙ୍କର ୧୯୨୬ ମସିହା ଫେବ୍ରୁଆରି ୧୨ ତାରିଖରେ ମାତ୍ର ୩୮ ବର୍ଷ ବୟସରେ ପରଲୋକ ଘଟିଥିଲା।

# ଅନେକ କଥା ଲୁଚାଉଛି ଚୀନ

ଚୀନ ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ଉନ୍ନତି କରୁଥିବା ସୁପରପାୱାର୍ ଦେଶ ବୋଲି ଦାବି କରେ। ବଡ଼ ବଡ଼ ହାଇୱେ, ବୁଲେଟ୍ ଟ୍ରେନ୍ ଏବଂ ଆକାଶଛୁଆଁ ବିଲ୍ଡିଂ ପାଇଁ ଚୀନ ଜଣାଶୁଣା, ହେଲେ ନିକଟରେ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ୍ ହୋଇଛି, ଯାହା ଏହାର ଏଭଳି ଚେହେରାକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଚୂରମାର କରିଦେଇଛି। ଭିଡିଓରେ ବେଜିଂର ପର୍ଯ୍ୟଟନ ଅଞ୍ଚଳରୁ ଦୂରବର୍ତ୍ତୀ ସ୍ଥାନକୁ ଦେଖାଯାଇଛି। ଏଠାରେ କୁଢ଼ କୁଢ଼ ଅଳିଆ ରାସ୍ତା ଉପରେ ପଡ଼ିଥିବାର ନଜର ଆସିଛି। ଚାରିଆଡ଼େ ଅଳିଆ ଆବର୍ଜନା ବିଚ୍ଛୁରିତ ହୋଇ ପଡ଼ି ରହିଥିବା ବେଳେ ଇନ୍‌ଫ୍ରାଷ୍ଟ୍ରକଚର୍ ଜର୍ଜରିତ ଅବସ୍ଥାରେ ଅଛି। ସେହିପରି ଭିଡିଓ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଛନ୍ତି ଯେ, ଏହା କ'ଣ ସେହି ବେଜିଂ, ଯିଏ ୨୦୫୦ ମସିହାରେ ବଞ୍ଚିବା ଦାବି କରୁଥିଲା। ଚୀନ ସରକାର ନିଜର ଭାବମୂର୍ତ୍ତିକୁ ସ୍ୱଚ୍ଛ ଏବଂ ଚମକଦାର କରିବା ପାଇଁ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ କରୁଥିଲେ ମଧ୍ୟ ସେଠାକାର ଗ୍ରାମୀଣ ଏବଂ ଖାଦ୍ୟ ସୁରକ୍ଷାର ବାସ୍ତବତା ଅତ୍ୟନ୍ତ ଚିନ୍ତାଜନକ ଅଟେ। ଏଠାକାର ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ନିଜର ଭାବମୂର୍ତ୍ତିକୁ ଚମକାଇବାରେ ଲାଗିଛନ୍ତି। ପର୍ଯ୍ୟଟନ ସ୍ଥଳଗୁଡ଼ିକୁ ବିଶେଷ ଭାବରେ ସଫାସୁତୁରା ଏବଂ ଆକର୍ଷଣୀୟ ରଖାଯାଏ। ହେଲେ ଏହା ବାହାରର ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ଗ୍ରାମାଞ୍ଚଳ ଏବଂ ଛୋଟ ସହରଗୁଡ଼ିକରେ ରାସ୍ତାଘାଟ ଭାଙ୍ଗିରୁଜି ଯାଇଛି, ସ୍ୱେରେଜ୍ ସିଷ୍ଟମ୍ ଖରାପ ଅଛି ଏବଂ ପ୍ରଦୂଷଣର ସ୍ତର ଅତ୍ୟନ୍ତ ବିପଜ୍ଜନକ। ଖାଦ୍ୟ ସୁରକ୍ଷାର ସ୍ଥିତି ଆହୁରି ଚିନ୍ତାଜନକ ଅଟେ। ଚୀନରେ 'ଗଟର ଅଏଲ୍'ର ବ୍ୟବହାର ରେଷ୍ଟୁରାଣ୍ଟଗୁଡ଼ିକରେ ଖାଦ୍ୟ ପ୍ରସ୍ତୁତ କରିବା ପାଇଁ କରାଯାଏ। କେମିକାଲ୍ ଯୁକ୍ତ ଷ୍ଟ୍ରିଟ୍ ଫୁଡ୍ ଏବଂ ନକଲି ଉତ୍ପାଦର ସ୍କାଣ୍ଡାଲ୍ କ୍ରମାଗତ ଭାବେ ସାମ୍ନାକୁ ଆସୁଛି। ଏହାଦ୍ୱାରା ପ୍ରତିଦିନ ଲକ୍ଷ ଲକ୍ଷ ନାଗରିକଙ୍କ ସ୍ୱାସ୍ଥ୍ୟ ବିପଦରେ ପଡ଼ୁଛି। ଚୀନ ସରକାର କଠୋର ସେନ୍ସରସିପ୍ ଜରିଆରେ ନକାରାତ୍ମକ ଖବରଗୁଡ଼ିକୁ ଦବାଇ ରଖନ୍ତି। ହେଲେ ସୋସିଆଲ ମିଡିଆରେ ଅନେକ ବିଦେଶୀ ୟୁଜର୍ସ ଏବଂ କିଛି ସାହସୀ ଚୀନ ନାଗରିକ ଏହି ଭିଡିଓଗୁଡ଼ିକୁ ସେୟାର କରୁଛନ୍ତି। ନିକଟରେ ଏଭଳି ଏକ ଭାଇରାଲ୍ ଭିଡିଓରେ ଦେଖାଯାଇଛି ଯେ, ଚୀନର ବ୍ୟୟବହୁଳ ପ୍ରଚାର ସତ୍ତ୍ୱେ ସାଧାରଣ ଲୋକଙ୍କ ଜୀବନରେ ସୁଧାର ଆସିପାରୁ ନାହିଁ। ବିଶେଷଜ୍ଞମାନଙ୍କ କହିବା କଥା ହେଲା, ଚୀନ ବିକାଶର ଚମକ ମଧ୍ୟରେ ନିଜର ଅନେକ ଅଞ୍ଚଳକୁ ଅଣଦେଖା କରୁଛି। ସହରଗୁଡ଼ିକରେ ବିଳାସପୂର୍ଣ୍ଣ ଅଟ୍ଟାଳିକା ଠିଆ ହେଉଥିବା ବେଳେ, ଦୂରଦୂରାନ୍ତ ଅଞ୍ଚଳରେ ମୌଳିକ ସୁବିଧା ସୁଯୋଗର ଅଭାବ ରହିଛି। ଚୀନ ସରକାର ପ୍ରାୟତଃ ନିଜର ଚମକଦାର ଭିତ୍ତିଭୂମିକୁ ଭାରତର ବିକାଶଶୀଳ ସହରଗୁଡ଼ିକ ସହ ତୁଳନା କରି ନିଜକୁ ଶ୍ରେଷ୍ଠ ପ୍ରମାଣିତ କରିବାକୁ ଚେଷ୍ଟା କରନ୍ତି। ହେଲେ ଏହାର ଭିତର କଥା ସାମ୍ନାକୁ ଆସିବା ପରେ ଜଣାପଡ଼େ ଯେ, ସେଠାରେ ମଧ୍ୟ ଭାରତ ଭଳି ବାୟୁ ପ୍ରଦୂଷଣ ଏବଂ ବର୍ଜ୍ୟବସ୍ତୁ ପରିଚାଳନାର ଘୋର ଅଭାବ ରହିଛି।



# ଯଶ୍‌ଙ୍କୁ ଟକ୍କର ଦେବେ ଶ୍ରଦ୍ଧା

ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର ଏବେ ତାଙ୍କ ଆଗାମୀ ଫିଲ୍ମ 'ଇଥା'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏହାର ଟିଜର୍ ନିକଟରେ ରିଲିଜ୍ ହୋଇଥିଲା। ଟିଜର୍‌ରେ ଶ୍ରଦ୍ଧାଙ୍କ ଅଭିନୟ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି। 'କକ୍‌ଟେଲ୍ ୨'ର ରିଲିଜ୍ ଦିନ ସିନେମା ହଲ୍‌ଗୁଡ଼ିକରେ 'ଇଥା'ର ଟିଜର୍ ରିଲିଜ୍ କରାଯାଇଥିଲା। ମ୍ୟାଡକ୍ ଫିଲ୍ମସ୍ ବ୍ୟାନରରେ ନିର୍ମିତ 'ଇଥା' ଏକ ବାୟୋପିକ୍ ଫିଲ୍ମ। ଏହି ଚଳଚ୍ଚିତ୍ରର କାହାଣୀ ମହାରାଷ୍ଟ୍ରର କିମ୍ବଦନ୍ତୀ ମରାଠୀ ଲାବଣୀ ନୃତ୍ୟଶିଳ୍ପୀ ବିଠାବାଇ ଭାଉ ମାଙ୍ଗ ନାରାୟଣଗାଓଁକରଙ୍କ ଜୀବନୀ ଉପରେ ଆଧାରିତ। ଏଥିରେ ଶ୍ରଦ୍ଧା କପୁର ମୁଖ୍ୟ ଭୂମିକାରେ ଥିବାବେଳେ ରଣଦୀପ ହୁଡ୍ଡା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ନଜର ଆସିବେ। 'ଛାଭା' ପରେ ନିର୍ଦ୍ଦେଶକ ଲକ୍ଷ୍ମଣ ଉତେକର ମହାରାଷ୍ଟ୍ରର ଲୋକକଳା ଓ ଇତିହାସର ଆଉ ଏକ ଅଧ୍ୟାୟକୁ 'ଇଥା' ମାଧ୍ୟମରେ ବଡ଼ ପରଦାରେ ଆଣିବାକୁ ଯାଉଛନ୍ତି। ଏହାର ଟିଜର୍ ଦେଖିବା ପରେ ପ୍ରଶଂସକମାନଙ୍କ ଉତ୍ସାହ ବଢ଼ିଯାଇଛି ଏବଂ ସେମାନେ ରିଲିଜ୍‌କୁ ଅପେକ୍ଷା କରିଛନ୍ତି। ଅପରପକ୍ଷରେ 'ସ୍ତ୍ରୀ ୨'ର ଅପାର ସଫଳତାର ପାଖାପାଖି ଦୁଇ ବର୍ଷ ପରେ ଏହିଫିଲ୍ମ ଜରିଆରେ ଶ୍ରଦ୍ଧା ବଡ଼ ପରଦାକୁ ଫେରୁଛନ୍ତି। ଏହା ରକ୍ଷାବନ୍ଧନ ଅବସରରେ ୨୮ ଅଗଷ୍ଟ, ୨୦୨୬ ରେ ସିନେମାହଲ୍‌ରେ ରିଲିଜ୍ ହେବ। ଏହିଦିନ ସାଉଥ୍ ସୁପରଷ୍ଟାର୍ ଯଶ୍‌ଙ୍କ ଚଳଚ୍ଚିତ୍ର 'ଟକ୍ସିକ୍' ମଧ୍ୟ ରିଲିଜ୍ ହେବ। ତେବେ ହିନ୍ଦୀ ଦର୍ଶକଙ୍କ ମଧ୍ୟରେ 'ଟକ୍ସିକ୍'ଠାରୁ 'ଇଥା'କୁ ନେଇ ଅଧିକ ଚର୍ଚ୍ଚା ହେଉଛି। ବାରମ୍ବାର 'ଟକ୍ସିକ୍'ର ରିଲିଜ୍ ଡେଟ୍‌ରେ ପରିବର୍ତ୍ତନ କାରଣରୁ ହିନ୍ଦୀ ଦର୍ଶକଙ୍କ ମଧ୍ୟରେ ଏହାକୁ ନେଇ ଉତ୍ସାହ କମିଯାଇଛି। ତେବେ ବକ୍ସ ଅଫିସ୍‌ରେ ଶ୍ରଦ୍ଧା କି ଯଶ୍ କିଏ ବାଜି ମାରୁଛନ୍ତି ତାହା ଦେଖିବାକୁ ବାକି ରହିଲା।





## ପ୍ରହେଳିକା



- ପୁନେଇଁଟିଏ ସେ ଭାରି ମହାନ
  ସେଦିନ ହସଇ ଶ୍ରୀକ୍ଷେତ୍ର ଧାମ
  ଭାଇ ବଳଭଦ୍ର ସାଥେ ଭଉଣୀ
  ସିନାନ କରନ୍ତି ମଉଡ଼ମଣି
  ଶହେ ଆଠ ଗରା ଶୀତଳ ଜଳେ
  ଗାଧାନ୍ତି ସାଆନ୍ତ ଅମୃତ କାଳେ
  ପବିତ୍ର ପୁନେଇଁ ସିଏ
  ସେ ବିଧି ଦର୍ଶନ ଦିଏ କୋଟି ପୂଣ୍ୟ
  କୁହ ତା'ର ନାମ କିଏ।

  ଉତ୍ତର-ଦେବସ୍ନାନ ପୂର୍ଣ୍ଣିମ

- ଜ୍ୟୈଷ୍ଠ ପୁନେଇଁରେ କାଳିଆ ଧନ
  ଶ୍ରଦ୍ଧାରେ କରନ୍ତି ଶୁଦ୍ଧ ସିନାନ
  ସାଥିରେ ଥାଆନ୍ତି ଭାଇ ଭଉଣୀ
  ସେଥିଲାଗି ହୁଏ ଭକ୍ତ ଗହଳି
  ମଣ୍ଡପରେ ବସି ନାଥ
  ଶହେ ଆଠ ଗରା ଜଳରେ ଗାଧାନ୍ତି
  କୁହ'ତ ତା'ନାମ ମିତ।

  ଉତ୍ତର-ସ୍ନାନ ମଣ୍ଡପ

- ଶ୍ରୀକ୍ଷେତ୍ରର ସିଏ ମଉଡ଼ମଣି
  ସାଥିରେ ଥାଆନ୍ତି ଭାଇ ଭଉଣୀ
  ରତ୍ନ ମଣ୍ଡପରେ ତାଙ୍କରି ବାସ
  ଭକ୍ତଙ୍କୁ ଦିଅନ୍ତି ନିତି ଆଶିଷ
  ଲକ୍ଷ୍ମୀକାନ୍ତ ନାମେ ଖ୍ୟାତ
  କଳା ମୁହଁ ପୁଣି ନାଲି ଯେ ଅଧର
  କୁହ ତାଙ୍କ ନାମ ମିତ।

  ଉତ୍ତର-ଜଗନ୍ନାଥ

- ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର

# ସ୍ନାନ ବେଦୀରେ ଜଗତ ସାଇଁ



ଭୁବନାନନ୍ଦ ପାଣିଗ୍ରାହୀ

ଜଗତ ନାଥ ଜଗତ ସାଇଁ
ଜାତି ଦେବତା ଆମରି ସେଇ
ନୀଳାଚଳରେ ବିଜେ ଶ୍ରୀହରି
ସାଥିରେ ଧରି ଭଉଣୀ ଭାଇ।
ମନମୋହନ ଚକାନୟନ
ରୂପରେ ଜିଣେ କୋଟି ମଦନ
କି ଯାଦୁକରୀ ମନ୍ତର ଜାଣେ
ଦୂରରୁ ଟାଣେ ଭକତ ଜନ।
ଜ୍ୟେଷ୍ଠର ଅନ୍ତେ ପୂର୍ଣ୍ଣମୀ ତିଥି
ମଣ୍ଡପେ ଆସି ଦାରୁ ମୂରତି
ଏକ ଶ' ଆଠ କଳସୀ ଜଳେ
ପାଳନ୍ତି ପୁଣ୍ୟ ସ୍ନାହାନ ନୀତି।
ଗଜାନନଙ୍କ ବେଶେ ସୁନ୍ଦର
ଶୋହନ୍ତି ପ୍ରଭୁ ରଙ୍ଗ ଅଧର
ଦରଶନରେ ହରନ୍ତି ମନ
ଭକତ ମନେ ଖୁସି ଅପାର।
ଜ୍ୱରେ ପୀଡ଼ିତ ହୁଅନ୍ତି ସାଇଁ
ଅଣସରରେ ରୁହନ୍ତି ଯାଇ
ଆକୁଳ ଚିତ୍ତେ ଜଗତ ଜନେ
ରଥଯାତକୁ ବସନ୍ତି ଚାହିଁ। ■

ଗେଡ଼ିଆପଲ୍ଲୀ, ଖୋର୍ଦ୍ଧା

# ସିନାନ ପୂର୍ଣ୍ଣିମା



ସୁଧାକର ରାଉତ

ଆଷାଢ଼ର ଶୁକ୍ଳ ଅଷ୍ଟମୀ ତିଥିରେ
ସିନାନ ମଣ୍ଡପେ ଆସି
ସୁନା କୂପର ସୁବାସିତ ଜଳରେ
ଗାଧୋଇଲ ହସି ହସି।
ଜୁଡୁ ସୁଡୁ ହୋଇ ଗାଧୋଇଲାବେଳେ
ଭୁଲି ପରିଣାମ କଥା
ଖଇଫୁଟା ଜ୍ୱରରେ ଆକ୍ରାନ୍ତ ହୋଇ
ଭୋଗିବଟି କେତେ ବ୍ୟଥା।
ବ୍ରହ୍ମାଣ୍ଡ ଠାକୁର ହୋଇ ପୁଣି କିଆଁ
ଏଡ଼େ ଅମାନିଆ ହେଲ
ଭକତ ଭାବରେ ଭୋଳ ହୋଇ ପ୍ରଭୁ
ନିଜ କଷ୍ଟ ଭୁଲି ଗଲ।
ଗୁପତ ସେବାରେ ଲାଗିବେ ବଇଦେ
ଏବେ ଅଣସର ଘରେ
ପଞ୍ଚଦଶ ଦିନ ନାନା ପଥି ଖାଇ
ସୁସ୍ଥ ହେବ ଧୀରେ ଧୀରେ।
ରତ୍ନ ସିଂହାସନ ପଡ଼ିଯିବ ଶୂନ୍ୟ
ପଟିଦିଅଁ ତୁମ ସ୍ଥାନେ
ପୂଜା ପାଇଲେ ବି ଭକତେ ତୁମକୁ
ଝୁରୁଥିବେ ମନେ ମନେ।
ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କଲା ପରେ
ନବ ଯଉବନ ବେଶେ
ଦରଶନ ଦେଇ ତୋଷିବ ଭକତେ
ରଥେ ବିଜେ ହେବା ଆଶେ।
ତୁମ ଲୀଳା ପ୍ରଭୁ ତୁମକୁ ଗୋଚର
ଆମେ ତ କୋମଳମତି
ଦୟା ପରବଶ ହୋଇଲେ ଠାକୁର
ରଖିବୁଟି ଯଶ ଖ୍ୟାତି। ■

ପ୍ରତାପ ନଗରୀ, କଟକ

# ସୁମନ

# ଦୁଷ୍ଟ ଓ ଭଲ କ'ଣ



କାଳିକିଙ୍କର

ରଘୁ ଓ ଗୋବିନ୍ଦ ଗୋଟିଏ ଘରେ ରୁହନ୍ତି। ରଘୁ ଅମାନିଆ କାହାରି କଥା ମାନେ ନାହିଁ। ଜିନିଷପତ୍ର ସବୁ ଭଙ୍ଗାରୁଜା କରେ। ବହି ଖାତା ଚିରାଚିରି କରେ। ଘର ଦ୍ୱାର ଅଳିଆ କରେ। ଏସବୁ ଦୁଷ୍ଟାମୀ ତାଙ୍କ ଘରେ ଅନେକଙ୍କୁ ଭଲ ଲାଗେନାହିଁ କିନ୍ତୁ କେହି କିଛି କହନ୍ତି ନାହିଁ କାରଣ ରଘୁର ମାଆ ଯିଏ କହନ୍ତି ତାଙ୍କ ସହ କଳି କରନ୍ତି। ଗୋବିନ୍ଦ ସାନ ଭାଇ। ସେ ମଧ୍ୟ ରଘୁକୁ ଦେଖି ସେମିତି କିଛି କରିବାକୁ ଗଲେ ତା' ମାଆ ତାକୁ ଆକଟ କରନ୍ତି ଓ କହନ୍ତି ସେମିତି କଲେ ତୁ ଭଲ ପିଲା ହେବୁ ନାହିଁ। ସମସ୍ତେ ତୋତେ ଦୁଷ୍ଟ କହିବେ। ଗୋବିନ୍ଦ ବୁଝିପାରେ ନାହିଁ ଯେ ଭଲ କ'ଣ ଦୁଷ୍ଟ କ'ଣ? ସେ ଯାହାହେଉ, ମାଆଙ୍କ କଥା ମାନି ରଘୁ ଭଳି ହୁଏନାହିଁ। ସେଦିନ ଘରେ ଆଲୋଚନା ହେଲା ଯେ ରଘୁ ଓ ଗୋବିନ୍ଦ ଏଥର ସ୍କୁଲକୁ ଯିବେ, ପାଠ ପଢ଼ିବେ। ନୂଆ ବହି, ବ୍ୟାଗ୍, ପୋଷାକ, ଜୋତା ଆସିଲା। ଦୁଇ ଭାଇ ଖୁସି ଯେ ସ୍କୁଲ ଗଲେ ଏମିତି ସବୁ ନୂଆ ନୂଆ ଜିନିଷ ମିଳେ। ବାଃ, ବଢ଼ିଆ ତ। ପ୍ରାୟ ସପ୍ତାହେ ହୋଇଛି କି ନାହିଁ ସ୍କୁଲରୁ ରଘୁର ମାଆଙ୍କୁ କେତେଥର ଡାକରା ଆସିଲା। ସେ ସ୍କୁଲ ଗଲେ ଓ ମୁହଁ ଶୁଖେଇ ଫେରିଲେ। ଗୋବିନ୍ଦ ମାଆଙ୍କୁ କେହି ଡାକନ୍ତି ନାହିଁ। ସେଦିନ ପୁଣି ସ୍କୁଲରୁ ଫୋନ୍ ଆସିଲା ରଘୁର ବାପାଙ୍କ ପାଖକୁ। ସେ ଗଲେ ଓ ସାଥିରେ ରଘୁକୁ ଧରି ଘରକୁ ଆସିଲେ। ରଘୁର ମାଆଙ୍କୁ କହିଲେ-ଏଥର ମୂର୍ଖ କରି ପୁଅକୁ ଘରେ ରଖ। ତା'ର ଦୁଷ୍ଟାମୀ ପାଇଁ ସ୍କୁଲରୁ ବାହାର କରି ଦିଆହେଲା। ଦିନେ ତ ପୁଅକୁ ଆକଟ କଲ ନାହିଁ। ଆଉ ଯଦି ତାକୁ ଘରେ କେହି ଆକଟ କଲା ତୁମେ ତାରି ଆଗରେ ସମସ୍ତଙ୍କ ସହ କଳି କଲ। ଦୁଷ୍ଟ ପିଲାଙ୍କୁ କେହି କୌଣସି ସ୍କୁଲରେ ରଖିବେନି। ଆମ ଗୋବିନ୍ଦ କେତେ ଭଲ ପିଲା, ଦେଖ ତା ନାଁରେ ସ୍କୁଲରେ ଭଲ ପିଲା ବୋଲି ପ୍ରଶଂସା, କୌଣସି ଆପତ୍ତି ଅଭିଯୋଗ ତା ନାଁରେ ନାହିଁ। ରଘୁର ମାଆ କାନ୍ଦିବାକୁ ଲାଗିଲେ। ରଘୁ ମଧ୍ୟ ମାଆ କାନ୍ଦିବାର ଦେଖି କାନ୍ଦିବାକୁ ଲାଗିଲା। ଜେଜେ, ଜେଜେମା କହିଲେ, ଦୁଷ୍ଟ ନ ହୋଇ ଭଲ ପିଲା ହେବାକୁ ଚେଷ୍ଟାକର। ମାଆ କାନ୍ଦିବ ନାହିଁ କି ସ୍କୁଲ ତୋତେ ବାହାର କରିବ ନାହିଁ। ପରଦିନ ଗୋବିନ୍ଦ ଏକୁଟିଆ ଭାଇକୁ ନ ନେଇ ସ୍କୁଲ ଯିବାକୁ ଚାହିଁଲା ନାହିଁ। ସମସ୍ତେ ତାକୁ ବୁଝେଇଲ, ତା' ଭାଇ ଦୁଷ୍ଟ ବୋଲି ସ୍କୁଲକୁ ଯିବାକୁ ନାହିଁ କରାଯାଉଛି। ତୁ ଭଲପିଲା-କଥା ମାନୁ। ତେଣୁ ତୁ ଯାଆ। ଗୋବିନ୍ଦ କିନ୍ତୁ ଭାଇର ହାତ ଧରି ଟାଣି ଟାଣି ତାର ମାଆ ସହ ସ୍କୁଲ ନେଇଗଲା। ଗୋବିନ୍ଦର ମାଆ କହିଲେ ହେଉ, ଗୋବିନ୍ଦକୁ ସ୍କୁଲରେ ଛାଡ଼ି ରଘୁକୁ ଘରକୁ ନେଇ ଆସିବି। ସ୍କୁଲରେ ରଘୁକୁ ପୁଣି ଦେଖି ଗୁରୁମା କିଛି କହିବାକୁ ଯିବା ପୂର୍ବରୁ ଗୋବିନ୍ଦ କହିଲା ଗୁରୁମା, କ୍ଷମା କରି ଦିଅନ୍ତୁ। ମୋ ଭାଇ ଆଉ କେବେ ଦୁଷ୍ଟ ହେବନି। ଗୋବିନ୍ଦର କଥା ସମସ୍ତଙ୍କୁ ବହୁତ ଭଲ ଲାଗିଲା। ରଘୁ ମଧ୍ୟ ବୁଝିଲା ଯେ, ଦୁଷ୍ଟ କ'ଣ ଓ ଭଲ କ'ଣ। ସାନଭାଇ ଭଲ ବୋଲି ତାକୁ ଆଜି ପୁଣିଥରେ ସ୍କୁଲରେ ପାଠ ପଢ଼ିବା ପାଇଁ ଅନୁମତି ମିଳିଲା। ରଘୁ ପୂର୍ବପରି ଆଉ ଦୁଷ୍ଟ ନ ହୋଇ ଭଲ ପିଲା ହେଲା। ■

ରଟିଲ, ରେଞ୍ଚ, ପୁରୀ



ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ। ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ।

## ତୁମ ତୁଳୀରେ






ସ୍ୱସ୍ତିକା ମହାପାତ୍ର
ପଞ୍ଚମ ଶ୍ରେଣୀ
ସେଣ୍ଟ ଜାଭିୟର ହାଇସ୍କୁଲ
ଖାନନଗର, କଟକ





ଅଭିଳାଷ ଦାଶ
ଦଶମ ଶ୍ରେଣୀ
ପବ୍ଲିକ୍ ସ୍କୁଲ
ବଲାଙ୍ଗୀର





ଦିପ୍ତିମୟୀ ହାଁସଦା
ପଞ୍ଚମ ଶ୍ରେଣୀ
ସରକାରୀ ପ୍ରାଥମିକ ବିଦ୍ୟାଳୟ
ବଡସିଙ୍ଗାରିଆ, ମୟୂରଭଞ୍ଜ





ଆଦ୍ୱିକ୍ ସ୍ୱାଇଁ
ଷଷ୍ଠ ଶ୍ରେଣୀ
ସେଣ୍ଟ ଜାଭିୟର୍ ହାଇସ୍କୁଲ
ଶିଖରପୁର, କଟକ

ସକାଳ
THE SAKALA
www.sakalaepaper.com






## ଷ୍ଟପେଜ ଟାଇମରେ ଜିତିଗଲା ତୁର୍କୀ

ଲସ୍ ଆଞ୍ଜେଲ୍ସ, ୨୬।୬ (ଏଜେନ୍ସି): ଏକ କଡ଼ା ସଂଘର୍ଷପୂର୍ଣ୍ଣ ଓ ରୋମାଞ୍ଚକ ମୁକାବିଲାରେ ତୁର୍କୀ ୩-୨ ଗୋଲରେ ଆମେରିକାକୁ ହରାଇ ଚଳିତ ଫିଫା ବିଶ୍ୱକପ୍ ଅଭିଯାନ ଶେଷ କରିଛି। ସ୍ଥାନୀୟ ଲସ୍ ଆଞ୍ଜେଲ୍ସ ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍-ଡି'ର ଏହି ମ୍ୟାଚର ନିର୍ଦ୍ଧାରିତ ୯୦ ମିନିଟ୍ ସୁଦ୍ଧା ଉଭୟ ଆମେରିକା ଓ ତୁର୍କୀ ୨ଟି ଲେଖାଏ ଗୋଲ୍ ଦେଇଥିଲେ। ମ୍ୟାଚ୍ ଡ୍ର ହେବ ବୋଲି ଆଶା କରାଯାଉଥିଲା। ତେବେ ଇଞ୍ଜୁରୀ ତଥା ଷ୍ଟପେଜ ଟାଇମ୍‌ର ଶେଷ ମିନିଟ୍ (୯୦+୮)ରେ ତୁର୍କୀର କାନ୍ ଆୟହାନ ଗୋଲ୍ ଦେଇ ମ୍ୟାଚର ଫଳାଫଳ ବଦଳାଇ ଦେଇଥିଲେ। କାନ୍‌ଙ୍କ ଏହି ଅନ୍ତିମ ମିନିଟ ଗୋଲ୍ ସହାୟତାରେ ତୁର୍କୀ ୩-୨ ଗୋଲ୍‌ରେ ଆୟୋଜକ ଆମେରିକାକୁ ମାତ୍ ଦେଇଛି। ଫଳରେ ବିଶ୍ୱକପ୍‌ରୁ ବିଦା ହୋଇସାରିଥିବା ତୁର୍କୀ ଅନ୍ତିମ ତଥା ୩ୟ ଗ୍ରୁପ୍ ମ୍ୟାଚରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ଅର୍ଥାତ୍ ବିଜୟ ସହ ତୁର୍କୀ ବିଶ୍ୱକପ୍ ଅଭିଯାନ ଶେଷ କରିଛି। ଅପରପକ୍ଷରେ ନକ୍‌ଆଉଟରେ ସ୍ଥାନ ପକ୍କା କରିସାରିଥିବା ଆମେରିକା ବିଶ୍ୱକପ୍‌ରେ ପ୍ରଥମ ପରାଜୟବରଣ କରିଛି। ହ୍ୟାଟ୍ରିକ ବିଜୟ ଆଶାରେ ଥିବା ଆମେରିକାକୁ ରାଉଣ୍ଡ-୩୨ ମ୍ୟାଚ ପୂର୍ବରୁ ଏହି ପରାଜୟ ଏକ ବଡ଼ ଝଟକା ବୋଲି କୁହାଯାଉଛି। ଆସନ୍ତା ବୁଧବାର ରାଉଣ୍ଡ-୩୨ରେ ବୋସନିଆକୁ ଭେଟିବ ଆମେରିକା।

## ପ୍ରଥମଥର ନକ୍‌ଆଉଟରେ ଆଇଭରୀ କୋଷ୍ଟ



ଫିଲାଡେଲଫିଆ, ୨୬।୬ (ଏଜେନ୍ସି): ପଶ୍ଚିମ ଆଫ୍ରିକୀୟ ରାଷ୍ଟ୍ର ଆଇଭରୀ କୋଷ୍ଟ ଫିଫା ବିଶ୍ୱକପ୍ ଇତିହାସରେ ପ୍ରଥମଥର ଲାଗି ନକ୍‌ଆଉଟ୍‌ରେ ସ୍ଥାନ ପକ୍କା କରିଛି। ଗତକାଲି ବିଳମ୍ବିତ ରାତିରେ ଅନୁଷ୍ଠିତ ଗ୍ରୁପ୍-ଇ'ର ଏକ ମ୍ୟାଚରେ ଆଇଭରୀ କୋଷ୍ଟ ୨-୦ ଗୋଲ୍‌ରେ କୁରାସାଓକୁ ହରାଇଦେଇଛି। ବିଜୟୀ ଦଳ ପକ୍ଷରୁ ନିକୋଲାସ ପେପେ ୭ମ ଓ ୬୪ତମ ମିନିଟରେ ଦୁଇଟିଯାକ ଗୋଲ୍ ଦେଇଥିଲେ। ଫଳରେ ତୃତୀୟ ମ୍ୟାଚରୁ ଦ୍ୱିତୀୟ ବିଜୟ ସହ ଆଇଭରୀ କୋଷ୍ଟ ୬ ପଏଣ୍ଟ ପାଇ ଜର୍ମାନୀ ପଛକୁ ଗ୍ରୁପ୍‌ରୁ ଦ୍ୱିତୀୟ ଦଳ ଭାବେ ନକ୍‌ଆଉଟକୁ ଯୋଗ୍ୟତା ଅର୍ଜନ କରିଛି। ପୂର୍ବରୁ ଆଇଭରୀ କୋଷ୍ଟ ୨୦୦୬, ୨୦୧୦ ଓ ୨୦୧୪ ବିଶ୍ୱକପ୍ ଖେଳିଥିଲେ ମଧ୍ୟ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ଅପରପକ୍ଷରେ ଦେଢ଼ଲକ୍ଷ ଜନସଂଖ୍ୟା ବିଶିଷ୍ଟ କୁରାସାଓ ୨ ପରାୟ ଓ ଗୋଟିଏ ଡ୍ର ସହ ଏକ ପଏଣ୍ଟ ପାଇ ଗ୍ରୁପ୍‌ର ନିମ୍ନ ସ୍ଥାନରେ ରହି ବିଶ୍ୱକପ ଅଭିଯାନ ଶେଷ କରିଛି।

## ଦର୍ଶକରେ ନୂଆ ରେକର୍ଡ

ନ୍ୟୁୟର୍କ, ୨୬।୬ (ଏଜେନ୍ସି): ଦର୍ଶକ ଉପସ୍ଥିତିରେ ଫିଫା ବିଶ୍ୱକପ୍-୨୦୨୬ ସର୍ବକାଳୀନ ରେକର୍ଡ କରିଛି। ଗୁରୁବାର ଶେଷ ସୁଦ୍ଧା ଚଳିତ ବିଶ୍ୱକପ୍‌କୁ ୩୬ ଲକ୍ଷ ୫,୩୫୭ ଜଣ ଦର୍ଶକ ଷ୍ଟାଡିୟମରେ ବସି ମ୍ୟାଚ୍ ଉପଭୋଗ କରିଛନ୍ତି। ନ୍ୟୁ ଜର୍ସିରେ ଇକ୍ୱେଡର ଓ ଜର୍ମାନୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧ ସମୟରେ ଏହି ଘୋଷଣା କରାଯାଇଥିଲା। ଚଳିତ ସଂସ୍କରଣର ଆହୁରି ୪୮ ମ୍ୟାଚ୍ ବାକି ଥିବାରୁ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବା ଏକପ୍ରକାର ନିଶ୍ଚିତ ହୋଇଛି। ଆମେରିକାରେ ଅନୁଷ୍ଠିତ ୧୯୯୪ ସଂସ୍କରଣରେ ମୋଟ୍ ୫୨ଟି ମ୍ୟାଚ୍ ଖେଳାଯାଇଥିବାବେଳେ ପାଖାପାଖି ୩.୬ ନିୟୁତ (୩୬ ଲକ୍ଷ) ଦର୍ଶକ ଷ୍ଟାଡିୟମରେ ଉପଭୋଗ କରିଥିଲେ। ତେଣୁ ଏଥର ଏହି ସଂଖ୍ୟା ଦ୍ୱି-ଗୁଣିତ ହେବ ବୋଲି ଆଶା କରାଯାଉଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଦ୍ୱାରା କିଛି ରାଷ୍ଟ୍ର ଉପରେ ଯାତ୍ରା ପ୍ରତିବନ୍ଧକ ସହିତ ଉଚ୍ଚ ଟିକେଟ୍ ଦର ଯୋଗୁ ଅନେକ ଲୋକ ଟୁର୍ଣ୍ଣାମେଣ୍ଟରେ ସାମିଲ ହେବାକୁ ଇଚ୍ଛା କରିଥିଲେ। କିନ୍ତୁ ଯୋଗ ଦେଇପାରି ନଥିଲେ।

# ତୃତୀୟଥର ଲାଗି ନକ୍‌ଆଉଟ୍‌ରେ ଅଷ୍ଟ୍ରେଲିଆ

ସାଣ୍ଟା କ୍ଲାରା, ୨୬।୬ (ଏଜେନ୍ସି)



ଚଳିତ ଫିଫା ବିଶ୍ୱକପ୍‌ରେ ସଦ୍ୟତମ ଦଳ ଭାବେ ଅଷ୍ଟ୍ରେଲିଆ ନକ୍‌ଆଉଟ୍ ତଥା ରାଉଣ୍ଡ-୩୨ରେ ସ୍ଥାନ ପକ୍କା କରିଛି। ଶୁକ୍ରବାର ସକାଳେ ଏଠାରେ ଅଷ୍ଟ୍ରେଲିଆ ଓ ପାରାଗୁଏ ମଧ୍ୟରେ ଅନୁଷ୍ଠିତ ଗ୍ରୁପ୍-ଡି ମ୍ୟାଚ୍ ଗୋଲ୍‌ଶୂନ୍ୟ ଭାବେ ଅମୀମାଂସିତ ରହିଥିଲା। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉଭୟ ଦଳ ଗୋଲ୍‌ସ୍କୋର କରିବାରେ ବିଫଳ ହୋଇଥିଲେ। ସମ୍ପୂର୍ଣ୍ଣ ମ୍ୟାଚରେ ପାରାଗୁଏ ଅପେକ୍ଷା ଅଷ୍ଟ୍ରେଲିଆ ସମସ୍ତ କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ କରିଥିଲା। ସଟ୍ ଅନ୍ ଟାର୍ଗେଟ୍, ପାସ୍, ପୋଜେସନରେ ଅଷ୍ଟ୍ରେଲିଆ ଭଲ ଖେଳିଥିଲେ ମଧ୍ୟ ପାରାଗୁଏ ଗୋଲ୍‌ପୋଷ୍ଟ ଭେଦ କରିପାରି ନ ଥିଲା।

ଏହି ଡ୍ର ଫଳରେ ଉଭୟ ଅଷ୍ଟ୍ରେଲିଆ ଓ ପାରାଗୁଏକୁ ୧ ପଏଣ୍ଟ ଲେଖାଏରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଏହି ୧ ପଏଣ୍ଟ ବଳରେ ଅଷ୍ଟ୍ରେଲିଆ ଗ୍ରୁପ୍-ଡି'ରେ ସମସ୍ତ ୩ଟି ମ୍ୟାଚ୍ ଖେଳି ୪ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ଅର୍ଜନ କରିଛି। ଏଥିସହ ଆମେରିକା (୬ ପଏଣ୍ଟ) ପରେ ଏହି ଗ୍ରୁପ୍‌ରୁ ଦ୍ୱିତୀୟ ଦଳ ଭାବେ ଅଷ୍ଟ୍ରେଲିଆ ନକ୍‌ଆଉଟରେ ସ୍ଥାନ ପକ୍କା କରିଛି। ଫଳରେ ଫିଫା ବିଶ୍ୱକପ୍ ଇତିହାସରେ ଅଷ୍ଟ୍ରେଲିଆ ମୋଟ୍ ଉପରେ ତୃତୀୟଥର ଲାଗି ନକ୍‌ଆଉଟକୁ ଯୋଗ୍ୟତା ଅର୍ଜନ କରିଛି। ଏଥିପୂର୍ବରୁ ୨୦୦୬ ଓ ୨୦୨୨ରେ କଙ୍ଗାରୁ ଦଳ ନକ୍‌ଆଉଟ୍ ଖେଳିଥିଲା। ରାଉଣ୍ଡ-୩୨ରେ ଅଷ୍ଟ୍ରେଲିଆର ମୁକାବିଲାର ଗ୍ରୁପ୍-ଜି'ର ଦ୍ୱିତୀୟ ସ୍ଥାନରେ ରହିଥିବା ସହ ହେବ। ଏହି ମ୍ୟାଚ୍ ଜୁଲାଇ ୩ ତାରିଖରେ ଆର୍ଲିଂଟନରେ ଅନୁଷ୍ଠିତ ହେବ।

ଅପରପକ୍ଷରେ ପାରାଗୁଏ ୩ଟି ମ୍ୟାଚରୁ ସମାନ ୪ ପଏଣ୍ଟ ପାଇଥିଲେ ମଧ୍ୟ ଗୋଲ୍ ବ୍ୟବଧାନ ଦୃଷ୍ଟିରୁ ତୃତୀୟ ସ୍ଥାନରେ ରହିଛି। ତୃତୀୟ ସ୍ଥାନିତ ଶ୍ରେଷ୍ଠ-୮ଟି ଦଳ ଭାବେ ପାରାଗୁଏ ଏବେ ନକ୍‌ଆଉଟ୍ ଖେଳିବା ଆଶା ବଜାୟ ରଖିଛି।

## ବିଶ୍ୱକପ୍ ପଏଣ୍ଟ ଟେବଲ

| ଟିମ୍ | ମ୍ୟା | ବି | ଡ୍ର | ପ | ଗୋଫ | ପ |
|---|---|---|---|---|---|---|
| **ଗ୍ରୁପ୍-ଡି'** | | | | | | |
| ଆମେରିକା | ୩ | ୨ | ୦ | ୧ | ୪ | ୬ |
| ଅଷ୍ଟ୍ରେଲିଆ | ୩ | ୧ | ୧ | ୧ | ୦ | ୪ |
| ପାରାଗୁଏ | ୩ | ୧ | ୧ | ୧ | -୨ | ୪ |
| ତୁର୍କୀ | ୩ | ୧ | ୦ | ୨ | ୫ | ୩ |
| **ଗ୍ରୁପ୍-ଇ'** | | | | | | |
| ଜର୍ମାନୀ | ୩ | ୨ | ୦ | ୧ | ୬ | ୬ |
| ଆଇଭରିକୋଷ୍ଟ | ୩ | ୨ | ୦ | ୧ | ୨ | ୬ |
| ଇକ୍ୱେଡର | ୩ | ୧ | ୧ | ୧ | ୦ | ୪ |
| କୁରାସାଓ | ୩ | ୦ | ୧ | ୨ | -୮ | ୧ |
| **ଗ୍ରୁପ୍-ଏଫ'** | | | | | | |
| ନେଦରଲ୍ୟାଣ୍ଡସ | ୩ | ୨ | ୧ | ୦ | ୬ | ୭ |
| ଜାପାନ | ୩ | ୧ | ୨ | ୦ | ୪ | ୫ |
| ସ୍ୱିଡେନ | ୩ | ୧ | ୧ | ୧ | ୦ | ୪ |
| ଟ୍ୟୁନିସିଆ | ୩ | ୦ | ୦ | ୩ | -୧୦ | ୦ |

ବିଦ୍ର: ମ୍ୟା-ମ୍ୟାଚ୍, ବି-ବିଜୟ, ପ-ପରାଜୟ, ଗୋଫ- ଗୋଲ ଫରକ, ପ- ପଏଣ୍ଟ।

## ନାଗାତୋମାଙ୍କ ୫ମ ବିଶ୍ୱକପ୍

ଆର୍ଲିଂଟନ, ୨୬।୬ (ଏଜେନ୍ସି): ଜାପାନର ୟୁତୋ ନାଗାତୋମୋ ଫିଫା ବିଶ୍ୱକପରେ ଇତିହାସ ରଚିଛନ୍ତି। ପ୍ରଥମ ଏସୀୟ ଖେଳାଳି ଭାବେ ୩୯ ବର୍ଷୀୟ ନାଗାତୋମା ୫ଟି ବିଶ୍ୱକପ୍ ଖେଳିବାର ବିରଳ କୃତିତ୍ୱ ହାସଲ କରିଛନ୍ତି। ଗତକାଲି ସ୍ୱିଡେନ ବିପକ୍ଷ ମ୍ୟାଚ୍ ଖେଳିବାକୁ ନାଗାତୋମାଙ୍କୁ ସୁଯୋଗ ମିଳିଥିଲା। ନାଗାତୋମାଙ୍କ ଏହା ପଞ୍ଚମ ଫିଫା ବିଶ୍ୱକପ ଅଂଶଗ୍ରହଣ ଥିଲା। ଏଥିପୂର୍ବରୁ ସେ ୨୦୧୦, ୨୦୧୪, ୨୦୧୮, ୨୦୨୨ ବିଶ୍ୱକପ୍ ଖେଳିସାରିଛନ୍ତି। ପାଞ୍ଚ କିମ୍ବା ଏହାଠାରୁ ଅଧିକ ବିଶ୍ୱକପ୍ ଖେଳିବାରେ ସେ ବିଶ୍ୱର ୧୦ମ ଖେଳାଳି ହୋଇଛନ୍ତି। ଲିଓନେଲ୍ ମେସି ଓ କ୍ରିଷ୍ଟିଆନୋ ରୋନାଲ୍ଡୋ ଛଅଟି ଲେଖାଏ ଏବଂ ଲୁକା ମୋଡ୍ରିକ୍, ଲୁଇସ୍ ସୁଆରେଜ୍, ମାନୁଏଲ୍ ନୁଏର୍, ଲୋଥାର୍ ମାଥୌସ୍, ଆଣ୍ଡ୍ରେସ୍ ଗାର୍ଡାଡୋ, ରାଫେଲ୍ ମାର୍କେଜ୍, ଆଣ୍ଟୋନିଓ କାର୍ବାଜାଲ୍ ପ୍ରତ୍ୟେକ ୫ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିଛନ୍ତି।



| ଫିଫା ବିଶ୍ୱକପ୍ ମୁକାବିଲା |
|---|
| **ଜୁନ୍-୨୭, ଶନିବାର ରାତି** |
| ଇଂଲଣ୍ଡ-ପାନାମା |
| ନ୍ୟୁ ଜର୍ସି, ରାତି ୨.୩୦ |
| କ୍ରୋଏସିଆ-ଘାନା |
| ଫିଲାଡେଲଫିଆ, ରାତି ୨.୩୦ |
| **ଜୁନ୍-୨୮, ରବିବାର** |
| ପର୍ତ୍ତୁଗାଲ-କଲମ୍ବିଆ |
| ମିଆମି, ସକାଳ ୫ଟା |
| ଉଜ୍‌ବେକିସ୍ତାନ-କଙ୍ଗୋ |
| ଆଟଲାଣ୍ଟା, ସକାଳ ୫ଟା |
| ଆଲଜେରିଆ-ଅଷ୍ଟ୍ରିଆ |
| କାନସାସ ସିଟି, ସକାଳ ୭.୩୦ |
| ଆର୍ଜେଣ୍ଟିନା-ଜୋର୍ଡାନ |
| ଆର୍ଲିଙ୍ଗଟନ, ସକାଳ ୭.୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

## ବଡ଼ ବିପର୍ଯ୍ୟୟ: ଜର୍ମାନୀକୁ ହରାଇଲା ଇକ୍ୱେଡର

ନ୍ୟୁୟର୍କ, ୨୬।୬ (ଏଜେନ୍ସି)

ନକ୍‌ଆଉଟ୍ ପର୍ଯ୍ୟାୟ ପୂର୍ବରୁ ଫିଫା ବିଶ୍ୱକପ୍‌ରେ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଗତକାଲି ରାତିରେ ସ୍ଥାନୀୟ ନ୍ୟୁୟର୍କ ଜର୍ସି ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍-ଇ'ର ଏକ ମ୍ୟାଚରେ ବିଶ୍ୱ ମାନ୍ୟତାର ୨୩ତମ ଦଳ ଇକ୍ୱେଡର ୨-୧ ଗୋଲରେ ଚାରିଥରର ବିଜେତା ଜର୍ମାନୀକୁ ପରାସ୍ତ କରିଛି। ବିଶ୍ୱ ମାନ୍ୟତାର ୧୦ମ ସ୍ଥାନରେ ଥିବା ଜର୍ମାନୀ ମ୍ୟାଚର ଦ୍ୱିତୀୟ ମିନିଟରେ ଲେରୟ ସାନେଙ୍କ ଗୋଲ୍ ବଳରେ ଖାତା ଖୋଲିଥିଲା। ନିଜର ୧୫ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳୁଥିବା ଲେରୟଙ୍କ ଏହା ପ୍ରଥମ ଗୋଲ୍ ଥିଲା। ତେବେ ନବମ ମିନିଟରେ ମାନୁଏଲ୍ ନେଉରଙ୍କଠାରୁ ପାସ୍ ପାଇ ନିଲସନ ଆଙ୍ଗୁଲୋ ଇକ୍ୱେଡର ପାଇଁ ଏହି ଗୋଲ୍‌ଟି ଶୁଝି ଦେଇଥିଲେ। ଫଳରେ ମ୍ୟାଚ୍ ୧-୧'ର ବରାବର୍‌ସ୍ତରକୁ ଚାଲିଆସିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୭୭ତମ ମିନିଟରେ ଗୋଞ୍ଜାଲୋ ପ୍ଲାଟା ଆଫ୍ରିକୀୟ ରାଷ୍ଟ୍ର ଇକ୍ୱେଡର ପାଇଁ ବିଜୟସୂଚକ ଦ୍ୱିତୀୟ ଗୋଲଟି ଦେଇଥିଲେ। ଫଳରେ ବଳକା ୧୩ ମିନିଟରେ ମ୍ୟାଚକୁ ଫେରିବା ଲାଗି ଜର୍ମାନୀ ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲା। ପୂର୍ବରୁ ନକ୍‌ଆଉଟ୍‌ରେ ପହଞ୍ଚି ସାରିଥିବା ଜର୍ମାନୀ ତୃତୀୟ ମ୍ୟାଚରୁ ପ୍ରଥମ ପରାଜୟ ଓ ୨ଟି ବିଜୟ ସହ ୬ ପଏଣ୍ଟ ପାଇ ଗ୍ରୁପ୍ ଶୀର୍ଷରେ ରହିଛି। ସେହିଭଳି ଇକ୍ୱେଡର ଗୁରୁତ୍ୱପୂର୍ଣ୍ଣ ବିଜୟ ପଏଣ୍ଟ ସହ ୪ ପଏଣ୍ଟ ପାଇ ଗ୍ରୁପ୍-ଇ'ରେ ତୃତୀୟ ସ୍ଥାନରେ ରହି ରାଉଣ୍ଡ-୩୨ରେ ସ୍ଥାନ ପକ୍କା କରିଛି। ଶ୍ରେଷ୍ଠ-୮ଟି ତୃତୀୟ ସ୍ଥାନିତ ଦଳ ଭାବେ ଇକ୍ୱେଡର ନକ୍‌ଆଉଟରେ ପହଞ୍ଚିଛି। ଏହି ଗ୍ରୁପ୍‌ରୁ ଦ୍ୱିତୀୟ ଦଳ ଭାବେ ଆଇଭରୀ କୋଷ୍ଟ ୬ ପଏଣ୍ଟ ପାଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛି।

## ଜାପାନ, ସ୍ୱିଡେନ ଆଗେଇଲେ

ଆର୍ଲିଂଟନ, ୨୬।୬ (ଏଜେନ୍ସି): ଜାପାନ ଓ ସ୍ୱିଡେନ ମଧ୍ୟରେ ସ୍ଥାନୀୟ ଡଲାସ ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍-ଏଫ୍'ର ଏକ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ମ୍ୟାଚର ପ୍ରଥମାର୍ଦ୍ଧ ଗୋଲ୍‌ଶୂନ୍ୟ ରହିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୫୬ତମ ମିନିଟରେ ଡାଇଜେନ ମାଇଦାଙ୍କ ଗୋଲ୍ ବଳରେ ଜାପାନ ୧-୦ରେ ଅଗ୍ରଣୀ ଲାଭ କରିଥିଲା। କିନ୍ତୁ ଜାପାନର ଏହି ଖୁସି ମାତ୍ର ୬ ମିନିଟ୍ ପାଇଁ ରହିଥିଲା। ୬୨ତମ ମିନିଟରେ ସ୍ୱିଡେନ ଏହି ଗୋଲ୍‌ଟି ଶୁଝି ଦେଇ ୧-୧'ର ସମାନସ୍ତରକୁ ଆଣିଥିଲା। ଆଣ୍ଟୋନୀ ଏଲାଙ୍ଗା ସ୍ୱିଡେନ ପାଇଁ ଏହି ଗୋଲ୍‌ଟି ଦେଇଥିଲେ। ମ୍ୟାଚ୍ ଅମୀମାଂସିତ ରହିବା ସହ ଉଭୟ ଦଳ ଏକ ପଏଣ୍ଟ ଲେଖାଏ ପାଇ ନକ୍‌ଆଉଟ୍‌ରେ ପ୍ରବେଶ କରିଛନ୍ତି। ଜାପାନ ୩ଟି ଯାକ ଗ୍ରୁପ୍ ମ୍ୟାଚ୍ ଖେଳି ୨ ଡ୍ର ଓ ଗୋଟିଏ ବିଜୟ ସହ ୫ ପଏଣ୍ଟ ପାଇ ନେଦରଲ୍ୟାଣ୍ଡସ (୭) ପଛକୁ ଦ୍ୱିତୀୟ ସ୍ଥାନ ହାସଲ କରି ରାଉଣ୍ଡ-୩୨ରେ ପହଞ୍ଚିଛି। ତେବେ ସ୍ୱିଡେନ ୩ଟି ମ୍ୟାଚରୁ ୪ ପଏଣ୍ଟ ପାଇ ତୃତୀୟ ସ୍ଥାନ ହାସଲ କରିଛି। କିନ୍ତୁ ତୃତୀୟ ସ୍ଥାନିତ ଶ୍ରେଷ୍ଠ-୮ଟି ଦଳ ମଧ୍ୟରେ ରହି ସ୍ୱିଡେନ ନକ୍‌ଆଉଟ୍ ଟିକଟ୍ ହାସଲ କରିଛି।

## ନେଦରଲ୍ୟାଣ୍ଡସ ଗ୍ରୁପ୍ ବିଜେତା

କାନସାସ୍ ସିଟି, ୨୬।୬ (ଏଜେନ୍ସି): ଟାଇଟଲ୍ ଦାବିଦାର ନେଦରଲ୍ୟାଣ୍ଡସ ଏହାର ଶେଷ ଗ୍ରୁପ୍ ମ୍ୟାଚରେ ୩-୧ ଗୋଲରେ ଟ୍ୟୁନିସିଆକୁ ହରାଇଦେଇଛି। କାନସାସ୍ ସିଟି ଷ୍ଟାଡିୟମରେ ଶୁକ୍ରବାର ଭୋର ସମୟରେ ଅନୁଷ୍ଠିତ ଏହି ଏକପାଖିଆ ମ୍ୟାଚର ତୃତୀୟ ମିନିଟରେ ଟ୍ୟୁନିସିଆର ଏଲିସ ଶିରି ଏକ ଆତ୍ମଘାତୀ ଗୋଲ୍ ଦେଇଥିଲେ। ଫଳରେ ନେଦରଲ୍ୟାଣ୍ଡସ ଖାତା ଖୋଲିଥିଲା। ଏହାର ୪ ମିନିଟ୍ ପରେ ବ୍ରାଏନ ବୋବିଙ୍କ ଗୋଲ୍ ବଳରେ ନେଦରଲ୍ୟାଣ୍ଡର ଅଗ୍ରଣୀ ୨-୦କୁ ବୃଦ୍ଧି ପାଇଥିଲା। ପ୍ରଥମାର୍ଦ୍ଧ ସୁଦ୍ଧା ଏହି ଅଗ୍ରଣୀକୁ ବଜାୟ ରଖିଥିବା ନେଦରଲ୍ୟାଣ୍ଡସ ଦଳ ୬୨ତମ ମିନିଟରେ ତୃତୀୟ ଗୋଲ୍‌ସ୍କୋର କରିଥିଲା। ଜନ୍ ପଲ୍ ଭାନ ହେକେ ଦଳ ପାଇଁ ଏହି ଗୋଲ୍‌ଟି ଦେଇଥିଲେ। ଟ୍ୟୁନିସିଆ ପକ୍ଷରୁ ହାଜିମ୍ ମାଷ୍ଟୌରୀ ୫୪ତମ ମିନିଟରେ ଏକମାତ୍ର ଗୋଲଟି ଶୁଝିଥିଲେ। ନେଦରଲ୍ୟାଣ୍ଡସ ୩ଟି ମ୍ୟାଚରୁ ଗୋଟିଏ ଡ୍ର ଓ ୨ଟି ବିଜୟ ସହ ୭ ପଏଣ୍ଟ ପାଇ ଗ୍ରୁପ୍-ଏଫ୍ ଶୀର୍ଷରେ ରହି ରାଉଣ୍ଡ-୩୨ରେ ପହଞ୍ଚିଛି। ଅପରପକ୍ଷରେ ହ୍ୟାଟ୍ରିକ ପରାଜୟ ସହ ଟ୍ୟୁନିସିଆ ବିଶ୍ୱକପ୍ ଅଭିଯାନ ଶେଷ କରିଛି।



## ଆନ୍ତଃ-ରାଜ୍ୟ ଆଥ୍‌ଲେଟିକ୍ସ: ଓଡ଼ିଶାକୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୬।୬ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୬୫ତମ ଆନ୍ତଃ-ରାଜ୍ୟ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ତୃତୀୟ ଦିବସ ଖେଳ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ତୃତୀୟ ଦିବସରେ ଓଡ଼ିଶାର ୪ ଗୁଣା ୧୦୦ ମିଟର ପୁରୁଷ ରିଲେ ଦଳ ସ୍ୱର୍ଣ୍ଣିମ ସଫଳତା ପାଇଛି। ଫାଇନାଲରେ ଓଡ଼ିଶା ଦଳ ୩୯.୯୨ ସେକେଣ୍ଡରେ ରେସ୍ ଫିନିଶ କରି ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲା। ଅଭିଜ୍ଞ ଅମୀୟ ମଲ୍ଲିକ, ସରୁନ ପାୟାସିଂ, ଲାଲୁ ପ୍ରସାଦ ଭୋଇ ଓ ଦଣ୍ଡପତି ଜୟରାମ ସ୍ୱର୍ଣ୍ଣ ବିଜୟୀ ଓଡ଼ିଶା ଦଳର ସଦସ୍ୟ ରହିଥିଲେ। ତାମିଲନାଡୁ (୪୦.୦୨ ସେକେଣ୍ଡ) ଓ ମହାରାଷ୍ଟ୍ର (୪୦.୩୭ ସେକେଣ୍ଡ) ରିଲେ ଦଳ ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଥିଲା। ଅପରପକ୍ଷରେ ପୁରୁଷ ଟ୍ରିପଲ ଜମ୍ପରେ ପ୍ରବୀଣ ଚିତ୍ରଭେଲ ୧୬.୯୨ ଲମ୍ଫ ପ୍ରଦାନ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିଭଳି ମହିଳା ଡିସକସ୍ ଥ୍ରୋ'ରେ ହରିୟାଣାର ସୀମା ୫୯.୭୩ ମିଟର ସହ ପୋଡିୟମର ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ଜିତିବା ସହ ଏସୀୟ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନ କରିଛନ୍ତି।

**ପ୍ରଥମ ଟି-୨୦**

## ପ୍ରଥମଥର ଭାରତକୁ ହରାଇଲା ଆୟର୍ଲାଣ୍ଡ

ବେଲ୍‌ଫାଷ୍ଟ, ୨୬।୬ (ଏଜେନ୍ସି): ଟି-୨୦ କ୍ରିକେଟ୍ ଇତିହାସରେ ଆୟର୍ଲାଣ୍ଡ ପ୍ରଥମଥର ଭାରତକୁ ହରାଇବାରେ ସମର୍ଥ ହୋଇଛି। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଟି-୨୦ ସିରିଜର ପ୍ରଥମ ମ୍ୟାଚ୍‌ରେ ଘରୋଇ ଆୟର୍ଲାଣ୍ଡ ୩୪ ରନରେ ଡିଫେଣ୍ଡିଂ ବିଶ୍ୱ ଚାମ୍ପିଅନ ଭାରତକୁ ପରାସ୍ତ କରିଛି। ୧୮୩ ରନକୁ ପିଛା କରିଥିବା ଭାରତ ୧୪୮ ରନରେ ଅଲ୍‌ଆଉଟ୍ ହୋଇଛି। ସିରିଜର ଅନ୍ତିମ ତଥା ଦ୍ୱିତୀୟ ଟି-୨୦ ରବିବାର ଖେଳାଯିବ। ଭାରତ ଓ ଆୟର୍ଲାଣ୍ଡ ମଧ୍ୟରେ ସର୍ବପ୍ରଥମ ଟି-୨୦ ମୁକାବିଲା ୨୦୦୯ରେ ଖେଳାଯାଇଥିଲା। ଇତିମଧ୍ୟରେ ୧୭ ବର୍ଷ ମଧ୍ୟରେ ୯ଟି ମୁକାବିଲା ଖେଳାଯାଇଛି। ଯେଉଁଥିରେ ଭାରତ ୮ ଓ ଆୟର୍ଲାଣ୍ଡ ଗୋଟିଏ ମ୍ୟାଚ୍ ଜିତିଛି। ୧୮୩ ରନର ଲକ୍ଷ୍ୟକୁ ପିଛା କରିଥିବା ଭ୍ରମଣକାରୀ ଭାରତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କେବଳ ଓପନର ଅଭିଷେକ ଶର୍ମାଙ୍କୁ ଛାଡ଼ିଦେଲେ ଅନ୍ୟ କେହି ଆଖିଦୃଶିଆ ସ୍କୋର କରିପାରି ନ ଥିଲେ। ଫଳରେ ଭାରତ ୭ଟି ବଲ୍ ବଳକା ଥାଇ ୧୪୮ ରନରେ ସୀମିତ ରହିଥିଲା। ଅଭିଷେକ ୭ଟି ଚୌକା ଓ ୨ଟି ଛକା ବଳରେ ୨୦ ବଲରୁ ୫୦ ରନ କରି ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୁ ସାମସନ ୫, ଇଶାନ କିଶାନ ୧, ଅଧିନାୟକ ଶ୍ରେୟସ ଆୟର ୩, ତିଲକ ବର୍ମା ୧୯, ଶିବମ ଦୁବେ ୨୫, ଅକ୍ଷର ପଟେଲ ୧୫, ୱାଶିଂଟନ ସୁନ୍ଦର ୯ ରନ କରିଥିଲେ। ସଫଳ ବୋଲର ଭାବେ ଆୟର୍ଲାଣ୍ଡ ପକ୍ଷରୁ ମାଥ୍ୟୁ ହୋଲାର୍ଡ ଓ ମାଥ୍ୟୁ ହମ୍ପରେସ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ପୂର୍ବରୁ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆୟର୍ଲାଣ୍ଡ ୭.୧ ଓଭର ମଧ୍ୟରେ ୫୧ ରନରେ ୪ଟି ୱିକେଟ୍ ହରାଇ ବିପର୍ଯ୍ୟୟରେ ପଡ଼ିଥିଲା। କିନ୍ତୁ ଅଧିନାୟକ ଲୋରକାନ ଟକର (୩୬ ବଲରେ ୫୦ ରନ) ଓ ଗେରେଥ ଡେଲାନୀ (୩୨ ବଲରେ ୪୯ ରନ)ଙ୍କ ଦ୍ରୁତ ବ୍ୟାଟିଂ ବଳରେ ଦଳ ୯ ୱିକେଟରେ ୧୮୨ ରନର ସମ୍ମାନଜନକ ସ୍କୋର ଠିଆ କରିପାରିଥିଲା। ଭାରତ ପକ୍ଷରୁ ହର୍ଷିତ ରାଣା ୩ଟି ଏବଂ ଅର୍ଶଦୀପ୍ ସିଂହ ଓ ଅକ୍ଷର ପଟେଲ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଯୁବ ଓପନର୍ ବୈଭବ ସୂର୍ଯ୍ୟବଂଶୀଙ୍କୁ ଅନ୍ତର୍ଜାତୀୟ ପଦାର୍ପଣର ସୁଯୋଗ ନ ମିଳିବା କ୍ରିକେଟ୍‌ପ୍ରେମୀଙ୍କୁ ନିରାଶ କରିଛି।



**ଓଡ଼ିଶା ରାଜ୍ୟ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ୍**

## ଭୁବନେଶ୍ୱର କ୍ରୀଡ଼ାବିତ୍‌ଙ୍କୁ ୨୨ ପଦକ

ଭୁବନେଶ୍ୱର,୨୬।୬(ସମିସ)

ଓଡ଼ିଶା ତାଏକ୍ୱୋଣ୍ଡୋ ସଂଘ (ଓଟିଏ) ଓ କଟକ ଜିଲ୍ଲା ତାଏକ୍ୱୋଣ୍ଡୋ ଆସୋସିଏସନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିଅମରେ ଓଡିଶା ରାଜ୍ୟ କ୍ୟୁରୋଜୀ ଓ ପୁମସେ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ ଅନୁଷ୍ଠିତ ହୋଇଯାଇଛି। ଏହି ୩ ଦିନିଆ ପ୍ରତିଯୋଗିତାରେ ଭୁବନେଶ୍ୱରର କ୍ରୀଡ଼ାବିତମାନେ ମୋଟ୍ ୨୨ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ୮ ସ୍ୱର୍ଣ୍ଣ, ୬ ରୌପ୍ୟ ଏବଂ ୮ କାଂସ୍ୟ ପଦକ ସାମିଲ ରହିଛି। ୧୪୨୦ ପଏଣ୍ଟ୍‌ସ ସହ ଭୁବନେଶ୍ୱର ପଞ୍ଚମ ସ୍ଥାନ ହାସଲ କରିଛି। କ୍ରୀଡ଼ାବିତଙ୍କ ଏହି ସଫଳତା ପରେ କୋଚ ତଥା ଭୁବନେଶ୍ୱର ଆମେଚର ତାଏକ୍ୱୋଣ୍ଡୋ ଆସୋସିଏସନର ସମ୍ପାଦକ ଏହେସାସ ହୋତା, ସଭାପତି ମନମୋହନ ଭଞ୍ଜ ଏବଂ କୋଷାଧ୍ୟକ୍ଷ ବିବେକାନନ୍ଦ ସାମଲ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।




## ବିସିସିଆଇ ଇମର୍ଜିଂ ଟୁର୍ଣ୍ଣାମେଣ୍ଟ ଖେଳିବେ ସମ୍ବିତ

ଭୁବନେଶ୍ୱର,୨୬।୬(ସମିସ)

ଓଡ଼ିଶା କ୍ରିକେଟ୍ ଜଗତ ପାଇଁ ଏକ ଖୁସି ଖବର। ରାଜ୍ୟର ଉଦୀୟମାନ ଖେଳାଳି ସମ୍ବିତ ବରାଳ ପୁଣିଥରେ ଜାତୀୟସ୍ତରରେ ନିଜ ପ୍ରତିଭାର ପ୍ରମାଣ ଦେଇଛନ୍ତି। ସେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦ୍ୱାରା ଆୟୋଜିତ ହେବାକୁ ଥିବା ଉଦୀୟମାନ ପୁରୁଷ କ୍ରିକେଟ୍ ପ୍ରତିଯୋଗିତା ପାଇଁ ଘୋଷିତ ହୋଇଥିବା 'ଏ' ଦଳରେ ସ୍ଥାନ ପାଇଛନ୍ତି। ସର୍ବଭାରତୀୟ ଜୁନିଅର ଏବଂ ସିନିଅର ଚୟନ କମିଟି ଦ୍ୱାରା ଏହି ଦଳ ଚୟନ କରାଯାଇଛି। ଆସନ୍ତା ଜୁଲାଇ ୬ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ବେଙ୍ଗାଲୁରୁ ସ୍ଥିତ ବିସିସିଆଇର ଉତ୍କର୍ଷ କେନ୍ଦ୍ରରେ ଏହି ପ୍ରତିଯୋଗିତା ଆୟୋଜନ ହେବ। ଚଳିତ ବର୍ଷ ଏପ୍ରିଲ୍ ଓ ମେ ମାସରେ ବେଙ୍ଗାଲୁରୁଠାରେ ଅନୁଷ୍ଠିତ ହୋଇଥିବା ୨୫ ବର୍ଷରୁ କମ୍ ଉଦୀୟମାନ ହାଇ ପରଫର୍ମାନ୍ସ ଶିବିରରେ ସମ୍ବିତ ଚମତ୍କାର ପ୍ରଦର୍ଶନ କରିଥିଲେ। ସମ୍ବିତଙ୍କର ଏହି ସଫଳତା ପାଇଁ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଏବଂ ସମସ୍ତ କର୍ମକର୍ତ୍ତା ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



## ସୁଟ୍ ଆଉଟ୍‌ରେ ହାରିଲା ଭାରତ

ଲଣ୍ଡନ, ୨୬।୬ (ଏଜେନ୍ସି): ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ପୁରୁଷ ହକି ଦଳ ଏହାର ୟୁରୋପ ଲେଗ୍ ଖେଳ ଜାରି ରଖିଛି। ଶୁକ୍ରବାର ସକାଳେ ଅନୁଷ୍ଠିତ ଏକ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଭାରତ ସୁଟ୍‌ଆଉଟ୍‌ରେ ୧-୪ ଗୋଲ୍‌ରେ ଘରୋଇ ଇଂଲଣ୍ଡ ନିକଟରୁ ପରାସ୍ତ ହୋଇଛି। ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଭାରତ ଓ ଇଂଲଣ୍ଡ ଦଳ ୨ଟି ଲେଖାଏ ଗୋଲ୍ ଦେଇଥିଲେ। ଭାରତ ପକ୍ଷରୁ ଦିଲ୍‌ପ୍ରୀତ୍ ସିଂହ ଦୁଇଟି ଯାକ ଗୋଲ୍‌ସ୍କୋର କରିଥିଲେ। ଏହାପରେ ଫଳାଫଳ ପାଇଁ ସୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ଇଂଲଣ୍ଡ ୪ଟି ଗୋଲ୍ ଦେଇଥିବାବେଳେ ଭାରତ ମାତ୍ର ଗୋଟିଏ ବଲ୍ ପ୍ରତିପକ୍ଷ ପୋଷ୍ଟ ମଧ୍ୟକୁ ପଠାଇବାକୁ ସମର୍ଥ ହୋଇଥିଲା। ବିଜୟ ସହ ଇଂଲଣ୍ଡ ବୋନସ୍ ପଏଣ୍ଟ ହାତେଇନେଇଛି। ଇଂଲଣ୍ଡ ୧୪ଟି ମ୍ୟାଚରୁ ୩୧ ପଏଣ୍ଟ ପାଇ ବେଲ୍‌ଜିୟମ (୩୬) ପଛକୁ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଅପରପକ୍ଷରେ ଭାରତ ୧୪ଟି ମ୍ୟାଚରୁ ୧୪ ପଏଣ୍ଟ ସହ ୯ ଦଳୀୟ ଟେବୁଲ ତାଲିକାର ୮ମ ସ୍ଥାନରେ ରହିଛି। ଭାରତ ଏହାର ପରବର୍ତ୍ତୀ ମ୍ୟାଚରେ ପାକିସ୍ତାନକୁ ଭେଟିବାର କାର୍ଯ୍ୟସୂଚୀ ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS